# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨/୨୦୨୧ (୧୬ ପୃଷ୍ଠା) | Sambalpur, Thursday, September 2/2021 | ★★

୧୭ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## କରୀନାଙ୍କ ପ୍ରଶଂସିକା ପାଲଟିଲେ ଆଲିୟା

ବଲିଉଡ୍ ଅଭିନେତ୍ରୀ କରୀନା କପୁର ଓରଫ ବେବୋଙ୍କ ଅଭିନୟ ମୋତେ ଅଧିକ ପ୍ରଭାବିତ କରିଛି ବୋଲି କହିଛନ୍ତି ଏବର ଆଗଧାଡ଼ିର ନାୟିକା ଆଲିୟା ଭଟ୍ଟ।

୧୨

୧୬

## ପ୍ରଦୀପ ନରୱାଲ ଦାମୀ ଖେଳାଳି

ପ୍ରୋ କବାଡ଼ି ଲିଗ୍‌ର ଅଷ୍ଟମ ସିଜନ ପାଇଁ ଅନୁଷ୍ଠିତ ନିଲାମରେ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି ପ୍ରଦୀପ ନରୱାଲ।





ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ୩ୟ ମହଲା ଝରକା ତାଜା ଉପରକୁ ବୁଧବାର ସକାଳେ ଚଢ଼ିଯାଇଥିବା ମାନସିକ ରୋଗୀ ଭଜମନ ଗୋଚ୍ଛାୟତଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି।

ରିପୋର୍ଟ: ପୃଷ୍ଠା-୧୧

# ଆରମ୍ଭରୁ ହଟ୍ଟଗୋଳ

ଭୁବନେଶ୍ୱର,୧।୯(ବ୍ୟୁରୋ)

ଷୋଡ଼ଶ ବିଧାନସଭାର ସପ୍ତମ (ମୌସୁମୀ) ଅଧିବେଶନ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ ହୋଇଛି। ବିରୋଧୀ କଂଗ୍ରେସ ସଦସ୍ୟମାନେ ଚାଷୀ ଓ ମରୁଡ଼ି ପ୍ରସଙ୍ଗ ଆଲୋଚନା ଦାବି କରି ଗୃହର ମଧ୍ୟଭାଗରେ ପ୍ରବଳ ହୋହଲ୍ଲା କରିଛନ୍ତି। ଏଥିଯୋଗୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବାଧ୍ୟ ହୋଇ ଗୃହକୁ ପୂର୍ବାହ୍ନ ୧୨ଟା ୩୪ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ମରୁଡ଼ି ପ୍ରସଙ୍ଗ ଉପରେ ମୁଲତବୀ ଆଲୋଚନା ଲାଗି ବାଚସ୍ପତି ଗୃହରେ ସୂଚନା ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ବୁଧବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଧାନସଭା ଗୃହକାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ବିଧାନସଭାର ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ସୁରକ୍ଷା କର୍ମଚାରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ଆଲୋଚନା ପରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଜେଡି ସଭ୍ୟ ଭୂପିନ୍ଦର ସିଂ ପଚାରିଥିବା ୧ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ବାଚସ୍ପତି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁଙ୍କୁ କହିଥିଲେ। ମନ୍ତ୍ରୀ ଉତ୍ତର ଆରମ୍ଭ କରିବା ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ☞ପୃଷ୍ଠା-୪



କଂଗ୍ରେସ ସଭ୍ୟଙ୍କ ପ୍ରବଳ ହୋହଲ୍ଲା

## ୨୫ ଟଙ୍କା ବଢ଼ିଲା ଏଲ୍‌ପିଜି
## କମିଲା ତେଲ ଦର

ନୂଆଦିଲ୍ଲୀ,୧।୯: ବୁଧବାର ଏଲ୍‌ପିଜି ଦର ସିଲିଣ୍ଡର ୨୫ ଟଙ୍କା ବୃଦ୍ଧି ଘଟିଛି। ଗତ ୧୫ ଦିନ ମଧ୍ୟରେ ଏହା ଦ୍ୱିତୀୟ ଥର ଲାଗି ବଢ଼ିଥିବା ନଜରକୁ ଆସିଛି। ଜାନୁୟାରୀ ପରଠାରୁ ସିଲିଣ୍ଡର ପିଛା ଏଲ୍‌ପିଜି ଦର ୧୯୦ ଟଙ୍କା ବଢ଼ିଛି। ୧୯ କିଲୋ ବିଶିଷ୍ଟ ବାଣିଜ୍ୟିକ ବ୍ୟବହାରରେ ଆସୁଥିବା ଏଲ୍‌ପିଜିର ସିଲିଣ୍ଡର ପିଛା ଦର ୭୫ ଟଙ୍କା ବଢ଼ିଥିବା ନଜରକୁ ଆସିଛି। ଭୁବନେଶ୍ୱରରେ ୧୪.୨ କେ.ଜି ବିଶିଷ୍ଟ ଏଲ୍‌ପିଜି ୮୮୬ ଟଙ୍କାରୁ ବୃଦ୍ଧି ଘଟି ୯୧୧ ଟଙ୍କା ଛୁଇଁଛି। ସେହିଭଳି ୧୯ କିଲୋ ବିଶିଷ୍ଟ



ସିଲିଣ୍ଡରର ଦାମ ୧,୭୯୭ ଟଙ୍କା ରହିଛି। ବର୍ତ୍ତମାନ ତେଲ ଦର ଉଚ୍ଚରେ ରହିଥିବା ବେଳେ ଲଗାତାର ଏଲ୍‌ପିଜି ଦର ବୃଦ୍ଧି ଖାଉଟିଙ୍କ ପକେଟକୁ ବାଧୁଛି। ୨୦୧୪ ମାର୍ଚ୍ଚରେ ରନ୍ଧନ ଗ୍ୟାସ ଦର ୪୧୦.୫୦ ଟଙ୍କା ରହିଥିଲା। ଏହା ବର୍ତ୍ତମାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଆଫଗାନଙ୍କ ସୁରକ୍ଷା ନାଟୋର ଦାୟିତ୍ୱ

**କ୍ୟାବିନେଟ୍ ନିଷ୍ପତ୍ତି**

## ପଞ୍ଚାୟତ, ପୌର ନିର୍ବାଚନରେ ୫୦% ସ୍ଥାନ ସଂରକ୍ଷଣ ରହିବ

ଭୁବନେଶ୍ୱର, ୧।୯(ବ୍ୟୁରୋ)

ସ୍ଥାନ ସଂରକ୍ଷଣକୁ ନେଇ ଗତ ୩ ବର୍ଷ ହେବ ପୌର ନିର୍ବାଚନ ହୋଇପାରୁ ନାହିଁ। ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ହୋଇଥିବାରୁ ସରକାର ଅଡୁଆରେ ପଡିଥିଲେ। ଏଥିଯୋଗୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ସତ୍ତ୍ୱେ ପୌର ନିର୍ବାଚନ ହୋଇପାରି ନ ଥିଲା। ସ୍ଥାନ ସଂରକ୍ଷଣକୁ ୫୦ ପ୍ରତିଶତ ଭିତରେ ସୀମିତ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ଏନେଇ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଓଡିଶା ପୌର ଆଇନ ୧୯୫୦ ଏବଂ ଓଡିଶା ମହାନଗର ନିଗମ ଆଇନ ୨୦୦୩କୁ ସଂଶୋଧନ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଶେଷ କରିଛନ୍ତି। ଏହି ଆଇନକୁ ଚଳିତ ବିଧାନସଭାରେ ଅନୁମୋଦନ କରିବା ନେଇ ଆପାତତଃ ସ୍ଥିର ହୋଇଛି। ବୁଧବାର ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏଥିସହିତ ଆସନ୍ତା ପଞ୍ଚାୟତ ନିର୍ବାଚନରେ ମଧ୍ୟ ସ୍ଥାନ ସଂରକ୍ଷଣକୁ ୫୦ ପ୍ରତିଶତରେ ସୀମିତ ରଖାଯିବ। ତେବେ ଅନୁସୂଚିତ ଅଞ୍ଚଳରେ ଥିବା ଜିଲାଗୁଡିକରେ ସରପଞ୍ଚ, ଜିଲା ପରିଷଦ, ☞ପୃଷ୍ଠା-୪

## ୯ ବର୍ଷ ଆୟୁଷ କମାଇପାରେ ବାୟୁ ପ୍ରଦୂଷଣ

ନୂଆଦିଲ୍ଲୀ, ୧।୯

ଭାରତ ବିଶ୍ୱର ଅନ୍ୟତମ ସର୍ବାଧିକ ପ୍ରଦୂଷିତ ଦେଶରେ ପରିଣତ ହୋଇଛି। ୨୦୧୯ ସ୍ଥିତି ଭଳି ବାୟୁ ପ୍ରଦୂଷଣ ଲାଗି ରହିଲେ ଉତ୍ତର ଭାରତୀୟଙ୍କ ଆୟୁଷ ୯ ବର୍ଷ କମିଯାଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଉତ୍ତର ଭାରତର ଗାଙ୍ଗେୟ ସମତଳ ଭୂମିରେ ୪୮ କୋଟିରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି, ଯାହା ମୋଟ ଜନସଂଖ୍ୟାର ୪୦ ପ୍ରତିଶତ। ଏଠାରେ ପ୍ରଦୂଷଣ ସ୍ତର ନିୟମିତ ଭାବେ ବଢ଼ିଚାଲିଛି, ଯାହା ବିଶ୍ୱର ଅନ୍ୟ କେଉଁଠି ଦେଖାଯାଏ ନାହିଁ ବୋଲି ସିକାଗୋ

**ମହାରାଷ୍ଟ୍ର, ଏମ୍‌ପିରେ ସ୍ଥିତି ବହୁତ ଖରାପ**



ବିଶ୍ୱବିଦ୍ୟାଳୟର ବାୟୁ ମାନ ଜୀବନ ସୂଚକାଙ୍କ (ଏକ୍ୟୁଏଲ୍‌ଆଇ) ରିପୋର୍ଟରେ କୁହାଯାଇଛି। ଯଦି ଜଣେ ସ୍ୱଚ୍ଛ ବାୟୁରେ ଶ୍ୱାସକ୍ରିୟା କରେ ତେବେ ସେ କେତେଦିନ ବଞ୍ଚିପାରିବେ ତାହା ଉପରେ ବିଶ୍ୱବିଦ୍ୟାଳୟର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଅଧ୍ୟୟନ କରାଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ବାୟୁ ପ୍ରଦୂଷଣ ସ୍ତର ଏତେ ବଢ଼ିଯାଇଛି ଯେ, ଏବେ ସେଠାରେ ଲୋକମାନଙ୍କ ହାରାହାରି ଆୟୁଷ ଅତିରିକ୍ତ ୨.୫ରୁ ୨.୯ ବର୍ଷ ହ୍ରାସ ପାଉଛି।

୨୦୧୯ରେ ଭାରତରେ ବାୟୁ ପ୍ରଦୂଷଣ ଅତ୍ୟଧିକ ବଢ଼ିଥିଲା। ସେତେବେଳେ ପ୍ରତି ଘନମିଟର ବାୟୁରେ ହାରାହାରି କଣିକା ଉପାଦାନ ସାନ୍ଦ୍ରତା ୭୦.୩ ମାଇକ୍ରୋଗ୍ରାମ ଥିଲା। ଏହା ବିଶ୍ୱରେ ☞ପୃଷ୍ଠା-୪

# ମରୁଡ଼ି ଘୋଷଣା ଦାବିରେ ବିରୋଧୀ ଅଟଳ

*ଚଳିତ ବର୍ଷ ଦକ୍ଷିଣପଶ୍ଚିମ ମୌସୁମୀ ଦୁର୍ବଳ ଯୋଗୁ ରାଜ୍ୟରେ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ରୁଆ ବେଉଷଣ ପାଇଁ ବିଲରେ ପାଣି ନାହିଁ। ଚାଷୀମାନେ ହା ହୁତାଶରେ ଦିନ କାଟୁଛନ୍ତି। ଏଭଳିସ୍ଥିତିରେ ଚାଷୀଙ୍କୁ ନେଇ ରାଜନୀତି ଜୋର ଧରିଛି। ଓଡ଼ିଶାର ଚାଷୀଙ୍କୁ କେନ୍ଦ୍ର ସରକାର ଆବଶ୍ୟକ ପରିମାଣର ସାର ଯୋଗାଉ ନ ଥିବା ଅଭିଯୋଗ କରି ଶାସକ ବିଜେଡି ବିଧାନସଭା ବାହାରେ ପ୍ରତିବାଦ ଚଳାଇଥିବାବେଳେ ଭାଜପା ଓ କଂଗ୍ରେସ ରାଜ୍ୟରେ ଦେଖା ଦେଇଥିବା ମରୁଡ଼ି ପ୍ରସଙ୍ଗକୁ ନେଇ ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସରକାରଙ୍କୁ ଶଣ୍ଢୁଆସି ଆକ୍ରମଣ କରିଛନ୍ତି।*

**ଚାଷୀ ରାଜନୀତି ତେଜିଲା**

- ପ୍ରକୃତିକୁ ଦୋଷ ଦେଇ ଖସି ପାରିବେନି ସରକାର: ବିରୋଧୀ
- ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ବିରୋଧୀଙ୍କ କକ୍ଷତ୍ୟାଗ
- ଚାଷୀଙ୍କ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ଶାସକ

ଭୁବନେଶ୍ୱର,୧।୯(ବ୍ୟୁରୋ)

ରାଜ୍ୟରେ ମରୁଡି ପରିସ୍ଥିତି ଦେଖାଦେଇଛି। ଜମିକୁ ଜଳ ସେଚନ ସୁବିଧା ନାହିଁ। ବିଲ ଫାଟି ଆଁ କଲାଣି। ଚାଷୀମାନେ ମୁଣ୍ଡରେ ହାତ ଦେଇ ପ୍ରମାଦ ଗଣିଲେଣି। ଚାଷୀକୁଳ ଭାସିଗଲେ ବାଚସ୍ପତି କିମ୍ବା ରାଷ୍ଟ୍ରପତିଙ୍କୁ ବି ମୁଠେ ଖାଇବାକୁ ମିଳିବ ନାହିଁ। ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଏମିତି ଅଭିଯୋଗ ଆଣି ସରକାରଙ୍କୁ କାଠ ଗଡ଼ାରେ ଛିଡ଼ା କରିଛନ୍ତି। ତୁରନ୍ତ ରାଜ୍ୟ ସରକାର ମରୁଡ଼ି ଘୋଷଣା କରନ୍ତୁ। ଋଣ ଛାଡ଼ ସହ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ। ଏଥିସହ ଜଳ ସଂରକ୍ଷଣ ☞ପୃଷ୍ଠା-୪

## ୨୩ ଜିଲାରେ ମରୁଡ଼ି: ମନ୍ତ୍ରୀ

ଭୁବନେଶ୍ୱର,୧।୯(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଛି। ଅଗଷ୍ଟ ୨୮ ପର୍ଯ୍ୟନ୍ତ ରାଜ୍ୟର ୨୩ ଜିଲାରେ ନିଅଣ୍ଟିଆ ବୃଷ୍ଟିପାତ ହୋଇଛି। ଜୁନ୍ ପହିଲାରୁ ଅଗଷ୍ଟ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୮୭୭.୯ ମି.ମି. ବର୍ଷା ହେବାକୁ ଥିବା ବେଳେ ୬୧୬.୪ ମି.ମି. ବର୍ଷା ହୋଇଛି। ଏହା ସ୍ୱାଭାବିକଠାରୁ ୨୯.୮% କମ୍ ରହିଛି। ଏହି ସମୟ ମଧ୍ୟରେ ୧୧ ଜିଲାର ୧୫ ବ୍ଲକରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଏହିସବୁ ଜିଲାରେ ସ୍ୱାଭାବିକଠାରୁ ୫୯ % କମ୍ ବର୍ଷା ହୋଇଛି। ତେବେ ୧୪ ଜିଲାର ୪୭ ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲ ଉଜୁଡ଼ି ଯାଇଛି। ବୁଧବାର ମୁଲତବୀ ଆଲୋଚନାବେଳେ ବିରୋଧୀଙ୍କ ପ୍ରଶ୍ନର ଜବାବରେ କୃଷିମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି।


ମନ୍ତ୍ରୀ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ରାଜ୍ୟରେ ୫୩.୬୭ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରାଯାଇଛି। ଏହା ଧାର୍ଯ୍ୟଲକ୍ଷ୍ୟର ୮୬.୬୨%। ଗତ ବର୍ଷ ଏହି ସମୟରେ ୫୧.୧୨ ଲକ୍ଷ ହେକ୍ଟର ଜମିରେ ଫସଲ ଚାଷ ହୋଇଥିଲା, ଯାହାକି ଧାର୍ଯ୍ୟଲକ୍ଷ୍ୟର ୯୨% ଥିଲା। ☞ପୃଷ୍ଠା-୪

# ଆଫଗାନ୍ ବାୟୋମେଟ୍ରିକ୍ ବିପଜ୍ଜନକ

## ଆମେରିକୀୟ ସୈନ୍ୟଙ୍କ ଡିଭାଇସ୍‌ରୁ କିଛି ପାଇବନି ତାଲିବାନ୍



ଆଫଗାନିସ୍ତାନ ଛାଡ଼ି ସ୍ୱଦେଶ ଫେରିଯାଇଛନ୍ତି ଆମେରିକୀୟ ସୈନ୍ୟ। ୨୦ ବର୍ଷ ଭିତରେ ସେମାନେ ବ୍ୟବହାର କରିଥିବା ଅନେକ ଅତ୍ୟାଧୁନିକ ପ୍ରୋଗ୍ରାମ ବା ସଫ୍ଟୱେର ଛାଡ଼ିଯାଇଛନ୍ତି। ଇତିମଧ୍ୟରେ ଆମେରିକାର ଏକ ବାୟୋମେଟ୍ରିକ୍ ଡିଭାଇସ୍ ତାଲିବାନ ହାତରେ ଲାଗିଛି। ଏହାକୁ ନେଇ ଅନେକେ ବିପଦ ଆଶଙ୍କା କରୁଥିବାବେଳେ ଏହି ଡିଭାଇସ୍ ସେତେଟା ବିପଜ୍ଜନକ ହେବ ନାହିଁ। ଅନ୍ୟପକ୍ଷେ ଆଫଗାନିସ୍ତାନ ସରକାରଙ୍କ ଦ୍ୱାରା ବ୍ୟବହୃତ ଏକ ଭିନ୍ନ ମେଶିନ୍ ଅଧିକ ବିପଦ ଆଶଙ୍କା ଉପୁଜାଇଛି। ତାଲିବାନ୍ ଶାସକ ଆଫଗାନ୍ ନାଗରିକ ଓ ସୈନ୍ୟଙ୍କ ବ୍ୟକ୍ତିଗତ ତଥ୍ୟ ଏଥିରୁ ବାହାର କରି ସେଗୁଡ଼ିକୁ ପ୍ରିଣ୍ଟ କରିବସିଲେ ବିସ୍ମିତ ହେବାର ନାହିଁ ବୋଲି 'ଡାଟା ଆଣ୍ଡ ସୋସାଇଟି'ର ଗବେଷକ ରଞ୍ଜିତ୍ ସିଂ କହିଛନ୍ତି।



କାବୁଲ/ୱାଶିଂଟନ,୧।୯

ଅଗଷ୍ଟ ମଧ୍ୟଭାଗରେ ତାଲିବାନ ଦୁଇ ଦଶନ୍ଧି ଯୁଦ୍ଧର ଅନ୍ତ ଘୋଷଣା କରି ଆଫଗାନିସ୍ତାନକୁ ଦଖଲ କରିବାବେଳେ ଆମେରିକା ସୈନ୍ୟଙ୍କ ଏକ ବାୟୋମେଟ୍ରିକ୍ ଉପକରଣ ହାତେଇଥିବା ନେଇ ମଧ୍ୟ ଏକାଧିକ ରିପୋର୍ଟ ସାମ୍ନାକୁ ଆସିଥିଲା। ଉକ୍ତ ଡିଭାଇସ୍‌କୁ ଆମେରିକୀୟ ସୁରକ୍ଷା ବଳ ଆଇରିସ୍ ସ୍କାନ୍, ଫିଙ୍ଗରପ୍ରିଣ୍ଟ ଓ ଫେସିଆଲ୍ ଇମେଜ୍ ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ବ୍ୟବହାର କରୁଥିଲେ। ତେଣୁ 'ଏଚ୍‌ଆଇଆଇଡିଇ' ନାମରେ ପରିଚିତ ଏହି ମେଶିନକୁ ସାମରିକ ମେଣ୍ଟକୁ ସହଯୋଗ କରୁଥିବା ଆଫଗାନମାନଙ୍କୁ ଚିହ୍ନଟ କରିବାରେ ତାଲିବାନ ଉପଯୋଗ କରିପାରେ ବୋଲି କେହି କେହି ଆଶଙ୍କା ବ୍ୟକ୍ତ କରୁଛନ୍ତି। ତେବେ ଏହାକୁ ବିଶେଷଜ୍ଞମାନେ ଖଣ୍ଡନ କରିଛନ୍ତି। ବିଶେଷଜ୍ଞଙ୍କ ମତରେ ଏହି ଡିଭାଇସ୍ ପ୍ରକୃତରେ ବାୟୋମେଟ୍ରିକ୍ ସମ୍ପର୍କରେ ସୀମିତ ତଥ୍ୟ ପ୍ରଦାନ କରିଥାଏ। ଏହାକୁ ସୁରକ୍ଷିତ ସର୍ଭରରେ ରଖାଯାଇଛି। କିନ୍ତୁ ଏହାଠୁ ଅଧିକ ବିପଦ ଆଫଗାନ୍ ସରକାରଙ୍କ ଡାଟାବେସ୍‌ରୁ ରହିଛି, ଯେଉଁଥିରେ ସମ୍ବେଦନଶୀଳ ବ୍ୟକ୍ତିଗତ ତଥ୍ୟ ଉପଲବ୍ଧ। ଏହାକୁ ବ୍ୟବହାର କରି ୩.୮ କୋଟି ଜନସଂଖ୍ୟା ବିଶିଷ୍ଟ ଆଫଗାନିସ୍ତାନର ଅଧିକାଂଶ ଲୋକଙ୍କୁ ଚିହ୍ନଟ କରିହେବ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି।

କେମ୍ବ୍ରିଜ୍‌ରେ ଅବସ୍ଥିତ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର 'ଏମ୍‌ଆଇଟି ଟେକ୍ନୋଲୋଜି ରିଭ୍ୟୁ' ପତ୍ରିକା ପକ୍ଷରୁ ଆମେରିକା ଦ୍ୱାରା ବିକଶିତ ଏପିଏସ୍ ଡାଟାବେସ୍, ☞ପୃଷ୍ଠା-୪


## ADMISSION NOTICE - 2021-22
### GANGADHAR MEHER UNIVERSITY, AMRUTA VIHAR, SAMBALPUR - 768004

Invites Applications for Admission into the following Self Financing Courses/Programs

| COURSE | DURATION | ANNUAL FEE | ELIGIBILITY |
|---|---|---|---|
| MBA* (Subject to availability of seats after OJEE Admission) | 2 Years | Rs.45,000/- | OJEE/CAT/MAT/XAT/ATMA, Candidates having score card with minimum 50% marks in aggregate at the degree level. |
| MBA-FM (Financial Management) | 2 Years | Rs.30,000/- | +3 or Equivalent with 45 % marks in aggregate at degree Level (relaxation of 5% Marks is allowed for the students belonging to ST/SC categories) |
| M.Sc. ETC (Electronics & Telecommunications) | 2 Years | Rs.35,000/- | +3 Science with Mathematics /Physics /Electronics &Telecommunication / Computer Science /B.Sc. IST/BCA with Mathematics or Equivalent and minimum 45 % marks in aggregate at degree Level. (Relaxation of 5% Marks is allowed for the students belonging to ST/SC categories) |
| M.A/M.Sc. (Biostatistics) | 2 Years | Rs.32,000/- | +3 Science/Arts with Statistics (Hons.) /Mathematics (Hons.)/P.G. in Statistics/Mathematics with minimum 50% marks in aggregate.(Relaxation of 5% Marks is allowed for the students belonging to ST/SC categories) |
| (PGDLAN) Post Graduate Diploma in Library Automation and Networking | 1 Year | Rs.12,000/- | Any graduate with 45% marks. (Relaxation of 5% Marks is allowed for the students belonging to ST/SC categories). (Preference will be given to candidates having B.L.I.S/ M.L.I.S/ equivalent degree). |
| BBA | 3 Years | Rs.25,000/- | +2 Pass or Equivalent |
| BSC.IST (Information Science & Telecommunication) | 3 Years | Rs.30,000/- | +2 Science or Equivalent with Math./Physics |
| B.Sc-M.Sc. Economics (Five years Integrated Programme with an option to exit after 3 years.) | 5 Years | First three years Rs. 35,000 per year& last two Years 50,000/- per year | The candidate should have completed +2/12th Std./ Equivalent Exam with Mathematics as core Subject and obtained a minimum of 45% marks in aggregate (40% for SC/ST category students). |
| Certificate of Proficiency (CoP) in French Language | 06 Months | Rs. 6,000/- | Any candidate who has passed the +2 Examination or equivalent |

- **Candidates interested for BBA, BSc-IST, B.Sc-M.Sc. Economics (Five years Integrated) and other UG programs are required to apply (ONLINE) through the UG admission portal of GM University. Last Date:05.09.2021. For details visit www.gmuniversity.ac.in. Other modes of applications will not be considered.**
- For other courses mentioned above, candidates can download the application form from the University Website.
- The filled in application form along with the required documents and Bank Draft (application fee) must reach the university receiving counter on or **before 18.09.2021, by SpeedPost or by hand to THE REGISTRAR, GANGADHAR MEHER UNIVERSITY, AMRUTA VIHAR, SAMBALPUR, 768004**.
- Candidates must mention the name of the course he/she has applied on the top of the envelope.
- The application fee is to be paid only through Bank Draft drawn in favour of **"Comptroller of Finance, Gangadhar Meher University, Sambalpur", Payable at Sambalpur**.
- The application fee for CoP in French Language is **Rs.100.00**. For other courses the application fee is **Rs.500.00**.
- For details on the course and entrance pattern, check the information brochure available on the website.
- *** Subject to availability of seats after OJEE admission.**

**For admission related queries Contact – 9861283124 , 8984161471, 7538931926, 8709410803(PGDLAN)**

**Sd./- Registrar**



## ଆଇସିୟୁରେ ସାଇରା ବାନୁ

ବର୍ଷୀୟାନ ଅଭିନେତ୍ରୀ ସାଇରା ବାନୁଙ୍କୁ ବୁଧବାର ମୁମ୍ବାଇସ୍ଥିତ ହିନ୍ଦୁଜା ହସ୍ପିଟାଲର ଆଇସିୟୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ରକ୍ତଚାପ ଜନିତ ସମସ୍ୟା ପାଇଁ ତିନିଦିନ ପୂର୍ବରୁ ସେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସାଇରାଙ୍କ ସ୍ୱାମୀ ଅଭିନେତା ଦିଲୀପ କୁମାର ଗତ ଜୁଲାଇ ୭ରେ ଆଖି ବୁଜିଥିଲେ। ଉଭୟେ ସାଗିନା, ଗୋପୀ, ବୈରାଗ, ଦୁନିଆ ଆଦି ଅନେକ ଚଳଚ୍ଚିତ୍ରରେ ଏକତ୍ର ଅଭିନୟ କରିଥିଲେ। ୧୯୬୬ରେ ଦୁହିଁଙ୍କ ବିବାହ ହୋଇଥିଲା।

## ସଂକ୍ଷେପରେ

### ଶ୍ରୀଲଙ୍କାରେ ଆର୍ଥିକ ଜରୁରୀ ସ୍ଥିତି ଜାରି

**କଲମ୍ବୋ, ୧।୯:** ଶ୍ରୀଲଙ୍କାର ମୁଦ୍ରା ମୂଲ୍ୟ ଅତ୍ୟଧିକ ହ୍ରାସ ପାଇବାରୁ ସେଠାରେ ଖାଦ୍ୟସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଫଳରେ ଶ୍ରୀଲଙ୍କା ସରକାର ଦେଶରେ ଆର୍ଥିକ ଜରୁରୀ ସ୍ଥିତି ଜାରି କରିଛନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସରକାର ଚାଉଳ, ଚିନି ଆଦି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଣକୁ ନିୟନ୍ତ୍ରଣ କରିବା ସହ ମୂଲ୍ୟ ନିର୍ଦ୍ଧାରଣ କରିବେ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଚଳିତ ବର୍ଷ ଶ୍ରୀଲଙ୍କା ମୁଦ୍ରା ମୂଲ୍ୟ ଆମେରିକା ଡଲାର ତୁଳନାରେ ୭.୫ ପ୍ରତିଶତ ହ୍ରାସ ପାଇଛି। ମଙ୍ଗଳବାରଠାରୁ ଦେଶରେ ଜରୁରୀ ସ୍ଥିତି ଜାରି ହେବା ସହ ଜଣେ ପୂର୍ବତନ ସେନା ଜେନେରାଲଙ୍କୁ ଜରୁରୀ ସେବା କମିଶନର ନିଯୁକ୍ତ କରାଯାଇଛି। ଯୋଗାଣକାରୀ ଓ ବ୍ୟବସାୟୀମାନେ ଗଚ୍ଛିତ ରଖିଥିବା ସାମଗ୍ରୀକୁ ସେ ଜବତ କରିପାରିବେ।

### ଇସ୍ତଫା ଦେବେନି ପୋପ୍



**ଭାଟିକାନ୍ ସିଟି, ୧।୯:** ପୋପ୍ ଫ୍ରାନ୍ସିସ ଇସ୍ତଫା ଦେବା ନେଇ ଚିନ୍ତା କରି ନ ଥିବା କହିଛନ୍ତି। ଗତ ଜୁଲାଇରେ ତାଙ୍କ ଅନ୍ତନଳୀରେ ଅସ୍ତ୍ରୋପଚାର ହୋଇଥିଲା। ଏବେ ସେ ସମ୍ପୂର୍ଣ୍ଣ ସ୍ୱାଭାବିକ ଜୀବନ ଜିଉଁଥିବା ଏକ ରେଡିଓ ସାକ୍ଷାତ୍କାରରେ କହିଛନ୍ତି। ୮୪ ବର୍ଷୀୟ ଫ୍ରାନ୍ସିସ୍ ସ୍ପେନ୍‌ର ରେଡିଓ ନେଟ୍‌ୱର୍କ କୋପ୍‌କୁ ସାକ୍ଷାତ୍କାର ଦେବା ଅବସରରେ ତାଙ୍କ ଇସ୍ତଫାକୁ ନେଇ ଇଟାଲୀ ଖବରକାଗଜରେ ପ୍ରକାଶିତ ରିପୋର୍ଟକୁ ଖଣ୍ଡନ କରିଛନ୍ତି। ସେ ପୋପ୍ ପଦ ଛାଡ଼ିବାକୁ ଯାଉଥିବା ଖବର ସେମାନେ କିପରି ପାଇଲେ ତାହା ତାଙ୍କୁ ଜଣାନାହିଁ। ଏପରିକି ଇସ୍ତଫା କଥା ସେ ମନକୁ ଆଣି ନ ଥିବା କହିଛନ୍ତି।

### ପଞ୍ଜଶିର ଲଢ଼େଇ: ୩୫୦ ତାଲିବାନୀ ନିହତ

**କାବୁଲ, ୧।୯:** ଆଫଗାନିସ୍ତାନର ଅଭେଦ୍ୟ ଦୁର୍ଗ ପଞ୍ଜଶିରକୁ କବ୍‌ଜା କରିବାକୁ ଉଦ୍ୟମ ଚଳାଇଥିବା ତାଲିବାନୀ ଲଢ଼ୁଆ ଏବଂ ଅହମ୍ମଦ ମାସୁଦଙ୍କ ନେତୃତ୍ୱାଧୀନ ଜାତୀୟ ପ୍ରତିରୋଧୀ ଦଳ ମଧ୍ୟରେ ଲଢ଼େଇ ତୀବ୍ର ହୋଇଛି। ପର୍‌ୱାନର ଜବଲ ସରାଜ ଜିଲା, ଖ୍ୱାକ୍ ପଞ୍ଜଶିର ଏବଂ ବାଘଲାନ ପ୍ରଦେଶର ଆନ୍ଦରାବ୍ ଜିଲାରେ ହୋଇଥିବା ଯୁଦ୍ଧରେ ୩୫୦ ତାଲିବାନୀ ନିହତ ହୋଇଥିବା ନର୍ଦନ ସଙ୍ଗଠନ ଦାବି କରିଛି। ଆହୁରି ୪୦ରୁ ଊର୍ଦ୍ଧ୍ୱ ତାଲିବାନ ଆତଙ୍କବାଦୀଙ୍କୁ ପ୍ରତିରୋଧୀ ବଳ ବନ୍ଦୀ ରଖିଛି। ଗୁଲ୍‌ବାହାର ଦେଇ ପଞ୍ଜଶିର ମଧ୍ୟରୁ ପ୍ରବେଶ କରିବାକୁ ତାଲିବାନୀମାନେ ଚେଷ୍ଟା କରୁଥିବାବେଳେ ପ୍ରତିରୋଧୀ ବଳ ସେମାନଙ୍କ ଉପରେ ଆକ୍ରମଣ କରିଛନ୍ତି।

### ଡେଙ୍ଗୁ ନେଲାଣି ୪୦ ଶିଶୁଙ୍କ ଜୀବନ

#### ଫିରୋଜାବାଦ ସିଏମ୍‌ଓଙ୍କ ବଦଳି

**ଲକ୍ଷ୍ନୌ, ୧।୯:** ୟୁପିର ଫିରୋଜାବାଦ ଜିଲାରେ ଗତ ୧୦ ଦିନ ମଧ୍ୟରେ ସନ୍ଦେହଜନକ ଡେଙ୍ଗୁ ଜ୍ୱରରେ ୪୦ ପିଲାଙ୍କ ସମେତ ୪୪ ଜଣଙ୍କ ମୃତ୍ୟୁ ହେଲାଣି। ଏହି ଘଟଣାରେ ଜିଲାର ମୁଖ୍ୟ ମେଡିକାଲ ଅଫିସର (ସିଏମ୍‌ଓ) ନୀତା କୁଲଶ୍ରେଷ୍ଠଙ୍କୁ ବଦଳି କରାଯାଇଛି। ହାପୁର ସିଏମ୍‌ଓ ଡ. ଦିନେଶ ପ୍ରେମୀଙ୍କୁ ଫିରୋଜାବାଦ ଦାୟିତ୍ୱରେ ରଖାଯାଇଛି। ଗତ ୨ ଦିନରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଡେଙ୍ଗୁ ବ୍ୟାପିଥିବା ୨୫ଟି ସ୍ଥାନରେ କ୍ୟାମ୍ପ ପକାଇ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।

# ସରକାରରେ ରହିବେ ମହିଳା



ଅଗଷ୍ଟ ୧୫ରେ କାବୁଲ ଦଖଲ ପରେ ତାଲିବାନ୍ ଅପେକ୍ଷା କରିଥିଲା ଆମେରିକୀୟ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନକୁ। ୩୧ ଡେଡ୍‌ଲାଇନ ସୁଦ୍ଧା ବିଦେଶୀ ସାମରିକ ମେଣ୍ଟ ଆଫଗାନିସ୍ତାନରୁ ଅପସରିଯିବା ପରେ ଆତଙ୍କବାଦୀଙ୍କ ଲକ୍ଷ୍ୟ ହେଉଛି ସରକାର ଗଠନ। ଅନ୍ତର୍ଜାତୀୟ ସ୍ୱୀକୃତି, ନିଜ ଗ୍ରହଣୀୟତା ବଢ଼ାଇବା ଓ ଯୁଦ୍ଧ ପ୍ରଭାବିତ ଦେଶକୁ ଚଳାଇବା ଲାଗି ସବୁ ବର୍ଗର ଲୋକଙ୍କୁ ନେଇ ଏକ ୟୁନିଟି ସରକାର ଗଢ଼ିବା ଦିଗରେ ତାଲିବାନ୍ ଏବେ ଅଗ୍ରସର ହେଉଛି। ସରକାରରେ କେଉଁମାନେ ସାମିଲ ହେବେ ତା'ର ସମ୍ପୂର୍ଣ୍ଣ ରୂପରେଖ ସାମ୍ନାକୁ ଆସି ନ ଥିଲେ ହେଁ ସଙ୍ଗଠନର ବଡ଼ ନେତାମାନଙ୍କୁ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ। ସବୁଠୁ ବଡ଼ କଥା ହେଉଛି ମହିଳା ବିରୋଧୀ ଭାବମୂର୍ତ୍ତିକୁ ନେଇ କୁଖ୍ୟାତ୍ ତାଲିବାନ୍ ଏଥର ସରକାରରେ ମହିଳାମାନଙ୍କୁ ସାମିଲ କରିବାକୁ ଯାଉଛି।

## ପୂର୍ବରୁ କ୍ଷମତାରେ ଥିବା ଲୋକଙ୍କୁ ସାମିଲ କରିବନି ତାଲିବାନ୍

କାବୁଲ,୧।୯

ବିଦେଶୀ ସୈନ୍ୟ ଆଫଗାନିସ୍ତାନରୁ ଫେରିଯିବା ପରେ ନୂଆ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି ତାଲିବାନ୍। ସରକାରରେ କେଉଁମାନେ କି କି ପଦରେ ରହିବେ ସେନେଇ ସଙ୍ଗଠନର ଶୀର୍ଷ ନେତାଙ୍କ ମଧ୍ୟରେ ଜୋର୍‌ଦାର ଆଲୋଚନା ଚାଲିଛି। ଏହାର ରୂପରେଖ ଚୂଡ଼ାନ୍ତ ହୋଇଥିବାବେଳେ ଏନେଇ ଦୁଇଦିନ ମଧ୍ୟରେ ଘୋଷଣା କରାଯିବ ବୋଲି ତାଲିବାନ୍ ପକ୍ଷରୁ କୁହାଯାଇଛି। କାତାର ରାଜଧାନୀ ଦୋହାସ୍ଥିତ ତାଲିବାନର ପଲିଟିକାଲ ଅଫିସ ଉପମୁଖ୍ୟ ଶେର ଅବ୍ବାସ ଷ୍ଟାନେକ୍‌ଜାଇ ବୁଧବାର କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ନେଇ ଖୁବ୍ ଶୀଘ୍ର ସରକାର ଗଠନ କରାଯିବ। ଏଥିରେ ମହିଳାମାନଙ୍କୁ ମଧ୍ୟ ସାମିଲ କରାଯିବ। ତେବେ ମହିଳାମାନେ କୌଣସି ବଡ଼ ପଦପଦବୀରେ ରହିବେ ନାହିଁ। ସେମାନଙ୍କ ଭୂମିକା ନିମ୍ନ ସ୍ତରରେ ସୀମିତ ରହିବ। ସରକାରରେ ମହିଳାଙ୍କୁ ନେଇ କୌଣସି ଅସୁବିଧା ରହିବ ନାହିଁ। ମହିଳାମାନେ ଅଫିସରେ ମଧ୍ୟ କାମ କରିପାରିବେ।



ଶେର ଅବ୍ବାସ ଷ୍ଟାନେକ୍‌ଜାଇ

ସେହିପରି ବିଗତ ୨ ଦଶନ୍ଧି ମଧ୍ୟରେ ସରକାରରେ ରହିଥିବା ଲୋକଙ୍କୁ ୟୁନିଟି ଗଭର୍ମେଣ୍ଟରେ ରଖାଯିବ ନାହିଁ। ସେହିପରି ତାଲିବାନ୍‌ର ସଫ୍ଟ ଫେସ୍ ଅନସ୍ ହକ୍କାନି ଏକ ସାକ୍ଷାତ୍କାରରେ କହିଛନ୍ତି, ଖୁବ୍‌ଶୀଘ୍ର ନୂଆ ସରକାର ଗଠନ ହେବାକୁ ଯାଉଛି। ୯୦–୯୫% କାମ ଶେଷ ହୋଇଛି। ତେବେ କ୍ୟାବିନେଟରେ କେଉଁମାନେ ସମିଲ ହେବେ ତାହା ବର୍ତ୍ତମାନ କହିବା ଅନୁଚିତ ହେବ। ଅନ୍ୟପକ୍ଷେ କାବୁଲରୁ ମିଳିଥିବା ସୂଚନାନୁସାରେ ତାଲିବନ୍ ସହପ୍ରତିଷ୍ଠାତା ତଥା ଦ୍ୱିତୀୟ ସର୍ବୋଚ୍ଚ ନେତା ମୁଲ୍ଲା ଅବ୍‌ଦୁଲ ଗନି ବରାଦରଙ୍କୁ ନୂଆ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ କରାଯିବ। ତାଲିବାନ୍ ପ୍ରତିଷ୍ଠାତା ମୁଲ୍ଲା ଓମାରଙ୍କ ବଡ଼ପୁଅ ମୁଲ୍ଲା ମହମ୍ମଦ ୟାକୁବଙ୍କୁ ପ୍ରତିରକ୍ଷା ମନ୍ତ୍ରୀ କରାଯିବ। କାରଣ ସେ ତାଲିବାନ୍‌ର ମିଲିଟାରି ଅପରେଶନଗୁଡ଼ିକର ନେତୃତ୍ୱ ନେଇଥାନ୍ତି ଏବଂ ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ଡେପୁଟି ଭାବେ କାର୍ଯ୍ୟରତ। ସେହିପରି ହକ୍କାନି ନେଟ୍‌ୱର୍କ ପ୍ରତିଷ୍ଠାତା ସିରାଜୁଦ୍ଦିନ ହକ୍କାନିଙ୍କ ପୁଅ ଜଲାଲୁଦ୍ଦିନ ହକ୍କାନିଙ୍କୁ ଆଭ୍ୟନ୍ତରୀଣ ମନ୍ତ୍ରୀ କରାଯାଇପାରେ। ବାପାଙ୍କ ମୃତ୍ୟୁ ପରେ ହକ୍କାନି ନେଟ୍‌ୱର୍କର ନେତୃତ୍ୱ ନେଉଥିବା ଜଲାଲୁଦ୍ଦିନଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯାଇଛି। ୨୦୧୬ ମେ'ରୁ ସୁପ୍ରିମ ଲିଡର ଥିବା ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ଅଧ୍ୟକ୍ଷତାରେ ଏନେଇ ତାଲିବାନ୍‌ର ଧର୍ମୀୟ ରାଜଧାନୀ କାନ୍ଦାହାରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ୧୯୮୦ ଦଶକରେ ଆଫଗାନିସ୍ତାନରେ ସୋଭିଏଟ୍ ସାମରିକ ଅଭିଯାନ ବିରୋଧରେ ସେ ଇସ୍‌ଲାମିକ୍ ପ୍ରତିରୋଧରେ ସାମିଲ ହୋଇଥିଲେ। ତେବେ ତାଙ୍କର ଛବି ଜଣେ ସାମରିକ କମାଣ୍ଡର ଅପେକ୍ଷା ଧର୍ମୀୟ ନେତା ଭାବେ ଅଧିକ ରହିଛି। ଅଖୁନ୍ଦଜାଦା ଶରିଆ କୋର୍ଟର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

> ସମାବେଶୀ ସରକାର ଗଠନ ପରେ ହିଁ ଆଫଗାନ୍ କର୍ତ୍ତୃପକ୍ଷଙ୍କୁ ସ୍ୱୀକୃତି ଦେବା ରୁଷିଆ ପକ୍ଷେ ସମ୍ଭବ ହେବ। ଆମକୁ ନୂଆ ସରକାର ଗଠନକୁ ଅପେକ୍ଷା କରିବାକୁ ପଡ଼ିବ, ଯେଉଁଠି ରାଜନୈତିକ ବଳ ଓ ସଂଖ୍ୟାଲଘୁ ମଧ୍ୟ ସାମିଲ ହେବେ।
>
> **–ଆଇଗୋର ମୋର୍ଗୁଲୋଭ, ରୁଷିଆ ବହିର୍ବ୍ୟାପାର ଉପମନ୍ତ୍ରୀ**

> ତାଲିବାନ ସରକାର ଗଠନ ହେଲେ ସେଥିରେ ସାମିଲ ହେବା ପାଇଁ ଆମେ ସେତେଟା ଆଗ୍ରହୀ ନୋହୁଁ। କିନ୍ତୁ ଯେପରି ସରକାର ଗଢ଼ିଲେ ବି ତାଲିବାନ୍‌କୁ ନିଃସର୍ତ୍ତ ସମର୍ଥନ ଦେବୁ।
>
> **–ଗୁଲ୍‌ବୁଦ୍ଦିନ ହେକ୍‌ମାତ୍ୟାର, ଆଫଗାନିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ**



ବିଶ୍ୱବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକଠାରୁ ଆଫଗାନିସ୍ତାନ ବିଚ୍ଛିନ୍ନ ହୋଇଯାଇଥିବାରୁ ଦେଶର ବ୍ୟାଙ୍କଗୁଡ଼ିକ ଖାଲି ପଡ଼ିଛି। ସରକାରୀ କର୍ମଚାରୀମାନଙ୍କୁ ଅନେକ ମାସ ଧରି ଦରମା ମିଳିନାହିଁ। ଅର୍ଥ କାଢ଼ିବା ପାଇଁ ଏଟିଏମ୍ ବାହାରେ ଲୋକଙ୍କ ଲମ୍ବା ଧାଡ଼ି।

# ସୈନ୍ୟ ପ୍ରତ୍ୟାହାର ସର୍ବୋତ୍ତମ ନିଷ୍ପତ୍ତି

ୱାଶିଂଟନ୍, ୧।୯




- ଆମେରିକାବାସୀଙ୍କୁ ବାଇଡେନ୍‌ଙ୍କ ସମ୍ବୋଧନ
- ସେନାର ଏୟାରଲିଫ୍ଟିଂକୁ ପ୍ରଶଂସା କଲେ

ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ଉଚିତ୍ ଥିଲା। ଅସରନ୍ତି ଯୁଦ୍ଧରୁ ଓହରିଯିବା ବୁଦ୍ଧିମାନ୍ ନିଷ୍ପତ୍ତି ବୋଲି ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ବିଦାୟ ନେବା ପରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍। ଏଥିସହ ସମୟ ସୀମା ପୂର୍ବରୁ ୧,୨୦,୦୦୦ରୁ ଊର୍ଦ୍ଧ୍ୱ ଆମେରିକୀୟ, ଆଫଗାନ୍ ସହଯୋଗୀ ଓ ନାଗରିକଙ୍କୁ ସେନା ଏୟାରଲିଫ୍ଟିଂ କରି ଉଦ୍ଧାର କରିବା ବେଶ୍ ପ୍ରଶଂସନୀୟ ବୋଲି ସେ କହିବା ସହ ନିଜ ନିଷ୍ପତ୍ତିକୁ ଠିକ୍ ବୋଲି ଦୋହରାଇଛନ୍ତି।

ଆମେରିକାର ଶେଷ ସୈନ୍ୟ ସି–୧୭ କାର୍ଗୋ ବିମାନରେ କାବୁଲ ଛାଡ଼ିବାର ୨୪ ଘଣ୍ଟା ପରେ ବାଇଡେନ୍ ହ୍ୱାଇଟ୍ ହାଉସ୍ ପକ୍ଷରୁ ତାଙ୍କ ବକ୍ତବ୍ୟ ରଖିଥିଲେ। ଅବ୍ୟବସ୍ଥିତ ଢଙ୍ଗରେ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର, ବିଶୃଙ୍ଖଳିତ ଭାବେ ଉଦ୍ଧାର କାର୍ଯ୍ୟ, ହିଂସାକାଣ୍ଡ ତଥା ଆତଙ୍କବାଦୀଙ୍କ ଆକ୍ରମଣରେ ୧୩ ସୈନ୍ୟ ଓ ଶତାଧିକ ଆଫଗାନ୍ ନାଗରିକଙ୍କ ମୃତ୍ୟୁକୁ ନେଇ ବାଇଡେନ୍ ଜଟିଳ ପ୍ରଶ୍ନର ସମ୍ମୁଖୀନ ହୋଇଥିଲେ। ବାଇଡେନ୍ କହିଥିଲେ, ଯୋଜନା ଯେପରି ଓ ଯେବେ ହୋଇଥାଉ ନା କାହିଁକି, ଦୀର୍ଘ ଦୁଇ ଦଶନ୍ଧି ପରେ ଯୁଦ୍ଧରୁ ବିଦାୟ ନେବା ସହଜ ନ ଥିଲା। ଏଥିରେ ସମସ୍ୟା ତଥା ହିଂସା ଉପୁଜିବା ନେଇ ପୂର୍ବରୁ ଆଶଙ୍କା କରାଯାଇଥିଲା। ଆଫଗାନିସ୍ତାନରେ ଆଉ ଏକ ଦଶନ୍ଧି ଯୁଦ୍ଧ ଚାହୁଁଥିବା ଲୋକଙ୍କୁ ବାଇଡେନ୍ ପ୍ରଶ୍ନ କରିଥିଲେ, ଏଥିରେ ମହତ୍ତ୍ୱପୂର୍ଣ୍ଣ ଜାତୀୟ ସ୍ୱାର୍ଥ କ'ଣ ରହିଛି। ହଜାର ହଜାର ଆମେରିକୀୟ ସୈନ୍ୟଙ୍କୁ ଆଫଗାନିସ୍ତାନରେ ମୁତୟନ କରାଯାଇ ବିଲିୟନ ଡଲାର ଖର୍ଚ୍ଚ ଉପରେ ସେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଥିଲେ। ଆଫଗାନିସ୍ତାନ ଯୁଦ୍ଧ ଶେଷ କରିବା ପଦକ୍ଷେପ ଚାଇନା ଓ ରୁଷିଆ ପକ୍ଷରୁ ବଢୁଥିବା ଚ୍ୟାଲେଞ୍ଜର ସାମ୍ନା ତଥା ଆମେରିକାର ବିଦେଶ ନୀତିର ପୁନଃ ମୂଲ୍ୟାଙ୍କନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ବାଇଡେନ୍ ଦର୍ଶାଇଛନ୍ତି।

## ଗନିଙ୍କୁ ପ୍ଲାନ୍ ମାଗିଥିଲେ ବାଇଡେନ୍

**ୱାଶିଂଟନ୍, ୧।୯:** କାବୁଲକୁ ତାଲିବାନ୍ ଅକ୍ତିଆର କରିବା ପୂର୍ବରୁ ଫୋନ୍ ଯୋଗେ ରାଷ୍ଟ୍ରପତି ଅଶ୍ରଫ୍ ଗନି ତାଙ୍କ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍‌ଙ୍କ ସହ କଥା ହୋଇଥିଲେ। ଏଥିରେ ଉଭୟେ ତାଲିବାନ୍ ବିରୋଧରେ ଲଢ଼େଇ ପାଇଁ ଆଲୋଚନା କରିଥବା ନ୍ୟୁଜ୍ ଏଜେନ୍ସି ରଏଟର୍ସ ଦାବି କରିଛି। ଜୁଲାଇ ୨୩ରେ ଗନି ଓ ବାଇଡେନ୍ ୧୪ ମିନିଟ୍ ଧରି କଥା ହୋଇଥିଲେ। ତାଲିବାନ୍‌ର ମୁକାବିଲା ପାଇଁ କିଛି ଯୋଜନା ଗନି ରଖିଛନ୍ତି କି ବୋଲି ବାଇଡେନ୍ ପଚାରିଥିଲେ। ଏ ସଂକ୍ରାନ୍ତୀୟ ପ୍ଲାନ୍ ଉପରେ ଅବଗତ କରାଇଲେ ଆମେରିକା ଏୟାର ସପୋର୍ଟ କରିବୁ ବୋଲି ବାଇଡେନ୍ କହିଥିଲେ। ବାଇଡେନ୍ ଚାହୁଁଥିଲେ, ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ବିସମିଲ୍ଲା ଖାନ୍ ମହମ୍ମଦିଙ୍କୁ ତାଲିବାନ୍ ବିରୋଧରେ ଲଢ଼େଇ ପାଇଁ ଗନି ଦାୟିତ୍ୱ ଦିଅନ୍ତୁ ଏବଂ ଏ ବାବଦରେ ଏକ ଯୋଜନା ବିସ୍‌ମିଲ୍ଲା ଖାନ୍ ପ୍ରସ୍ତୁତ କରି ଆମେରିକାକୁ ଜଣାନ୍ତୁ।



ଅଶ୍ରଫ୍ ଗନି

# ନିର୍ବାଚନ ପିଟିଶନ ଦାଏର ପାଇଁ ସମୟସୀମା ଧାର୍ଯ୍ୟ ହେଉ

**ନୂଆଦିଲ୍ଲୀ, ୧।୯:** ୬ଟି ରାଜ୍ୟ ବିଧାନସଭା ନିର୍ବାଚନରେ ବ୍ୟବହୃତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଏବଂ ଭିଭିପିଏଟି ମେଶିନ୍‌ଗୁଡ଼ିକ ବ୍ୟବହୃତ ନ ହୋଇ ପଡ଼ିରହିଛି। କରୋନା ମାହାମରୀର ଦ୍ୱିତୀୟ ଲହର ସମୟରେ ନିର୍ବାଚନ ସମ୍ପର୍କିତ ପିଟିଶନ ଦାଏର ପାଇଁ ସମୟସୀମା ବଢ଼ାଯାଇଥିବାରୁ ଉକ୍ତ ଇଭିଏମ୍ ଏବଂ ଭିଭିପିଏଟି ମେଶିନଗୁଡ଼ିକୁ ସଂରକ୍ଷିତ ରଖାଯାଇଛି। ସେଗୁଡ଼ିକୁ ଶୀଘ୍ର ମୁକ୍ତ କରିବା ପାଇଁ ନିର୍ବାଚନ କମିଶନ(ଇସି) ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସିଙ୍କ ଓକିଲ ବିକାଶ ସିଂ ପିଟିଶନ ଦାଖଲ କରିବା ପରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଏ.ଏସ୍. ବୋପନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ସପ୍ତାହରେ ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଆସାମ, କେରଳ, ଦିଲ୍ଲୀ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମ୍ପର୍କିତ ପିଟିଶନ ଦାଖଲ କରିବା ଲାଗି ସମୟସୀମା ଧାର୍ଯ୍ୟ ହେବା ଆବଶ୍ୟକ ବୋଲି ଇସିଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଆଗକୁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଇଭିଏମ୍ ଏବଂ ଭିଭିପିଏଟି ମେଶିନ ଜରୁରୀ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, କରୋନାର ଦ୍ୱିତୀୟ ଲହର ପାଇଁ ଖଣ୍ଡପୀଠ ଗତ ଏପ୍ରିଲ୍ ୨୭ରେ ନିର୍ବାଚନ ପିଟିଶନ ଦାଖଲ ପାଇଁ ବୈଧାନିକ ସମୟସୀମାକୁ କୋହଳ କରିଥିଲେ।

#### ସୁପ୍ରିମକୋର୍ଟରେ ଇସିଙ୍କ ଆବେଦନ

# ଦିଲ୍ଲୀରେ ୧୯ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ନୂଆଦିଲ୍ଲୀ, ୧।୯(ପି.ଟି.)


ଦିଲ୍ଲୀରେ ଗୋଟିଏ ଦିନରେ ୧୧୨.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗତ ୧୯ ବର୍ଷ ମଧ୍ୟରେ ସେପ୍ଟେମ୍ବର ମାସର ଗୋଟିଏ ଦିନରେ ଏହା ସର୍ବାଧିକ ବୃଷ୍ଟିପାତ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ୨୦୦୨ ସେପ୍ଟେମ୍ବର ୧୩ରେ ୧୨୬.୮ ମିଲିମିଟର ବର୍ଷା ହୋଇଥିଲା। ୧୯୬୩ ସେପ୍ଟେମ୍ବର ୧୬ରେ ହୋଇଥିବା ୧୭୨.୬ ମିଲିମିଟର ବର୍ଷା ହେଉଛି ସର୍ବକାଳୀନ ରେକର୍ଡ।

ମଙ୍ଗଳବାରଠାରୁ ବୁଧବାର ସକାଳ ୮ଟା ୩୦ ମଧ୍ୟରେ ସଫଦରଜଙ୍ଗ ଅଞ୍ଚଳରେ ୧୧୨.୧ ମି.ମି. ବର୍ଷା ହୋଇଥିବାବେଳେ ଲୋଧିରୋଡ, ରିଜ୍, ପାଲାମ, ଆୟାନଗରରେ ଯଥାକ୍ରମେ ୧୨୦.୨, ୮୧.୬. ୭୧.୧ ଏବଂ ୬୮.୨ ମିଲିମିଟର ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀର ଅନେକ ଅଞ୍ଚଳ ବୁଡ଼ିଯାଇଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାରୁ ଆଇଟିଓ, ଆଇପି ଇଷ୍ଟେଟ୍ ଫ୍ଲାଏଓଭର ନିକଟବର୍ତ୍ତୀ ରିଙ୍ଗ ରୋଡ, ଧଉଳା କୁଆଁ ଏବଂ ରୋହତକ ରୋଡ୍ ଆଦି ବିଭିନ୍ନ ସ୍ଥାନରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ମାତ୍ର ୩ ଘଣ୍ଟା ମଧ୍ୟରେ ୭୫.୬ ମିଲିମିଟର ବର୍ଷା ହୋଇଥିଲା।





**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୮୮,୩୭,୨୧୫ | ୪୫,୩୮,୬୧୬ | ୧୯,୫୬,୫୫,୫୮୭ |
| ଭାରତ | ୩,୨୮,୫୧,୫୮୬ | ୪,୩୯,୩୬୧ | ୩,୨୦,୧୫,୭୪୬ |
| ଓଡ଼ିଶା | ୧୦,୦୮,୪୬୯ | ୮୦୨୨(+୫୩) | ୯,୯୩,୯୦୧ |

ବୁଧବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ବ୍ୟାଙ୍କ ଲୁଟେରାଙ୍କୁ ଧରିଲେ ସ୍ଥାନୀୟ ଲୋକେ।**




# କରୋନା ମୃତ୍ୟୁ ୮ହଜାର ଟପିଲା

■ ଖୋର୍ଦ୍ଧାରେ ସର୍ବାଧିକ ୧,୪୫୯

■ ପୁଣି ୧୨୫ ପିଲା ସଂକ୍ରମିତ, ଜଣେ ମୃତ



**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮ହଜାର ଟପିଛି। ଏବେ ଆଉ ୫୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବୁଧବାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧୯ଜଣ ଥିବାବେଳେ ଜଗତ୍‌ସିଂହପୁର ଓ କେଉଁଝରରୁ ୬ ଲେଖାଏ, କଟକ ଓ ପୁରୀରୁ ୫ ଲେଖାଏ ରହିଛନ୍ତି। ସେହିପରି ଯାଜପୁରରୁ ୪, କେନ୍ଦ୍ରାପଡ଼ା ୨, ନୟାଗଡ଼, ନବରଙ୍ଗପୁର, ମୟୂରଭଞ୍ଜ, ଝାରସୁଗୁଡ଼ା, ବଲାଙ୍ଗୀର ଓ ଅନୁଗୋଳରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୦୨୨କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୪୫୯ଜଣଙ୍କ ଜୀବନ ଯାଇଥିବାବେଳେ ଏହା ପଛକୁ ଥିବା କଟକ ଜିଲାରେ ୮୦୭ଜଣ ମୃତ୍ୟୁ ଘଟିଛି। ସେହିଭଳି ସୁନ୍ଦରଗଡ଼ରେ ୫୭୨, ଗଞ୍ଜାମ ୪୬୯, ପୁରୀ ୪୪୦, ଅନୁଗୋଳ ୩୭୫, ବରଗଡ଼ ୩୩୪, ଜଗତ୍‌ସିଂହପୁର ୨୯୨, ବାଲେଶ୍ୱର ୨୮୧, ମୟୂରଭଞ୍ଜ ୨୭୨, କେନ୍ଦ୍ରାପଡ଼ା ଓ ସମ୍ବଲପୁର ୨୪୦ ଲେଖାଏ, ଢେଙ୍କାନାଳ ୨୩୮, କଳାହାଣ୍ଡି ୨୦୯, ନୟାଗଡ଼ ୨୦୪, ଝାରସୁଗୁଡ଼ା ୧୭୫, କେନ୍ଦୁଝର ୧୬୭, ରାୟଗଡ଼ା ୧୬୭, ଯାଜପୁର ୧୫୬, ଭଦ୍ରକ ୧୩୮, ବଲାଙ୍ଗୀର ୧୨୫, ବୌଦ୍ଧ ୧୧୧, ଗଜପତି ୮୩, କନ୍ଧମାଳ ୮୨, କୋରାପୁଟ ୭୫, ନବରଙ୍ଗପୁର ୭୩, ସୁବର୍ଣ୍ଣପୁର ୫୯, ନୂଆପଡ଼ା ୮୪, ଦେବଗଡ଼ ୫୦ ଓ ମାଲକାନଗିରିରେ ସର୍ବନିମ୍ନ ୪୫ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ସୂଚନା ମିଳିଛି। ସେପଟେ ନୂଆ ୫୩ ମୃତକଙ୍କ ମଧ୍ୟରେ ଆଉଜଣେ ପିଲା ରହିଛନ୍ତି। ସେ ହେଉଛନ୍ତି ଝାରସୁଗୁଡ଼ାର ଜଣେ ୮ବର୍ଷର ଝିଅ, ଯିଏକି ଥାଲାସେମିଆ ରୋଗରେ ମଧ୍ୟ ପୀଡ଼ିତ ଥିଲେ। ଏହାକୁ ମିଶାଇଲେ ଦ୍ୱିତୀୟ ଲହରରେ ମୋଟ ୩୮ଜଣ ପିଲାଙ୍କ ମୃତ୍ୟୁ ଘଟିଥିବାବେଳେ ସେପ୍ଟେମ୍ବରରେ ଏହା ପ୍ରଥମ ଘଟଣା।

ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୪,୬୫୬ ନମୁନା ପରୀକ୍ଷା ହୋଇଥିଲା। ୭୧୯ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସଂକ୍ରମଣ ହାର ୧.୧୧% ରହିଛି। ତେବେ ଦୁଇଦିନ ହେଲାଣି ୧୭% ଉପରେ ପିଲା ସଂକ୍ରମିତ ହେଉଥିବା ଦେଖାଦେଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୭.୩୮% ଅର୍ଥାତ୍ ୧୨୫ଜଣ ୧୮ବର୍ଷରୁ କମ୍ ବୟସର ପିଲା ରହିଛନ୍ତି। ମୃତ୍ୟୁହାର ଭଳି ସଂକ୍ରମଣରେ ମଧ୍ୟ ଖୋର୍ଦ୍ଧାର ଉଦ୍‌ବେଗଜନକ ସ୍ଥିତି ରହିଛି। ୭୧୯ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୫୯ ଓ କଟକ ୮୯ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ୍ ସଂକ୍ରମିତ ସଂଖ୍ୟା ୧୦,୦୮,୪୬୯ରେ ପହଞ୍ଚିଛି।




ସମସ୍ତ ପରିବହନ କର୍ମଚାରୀଙ୍କୁ ମାସିକ ୭,୫୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା, ମାସିକ ୧୦ କେଜି ଚାଉଳ ପ୍ରଦାନ କରିବା ଆଦି ବିଭିନ୍ନ ଦାବି ନେଇ ବୁଧବାର ଅଲ୍ ଓଡ଼ିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।


## ସଂକ୍ଷେପରେ

### ମୁଖ୍ୟ ଆୟକର କମିଶନର ହେଲେ ମନୋରଞ୍ଜନ ପାଣିଗ୍ରାହୀ



**ଭୁବନେଶ୍ୱର, ୧।୯(ବ୍ୟୁରୋ):** ଆୟକର ବିଭାଗରେ ମଙ୍ଗଳବାର ୩୬ ଜଣ ପ୍ରଧାନ ଆୟକର କମିଶନରଙ୍କୁ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପରେ ସେମାନେ ମୁଖ୍ୟ ଆୟକର କମିଶନର ଭାବେ କାର୍ଯ୍ୟନିର୍ବାହ କରିବେ। ଏଥି ମଧ୍ୟରେ ୪ ଜଣ ଓଡ଼ିଆ ଅଫିସର ଅନ୍ତର୍ଭୁକ୍ତ। ସେମାନେ ହେଲେ ମନୋରଞ୍ଜନ ପାଣିଗ୍ରାହୀ, ବିଜୟାନନ୍ଦ ପୃଷ୍ଟେଠ୍, ଦେବେନ୍ଦ୍ର ନାରାୟଣ କର ଏବଂ ସୀମାଞ୍ଚଳ ଦାଶ। ଏମାନଙ୍କ ମଧ୍ୟରୁ ମନୋରଞ୍ଜନ ପାଣିଗ୍ରାହୀ ବର୍ତ୍ତମାନ କଟକରେ ପ୍ରଧାନ ଆୟକର କମିଶନର ଭାବେ ଅବସ୍ଥାପିତ। ସେ ଆୟକର ବିଭାଗର ପ୍ରାୟ ସମସ୍ତ କ୍ଷେତ୍ରରେ ସୁଚାରୁରୂପେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ଓଡ଼ିଶା ସରକାରଙ୍କ ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଭାବେ ସେ ଦାୟିତ୍ୱରେ ଥିଲେ। ତାଙ୍କ ୫ବର୍ଷ ଅବଧି ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି। ବିଜୟାନନ୍ଦ ପୃଷ୍ଟେଠ୍ ବର୍ତ୍ତମାନ ସମ୍ବଲପୁରର ପ୍ରଧାନ ଆୟକର କମିଶନର। ଏହା ପୂର୍ବରୁ ସେ କଟକରେ ଅବସ୍ଥାପିତ ଥିଲେ। ଓଡ଼ିଶା ବାହାରେ ମଧ୍ୟ ସେ ଦକ୍ଷତାର ସହ ଅନେକ ବର୍ଷ କାର୍ଯ୍ୟ କରିଛନ୍ତି।

### ଜେ.ବି. ମହାପାତ୍ର ହେଲେ ସିବିଡିଟି ଅଧ୍ୟକ୍ଷ




**ନୂଆଦିଲ୍ଲୀ, ୧।୯:** ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ବରିଷ୍ଠ ଅଧିକାରୀ ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ଅଧକ୍ଷ ନିଯୁକ୍ତ କରାଯାଇଛି। ନିଯୁକ୍ତି ସମ୍ବନ୍ଧୀୟ କ୍ୟାବିନେଟ କମିଟି ବୁଧବାର ଓଡ଼ିଶାର ଏହି ଅଧିକାରୀଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ସିବିଡିଟି ଆୟକର ବିଭାଗ ପାଇଁ ନୀତି ନିର୍ଦ୍ଧାରଣ କରିଥାଏ। ୧୯୮୫ ବ୍ୟାଚ୍‌ର ଆଇଆର୍‌ଏସ୍ ଅଫିସର ମହାପାତ୍ର ସମ୍ପ୍ରତି ସିବିଡିଟିର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ପୂର୍ବତନ ଅଧକ୍ଷ ପି.ସି ମୋଦିଙ୍କ କାର୍ଯ୍ୟକାଳ ୨୦୨୧ ମେ'ରେ ଶେଷ ହେବା ପରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଆସନ୍ତାବର୍ଷ ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ମହାପାତ୍ର ପୂର୍ବରୁ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଅଞ୍ଚଳ ପାଇଁ ପ୍ରମୁଖ ମୁଖ୍ୟ ଆୟକର କମିଶନର ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଜଗନ୍ନାଥ ବିଦ୍ୟାଧର ମହାପାତ୍ର ହେଉଛନ୍ତି ଓଡ଼ିଶାର ଦିବଂଗତ କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ବର୍ତ୍ତମାନର ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ମହାପାତ୍ରଙ୍କ ବଡ଼ଭାଇ।

## ଅଗଷ୍ଟରେ ୧.୧୨ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୧।୯:** ଅଗଷ୍ଟ ମାସରେ ସାରା ଦେଶରେ ୧.୧୨ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ହୋଇଛି। ଗତ ବର୍ଷ ସମାନ ସମୟ ତୁଳନାରେ ପରୋକ୍ଷ ଟିକସ ଆଦାୟ ୩୦% ବୃଦ୍ଧି ଘଟିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୁଚନା ମିଳିଛି। ଅଗଷ୍ଟ ୨୦୨୦ରେ ଓଡିଶାରେ ୨,୩୪୮ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଏହା ଚଳିତ ବର୍ଷ ସମାନ ମାସରେ ୩,୩୧୭ କୋଟି ଟଙ୍କା ଛୁଇଁଛି। ରାଜ୍ୟର ପରୋକ୍ଷ ଟିକସ ଆଦାୟ କ୍ଷେତ୍ରରେ ୪୧% ବୃଦ୍ଧି ଘଟିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। କେନ୍ଦ୍ର ସରକାର ଅଗଷ୍ଟ ମାସରେ ୨୦,୫୫୨ କୋଟି ଟଙ୍କାର କେନ୍ଦ୍ର ଜିଏସ୍‌ଟି ଆଦାୟ କରିଛନ୍ତି। ସେହିଭଳି ୨୬,୬୦୫ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି ଏବଂ ୫୬,୨୪୭ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ଆଦାୟ ହୋଇଛି। ସମନ୍ୱିତ ଜିଏସ୍‌ଟି ମଧ୍ୟରେ ୨୬,୮୮୪ କୋଟି ଟଙ୍କାର ଆମଦାନୀ ଟିକସ ଏବଂ ୮୬୪୬ କୋଟି ଟଙ୍କାର ସେସ୍ ସାମିଲ ରହିଛି। ଚଳିତ ବର୍ଷ ଜୁଲାଇ ମାସରେ ୧.୧୬ ଲକ୍ଷ କୋଟି ଟଙ୍କାର ପରୋକ୍ଷ ଟିକସ ଆଦାୟ କରାଯାଇଥିଲା। ଏହା ଅଗଷ୍ଟ ମାସରେ କିଛି ପରିମାଣରେ ହ୍ରାସ ହୋଇଛି।

## 'ମିଟ୍ ଆୱାର ଷ୍ଟାର୍ଟଅପ୍ ହିରୋଜ୍' ଶୁଭାରମ୍ଭ

**ଭୁବନେଶ୍ୱର, ୧।୯(ବ୍ୟୁରୋ)**



କାର୍ଯ୍ୟକ୍ରମରେ ସୁବ୍ରତୋ ବାଗ୍‌ଚୀ ଓ ଅନ୍ୟମାନେ।

■ ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟଅପ୍ ଦୁନିଆ ସହ ଯୋଡ଼ିବାର ଉଦ୍ୟମ

■ ଉଦ୍ୟୋଗ ପଛର ଉଦ୍ୟୋଗୀଟିଏ ହେବାକୁ ପଡ଼ିବ: ସୁବ୍ରତୋ ବାଗ୍‌ଚୀ

ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟଅପ୍ ଦୁନିଆ ସହ ଯୋଡ଼ି ସେମାନଙ୍କ ମନରେ ଉଦ୍ୟୋଗୀ ମନୋଭାବ ବଢ଼ାଇବା ଲାଗି ରାଜ୍ୟ ସରକାରଙ୍କ 'ମୋ କଲେଜ' ଅଭିଯାନ ପକ୍ଷରୁ ଆରମ୍ଭ ହୋଇଛି 'ମିଟ୍ ଆୱାର ଷ୍ଟାର୍ଟଅପ୍ ହିରୋଜ୍' କାର୍ଯ୍ୟକ୍ରମ। ବୁଧବାର ଏହାକୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ବାଗ୍‌ଚୀ କହିଲେ, ସମସ୍ତଙ୍କ ମନ ଭିତରେ ଉଦ୍ୟୋଗୀ ମନୋଭାବ ରହିବା ଦରକାର। ଜଣେ ଉଦ୍ୟୋଗୀ ହିଁ ଗୋଟିଏ ସଂସ୍ଥା ବା ଗୋଟିଏ ଅନୁଷ୍ଠାନକୁ ତିଆରି କରିଥାଏ। ତେଣୁ ଓଡ଼ିଶାକୁ ଷ୍ଟାର୍ଟଅପ୍ କ୍ଷେତ୍ରରେ ନୂଆ ପରିଚୟ ଦେବା ପାଇଁ ଆମମାନଙ୍କୁ ଉଦ୍ୟୋଗ ପଛର ଉଦ୍ୟୋଗୀଟିଏ ହେବାକୁ ପଡ଼ିବ। 'ମୋ କଲେଜ'ଅଭିଯାନ ପରିଚାଳନା ସଙ୍ଗଠନ ଅଧ୍ୟକ୍ଷ ଆକାଶ ଦାସନାୟକ କାର୍ଯ୍ୟକ୍ରମ ପରିଚାଳନା କରି କହିଲେ, ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଆଖିରେ ଅନେକ ସ୍ୱପ୍ନ ରହିଛି। ସେମାନେ ସବୁ କ୍ଷେତ୍ରରେ ଦକ୍ଷ ଓ ସମର୍ଥ। ସେମାନଙ୍କୁ କେବଳ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ସେମାନଙ୍କ ସ୍ୱପ୍ନ, ପ୍ରତିଭାକୁ ସଫଳ ରୂପ ଦେବାକୁ ଏକ ମାଧ୍ୟମ ଦରକାର। ଏଥିପାଇଁ 'ମୋ କଲେଜ'ଅଭିଯାନ ପକ୍ଷରୁ 'ମିଟ୍ ଆୱାର ଷ୍ଟାର୍ଟଅପ୍ ହିରୋଜ୍'ର ପରିକଳ୍ପନା କରାଯାଇଛି। ଏହାର ପ୍ରଥମ ୱେବିନାରରେ ଏକହଜାରରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ତେଣୁ ଆଗାମୀ ଦିନରେ ଆହୁରି ଅଧିକ ଯୁବପିଢ଼ି ଏଥିରେ ସାମିଲ ହେବେ ବୋଲି ଆକାଶ କହିଛନ୍ତି।

କାର୍ଯ୍ୟକ୍ରମରେ ଯୁବ ଓଡ଼ିଆ ଉଦ୍ୟୋଗୀ ତଥା 'ନେଷ୍ଟଏୱେ'ର ସିଇଓ ଅମରେନ୍ଦ୍ର ସାହୁ ଛାତ୍ରୀଛାତ୍ରଙ୍କୁ ନିଜ ଷ୍ଟାର୍ଟଅପ୍ ଯାତ୍ରା ବିଷୟରେ କହିଥିଲେ। କୌଣସି ଗୋଟିଏ ନୂଆ କାମ ଆରମ୍ଭ କରିବା ପାଇଁ ମନରେ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ ରହିଛି। ଦୃଢ଼ ଇଚ୍ଛାଶକ୍ତି ଆଗରେ କୌଣସି କାମ ଅଟକେ ନାହିଁ। ଅତୀତର ଘଟଣାବଳୀକୁ ପଛରେ ପକାଇ ସମସ୍ତଙ୍କୁ ଦିନେ ନା ଦିନେ ଆଗକୁ ଯିବାକୁ ପଡ଼ିବ। ତେଣୁ ନୂଆ ଆରମ୍ଭକୁ ଅତୀତ କେବେ ବି ପ୍ରଭାବିତ କରିପାରିବନି। କ୍ୟାରିୟର ଶେଷ ୬ ମାସ ଓ ଆଗାମୀ ୬ ମାସକୁ ଲକ୍ଷ୍ୟ ରଖି ନିଜକୁ ପ୍ରସ୍ତୁତ ରଖିବାକୁ ପଡ଼ିବ ବୋଲି ଅମରେନ୍ଦ୍ର କହିଥିଲେ। କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍‌କୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଥିବା ଅନେକ ପ୍ରଶ୍ନର ଉତ୍ତର ପାଇଥିଲେ। ଏହି ଅବସରରେ ୫ଜଣ ଶ୍ରେଷ୍ଠ ପ୍ରଶ୍ନକର୍ତ୍ତାଙ୍କୁ 'ମୋ କଲେଜ' ଅଭିଯାନ ପକ୍ଷରୁ ପୁରସ୍କୃତ କରାଯିବା ନେଇ ଘୋଷଣା କରାଯାଇଥିଲା।

## ବଜ୍ରକାପ୍ତା ଜବତ, ୪ ଗିରଫ

**ବାଲିଗୁଡ଼ା,୧।୯(ଡି.ଏନ.ଏ.)**



ଜବତ ବଜ୍ରକାପ୍ତା।

ଚାଲାଣ ହେବାକୁ ଥିବା ଏକ ବଜ୍ରକାପ୍ତାକୁ କନ୍ଧମାଳ ଜିଲା ବାଲିଗୁଡ଼ା ବନ ବିଭାଗ ବୁଧବାର ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମହାସିଙ୍ଗି ଗ୍ରାମର ମହାଦେବ ବେହେରଦଳାଇ, ପାରିଗଡ଼ର ଭିମସେନ ବଡ଼ସେଠ, କ.ନୁଆଗାଁ ଥାନା ଅଞ୍ଚଳର ସୁକଦେବ ଦିଗାଳ ଓ ଟିକାବାଲି ପଣଷପଦର ଗ୍ରାମର ସିତାଂଶୁ ମୁଖୀ। ଅଭିଯୁକ୍ତମାନଙ୍କଠାରୁ ବନ ବିଭାଗ ଏକ ବାଇକ୍ ଓ ସ୍କୁଟି ଜବତ କରିଛି।

ବାଲିଗୁଡା ବ୍ଲକ ମିଡ଼ିଆକିଆ ଅଞ୍ଚଳର ଜଣଙ୍କ ପାଖରେ ଏକ ବଜ୍ରକାପ୍ତା ବିକ୍ରି ହେବାକୁ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ବନ ବିଭାଗ। ବାଲିଗୁଡ଼ା ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ଗ୍ରାହକ ଭାବେ ସମ୍ପୃକ୍ତ ବ୍ୟକ୍ତିସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ବନ ବିଭାଗର ଏହି ଟିମ ମିଡ଼ିଆକିଆ ସ୍ଥିତ ଏକ ପୋଲ ନିକଟରେ ଗ୍ରାହକ ବେଶରେ ପହଞ୍ଚିଥିଲେ। ବାଲିଗୁଡ଼ା ଏସିଏଫ୍ ଡ.ରୁଦ୍ରପ୍ରସାଦ ରଥ, ବନାଞ୍ଚଳ ଅଧିକାରୀ ଉଦିତ୍ କୁମାର ପ୍ରଧାନଙ୍କ ସମେତ ୧୦ ଜଣିଆ ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ଚାଲାଣକାରୀଙ୍କ ସହ ବଜ୍ରକାପ୍ତା କିଣିବା ପାଇଁ ମୁଲଚାଲ କରିଥିଲେ। ସେମାନଙ୍କ ନିକଟରୁ ୧୦୫ ସେଣ୍ଟିମିଟର ଲମ୍ବର ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହ ବିକ୍ରି କରିବାକୁ ଆସିଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ରାକେଟରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ବନବିଭାଗ ଅଧିକ ଖୋଳତାଡ଼ କରୁଛି।

## ମୁଖ୍ୟମନ୍ତ୍ରୀ ମେଡାଲ ପାଇବେ ୬୪ ପୋଲିସ

**ଭୁବନେଶ୍ୱର,୧।୯(ବ୍ୟୁରୋ):** ତଦନ୍ତରେ ଉତ୍କର୍ଷତା ଦେଖାଇଥିବା ୬୪ଜଣ ପୋଲିସ ଅଧିକାରୀଙ୍କୁ 'ମୁଖ୍ୟମନ୍ତ୍ରୀ ମେଡାଲ' ମିଳିବ। ଆସନ୍ତା ୪ ତାରିଖରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଚୟନ ହୋଇଥିବା ଅଧିକାରୀ ରାଜ୍ୟ ପୋଲିସ, ଓଡିଶା ଭିଜିଲାନ୍ସ ଓ ଜିଲା ପୋଲିସରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ୫-ଟିରେ ପୋଲିସ ବିଭାଗ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏହି ଅଧିକାରୀମାନେ ଦକ୍ଷତା ସହ କାର୍ଯ୍ୟ କରିଛନ୍ତି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ ଆୱାର୍ଡ କମିଟି ଏମାନଙ୍କୁ ପୁରସ୍କାର ପାଇଁ ଚୟନ କରିଥିବା ସୂଚନା ଦିଆଯାଇଛି।

DAYANAND INSTITUTE
Dhanupali, Sambalpur- 768005
Helpline- 9114338817, 9938895475, 9437158817
ADMISSION NOTICE
NTT- 1year regular and correspondence course
Eligibility- +2 & Above (Only Ladies)
B. Ed- NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
M.A. IN YOGA- Affiliated Utkal University of Culture, BBSR
Eligibility- Any Graduate
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
OFFICE TIME 8AM TO 1PM
Please visit at – dayanandgroupofinstitution.co.in

## ଗ୍ରାମରକ୍ଷୀଙ୍କୁ ଗୁଳିକରି ହତ୍ୟାକଲେ ମାଓବାଦୀ

**ପୋଲିସ ଇନ୍‌ଫର୍ମର ସନ୍ଦେହ**

**ରାୟଗଡ଼ା ଅଫିସ/ମୁନିଗୁଡ଼ା,୧।୯(ଡି.ଏନ୍.ଏ.):** ଦୀର୍ଘଦିନ ପରେ ରାୟଗଡ଼ା ଜିଲାରେ ମାଓବାଦୀମାନେ ଉପସ୍ଥିତି ଜାହିର କରିଛନ୍ତି। ଅମ୍ବାଦଳା ଥାନା କନ୍ଧମାଳ ଜିଲା ସୀମାନ୍ତ ଟିକରପଡ଼ା ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଟିକରପଡ଼ା ଗାଁର ଗ୍ରାମରକ୍ଷୀ ସନ୍ତୋଷ ଦଣ୍ଡସେନା। ଘରୁ ଡାକିନେଇ ତାଙ୍କୁ ହତ୍ୟା କରାଯାଇଛି। ସୂଚନା ଅନୁଯାୟୀ, ରାତି ୧୦ଟାରେ ୧୦ ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଗାଁକୁ ଆସି ସନ୍ତୋଷଙ୍କୁ ଘରୁ ଡାକି ନେଇଥିଲେ। ପରିବାର ଲୋକେ ପଛରେ ଯିବାରୁ ମାଓବାଦୀମାନେ ବାରଣ କରିଥିଲେ। ଘରଠାରୁ ମାତ୍ର ୫୦ମିଟର ଦୂରକୁ ନେଇ ସନ୍ତୋଷକୁ ସେମାନେ ଗୁଳିକରି ହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ହତ୍ୟାକାଣ୍ଡ ଘଟାଇବା ପରେ ମାଓବାଦୀ ମୃତଦେହ ନିକଟରେ ଏକ ହାତଲେଖା ପୋଷ୍ଟର ଛାଡ଼ିଯାଇଛନ୍ତି। ସେଥିରେ ସିପିଆଇ(ମାଓବାଦୀ) ବିଜିଏନ୍(ବଂଶଧାରା-ଘୁମୁସର-ନାଗାବଳୀ) ବୋଲି ଉଲ୍ଲେଖ ରହିଛି। ସନ୍ତୋଷଙ୍କୁ ଅନେକ ଥର ତାଗିଦ କରାଯାଇଥିଲେ ମଧ୍ୟ ସେ ଅଞ୍ଚଳର କେତେଜଣ ଯୁବକଙ୍କୁ ଟଙ୍କା ଦେଇ ପୋଲିସ ଇନ୍‌ଫର୍ମର ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଏଥିସହ ଅନ୍ୟ ପୋଲିସ ଇନ୍‌ଫର୍ମରମାନେ ଯଦି କ୍ଷମା ନ ମାଗନ୍ତି ସେମାନେ ମଧ୍ୟ ମୃତ୍ୟୁଦଣ୍ଡ ପାଇବେ ବୋଲି ଚେତାବନୀ ଦିଆଯାଇଛି।



**ଆଜିର ମନ୍ତବ୍ୟ**

"କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଜିଡିପିକୁ ନେଇ ଏକ ନୂଆ ଧାରଣା ଆଣିଛନ୍ତି। ସରକାରଙ୍କ ପାଇଁ ଜିଡିପି ବୃଦ୍ଧି ଅର୍ଥ ଗ୍ୟାସ୍, ଡିଜେଲ୍ ଏବଂ ପେଟ୍ରୋଲ ଦର ବୃଦ୍ଧି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ସୁନୀଲ ସିଂ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ଆରମ୍ଭରୁ ହଟ୍ଟଗୋଳ...

ବାତିଲ କରି ପ୍ରଥମେ ମରୁଡ଼ି ଓ ଚାଷୀ ସମସ୍ୟା ଉପରେ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। ମରୁଡ଼ି ପ୍ରସଙ୍ଗରେ ମୁଲତବୀ ଆଲୋଚନା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସେ ସମୟରେ ମରୁଡ଼ି ସମ୍ପର୍କରେ ଆଲୋଚନା କରାଯିବ ବୋଲି ବାଚସ୍ପତି କହିଥିଲେ। ବାଚସ୍ପତିଙ୍କ ପ୍ରତିଶ୍ରୁତି ପରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳରୁ ଓହରି ନ ଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ରମେଶ ଜେନା ଏବଂ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ସୁରେଶ ରାଉତରାୟ, ତାରାପ୍ରସାଦ ଚୌକି ଉପରେ ଚଢ଼ି ବାଚସ୍ପତିଙ୍କ ଟେବୁଲ ବାଡ଼େଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରୁଥିଲେ ମଧ୍ୟ ଭାଜପା ସଦସ୍ୟମାନେ ନିଜ ସିଟ୍‌ରେ ବସି ରହିଥିଲେ। ହଟ୍ଟଗୋଳ ମଧ୍ୟରେ କୃଷିମନ୍ତ୍ରୀ ରାଜ୍ୟରେ ଥିବା ୪ଟି କୃଷକ ତାଲିମ କେନ୍ଦ୍ର ଜରିଆରେ ଚାଷୀମାନଙ୍କୁ ତାଲିମ ଦିଆଯାଉଥିବା କଥା କହିଥିଲେ। କରୋନା ଯୋଗୁ ଗତ ୨ ବର୍ଷ ହେବ ଖୋର୍ଦ୍ଧା, ସମ୍ବଲପୁର, କନ୍ଧମାଳ ଓ ଭୁବନେଶ୍ୱରର ଡେରାସଠାରେ ଥିବା ତାଲିମ କେନ୍ଦ୍ରରେ କୌଣସି ତାଲିମ କାର୍ଯ୍ୟ ହୋଇ ନ ଥିବା ସୂଚନା ଦେଇଥିଲେ। ହଟ୍ଟଗୋଳ ପ୍ରବଳ ହେବାରୁ ବାଚସ୍ପତି ବାଧ୍ୟହୋଇ ଗୃହକୁ ୧୧ଟା ୩୯ ମିନିଟ୍‌ରୁ ୧୨ଟା ୩୪ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ।

### ମରୁଡ଼ି ଘୋଷଣା...

ପାଇଁ ଟାସ୍କଫୋର୍ସ ଗଠନ କରନ୍ତୁ ବୋଲି ବିରୋଧୀ ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଗୃହରେ ଦାବି କରିଛନ୍ତି। ଅଧିବେଶନରେ ପ୍ରଥମ ଦିବସରେ ରାଜ୍ୟରେ ଦେଖା ଦେଇଥିବା ମରୁଡି ପରିସ୍ଥିତିକୁ ନେଇ ବିଧାନସଭା ସରଗରମ ହୋଇଛି। 'ମରୁଡି କବଳରେ ସାରା ଓଡିଶା କଲବଲ, ସରକାରଙ୍କ ଯୋଗୁ ଦୁର୍ଦ୍ଦଶାରେ ଚାଷୀକୁଳ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ଦଳ ସରକାରଙ୍କୁ ହରଡ଼ଘଣାରେ ପକାଇଥିଲେ। ମୁଲତବୀ ଆଲୋଚନା ଆରମ୍ଭ କରି ଭାଜପା ସଦସ୍ୟ ମୋହନ ଚରଣ ମାଝି କହିଲେ ଯେ ରାଜ୍ୟରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କୃଷି ମନ୍ତ୍ରୀ ମରୁଡ଼ିକୁ ଭଗବାନଙ୍କ ଉପରେ ଛାଡ଼ି ଦେଇ ଆମର କିଛି ଦୋଷ ନାହିଁ ବୋଲି କହୁଛନ୍ତି। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ। ରାଜ୍ୟର କୌଣସି ଜଳାଶୟରେ ପାଣି ନାହିଁ। ଓଡ଼ିଶାକୁ ଭୟଙ୍କର ଭାବେ ମରୁଡ଼ି ଗ୍ରାସ କରୁଛି। ୩୧୪ ବ୍ଲକରୁ ୨୧୩ ବ୍ଲକରେ ମରୁଡି ପରିସ୍ଥିତି। ରାଜ୍ୟରେ ସ୍ୱାଭାବିକ ଠାରୁ ୪୭ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷା କମିଛି। ମାତ୍ର ପ୍ରକୃତିକୁ ଦୋଷ ଦେଇ ସରକାର ଖସି ଯାଇପାରିବେ ନାହିଁ। ମରୁଡ଼ି ମୁକାବିଲା ପାଇଁ ରାଜ୍ୟ ସରକାର କ'ଣ କରିଛନ୍ତି ତା'ର ଉତ୍ତର ଦେବା ଦରକାର। ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ସରକାର ଜଳସେଚନରେ ଫେଲ୍ ମାରିଛନ୍ତି। ସବୁ ବ୍ଲକରେ ୩୫ପ୍ରତିଶତ ଜଳ ସେଚନ ହୋଇଛି ବୋଲି ସରକାର ଯେଉଁ ଦାବି କରୁଛନ୍ତି, ତାର ହିସାବ ଦିଅନ୍ତୁ ବୋଲି ମୋହନ କହିଛନ୍ତି। ରାଜ୍ୟର ୨୯ ଜିଲାରେ ୩,୮୨୨ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଅଚଳ ହୋଇଛି। ବର୍ତ୍ତମାନ ସମୟରେ ହୀରାକୁଦରେ ୬୨୬ ଫୁଟ ପାଣି ରହିବା ଜାଗାରେ ୬୨୦ ଫୁଟ ରହିଛି। ମହାନଦୀର ୬୫ ପ୍ରତିଶତ ଜଳ ସମୁଦ୍ରକୁ ବୋହି ଯାଉଛି। ସରକାର କୌଣସି ନଦୀରେ ଗୋଟିଏ ବି ବ୍ୟାରେଜ କରି ପାରିଲେ ନାହିଁ। ତୁରନ୍ତ ମରୁଡ଼ି ପରିସ୍ଥିତି ଘୋଷଣା କରାଯାଇ ଚାଷୀଙ୍କ ପାଇଁ ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ ବୋଲି ମୋହନ ଦାବି କରିଛନ୍ତି। ଭାଜପା ସଦସ୍ୟ ବିଷ୍ଣୁ ଚରଣ ସେଠୀ ମରୁଡି ପରିସ୍ଥିତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ରାଜ୍ୟର ୧୮ ଜିଲାରେ ନିଅଣ୍ଟିଆ ବର୍ଷା ଏବଂ ୭ ଜିଲାରେ ଉତ୍କଟ ମରୁଡି ପରିସ୍ଥିତି। କୃଷିକୁ ଅଣଦେଖା କଲେ ଆମେ ପସ୍ତେଇବୁ। ମନ୍ତ୍ରୀଙ୍କ ଉତ୍ତର ଶୁଆକୁ ଶିଖାଇଲା ଭଳି ହୋଇଛି। ଭାଜପା ସଭ୍ୟ ନାଉରୀ ନାୟକ ମଧ୍ୟ ମରୁଡ଼ି ପରିସ୍ଥିତିକୁ ନେଇ ସରକାରଙ୍କ ଭୂମିକାକୁ ସମାଲୋଚନା କରିଛନ୍ତି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର କହିଛନ୍ତି, କୃଷି ମନ୍ତ୍ରୀଙ୍କ ଉତ୍ତର ଅବାନ୍ତର ଭଳି ମନେ ହେଉଛି। ୩୦ ଜିଲାରୁ ୨୭ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ତୁରନ୍ତ ମରୁଡ଼ି ଘୋଷଣା କରନ୍ତୁ। ରାଜ୍ୟରେ ୯୫ପ୍ରତିଶତ ଉଠାଜଳସେଚନ ପଏଣ୍ଟ କାମ କରୁ ନାହିଁ। ଏଥିପାଇଁ କେଉଁ ପ୍ରକୃତି ଦାୟୀ ବୋଲି ନରସିଂହ ପ୍ରଶ୍ନ କରିବା ସହ ଏ ସରକାରରେ ମନ୍ତ୍ରୀଙ୍କର କୌଣସି ଅଧିକାର ଥିବା ଭଳି ମନେ ହେଉ ନାହିଁ। ସରକାର କୃଷି ବୀମାର ସମୟ ସୀମା ବୃଦ୍ଧି କରିବା ସହ ସରକାରୀ ବୀମା କମ୍ପାନୀକୁ ଦାୟିତ୍ୱ ଦିଆଯାଉ। ତୁରନ୍ତ ମରୁଡ଼ି ଘୋଷଣା କରିବା ସହ ଋଣ ଛାଡ଼ ପାଇଁ କେନ୍ଦ୍ରକୁ ଜଣାନ୍ତୁ। ମାଗଣା ବିହନ, ସାର ଓ କୀଟନାଶକ ଯୋଗାଇ ଦିଆଯାଉ। ଚାଷ ଉପରେ ନିର୍ଭର କରୁଥିବା ଶ୍ରମିକଙ୍କୁ ବେକାରି ଭତ୍ତା, ଉଠା ଜଳସେଚନ ପଏଣ୍ଟକୁ ସଚଳ କରିବା ସହ ଯେଉଁଠି ଧାନ ବଞ୍ଚିଛି ସେଠାରେ ୭ଦିନ ମଧ୍ୟରେ ଜଳ ଯୋଗାଇ ଦେବାକୁ ମିଶ୍ର ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମରୁଡି ଆଲୋଚନା ବେଳେ ରାଜସ୍ୱ ମନ୍ତ୍ରୀ, ଏସ୍‌ଆର୍‌ସିଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଏପରିକି ମୁଲତବୀ ଆଲୋଚନାର ଅଧାରୁ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିଜେଡି ସଭ୍ୟ ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ଧ୍ରୁବ ଚରଣ ସାହୁ, କିଶୋର ନାୟକ ପ୍ରମୁଖ ରାଜ୍ୟ ସରକାର କୃଷି ଓ ଚାଷୀଙ୍କ ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଚାଷୀଙ୍କ ବିକାଶ ଓ ଆୟ ବୃଦ୍ଧି ପାଇଁ ସରକାର ବହୁ ଯୋଜନା କରିଛନ୍ତି। ରାଜ୍ୟରେ କୃଷି ଉତ୍ପାଦନ ବଢ଼ିଛି। କୃଷି ପାଇଁ ସ୍ୱତନ୍ତ୍ର ବଜେଟ, କୃଷି କ୍ୟାବିନେଟ ଆଦି କରାଯାଇଛି। ମେଗା ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଜମିକୁ ଜଳ ସେଚନ କରାଯାଉଛି ବୋଲି ଶାସକ ସଦସ୍ୟମାନେ କହିଥିଲେ। ତେବେ କୃଷି ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ।

### ୨୩ ଜିଲାରେ ମରୁଡ଼ି...

ବିଗତ ବର୍ଷକୁ ତୁଳନା କଲେ ଅଗଷ୍ଟ ୨୮ ସୁଦ୍ଧା ୩.୪୫ ଲକ୍ଷ ହେକ୍ଟର କମ୍ ଜମିରେ ଚାଷ ହୋଇଛି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୮ ଥର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ମରୁଡ଼ି ଏକ ପ୍ରାକୃତିକ ଦୁର୍ବିପାକ। ଏହା ଜଳବାୟୁ ପରିବର୍ତ୍ତନ ଯୋଗୁ ହୋଇଥାଏ। ସ୍ଥିତି ବଦଳୁଥିବାରୁ ଫସଲର ଅବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସୁଛି। ରାଜ୍ୟରେ ହେଉଥିବା ମୋଟ୍ ଧାନଚାଷର ପ୍ରାୟ ୪୦ ଭାଗ ଜମିରେ ଧାନବୁଣା ଯାଉଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କିଛି ଜମିରେ ବେଉଷଣ କାର୍ଯ୍ୟ କରାଯାଇପାରିନାହିଁ। ରାଜ୍ୟର ସମସ୍ତ ଜିଲାପାଇଁ ଜିଲା ନୋଡାଲ ଅଫିସର ନିଯୁକ୍ତ କରାଯାଇଛି। ସେମାନେ ଜୁଲାଇ ଏବଂ ଅଗଷ୍ଟ ମାସରେ କ୍ଷେତ୍ର ପରିଦର୍ଶନ କରି ଫସଲର ଅବସ୍ଥା ଏବଂ ଜଳସେଚନର ବ୍ୟବସ୍ଥା ସମ୍ପର୍କରେ ସ୍ଥିତି ଆକଳନ କରିଛନ୍ତି। ୨୦୨୧ ଜୁଲାଇ ୨୦ରେ ମୁଖ୍ୟ ଶାସନ ସଚିବ ଫସଲର ସ୍ଥିତି ଅନୁଧାନ କରିବା ସହ କେନାଲ ପାଣି ଛାଡ଼ିବା ଏବଂ ଜଳସେଚନର ସମସ୍ତ ଉତ୍ସକୁ ବ୍ୟବହାର କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଜିଲା ପାଇଁ ଜରୁରିକାଳୀନ ଯୋଜନା ପ୍ରସ୍ତୁତ କରିବା ସହ ସମସ୍ତ ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଦ୍ୱାରା ଆପତ୍‌କାଳୀନ ଫସଲ ଯୋଜନା ପ୍ରସ୍ତୁତି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମରୁଡିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ସପ୍ତାହର ସୋମବାର କୃଷି ଉତ୍ପାଦନ କମିଶନରଙ୍କ ଅଧ୍ୟକ୍ଷତାରେ ଫସଲ ଓ ଏହାର ଅବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଓୟୁଏଟି, ଆଇଏମ୍‌ଡି, ଏସ୍‌ଆର୍‌ସି, ଜଳ ସମ୍ପଦ ଓ ସମବାୟ ବିଭାଗ ଅଧିକାରୀମାନେ ସାମିଲ ହେଉଛନ୍ତି। ଅବସ୍ଥା ନିରୀକ୍ଷଣ କରି ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି।

### ୨୫ ଟଙ୍କା ବଢ଼ିଲା...

୨ ଗୁଣରୁ ଅଧିକ ବଢ଼ିଛି। ସେହିଭଳି ସରକାର ସବସିଡିକୁ ଧୀରେ ଧୀରେ ବାଦ ଦେଉଥିବା ଜଣାପଡିଛି।ଦେଶର ବିଭିନ୍ନ ପ୍ରାନ୍ତରେ ବୁଧବାର ପେଟ୍ରୋଲ ଏବଂ ଡିଜେଲ ଦର ୧୩ରୁ ୧୫ ପଇସା ହ୍ରାସ ହୋଇଛି। ଭୁବନେଶ୍ୱରରେ ଏହା ଯଥାକ୍ରମେ ୧୪ ଏବଂ ୧୬ ପଇସା କମିଛି। ଫଳରେ ଏଠାରେ ପେଟ୍ରୋଲ ୧୦୨.୧୮ ଏବଂ ଏବଂ ଡିଜେଲ ୯୬.୭୬ ଟଙ୍କାରେ ବିକ୍ରି ହେଉଛି। ଦର ହ୍ରାସ ସତ୍ତ୍ୱେ ମଧ୍ୟ ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କାରୁ ଊର୍ଦ୍ଧ୍ୱରେ ରହିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧୦୧.୩୪ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ୮୮.୭୭ ଟଙ୍କା ରହିଛି। ମୁମ୍ବାଇରେ ଏହି ଦର ଯଥାକ୍ରମେ ୧୦୭.୩୯ ଟଙ୍କା ଏବଂ ୯୬.୩୯ ଟଙ୍କା ରହିଛି ବୋଲି ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି।

### ପଞ୍ଚାୟତ, ପୌର ନିର୍ବାଚନରେ...

ସମିତି ସଭ୍ୟ ଇତ୍ୟାଦି ପାଇଁ ଶତପ୍ରତିଶତ ଆଦିବାସୀମାନଙ୍କ ପାଇଁ ସଂରକ୍ଷଣ ରହିବ। ବୁଧବାର ସନ୍ଧ୍ୟା ୬ଟା ୧୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ବିଧାନସଭାର ମୌସୁମୀ ଅଧିବେଶନ ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କିତ କୌଣସି ସୂଚନା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇନାହିଁ।

### ୯ ବର୍ଷ ଆୟୁଷ...

ସର୍ବାଧିକ ହୋଇଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନରେ ଧାର୍ଯ୍ୟ ଘନମିଟର ପ୍ରତି ୧୦ ମାଇକ୍ରୋଗ୍ରାମ୍‌ର ୭ ଗୁଣ। ପ୍ରଦୂଷଣ ଅଞ୍ଚଳ ମଧ୍ୟ ସମୟକ୍ରମେ ବୃଦ୍ଧି ପାଉଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଭାରତ, ପାକିସ୍ତାନ, ବାଂଲାଦେଶ ଓ ନେପାଳକୁ ନେଇ ପ୍ରକାଶ ପାଇଥିବା ଏକ୍ୟୁଏଲ୍‌ଆଇ ତଥ୍ୟ ଅନୁଯାୟୀ ଯଦି ପ୍ରଦୂଷଣ ସ୍ତରକୁ ଡବ୍ଲ୍ୟୁଏଚ୍‌ଓ ଗାଇଡ୍‌ଲାଇନ ସ୍ତରକୁ ହ୍ରାସ କରାଯାଏ, ତେବେ ଏଠାର ଜନସାଧାରଣଙ୍କ ହାରାହାରି ଆୟୁଷ ଆଉ ୫.୬ ବର୍ଷ ବଢ଼ିଯିବ। ଦକ୍ଷିଣ ଏସିଆରେ ପ୍ରଦୂଷଣ ସାଙ୍ଗକୁ ଜନସଂଖ୍ୟା ଅଧିକ ହୋଇଥିବାବେଳେ ଉକ୍ତ ଅଞ୍ଚଳ ମୋଟ ଜୀବନ ବର୍ଷର ୫୮ ପ୍ରତିଶତ ହରାଉଥିବା ରିପୋର୍ଟରେ କୁହାଯାଇଛି। ୨୦୦୦ ତୁଳନାରେ ବର୍ତ୍ତମାନ ଭାରତ ଓ ପାକିସ୍ତାନରେ ଗାଡ଼ି ସଂଖ୍ୟା ୪ ଗୁଣ ବଢ଼ିଛି। ଭାରତ, ପାକ୍, ବାଂଲାଦେଶ ଏବଂ ନେପାଳରେ କୋଇଲାରୁ ବିଦ୍ୟୁତ୍ ଉତ୍ପାଦନ ୧୯୯୮ରୁ ୨୦୧୭ ମଧ୍ୟରେ ୩ ଗୁଣ ବୃଦ୍ଧି ପାଇଛି। ଏହା ବ୍ୟତୀତ ଜମିରେ ନଡ଼ା ପୋଡ଼ିବା, ଇଟା ଭାଟି ଏବଂ କଳକାରଖାନା ଯୋଗୁ ଉକ୍ତ ଅଞ୍ଚଳରେ ବାୟୁପ୍ରଦୂଷଣ ବୃଦ୍ଧିପାଉଛି। କଣିକା ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ପାଇଁ ସର୍ବାଧିକ ବିପଦ ବୋଲି ଏକ୍ୟୁଏଲ୍‌ଆଇ ରିପୋର୍ଟରେ କୁହାଯାଇଛି।

### ଆଫଗାନ ବାୟୋମେଟ୍ରିକ୍...

ଆଫଗାନ୍ ପର୍ସନେଲ୍ ଏବଂ ପେ ସିଷ୍ଟମ୍ ଭଳି ଯାନ୍ତ୍ରିକ ଉପକରଣ ସହ ପରିଚିତ ଦୁଇଜଣ ବ୍ୟକ୍ତିଙ୍କ ସହିତ ଏନେଇ ଆଲୋଚନା କରାଯାଇଥିଲା। ଆଫଗାନିସ୍ତାନରେ ନ୍ୟାଶନାଲ ଆର୍ମି ଓ ପୋଲିସକୁ ଅର୍ଥ ପ୍ରଦାନ ଲାଗି ସେଠାକାର ଉଭୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ବ୍ୟବହୃତ ଏହି ମେଶିନ ହେଉଛି ସବୁଠୁ ସମ୍ବେଦନଶୀଳ ବ୍ୟବସ୍ଥା। ତେଣୁ ଏହାକୁ ବ୍ୟବହାର କରି ସୁରକ୍ଷା କର୍ମୀ ଓ ସେମାନଙ୍କ ପରିବର୍ଦ୍ଧିତ ନେଟ୍‌ୱର୍କ ସମ୍ପର୍କରେ ବିସ୍ତୃତ ବିବରଣୀ ହାସଲ କରାଯାଇପାରେ। ୨୦୧୬ରେ ଜାଲ୍ ପରିଚୟ ବା ଭୂତ ସୈନିକଙ୍କୁ ଦରମା ସଂକ୍ରାନ୍ତୀୟ ଜାଲିଆତି ରୋକିବା ପାଇଁ ଏହାର ବ୍ୟବହାର ଆରମ୍ଭ କରାଯାଇଥିଲା। ଏପିପିଏସ୍‌ରେ ପ୍ରାୟ ପ୍ରତ୍ୟେକ ଆଫଗାନ୍ ସୈନିକ ଓ ପୋଲିସ କର୍ମଚାରୀଙ୍କ ୫୦ ହଜାର ରେକର୍ଡ ରହିଛି। ସେମାନଙ୍କୁ ଏଥିରେ ତାଲିକାଭୁକ୍ତ କରାଯିବା ଦିନଠାରୁ ଏହି ତଥ୍ୟ ସଂଗ୍ରହ କରାଯାଇଛି, ଯାହାକି ଉକ୍ତ ସିଷ୍ଟମ୍‌ରେ ସବୁଦିନ ପାଇଁ ରହିବ। ଜଣେ ସେନା ବା ପୋଲିସ ଚାକିରି ଛାଡ଼ିଦେଲେ ମଧ୍ୟ ଏହି ଡାଟା ଉକ୍ତ ମେଶିନରେ ଉପଲବ୍ଧ ରହିଥିବ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି। ରେକର୍ଡଗୁଡ଼ିକୁ ଅପ୍‌ଡେଟ୍ କରିହେବ କିନ୍ତୁ ଡାଟା ଡିଲିଟ୍ ଅପ୍‌ଶନ୍ ସେଥିରେ ନାହିଁ। ଏପରି କି ତାଲିବାନର କାବୁଲ ଦଖଲ ଭଳି ଜରୁରୀ ପରିସ୍ଥିତିରେ ବି ଡାଟା ହଟାଇବା ଅସମ୍ଭବ।

ନାଟୋର କମ୍ବାଇଣ୍ଡ ସିକ୍ୟୁରିଟି ଟ୍ରେନିଂ କମାଣ୍ଡ-ଆଫଗାନିସ୍ତାନରୁ ପୋଲିସ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବିବରଣୀ ସମ୍ପର୍କରେ କେତେକ ତଥ୍ୟ ଜଣାପଡ଼ିଛି। କେବଳ ଗୋଟିଏ ଆପ୍ଲିକେଶନ ୩୬ ଡାଟା ପଏଣ୍ଟ ସଂଗ୍ରହ କରିଥିଲା। ଅନ୍ୟପକ୍ଷେ ଏପିପିଏସ୍‌ରେ ଥିବା ପ୍ରତ୍ୟେକ ପ୍ରୋଫାଇଲ୍‌ରେ ଅନ୍ୟୂନ ୪୦ ଡାଟା ଫିଲ୍ଡ ରହିଥିବା ଏମ୍‌ଆଇଟି ରିଭ୍ୟୁ ସୂତ୍ରରୁ ଜଣାପଡ଼ିଛି। ଆଫଗାନ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଜଡ଼ିତ ପ୍ରତ୍ୟେକ ପ୍ରୋଫାଇଲ୍‌ର ନାମ, ଜନ୍ମ ତାରିଖ ଓ ସ୍ଥାନ ଏବଂ ଏକକ ପରିଚୟ ପତ୍ର ସଂଖ୍ୟା ଭଳି ବ୍ୟକ୍ତିଗତ ତଥ୍ୟ ଏଥିରେ ରହିଛି। ଏହା ଅତ୍ୟନ୍ତ ବିପଜ୍ଜନକ ବୋଲି ଡାଟା ଭିତ୍ତିଭୂମି ଓ ସାଧାରଣ ନୀତି ଉପରେ ଅଧ୍ୟୟନ କରୁଥିବା ଅଣଲାଭକାରୀ ଗବେଷଣା ସଂସ୍ଥା 'ଡାଟା ଆଣ୍ଡ୍ ସୋସାଇଟି'ର ସ୍କୋଲାର ରଞ୍ଜିତ୍ ସିଂ କହିଛନ୍ତି। ରଞ୍ଜିତଙ୍କ ମତରେ ଏହା ଏକ ସମୁଦାୟ ମଧ୍ୟରେ ଥିବା ଯୋଗସୂତ୍ରର 'ଜିନିଓଲୋଜି', ଯାହା କି ସମସ୍ତ ଆଫଗାନ୍ ନାଗରିକଙ୍କୁ ବିପଦରେ ପକାଇଛି। କିନ୍ତୁ ସେଥିରେ ଥିବା ସମସ୍ତ ଡାଟାର ସ୍ପଷ୍ଟ ବ୍ୟବହାର ହୋଇପାରିବ ନାହିଁ। ଉଦାହରଣ ସ୍ୱରୂପ, ପୋଲିସ ଆଇଡି ଆପ୍ଲିକେଶନ ଫର୍ମରେ ମଧ୍ୟ ନିଯୁକ୍ତି ଦିଆଯାଉଥିବା ସୈନ୍ୟଙ୍କ ପ୍ରିୟ ଖାଦ୍ୟ ଓ ପନିପରିବା ସମ୍ପର୍କରେ ଉଲ୍ଲେଖ ରହିଛି। ଉକ୍ତ ଆପ୍ଲିକେଶନକୁ ବ୍ୟବହାର କଲେ ଭେରିଫିକେଶନ ପାଇଁ ୟୁଜର୍ସଙ୍କୁ ଏ ସମ୍ପର୍କିତ ବ୍ୟକ୍ତିଗତ ପ୍ରଶ୍ନ ପଚାରିବ। ଆଫଗାନିସ୍ତାନରେ ଆମେରିକୀୟ ସେନା ଓ ଏହାର କଣ୍ଟ୍ରାକ୍ଟରମାନେ ବାୟୋମେଟ୍ରିକ୍ ସୂଚନା ସଂଗ୍ରହ କରିବା ଯାଏ ଡାଟା ପ୍ରିଭେସି ଆଇନ ପ୍ରଣୟନ ହୋଇ ନ ଥିଲା। ପ୍ରକାଶ ଯେ, ୨୦୧୬ରେ ଚରମପନ୍ଥୀମାନେ କୁନ୍ଦୁଜ୍ ଅଭିମୁଖେ ଯାଉଥିବା ଏକ ବସ୍‌ରେ ଅତର୍କିତ ଆକ୍ରମଣ କରି ୨୦୦ ଯାତ୍ରୀଙ୍କୁ ପଣବନ୍ଦୀ ରଖିଥିଲେ। ଶେଷରେ ସେମାନେ ୧୨ ଜଣଙ୍କୁ ହତ୍ୟା କରିଥିଲେ। ମୃତକଙ୍କ ମଧ୍ୟରେ ପରିବାର ଲୋକଙ୍କୁ ଭେଟି ସେନାକୁ ଫେରୁଥିବା ନ୍ୟାଶନାଲ ଆର୍ମିର କେତେଜଣ ସୈନ୍ୟ ଥିଲେ। ସେହି ସମୟରେ ତାଲିବାନ୍ ଲୋକଙ୍କ ପରିଚୟ ଯାଞ୍ଚ ପାଇଁ କେତେକ ଫିଙ୍ଗରପ୍ରିଣ୍ଟ ସ୍କାନର ବ୍ୟବହାର କରୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଥିଲେ। ଏହି ଘାତକ ଆକ୍ରମଣ ପରେ ଆଫଗାନିସ୍ତାନରେ ବାୟୋମେଟ୍ରିକ ଡାଟାବେସ୍‌ର ଗୁରୁତ୍ୱ ସାମ୍ନାକୁ ଆସିଥିଲା।

## ଆଫଗାନ୍ ବାୟୋମେଟ୍ରିକ ପ୍ରୋଗ୍ରାମ

ଆଫଗାନିସ୍ତାନରେ ଆମେରିକୀୟ ସୁରକ୍ଷାବଳ ଉପସ୍ଥିତ ଥିବାବେଳେ ୨୦୦୯ରେ ପ୍ରାୟ ୩ ଲକ୍ଷ ଆଫଗାନ୍‌ଙ୍କ ଡାଟା ସଂଗ୍ରହ କରିଥିଲା। ଏଥିରେ ଆଫଗାନ୍ ସୈନ୍ୟ ଏବଂ ବନ୍ଦୀମାନଙ୍କ ତଥ୍ୟ ରହିଥିଲା। ୨୦୧୦ ନଭେମ୍ବରରେ ସେଠାରେ ଏକ ବାୟୋମେଟ୍ରିକ୍ ସେଣ୍ଟର ଖୋଲାଯାଇଥିଲା। ତାଲିବାନ୍ ଆତଙ୍କବାଦୀଙ୍କୁ ସହଜରେ ଚିହ୍ନିବା ପାଇଁ ପ୍ରାୟ ୨ କୋଟି ୫୦ ଲକ୍ଷ ଆଫଗାନ୍ ନାଗରିକଙ୍କ ସମସ୍ତ ଡାଟା ଆମେରିକା ଏକାଠି କରିଥିଲା। ପରେ ଏହି ତାଲିକାରେ ଆଫଗାନିସ୍ତାନ ସରକାରଙ୍କ ସହ କାମ କରିଥିବା ଏବଂ ଆମେରିକାକୁ ସହଯୋଗ କରିଥିବା ଲୋକଙ୍କ ତଥ୍ୟ ମଧ୍ୟ ସାମିଲ ହୋଇଥିଲା। ୧୨ ବର୍ଷ ଧରି ଆମେରିକା ପକ୍ଷରୁ ସଂଗୃହୀତ ପ୍ରାୟ ସମସ୍ତ ଆଫଗାନ୍ ସହଯୋଗୀଙ୍କ ବାୟୋମେଟ୍ରିକ୍ ଡାଟା ଏବେ ତାଲିବାନ୍ ହାତରେ ଲାଗିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଆପଣଙ୍କୁ ପାରିବାରିକ ସୁଖ ସମୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ଆଶା ଅନୁଯାୟୀ ଫଳ ମିଳିବ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା ସମୟରେ ଅପରିଚିତଙ୍କ ସହ କଳହ ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ବୃଷ**



ଆଜି ବନ୍ଧୁଙ୍କ ସାହାଯ୍ୟରୁ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନୂତନ ଯୋଜନା ଆରମ୍ଭରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ମିଥୁନ**



ଅଫିସ୍ କାମରେ ସମସ୍ୟା ସମାଧାନ ରାସ୍ତା ଖୋଜି ପାଇବେ। କୌଣସି ବନ୍ଧୁ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ବହୁତ ଦିନରୁ ଅଟକି ରହିଥିବା କିମ୍ବା ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**କର୍କଟ**



ସହକର୍ମୀଙ୍କ ସହଯୋଗରେ କୌଣସି ବଡ଼ କାମ ହାସଲରୁ ଆତ୍ମତୃପ୍ତି ଲଭିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଆଜିର ଦୂରଯାତ୍ରା କାଳରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ସିଂହ**



ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମାଲିମକଦ୍ଦମାର ଆପୋସ ସମାଧାନ ହୋଇଯିବ। ମହିଳାମାନଙ୍କ ପାରିବାରିକ ସ୍ଥିତି ସୁଦୃଢ଼ ରହିବ।

**କନ୍ୟା**



ଆଜି ଆପଣ ଯେଉଁ କାମଟିକୁ ଆରମ୍ଭ କରିବେ ତାହା ଅତି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କୃତି ଓ କୃତିତ୍ୱ ହେତୁ ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ପରିବାରରେ ଅଶାନ୍ତ ଦୂର ହେବ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

**ତୁଳା**



ଆଜି କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିରେ ପଡ଼ି ଅଣନିଃଶ୍ୱାସୀ ହୋଇପାରନ୍ତି। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। କୌଣସି ଭଦ୍ର ମହିଳାଙ୍କ ଅନୁକମ୍ପାମୂଳକ ସାହାଯ୍ୟ ଦ୍ୱାରା ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହଯୋଗ କାରଣରୁ ଶତ୍ରୁମାନେ କିଛି କ୍ଷତି କରିପାରିବେ ନାହିଁ।

**ବିଛା**



ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ସଭାସମିତିରେ ତଥା ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ଲାଗି ରହିବ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଆର୍ଥିକ ସମସ୍ୟା ନିର୍ମାଣ କାମକୁ ଅଟକାଇ ଦେଇପାରେ।

**ଧନୁ**



ଯେଉଁ କାମ ହାତକୁ ନେଇଛନ୍ତି ତାହା ବଢ଼ାଇ ନିଅନ୍ତୁ, କିଛି ଅସୁବିଧା ହେବନି। ସକାଳୁ ସକାଳୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପାଖ, ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଆଇନ ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**ମକର**



ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଲାଘବ ହେବ। କର୍ମକ୍ଷେତ୍ରରେ ସତର୍କତାର ସହ କାମ ନ କଲେ ଅସୁବିଧାରେ ପଡ଼ିପାରନ୍ତି। ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ, ଯାହାକି ଆପଣଙ୍କ ସକାଶେ ହିତକର ହେବ।

**କୁମ୍ଭ**



ଆଜି କର୍ମାରମ୍ଭ, ଯାନବାହନ କ୍ରୟ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ସମସ୍ୟା ଯାହା ହେଉନା କାହିଁକି ପ୍ରତିଟି କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ମନୋବଳ ବୃଦ୍ଧି ପାଇବ।

**ମୀନ**



ପୂର୍ବର ବିବାଦୀୟ ବିଷୟ ଚିନ୍ତା କରି ନିକଟ ସମ୍ପର୍କୀୟମାନେ ମଧ୍ୟ ପାଖ ମାଡ଼ିବେ ନାହିଁ। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସମସ୍ୟା ମଧ୍ୟରେ ଚଳିବା ହେତୁ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।


# classifieds Everyday
0674-2580101, 2549302




**SALE**

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

ହଂସପାଳ, ଅଟଳା, ପାହାଳ **Duplex/ Simplex** ପ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। **7855995233.** D-71407

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **Commercial Hub Grand Bazar** ସମ୍ମୁଖରୁ **1 K.M.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249310759.** D-70893

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




ବମିଖାଲସ୍ଥିତ ESPLANADE MALL ସମ୍ମୁଖରେ ୨ ବଖରାବିଶିଷ୍ଟ OUT HOUSE ଅଫିସ ନିମନ୍ତେ ଭଡ଼ା ଦିଆଯିବ। ଇଚ୍ଛୁକ ବ୍ୟକ୍ତି ମୋବାଇଲ ନମ୍ବର 6372530365 କିମ୍ବା 9937044577ରେ ଯୋଗାଯୋଗ କରିପାରନ୍ତି। ଧ-୨୧୫୧୫

For rent proposals are invited from persons in transferable jobs, preferably in I.T. Sector for an one bed room flat at 2nd floor of area 927 sqft. (Super Built) at Mandakini Garden Resorts, behind KIITS Law College, Patia, Bhubaneswar. Contact: Mobile No.- 9938138185. D-69047

900 sqft. for office near Kalpana Sqr. 12500PM 7008217619. D-70477

NH Road Side Land and Building with Electricity, Water, Boundary Wall, Parking space for Commercial Purpose Bank, Godown, Clinic at Khordha Nayagarh Road. Half-kilometre from Khordha Road. Contact-9777594139. D-21483




Refreshing your mind, your body with tha best therapy at Lotus SPA. 8018891951. D-70474

Monalisa massage Club: All types Body massage with hiprofile smart lady rooms service available. 9708545108. D-21491

Newly open Saikrupa Panchakarma Spa positively health benefits with Expert. 8984068077. D-21451

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

Take wellness relax massage trained ladies / jents therapist 800/-. 7008773793. D-71409

Newly open full body massage Ladies and Gents. 8658471570, 8658994614. D-70473

Swarna SPA newly open positively health benefits with expert therapist. 9556978408. D-71139

Newly open therapy centre offer @ 799/-, positively health benefits. 7381172169. D-71410

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଯୁବକଙ୍କୁ ପିଟି ହତ୍ୟା, ୩ ଗିରଫ
#### ପରକୀୟା ପ୍ରୀତି ସନ୍ଦେହ

**ରାୟଗଡ଼ା ଅଫିସ,୧୯:** ରାୟଗଡ଼ା ସହର କପିଳାସ ରୋଡ୍‌ସ୍ଥିତ ଏକ ଘରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବି. ରାଜେଶ(୨୫)। ପରକୀୟା ପ୍ରୀତି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜେଶଙ୍କ ବନ୍ଧୁ ଏଲ୍. ସୀମାଞ୍ଚଳ ଏବଂ ହତ୍ୟାରେ ସହଯୋଗ କରିଥିବା ବାବୁ ପାଢ଼ୀ ଓ ଗୁଲୁଲୁ। ସୂଚନା ଅନୁଯାୟୀ, ରାଜେଶ ସୀମାଞ୍ଚଳଙ୍କ ଘରକୁ ଅନେକ ସମୟରେ ଯାଉଥିଲେ। କିଛିଦିନ ତଳେ ସୀମାଞ୍ଚଳ ଏ ବିଷୟରେ ଜାଣିବା ପରେ ସ୍ତ୍ରୀଙ୍କ ସହ ତାଙ୍କର ଖରାପ ସମ୍ପର୍କ ଥିବା ସନ୍ଦେହ କରିଥିଲେ। ଏହାକୁ ନେଇ ରାଜେଶ ଏବଂ ସୀମାଞ୍ଚଳଙ୍କ ମଧ୍ୟରେ ମଙ୍ଗଳବାର ରାତିରେ ଝଗଡ଼ା ହୋଇଥିଲା। ଏହାପରେ ରାଜେଶ ଘରେ ଏକା ଥିବା ଜାଣି ସୀମାଞ୍ଚଳ ଏବଂ ତାଙ୍କର ୨ ସହଯୋଗୀ ବାବୁ ଓ ଗୁଲୁଲୁ ମିଶି ରାଜେଶଙ୍କୁ ପିଟି ହତ୍ୟା କରିଥିବା ଜଣାପଡ଼ିଛି। ଗୁରୁବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଟାଉନ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ରାଜେଶଙ୍କ ଭାଇ ବି. ରାକେଶଙ୍କ ଏତଲା ଅନୁଯାୟୀ, ଥାନାରେ ନଂ. ୧୯୧/୨୧ ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ଲୋକେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିବା ଜଣାପଡ଼ିଛି।

# 'ଚାହିଦା ମୁତାବକ ସାର ଯୋଗାଉ ନାହାନ୍ତି'
## କେନ୍ଦ୍ର ବିରୋଧରେ ରାସ୍ତାକୁ ଓହ୍ଲାଇଲା ବିଜେଡି


ରାଜଭବନ ସମ୍ମୁଖରେ ବୁଧବାର ବିଜୁ କୃଷକ ଜନତା ଦଳ ପକ୍ଷରୁ ଧାରଣା।

**ଭୁବନେଶ୍ୱର, ୧୯(ବ୍ୟୁରୋ)**

ଓଡିଶାର ଚାଷୀଙ୍କ ପ୍ରତି କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ରାଜ୍ୟକୁ ଚଳିତ ଖରିଫ ଫସଲ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ରାସାୟନିକ ସାର ଯଥା ୟୁରିଆ, ଡି.ଏ.ପି ଏବଂ ଏମ୍.ଓ.ପି ସାର ଯୋଗାଣ କରାଯାଇ ନ ଥିବା ବିଜେଡି ଅଭିଯୋଗ କରିଛି। ଏହାକୁ ପ୍ରତିବାଦ କରି ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବୁଧବାର ବିଜୁ କୃଷକ ଜନତା ଦଳ ରାଜଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହି ପ୍ରତିବାଦ ସଭାରେ ବହୁ ବିଜେଡି ନେତା କେନ୍ଦ୍ର ସରକାର ଚାଷୀ ବିରୋଧୀ ବୋଲି କହି ବର୍ଷିଛନ୍ତି। କେନ୍ଦ୍ର ସରକାରଙ୍କ ଏହା ଦୋମୁହାଁ ନୀତି ବୋଲି ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି।

ଏହି ଅବସରରେ ବିଜେଡି କହିଛି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ବିଷୟରେ ଗତ ମାସରେ ସାର ଓ ରାସାୟନିକ ମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ହେଲେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିଲେ ନାହିଁ। ରାଜ୍ୟରେ ସାରର ଘୋର ଅଭାବ ରହିଛି। କେନ୍ଦ୍ରରୁ ଆବଶ୍ୟକ ସାର ଆସୁ ନ ଥିବାରୁ ରାଜ୍ୟରେ ଏହାର ଅଭାବ ଦେଖାଦେଇଛି। ଯାହା ଫଳରେ ରାଜ୍ୟରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

- ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲା ଶାସକ ଦଳ
- ଭାଜପା କହିଲା ଗୃହରେ ଆଲୋଚନା ଲାଗି ବିଜେଡିର ସାହସ ନ ଥାଏ

ଆବଶ୍ୟକ ସାର ପାଇଁ ରାଜ୍ୟ ସରକାର ଦାବି କରିଆସୁଛନ୍ତି। ଏନେଇ ପୂର୍ବରୁ କୃଷି ମନ୍ତ୍ରୀ କେନ୍ଦ୍ରକୁ ଚିଠି ମଧ୍ୟ ଲେଖିଛନ୍ତି। ମରୁଡି ସମୟରେ ଚାଷୀ ହତାଶ ହେଉଥିବା ବେଳେ କେନ୍ଦ୍ରର ଏହି ଅବହେଳାକୁ ବିଜେଡି ତୀବ୍ର ବିରୋଧ କରିଛି। ଏହି ପ୍ରସଙ୍ଗରେ ବୁଧବାର ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରାଯାଇଛି। ଏହାସହ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜେଡିର ଅଭିଯୋଗ ମୁତାବକ, ରାଜ୍ୟକୁ ୪ ଲକ୍ଷ ମେଟ୍ରିକ ଟନ୍ ସାରର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ୨ ଲକ୍ଷ ମେଟ୍ରିକ ଟନ୍ ପ୍ରଦାନ କରିଛି। ଚାଷ କାର୍ଯ୍ୟ ସମୟ ସରି ଆସୁଥିବାବେଳେ କେନ୍ଦ୍ର ସରକାର ୟୁରିଆ ସାର ଯୋଗାଉ ନାହିଁ। ଏହି କାର୍ଯ୍ୟକ୍ରମରେ ବିଜେଡି ଉପସଭାପତି ଦେବୀ ମିଶ୍ର, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ଅନ୍ୟପଟେ ବିଜେଡି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ବିଧାନସଭା ମୌସୁମୀ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି। ଶାସକ ଦଳ ବିଭିନ୍ନ ପ୍ରସଙ୍ଗରେ ଗୃହରେ ଆଲୋଚନା କରିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଶାସକ ବିଜେଡି ଗୃହ ବାହାରେ ଆନ୍ଦୋଳନ କରୁଛି। ରାଜ୍ୟବାସୀଙ୍କ ସମସ୍ୟାର ସମାଧାନ ପାଇଁ ଗୃହରେ ଆଲୋଚନା ପାଇଁ ବିଜେଡିର ସାହସ ନ ଥାଏ। ବିଭିନ୍ନ ଆଳ ଦେଖାଇ ବିଧାନସଭା କାର୍ଯ୍ୟ ସ୍ଥଗିତ କରିବାରେ ବିଜେଡି ପାରଙ୍ଗମ। ସମଗ୍ର ରାଜ୍ୟରେ ମରୁଡ଼ି କବଳିତ କରିଥିବାବେଳେ ଆଲୋଚନାକୁ ନ ଆସି ଶାସକ ଦଳ ନେତା ରାଜରାସ୍ତାରେ ଆନ୍ଦୋଳନ କରିବା ହାସ୍ୟାସ୍ପଦ। ନିଜ ଅପାରଗତା ଓ ସ୍ଥାଣୁତାକୁ ଲୁଚାଇବାକୁ ଯାଇ ବିଜେଡି ପୁଣି ଏକ ନାଟକ କରିଛି। ସାର ପ୍ରସଙ୍ଗରେ ଧାରଣ ଦେଇ ମିଥ୍ୟାକୁ ସତ୍ୟରେ ପରିଣତ କରିବାର ହୀନ ପ୍ରୟାସ ଅତ୍ୟନ୍ତ ନିନ୍ଦନୀୟ ବୋଲି ଗୋଲକ କହିଛନ୍ତି।

# ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ କୋର୍ଟ ଉଦ୍‌ଘାଟିତ



**କଟକ ଅଫିସ,୧୯**

ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବୁଧବାର ରାଜ୍ୟର ବିଭିନ୍ନ ଜିଲାରେ ନୂତନ କୋର୍ଟ ଉଦ୍‌ଘାଟିତ ହୋଇଛି। ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିଥିଲେ। ଭର୍ଚୁଆଲ ମୋଡ୍‌ରେ ପ୍ରଥମେ କେନ୍ଦୁଝର ଜିଲା ତେଲକୋଇଠାରେ ସିଭିଲ ଜଜ୍ (ଜୁନିୟର ଡିଭିଜନ) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜେଏମ୍‌ଏଫ୍‌ସି) ଉଦ୍‌ଘାଟନ କରିଥିଲେ। ପରେ ବଲାଙ୍ଗୀର ଜିଲା ବଙ୍ଗମୁଣ୍ଡା, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର, ମୋରଡ଼ା, ଯଶୀପୁର, ନବରଙ୍ଗପୁର ଜିଲା ଝରିଗାଁରେ ସିଭିଲ ଜଜ୍ (ଜୁନିୟର ଡିଭିଜନ) ତଥା ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ହାଇକୋର୍ଟ ଜଷ୍ଟିସ ଏସ୍. ପୂଜାହାରୀ, ଜଷ୍ଟିସ କେ. ଆର. ମହାପାତ୍ର, ଜଷ୍ଟିସ ବି.ପି. ରାଉତରାୟ, ଜଷ୍ଟିସ ଏସ. କେ. ପାଣିଗ୍ରାହୀ, ଜଷ୍ଟିସ ବି.ଆର. ଷଡ଼ଙ୍ଗୀ, ଜଷ୍ଟିସ ଏସ୍.କେ. ସାହୁ, ଜଷ୍ଟିସ ସାବିତ୍ରୀ ରଥଙ୍କ ସମେତ ଉପରୋକ୍ତ ଜିଲାର ବିଚାରପତିମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉପସ୍ଥିତ ଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 6037/PSC, (DR-IV) (2PG-01-2021-22) Dt. 1.9.21

**PROGRAMME NOTICE FOR CONDUCT OF PRACTICAL TEST FOR RECRUITMENT TO THE POST OF PROGRAMMER FOR OFFICE OF OPSC, PURSUANT TO ADVERTISEMENT NO.03 OF 2021-22**

D-110:- The **Practical Test** for Recruitment to the post of **Programmer**, pursuant to Advertisement No. **03 of 2021-22** will commence on **05.09.2021 (Sunday)** at 04 (Four) examination centres at Bhubaneswar Zone as per the following programme:-

| Date | Time |
|---|---|
| 05.09.2021 (Sunday) | 10.00 A.M. to 12.30 P.M. |

2. The details of Examination Centres alongwith allotment of Roll Numbers are given below:-

| Sl. No. | Name of the Examination Centres with Complete Address | Roll Numbers allotted From..... to ...... | Number of candidates alloted |
|---|---|---|---|
| 1 | NM Institute of Engineering and Technology, Sijua, Patrapada (near AIIMS), BBSR, 751019 | 101 to 216 | 116 |
| 2 | Gandhi Institute for Education and Technology (GIET), Baniatangi, Khordha, 752060 | 217 to 271 | 55 |
| 3 | Gandhi Institute for Technological Advancement (GITA), Badaraghunathpur, PO- Madanpur, 752054 | 272 to 391 | 120 |
| 4 | Government ITI, Bhubaneswar, Governer House Square, Unit-8, Nayapalli, BBSR-12 | 392 to 441 | 50 |

The list of eligible candidates is available in the website of the Commission for information of all concerned.

The admitted candidates are required to download their "**Admission Certificates**" and "**Instructions to candidates**" from the Website fo the Commission (www.opsc.gov.in) which is to be uploaded shortly.

OIPR-12002/11/0074/2122 Sd./- Secretary


# ସୌମ୍ୟଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଟିମ୍: ପରିବାର ଲୋକଙ୍କ ବୟାନ ରେକର୍ଡ

**ଖଇରା,୧୯(ଡି.ଏନ.ଏ)**

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ବୁଧବାର ସୌମ୍ୟଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି। କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଜ୍ଞାନ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ସୌମ୍ୟଙ୍କ ଘର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବେଗୁନିଆ ଗ୍ରାମରେ ପହଞ୍ଚିଥିଲେ। ସୌମ୍ୟଙ୍କ ବାପା ଅଭିରାମ, ମା' ତୁଳସୀ, ମାମୁ ଶୀତିକଣ୍ଠ ପଣ୍ଡାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟଙ୍କୁ ପଚରାଉଚୁରା କରିଥିଲେ। ପରିବାର ଲୋକେ ସୌମ୍ୟ ଫୋନରେ କରିଥିବା ବାର୍ତ୍ତାଳାପ, ବିଦ୍ୟାଭାରତୀଙ୍କ ସହ ଡିଏଫଓଙ୍କ ସମ୍ପର୍କ ବିଷୟରେ କ୍ରାଇମ୍‌ବ୍ରାଞ୍ଚ ଟିମ୍‌କୁ ଜଣାଇଥିଲେ। ଦୀର୍ଘ ସାଢ଼େ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେମାନଙ୍କର ବୟାନ ରେକର୍ଡ କରାଯାଇଥିଲା। ତେବେ ଏଭଳି ତଦନ୍ତ ଉପରେ ବିଶେଷ ଭରସା ନ ଥିବା ସୌମ୍ୟଙ୍କ ମା' ତୁଳସୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିଭଳି ବାପା ଅଭିରାମ ମଧ୍ୟ ତଦନ୍ତ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଯେ ପର୍ଯ୍ୟନ୍ତ ବିଦ୍ୟାଭରାତୀ ଓ ରୋଷୋୟାଙ୍କୁ ଗିରଫ କରା ନ ଯାଇଛି ଏବଂ ଡିଏଫଓଙ୍କୁ ଚାକରିରୁ ନିଲମ୍ବନ କରା ନ ଯାଇଛି ତଦନ୍ତ ଠିକ୍ ଭାବେ ହୋଇ ପାରିବ ନାହିଁ। କାରଣ ନିଲମ୍ବନ ନ ହେବା ପର୍ଯ୍ୟନ୍ତ ତଦନ୍ତ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଗୁରୁବାର ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ପଚରାଉଚୁରା ପାଇଁ ମୟୂରଭଞ୍ଜ ଜିଲା କପ୍ତିପଦା ଯାଇପାରନ୍ତି ବୋଲି କୁହାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୧୨ ତାରିଖ ରାତିରେ ଏସିଏଫ୍ ସୌମ୍ୟ ରଞ୍ଜନ ରହସ୍ୟଜନକ ଭାବେ ପୋଡ଼ି ହୋଇ ଯାଇଥିଲେ। ତହିଁ ପର ଦିନ ଚିକିତ୍ସାଧିନ ଅବସ୍ଥାରେ କଟକଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ପୋଡ଼ି ହତ୍ୟା କରାଯାଇଥିବା ତାଙ୍କ ବାପା ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ସମ୍ପୃକ୍ତି ଥିବା ନେଇ ଏତଲାରେ ଦର୍ଶାଇଥିଲେ। ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ କରୁଥିଲେ ହେଁ ରହସ୍ୟର ପର୍ଦ୍ଦାଫାସ କରି ପାରି ନ ଥିଲେ। ପରେ କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଇତିମଧ୍ୟରେ ପାରଳାଖେମୁଣ୍ଡି ଯାଇ ଡିଏଫ୍ଓଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଜେରା କରି ସାରିଛି। ବିଦ୍ୟାଭାରତୀଙ୍କୁ ଜେରା ପରେ ରହସ୍ୟ ଉପରୁ ପର୍ଦ୍ଦା ହଟିବ ବୋଲି କୁହାଯାଉଛି।


ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ରଙ୍କୁ କ୍ରାଇମବ୍ରାଞ୍ଚ ଅଧିକାରୀ ପଚରାଉଚରା କରୁଛନ୍ତି।

# ଯାଜପୁର ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ଜବାବ ତଲବ
## ବୃଦ୍ଧାଙ୍କୁ ହାତଗୋଡ ବାନ୍ଧି ମାଡ଼ ମାରିବା ଘଟଣା

**ଯାଜପୁର ଅଫିସ,୧୯:** ଜମି ବିବାଦରୁ ପରିବାର ଲୋକେ ଜଣେ ୮୦ ବର୍ଷ ବୟସ୍କ ବୃଦ୍ଧାଙ୍କୁ ହାତଗୋଡ ବାନ୍ଧି ମାଡ ମାରିବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲାପାଳଙ୍କୁ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, କୋରେଇ ବ୍ଲକ ଅନ୍ତର୍ଗତ ହଳଦୀଗଡ଼ିଆ ପଞ୍ଚାୟତ ଶାଳକଣା ଗ୍ରାମର ସାବିତ୍ରୀ ମହାରଣାଙ୍କୁ ଗତ ଜୁଲାଇ ୧୭ ତାରିଖରେ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଖୁଣ୍ଟରେ ବାନ୍ଧି ପୁଅ ମାଡ ମାରିଥିଲେ। ଏପରି କି ବୃଦ୍ଧା ରହୁଥିବା ଘରକୁ ମଧ୍ୟ ପୁଅ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ସାମାଜିକ କର୍ମୀ ଭୁବନ ମହାନ୍ତି ପ୍ରତିବାଦ କରିବା ସହ ଜାତୀୟ ମାନବାଧିକାର ପ୍ରତିରକ୍ଷାକାରୀ ଭଜମନ ବିଶ୍ୱାଳଙ୍କ ମାଧ୍ୟମରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଏନେଇ ଏନ୍‌ଏଚ୍‌ଆର୍‌ସିରେ ୧୮୯୩/୧୮/୨୪/୨୦୨୧ରେ ଏକ ମାମଲା ରୁଜୁ ହୋଇଥିଲା।

# ବିଧାନସଭାରେ ଶୋକ
## ଏମ୍‌ସରୁ ଭର୍ଚୁଆଲରେ ଯୋଗ ଦେଲେ ବିରୋଧୀ ଦଳ ନେତା





**ଭୁବନେଶ୍ୱର,୧୯(ବ୍ୟୁରୋ)**

ସ୍ୱର୍ଗତ ସଦସ୍ୟମାନଙ୍କ ବିୟୋଗରେ ବିଧାନସଭାରେ ଶୋକ କରାଯାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦିବଂଗତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ପାଇଁ କହିଥିଲେ। ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ, କାର୍ତ୍ତିକ ପ୍ରସାଦ ତରାଇ, ପୂର୍ବତନ ସରକାରୀ ଉପମୁଖ୍ୟ ସଚେତକ ବିବେକାନନ୍ଦ ମେହେର, ବିଧାନସଭା ସଦସ୍ୟ ଅରୁଣ ଦେ, ଚନ୍ଦ୍ରମା ସନ୍ଥ, କମଳାକାନ୍ତ ନାୟକ, ଉମାକାନ୍ତ ମିଶ୍ର, ବିକ୍ରମ କେଶରୀ ବର୍ମା, ଓଡ଼ିଶା ପୋଲିସର ପୂର୍ବତନ ହାବିଲଦାର ସୁନୀଲ କୁମାର ନାୟକ, ପୂର୍ବତନ ଓଡ଼ିଶା ପୋଲିସର ଯବାନ ଅନିଲ ଏକ୍କା ଏବଂ କରୋନା ମହାମାରୀ ସମୟରେ ନିଜର କର୍ତ୍ତବ୍ୟ ପାଳନ କରୁଥିବା କୋଭିଡ୍ ଯୋଦ୍ଧାମାନଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ଓ ଗୃହର ସଦସ୍ୟମାନଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏଥିସହ ସେ ସ୍ୱର୍ଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବାଚସ୍ପତିଙ୍କ ଜରିଆରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗୃହର ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ସମର୍ଥନ କରିଥିଲେ। କରୋନାରେ ଆକ୍ରାନ୍ତ ହୋଇ ପ୍ରଦୀପ୍ତ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ବିଧାନସଭାରେ ପ୍ରତ୍ୟକ୍ଷ ଭାବେ ଯୋଗ ଦେଇ ନ ଥିଲେ ମଧ୍ୟ ଡାକ୍ତରଖାନାରୁ ଭର୍ଚୁଆଲ ମାଧ୍ୟମରେ ଶୋକ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅସୁସ୍ଥତା ସତ୍ତ୍ୱେ ସେ ଅଧିବେଶନରେ ଯୋଗ ଦେଇଥିଲେ। ସ୍ୱର୍ଗତ ସଦସ୍ୟ, ପୂର୍ବତନ ପୋଲିସ କର୍ମଚାରୀ ଏବଂ କରୋନା ଯୋଦ୍ଧାଙ୍କ ପ୍ରତି ସେ ନିଜ ଓ ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ପରଲୋକଗତ ସଦସ୍ୟ, ପୋଲିସ ଓ କରୋନା ଯୋଦ୍ଧାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଚସ୍ପତିଙ୍କ ଜରିଆରେ ସ୍ୱର୍ଗତଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଶୋକ ପ୍ରସ୍ତାବ ଆଲୋଚନା ଶେଷରେ ବାଚସ୍ପତି ପରଲୋକଗତ ବିଧାନସଭାର ସଦସ୍ୟ, ଯବାନ ଓ କରୋନା ଯୋଦ୍ଧାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିପାଇଁ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗୃହରେ ୩୪ ମିନିଟ ଧରି ଶୋକପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।


DSPL-128

୩୬ତମ ଜାତୀୟ ଚକ୍ଷୁଦାନ ପକ୍ଷ-୨୦୨୧
୨୫ ଅଗଷ୍ଟ - ୮ ସେପ୍ଟେମ୍ବର

ଆସନ୍ତୁ ଜାଣିବା :
- କୌଣସି ବ୍ୟକ୍ତି ସ୍ୱଇଛାରେ ଚକ୍ଷୁଦାନ କରିପାରିବେ।
- ମୃତ ଶରୀରରୁ ଚକ୍ଷୁର ସ୍ୱଚ୍ଛପଟଳ(କର୍ଣ୍ଣିଆ)ସଂଗ୍ରହ କରିବାକୁ ୧୦ରୁ ୧୫ ମିନିଟ୍ ଲାଗିଥାଏ ଓ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଏହା କରାଯାଇପାରେ।
- ଏଥିପାଇଁ ମୃତ ବ୍ୟକ୍ତିଙ୍କ ନିକଟ ସଂପର୍କୀୟଙ୍କ ଲିଖିତ ସମ୍ମତି ଆବଶ୍ୟକ।
- ଜଣେ ବ୍ୟକ୍ତିଙ୍କର ଚକ୍ଷୁଦାନ ଦ୍ୱାରା ଦୁଇଜଣ ବ୍ୟକ୍ତିଙ୍କର ଅନ୍ଧତ୍ୱ ଦୂରୀଭୂତ ହୋଇଥାଏ। ଚକ୍ଷୁକୁ କୌଣସିମତେ ବିକ୍ରି କିମ୍ବା କ୍ରୟ କରାଯାଇପାରେ ନାହିଁ।

"ଚକ୍ଷୁଦାନ ପାଇଁ ଶପଥ ନେବା, ଅନ୍ୟର ଜୀବନକୁ ଆଲୋକିତ କରିବା

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ/ମେଡିକାଲ କଲେଜ ଚକ୍ଷୁ ବିଭାଗ ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-10003/13/0066/2122

ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି । ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି । -ଶ୍ରୀଅରବିନ୍ଦ

# ଆଫଗାନ୍‌ଙ୍କ ସୁରକ୍ଷା ନାଟୋର ଦାୟିତ୍ୱ



ଏଦି ରାମା

ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ୟୁରୋପୀୟ ଇହୁଦୀମାନଙ୍କ ପତନ ବା ବିନାଶକୁ ଲକ୍ଷ୍ୟ କଲେ ଆଲ୍‌ବାନିଆର ବୀରତ୍ୱ ଗାଥା ସ୍ପଷ୍ଟ ପ୍ରତୀୟମାନ ହୁଏ । ଏହା ଏକମାତ୍ର ବୀରତ୍ୱ ନୁହେଁ, ଏହାବାଦ୍ ଆଲ୍‌ବାନିଆର ଇତିହାସରେ ବୀରତ୍ୱର ଆଉ କିଛି ସମୃଦ୍ଧ ପୃଷ୍ଠା ମଧ୍ୟ ଯୋଡି ହୋଇରହିଛି । ବହୁ ସମୟରେ ଆମ ପୂର୍ବଜମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ ପ୍ରଳୟ ମୁହଁରୁ ଲୋକଙ୍କୁ ରକ୍ଷା କରିବାରେ ଯେଉଁ ତ୍ୟାଗ କରିଯାଇଛନ୍ତି ତାହା ଉପରେ କେହି ପ୍ରଶ୍ନ ଉଠାଇପାରିବେ ନାହିଁ । ଜାତି ବର୍ଣ୍ଣ ନିର୍ବିଶେଷରେ ମୁସଲମାନ, ଖ୍ରୀଷ୍ଟିଆନ ଏବଂ ନାସ୍ତିକ ଆଦି ଅଗଣିତ ଆଲବେନୀୟ ବହୁ ତ୍ୟାଗ ,ବୀରତ୍ୱ ଓ ମହାନତା ପ୍ରଦର୍ଶନ କରିଯାଇଛନ୍ତି । ଏଥିପାଇଁ ଆଲବେନୀୟଙ୍କ ଉଚ୍ଚ ଭାବନା ତଥା କାର୍ଯ୍ୟ ପ୍ରଶଂସାଯୋଗ୍ୟ । ଏହି ଭାବନା ଉପଯୁକ୍ତ ସମୟରେ ଅଜଣା ବା ବିଦେଶୀ ଲୋକଙ୍କୁ ଆଶ୍ରୟ ଦେବାକୁ ଆମ ସମସ୍ତଙ୍କୁ ପ୍ରେରଣାଦିଏ । ଦେଶ ଚାହେଁ ଆମ ସମସ୍ତଙ୍କ ଠାରୁ ଏଭଳି କାର୍ଯ୍ୟ । ଇହୁଦୀମାନଙ୍କୁ ଶରଣ ଦେବାରେ ଆଲବାନିଆ ଏକ ମାତ୍ର ଦେଶ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅଧିକ ଇହୁଦୀଙ୍କୁ ଶରଣ ଦେଇଥିଲା । ଯୁଦ୍ଧ ଆରମ୍ଭରୁ ଆଲ୍‌ବାନିଆରେ ଇହୁଦୀଙ୍କ ସଂଖ୍ୟା ଯାହା ଥିଲା ଯୁଦ୍ଧ ଶେଷ ବେଳକୁ ତା'ଠାରୁ ଅଧିକ ରହିଥିଲା । ଏହା ପରେ ପରେ ଆମେ ପ୍ରତ୍ୟକ୍ଷ ଭାବେ ଉତ୍ପୀଡ଼ନ ଶିକାର ହେବା ଅନୁଭବ କଲୁ । ବାହ୍ୟ ଶତ୍ରୁମାନଙ୍କ ଉପରେ ଆମେ ବିଜୟ ହାସଲ କରିବା ପରେ ବି ଆମେ ନିଜ ଦେଶରେ ସମାନ ପ୍ରକାର ଭୟଙ୍କର ପରିସ୍ଥିତି ସାମ୍ନା କଲୁ । ଏକ ଅତ୍ୟାଚାରୀ,ସର୍ବସତ୍ତାବାଦୀ ଶାସକ ଯେଉଁମାନଙ୍କୁ ଶତ୍ରୁ ମନେ କଲା ସେମାନଙ୍କୁ ଜେଲରେ ରଖିଲା, ନିର୍ଯାତନ ଦେଲା ଓ ଅନେକଙ୍କୁ ମଧ୍ୟ ହତ୍ୟା କଲା । ତାଲିବାନ୍ ଆଫଗାନିସ୍ତାନରେ କ୍ଷମତା ଦୃଢ଼ କରିବା ପରେ ସେଠାରେ ଲୋକମାନେ ଯେଭଳି ଭୟ, ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଛନ୍ତି , ଆମେ ସେମିତି ବଞ୍ଚିଥିଲୁ । ଆମେ ଏଭଳି ଦେଶରେ ରହୁଥିଲୁ ଯାହାର ସୀମା ବନ୍ଦ ଥିଲା । ଯେଉଁମାନେ ଶାସକଙ୍କ କଥା ନ ମାନି ସର୍ବସାଧାରଣରେ ସମାଲୋଚନା କରୁଥିଲେ ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ଅତ୍ୟାଚାର କରାଯାଉଥିଲା, ଠିକ୍ ଯେମିତି ତାଲିବାନ୍ ସେମାନଙ୍କ ବିରୋଧୀଙ୍କୁ ଅତ୍ୟାଚାର କରିବାର ଦେଖାଯାଉଛି । ବିଗତ ୨୦ ବର୍ଷରେ ଆଫଗାନ୍‌ମାନେ ଯେଉଁ ସ୍ୱାଧୀନତା ଅନୁଭବ କରୁଥିଲେ ସେଭଳି ସ୍ୱାଧୀନତା ପାଇବା ଲାଗି ପ୍ରାୟ ୫୦ ବର୍ଷ ହେବ ଆମ ମନରେ ଅଭିଳାଷ ରହିଥିଲା । କିନ୍ତୁ ଆଫଗାନ୍‌ମାନେ ଏବେ ସେହି ସ୍ୱାଧୀନତା ହରାଇବା ନିଶ୍ଚିତ ମନେହେଉଛି ।

ଆଲ୍‌ବାନିଆ ଏବେ ନର୍ଥ ଆଣ୍ଟଲାଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ)ର ସଦସ୍ୟ । ଏହା ଦ୍ୱାରା କ'ଣ ଲାଭ ହେଉଛି ତାହା ଅନୁଭବ କରୁଛି । ବିଭିନ୍ନ କାର୍ଯ୍ୟରେ ସହଯୋଗର ହାତ ବଢ଼ାଉଛି । ଏଥିରେ ସାମ୍ନା କରୁଥିବା ବୋଝକୁ ସହଭାଗୀଭିତ୍ତିରେ ତୁଲାଇପାରୁଛି । ସବୁ ଦାୟିତ୍ୱକୁ ଗ୍ରହଣ କରୁଛି । ଆମ ଇତିହାସକୁ ଦେଖିଲେ ସତ ଲାଗେ ଯେ, ପୂର୍ବରୁ ଆଫଗାନିସ୍ତାନ ଛାଡି ଚାଲି ଆସିଥିବା ହଜାର ହଜାର ଶରଣାର୍ଥୀଙ୍କୁ ଶରଣ ଦେବାରେ ଆମେ ଥିଲୁ ବିଶ୍ୱରେ ପ୍ରଥମ ଦେଶ । ସାମ୍ପ୍ରତିକ ପରିସ୍ଥିତିରେ ନାଟୋର ସମସ୍ତ ସଦସ୍ୟ ସେମାନଙ୍କ ଦାୟିତ୍ୱବୋଧକୁ ସ୍ୱୀକାର କରିବା ଉଚିତ । ହଁ, ଏହା କୁହାଯାଇପାରେ ଯେ, ଏବେ ଆଫଗାନିସ୍ତାନରେ ଯାହା ଘଟୁଛି ତାକୁ ନେଇ ନାଟୋ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି । ଆଫଗାନିସ୍ତାନର ଏବକାର ଘଟଣା କାହିଁକି ଓ କିପରି ନାଟୋର ଭବିଷ୍ୟତ ନିର୍ଦ୍ଧାରଣ କରିବ ତାକୁ ନେଇ ମଧ୍ୟ ଆଲୋଚନା ହେଉଛି । ଏସବୁ ଉପରେ ନିଷ୍ପକ୍ଷ ଆଲୋଚନା ଅନିବାର୍ଯ୍ୟ । ହେଲେ ଏବେ ଗୋଟିଏ କଥା କରିବାକୁ ହେବ । ଆମକୁ ଯଥା ଶକ୍ତି ଅଧିକ ଜୀବନ ବଞ୍ଚାଇବୁ ଏକାଠି କାର୍ଯ୍ୟ କରିବାକୁ ପଡ଼ିବ ଓ ନର୍ଥ ଆଣ୍ଟଲାଟିକେ ଆଲାଏନ୍ସର ମୂଲ୍ୟବୋଧକୁ ବଜାୟ ରଖିବାକୁ ହେବ । ଏହା ସବୁ ଗଣତାନ୍ତ୍ରିକ ଦେଶଗୁଡ଼ିକର ସହଭାଗିତାରେ କରାଯିବ । ଅର୍ଥାତ୍ ଯେଉଁ ଲୋକମାନଙ୍କ ଜୀବନ ଏବେ ବିପଦରେ ସେମାନେ ଆମକୁ ବିଶ୍ୱାସ କରନ୍ତି । ଏଣୁ ସେମାନଙ୍କୁ ଅଣଦେଖା କରିବା ଉଚିତ ହେବ ନାହିଁ ।

ଗତ କିଛିଦିନ ପର୍ଯ୍ୟନ୍ତ ନାଟୋ ସଦସ୍ୟମାନେ ଆଫଗାନିସ୍ତାନ ଲୋକମାନଙ୍କ ପାଇଁ ମୁଖ୍ୟ ସମର୍ଥକ ଭାବେ ଉଭା ହୋଇଥିଲେ । ମନେ ରଖିବାକୁ ହେବ ଯେ, ଆମେ ଏବେ ସେଥିରୁ ଛାଇ ଭଳି ଅପସରି ଯାଇପାରିବା ନାହିଁ । ଏହାସହ ଦୁଇ ଦଶନ୍ଧି ଧରି ଆଫଗାନିସ୍ତାନକୁ ନେଇ ଆମ ବିଚାର, ସିଦ୍ଧାନ୍ତ ଏବଂ ସ୍ୱତନ୍ତ୍ରତା ଓ ଗଣତନ୍ତ୍ରର ପ୍ରତିଶ୍ରୁତିରୁ ଦୂରେଇ ଯାଇପାରିବା ନାହିଁ । ବିଶ୍ୱର ସବୁଠୁ ଶକ୍ତିଶାଳୀ ସେନା ମେଣ୍ଟ ତା'ଶକ୍ତି ବଳରେ ଏହି ସବୁ ଆଦର୍ଶଗୁଡ଼ିକ ବଜାୟ ରଖିବା ଲାଗି ଗଠନ କରାଯାଇଛି । ଆଫଗାନ୍ ତଥା ଏକ ମୁକ୍ତ ଏବଂ ଗଣତାନ୍ତ୍ରିକ ସମାଜରେ ବାସ କରିବାକୁ ଚାହୁଁଥିବା ଲୋକମାନଙ୍କ ଦୃଷ୍ଟିରେ ନାଟୋ କେବେ ବି ଏକ ଅମେରୁଦଣ୍ଡୀ ସଂଗଠନହୋଇପାରିବନାହିଁ । ନାଟୋଉପରେଯେଉଁମାନେବିଶ୍ୱାସ ସ୍ଥାପନ କରିଛନ୍ତି ଆମେ ସମସ୍ତେ ଓ ଆମ ଦେଶ ସମୂହ ସେମାନଙ୍କୁ ଆଶ୍ରୟ ଏବଂ ନୂଆ ଜୀବନ ଦେବାର ଭରସା ଦେବା ଆବଶ୍ୟକ ।

ଆମେ ଆଫଗାନ୍ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାକୁ ଏକମତ ହେଲୁ । ଆମେ ଏହା ମଧ୍ୟ କଲୁ । ମେଣ୍ଟ ପ୍ରତି ଥିବା ଆମ ଦାୟିତ୍ୱବୋଧକୁ ଗମ୍ଭୀରତାର ସହ ନେବା ଯୋଗୁ ଏହା ସମ୍ଭବ ହୋଇପାରିଲା । କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଆମେ ସବୁ ଏହି ମେଣ୍ଟରେ ରହିଛୁ ବୋଲି ଏହା କରିପାରିଲୁ । ୩୦ ବର୍ଷ ପୂର୍ବେ, ଆମ ଦେଶରେ ଆଡ୍ରିଆଟିକ ଉପକୂଳରେ ଆଫଗାନମାନେ ରହିଥିଲେ । କୋଶେଭୋ ଯୁଦ୍ଧ ସମୟରେ ସର୍ବଆରୁ ସ୍ଥାନାନ୍ତରିତ ହୋଇଥିବା ଶରଣାର୍ଥୀଙ୍କ ପାଇଁ ଆମ ଦ୍ୱାର ବି ଖୋଲା ରହିଥିଲା । ବିଭିନ୍ନ ପ୍ରକାର ଅତ୍ୟାଚାର ସହନ ଓ ସାମ୍ନା କରିବାରେ ଆମେ ଭଲ ଭାବେ ଅଭ୍ୟସ୍ତ । ଏକ କ୍ରୂର ଶାସନରେ ହେଉ ଅବା ଅନ୍ୟ ଦେଶଗୁଡ଼ିକରେ ଶରଣାର୍ଥୀ ଭାବେ ନୂଆ ଜୀବନ ଗଢିବାରେ ହେଉ, ଆମେ ତାହାକୁ ଭଲ ଭାବେ ପାଖରୁ ଦେଖିଛୁ । ଏହି ସବୁ ଅଭିଜ୍ଞତା ଆମକୁ ଶିକ୍ଷା ଦେଇଛି ଯେ, ଯାହା ଭୟ ସୃଷ୍ଟି କରେ ତାହା ବିପଦ ନୁହେଁ, ବରଂ ଭୟ ହିଁ ବିପଦକୁ ଆମନ୍ତ୍ରଣ କରେ ।

ଆଲ୍‌ବାନିଆ ଧନୀ ନୁହେଁ କି ବଡ଼ ଦେଶ ନୁହେଁ । ଏହା ୟୁରୋପର ଜଟିଳ ସମସ୍ୟାଠାରୁ କେବେ ବି ଦୂରେଇ ଯାଇନି । ଇମିଗ୍ରେଶନ ଭଳି ସମସ୍ୟାଠାରୁ ଦୂରେଇ ରହିନି । ଆମେ ଜାଣୁ ଯେ, ଶରଣାର୍ଥୀମାନେ ନିର୍ବାଚନକୁ ପ୍ରଭାବିତ କରନ୍ତି । ଏହା ରାଜନୈତିକ ଦଳର ପ୍ରତିବଦ୍ଧତା ଏବଂ କ୍ଷମତା ଦଖଲ କରିବାକୁ ଚାହୁଁଥିବା ରାଜନେତାଙ୍କୁ ମଧ୍ୟ ପ୍ରଭାବିତ କରେ । ତଥାପି ଆମେ ଏଭଳି କଷ୍ଟକର କାର୍ଯ୍ୟକୁ ଗ୍ରହଣ କରୁଛୁ, ଯାହା ଅନ୍ୟ ଦେଶଗୁଡ଼ିକ କରିବା ଦରକାର । ଯେଉଁଠି ଏହି ଲୋକମାନଙ୍କ ଜୀବନ ଓ ମରଣର ସଂଘର୍ଷ ମଧ୍ୟରେ ରହିଛି, ସେଠାରେ ଆମେ ସେମାନଙ୍କୁ ସାହାଯ୍ୟ କରିବାକୁ ବାଧ୍ୟ । ଆମ ପଥ ଓ ଅଭିମୁଖ୍ୟ ସ୍ପଷ୍ଟ । ଏବେ ଏହା କରିବାରେ ବିଫଳ ହେବା ମାନେ ଆମେ ଆମ ନିଜ ଇତିହାସଠୁ ଦୂରେଇଯିବା । ଏହାର ମାନେ ଆମେ ବିଗତ ଶତାବ୍ଦୀରେ ବିପର୍ଯ୍ୟୟରୁ ଲାଭ କରିଥିବା ଶିକ୍ଷାଠାରୁ ଦୂରେଇ ଯିବା । ଶହୀଦ ହୋଇଥିବା ବହୁ ସୈନ୍ୟଙ୍କୁ ଉପେକ୍ଷା କରିବା । ଏବଂ ଆଫଗାନିସ୍ତାନରେ ଦୀର୍ଘ ୨୦ ବର୍ଷର ଯୁଦ୍ଧରେ ଅସୀମ ତ୍ୟାଗକୁ ଲିଭାଇ ଦେବା । ତାଲିବାନ୍ ଏବେ ଗ୍ରହଣ କରୁଥିବା ନିଷ୍ଠୁରତା ପୁଣି ଥରେ ମାନବ ସମାଜକୁ ସ୍ମରଣ କରିଦେଇଛି ଯେ, ଦୁଷ୍ଟତାର କେବେ ବି ଅନ୍ତ ନାହିଁ ।

ଆଲ୍‌ବାନିଆ ଏବେ ସବୁ ଦାୟିତ୍ୱ ବହନ କରିବାକୁ ପ୍ରସ୍ତୁତ । ସହଭାଗୀରେ ସବୁ ନାଟୋ ଦେଶଗୁଡ଼ିକ ଏହି ଦାୟିତ୍ୱକୁ ବହନ କରିବା ଉଚିତ । କିନ୍ତୁ ଏବେ ମୁଁ କହୁଛି, ନାଟୋର ଅନ୍ୟ ସଦସ୍ୟମାନେ ଯେଉଁ ଦାୟିତ୍ୱ ବହନ କରି ନ ପାରିବେ, ଏକ ଗରିବ ସଦସ୍ୟ ଭାବେ ଆଲବାନିଆକୁ ଯେଉଁ ଦାୟିତ୍ୱ ଦିଆଯିବ ତାହା କରିବ । ଏବେ ମାନବିକତା ପ୍ରତି ଅତ୍ୟଧିକ ଅଙ୍ଗୁଳି ଉଠୁଛି, କିନ୍ତୁ ଏହା ସପକ୍ଷରେ ସେଭଳି ସମର୍ଥନ ଆସୁନାହିଁ । ନାଟୋର ମୂଳ ସିଦ୍ଧାନ୍ତ ହେଉଛି, ଜଣଙ୍କ ଉପରେ ଆକ୍ରମଣ ମାନେ ସଭିଙ୍କ ଉପରେ ଆକ୍ରମଣ । ଏଣୁ ଆଫଗାନିସ୍ତାନରେ ମାନବୀୟ ଆହ୍ୱାନକୁ ସମସ୍ତେ ଗ୍ରହଣ କରି ତାହାକୁ ସମାଧାନ କରିବା ଲାଗି ଚେଷ୍ଟିତ ହେବା ଉଚିତ ।

**ପ୍ରଧାନମନ୍ତ୍ରୀ, ଆଲ୍‌ବାନିଆ**

## ଭଲ ମଣିଷ ମିଳିବା କଷ୍ଟ



ଉମାଶଙ୍କର ପ୍ରସାଦ

ଆଜିର ସମାଜରେ ତଥାକଥିତ ବଡ଼ମଣିଷମାନଙ୍କର ସଂଖ୍ୟା ସେମାନଙ୍କ ଭୂମିକା ଅନୁଯାୟୀ ବଢ଼ି ବଢ଼ି ଚାଲିଥିବା ବେଳେ ବାସ୍ତବ 'ଭଲମଣିଷ'ମାନଙ୍କର ସଂଖ୍ୟା ସେହି ବହୁଚର୍ଚ୍ଚିତ ସନ୍ଥ ଦାର୍ଶନିକ ଦାଓଜେନଙ୍କ ଦିନ ଦ୍ୱିପ୍ରହରରେ ଲଣ୍ଠନ ଜାଳି ଭଲ ମଣିଷଟିଏ ଖୋଜୁଥିବା ଖୋଜିବାରେ ହିଁ ରହିଯାଇଛି । ବର୍ତ୍ତମାନ ଭଲମଣିଷ ଓ ବଡ଼ମଣିଷଙ୍କ ଚରିତ୍ର ଆଲୋଚନା କରିବା ପୂର୍ବରୁ ଏହି ଦୁଇ ଶ୍ରେଣୀର ପରିଚୟର ପରିଭାଷା ଉଲ୍ଲେଖ କରାଯାଇପାରେ । 'ଭଲମଣିଷ' କହିଲେ ଯାହାଙ୍କ କାର୍ଯ୍ୟ ଓ ବ୍ୟବହାର ନୀତି ନିୟମ ଅନୁସାରେ ପରିଚାଳିତ ହେଉଥିବ । ଅର୍ଥାତ୍ ସେ ସମସ୍ତ ମାନବୋଚିତ ମହତଗୁଣର ଅଧିକାରୀ ହୋଇଥିବେ । ତାଙ୍କ ପାଖରେ ସଚ୍ଚୋଟପଣିଆ, ସତ୍ୟ, ନ୍ୟାୟ, ଦୟା, କ୍ଷମା, ସେବା, ତ୍ୟାଗ, ପରୋପକାର, ଅହିଂସାଭାବ, ଆପଣାପର ଭାବର ତଫାତ୍ ବିହୀନ, ନିଃସ୍ୱାର୍ଥପଣ, ଅହଂଭାବଶୂନ୍ୟତା, ଆତ୍ମପ୍ରଚାର ବିମୁଖତା, ସକାରାତ୍ମକ କର୍ମପ୍ରବଣତା, ଦେଶ ପ୍ରୀତି ପ୍ରଭୃତି ଗୁଣଗରିମା ସକ୍ରିୟ ଥିବା ବାଞ୍ଛନୀୟ । ତାଙ୍କର ଆଚରଣ ଓ ଉଚ୍ଚାରଣରେ କୌଣସି ଭିନ୍ନତା ନ ଥିବା ଦରକାର । ଏ ପ୍ରକାର ମଣିଷଙ୍କୁ ଆମେ ଭଲ ମଣିଷର ଆଖ୍ୟା ଦେଇଥାଉ । ଅନ୍ୟପକ୍ଷରେ 'ବଡ଼ମଣିଷ'କହିଲେ ଆମେ ପ୍ରଖ୍ୟାତ ଆବିଷ୍କାରକ, ବୈଜ୍ଞାନିକ, ଲେଖକ, କବି, ଚିନ୍ତାନାୟକ, ନେତା, ଅଭିନେତା-ଅଭିନେତ୍ରୀ ଓ ଅନ୍ୟ ବିଭିନ୍ନ କର୍ମଭୂମିର ନାୟକ-ମହାନାୟକଙ୍କୁ ବୁଝିଥାଉ ।

ଉଲ୍ଲିଖିତ 'ବଡ଼ମଣିଷ'ମାନଙ୍କ ମଧ୍ୟରୁ ସୀମିତ ସଂଖ୍ୟାର ବ୍ୟକ୍ତିବିଶେଷ ଭଲ ମଣିଷର ଚରିତ୍ର ବହନ କରିବା ସହ ବଡ଼ମଣିଷର ଭୂମିକା ପାଳନ କରିଥାନ୍ତି । କହିବା ବାହୁଲ୍ୟ ଆଜିର ସମାଜରେ ଭଲମଣିଷ ଗୁଣ ସହ ବଡ଼ମଣିଷ ହୋଇଥିବାର ଦୃଷ୍ଟାନ୍ତ ପ୍ରାୟ ବିରଳ । ମାତ୍ର ଆମେ ଯଦି ଆମର ପୂର୍ବସୂରୀମାନଙ୍କର ଗାଥାକୁ ରୋମନ୍ଥନ କରିବା ତେବେ ଆମ ଦେଶରେ ଭଲମଣିଷ ଗୁଣବତ୍ତା ସହ ବଡ଼ମଣିଷ ଉଦାହରଣ ପାଇପାରିବା । ବିଶ୍ୱ ମାନଚିତ୍ରରେ ଲିଓ ଟଲଷ୍ଟୟ, ଗାରିବାଲଡି, ଫ୍ଲୋରେନ୍ସନାଇଟିଙ୍ଗେଲ, ଆବ୍ରାହମ ଲିଙ୍କନ, ମ୍ୟାକ୍ସ ମୁଲାର, ନେଲସନ ମଣ୍ଡେଲା, ସୀମାନ୍ତ ଗାନ୍ଧୀ ଓ ଦଲାଇଲାମା ପ୍ରମୁଖ ଏବଂ ଆମ ଦେଶରେ ମହାତ୍ମା ଗାନ୍ଧୀ, ମଦର ଟେରେସା, ଗୋପବନ୍ଧୁ, ନବକୃଷ୍ଣ ଚୌଧୁରୀ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଲାଲବାହାଦୁର ଶାସ୍ତ୍ରୀ, ରାଜା ରାମମୋହନ ରାଏ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ,ଅରବିନ୍ଦଙ୍କ ଭଳି ଅନେକ ଏହି ପର୍ଯ୍ୟାୟଭୁକ୍ତ । ଏମାନେ ପ୍ରାୟ ସମସ୍ତେ ଭଲମଣିଷର ଗୁଣଗରିମା ସହ ବଡ଼ମଣିଷର ଭୂମିକା ନିର୍ବାହ କରିଛନ୍ତି । ତେଣୁ ସେମାନେ ଯୁଗଯୁଗକୁ ବିଶ୍ୱରେ ତଥା ଆମ ନିଜ ଦେଶରେ ଆଦର୍ଶ ହୋଇ ରହିବା ସହ ଜନ ମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି ।

ବର୍ତ୍ତମାନର ଏଇ ଆଧୁନିକ ଯୁଗରେ ଭଲମଣିଷଙ୍କ ଅକାଳ ମରୁଡ଼ି ପଡ଼ିଥିବା ବେଳେ ତଥାକଥିତ ବଡ଼ମଣିଷଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏମାନଙ୍କ ମଧ୍ୟରୁ ହାତ ଗଣତି ବଡ଼ମଣିଷ ଭଲମଣିଷର ଗୁଣବତ୍ତା ବହନକରି ନିଜ ନିଜ କର୍ମଭୂମିରେ ଆଦର୍ଶ ପଦବାଚ୍ୟ ହେଉଛନ୍ତି, କିନ୍ତୁ ଅଧିକାଂଶ ତଥାକଥିତ ବଡ଼ମଣିଷ, ଯଥା ଆଜିକାଲିର ନେତୃ-ବର୍ଗୀୟ ଏବଂ ଅଭିନେତାଙ୍କଠୁ ଆରମ୍ଭକରି ସ୍ୱାର୍ଥ ସମାଜସେବୀ, ସାଧୁ ବେଶରେ ଅସାଧୁ ଚରିତ୍ରର ବ୍ୟକ୍ତିତ୍ୱ, ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସାଧାରଣ ଜନତାଙ୍କ ଆଗରେ ଦେଖାଣିଆ ଇନ୍ଦ୍ରଜାଲ ସୃଷ୍ଟିକରି ସ୍ୱାର୍ଥସର୍ବସ୍ୱ ଆତ୍ମଅଭିଳାଷ ପୂର୍ଣ୍ଣକରି ଚାଲିଛନ୍ତି । ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ଭଲମଣିଷ ଦୁର୍ଲଭ ଥିଲାବେଳେ ଅଧିକାଂଶ ଲୋକଦେଖାଣିଆ ସମାଜସେବୀ ଓ ଦଳୀୟ ମୁଖିଆଙ୍କ ବୋଲକରା ତଥା ଗୋଡ଼ାଣିଆ ସ୍ୱଭାବର ବ୍ୟକ୍ତିବିଶେଷ ବିଧାୟକ, ସାଂସଦ, ତଥା ରାଜନୈତିକ ପଦ ପଦବୀକୁ ଜାବୁଡ଼ିଧରି ରାଜନୈତିକ ଓ ଗଣତାନ୍ତ୍ରିକ ଅର୍ଥଲୁଟ ସଂଗଠନର ନେତୃତ୍ୱ ବାନାଧରି ରାତାରାତି ବଡ଼ଲୋକ ହୋଇଯାଉଛନ୍ତି । ଏହାଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ କେହି ନାହାନ୍ତି କି ଏମାନଙ୍କୁ ପ୍ରଶ୍ନ ପଚାରିବାର ଅଧିକାର କାହାର ନାହିଁ । ଏହି ଧରଣର ବଡ଼ଲୋକମାନଙ୍କ ମଧ୍ୟରୁ ଅନେକ ଦୁର୍ନୀତି, ହତ୍ୟା, ବଳାତ୍କାର ବା ବିଭିନ୍ନ ବ୍ୟଭିଚାରରେ ସଂପୃକ୍ତ ରହି ବଡ଼ମଣିଷର ପଦବୀକୁ କଳଙ୍କିତ କରୁଛନ୍ତି । ଏବେ ବି କେନ୍ଦ୍ରରେ ୫୦-୬୦ରୁ ଉର୍ଦ୍ଧ୍ୱ ତଥାକଥିତ ପଦସ୍ଥ ମନ୍ତ୍ରୀମାନଙ୍କ ବିରୋଧରେ ମହାଦୁର୍ନୀତି ଅଭିଯୋଗ ରହିଛି । ଶେଷରେ ଏତିକି କହିବି ଆମ ପରିବାର, ସମାଜ, ଗାଁ, ଅଞ୍ଚଳ, ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ତଥାକଥିତ ବଡ଼ମଣିଷଙ୍କ ଅପେକ୍ଷା ଭଲମଣିଷଙ୍କ ସଂଖ୍ୟାରେ ବୃଦ୍ଧିର ଆବଶ୍ୟକତା ଅଛି । ଆସନ୍ତୁ ଆମେ ସମସ୍ତେ ନିଜକୁ ଭଲମଣିଷଟିଏ କରି ଆମ ଦେଶ ତଥା ଜାତିର ସର୍ବବିଧ କଲ୍ୟାଣ ପାଇଁ ପ୍ରୟାସ କରିବା ।

**ଖୋର୍ଦ୍ଧା, ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ପ୍ରତିଦିନ ପାଖାପାଖି ୪୦୦ ଲୋକଙ୍କୁ ୫ ଟଙ୍କାରେ ମିଲ୍ ଯୋଗାଇ ଦେଉଛନ୍ତି ତାମିଲନାଡୁର ତ୍ରିଚିର ବାସିନ୍ଦା ଚନ୍ଦ୍ରଶେଖର । ସେ ୱେଲ୍‌ଡର ଭାବେ କାମ କରନ୍ତି । ଏଥିରୁ ଯାହା ଆୟ କରୁଛନ୍ତି ସେଥିରେ ଲୋକମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି । ଏଥିପାଇଁ ସେ ଅଗଷ୍ଟ ୨୦୨୦ରେ ବ୍ୟାଙ୍କରୁ ୫୦,୦୦୦ ଟଙ୍କା ଋଣ ଆଣିଥିଲେ । ଏଥିରେ ସେ ରାସ୍ତା କଡ଼ରେ ଏକ ଫୁଡ୍ ଷ୍ଟଲ୍ କରି ଅସହାୟମାନଙ୍କୁ ଖାଦ୍ୟ ଦେବା ଆରମ୍ଭ କରିଥିଲେ । ଏବେ ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ପୁଷ୍ପାରାଣୀ ସାହାଯ୍ୟ କରୁଛନ୍ତି । ଭୋର ୪ଟାରେ ଉଠି ଚନ୍ଦ୍ରଶେଖର ତାଙ୍କ ପରିବାର ସଦସ୍ୟଙ୍କ ସହଯୋଗରେ ଜଳଖିଆ ପ୍ରସ୍ତୁତ କରନ୍ତି । ତାଙ୍କ ପିଲାମାନେ ପରିବା କଟାଠାରୁ ଆରମ୍ଭ କରି ବାସନ ମଜା କାର୍ଯ୍ୟ କରିଦିଅନ୍ତି । କରୋନାରେ କ୍ଷତିଗ୍ରସ୍ତ, ଗୃହହୀନ ବୟସ୍କ, ଦିନମଜୁରିଆମାନେ ତାଙ୍କ ଷ୍ଟଲ୍‌ରୁ ଖାଦ୍ୟ ନେଉଛନ୍ତି । ଷ୍ଟଲ୍‌ଟି ରହିଛି ତ୍ରିଚି ସରକାରୀ ଆଇନ ମହାବିଦ୍ୟାଳୟ ନିକଟରେ । ଜଳଖିଆରେ ଏବଂ ଲଞ୍ଚ ବ୍ୟବସ୍ଥା ରଖିଛନ୍ତି । ଜଳଖିଆ ସମୟ ରଖାଯାଇଛି ସକାଳ ୭ଟାରୁ ୧୧ ଏବଂ ଲଞ୍ଚ ପାଇଁ ସମୟ ରହିଛି ୧୨ଟାରୁ ୩ଟା । ଜଳଖିଆ ୧ଟଙ୍କାରେ ଓ ମିଲ୍ ୫ଟଙ୍କାରେ ଦେଉଛନ୍ତି । ପ୍ରତିଦିନ ୨୦ଟି ମିଲ୍ ମାଗଣାରେ ଖାଇଥାଆନ୍ତି ଗୃହହୀନ ଓ ଅସହାୟ ବୟସ୍କମାନେ । ଖାଦ୍ୟ ପ୍ରସ୍ତୁତ ହୋଇଗଲେ ଷ୍ଟଲ୍‌କୁ ନେବା ପରେ ସମସ୍ତେ ଧାଡ଼ିରେ ଆସି ଖାଦ୍ୟ ନେଇଥାଆନ୍ତି । ଦିନକୁ ଏଥିରୁ ଚନ୍ଦ୍ରଶେଖର ୭୫୦ ଟଙ୍କା ରୋଜଗାର କରୁଛନ୍ତି, କିନ୍ତୁ ଖର୍ଚ୍ଚ କରୁଛନ୍ତି ୬ ହଜାର ଟଙ୍କା । ଋଣ ବାବଦରେ ସେ ଦୈନିକ ୫୦୦ ଟଙ୍କା ବ୍ୟାଙ୍କରେ ଜମା କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୯୬

- କଲମ୍ବିଆର ବାମପନ୍ଥୀ ବିଦ୍ରୋହୀମାନେ ଅତର୍କିତ ଆକ୍ରମଣ କରି ୫୦ ଜଣ ସରକାରୀ ସୈନ୍ୟଙ୍କୁ ହତ୍ୟା କରିଛନ୍ତି ।
- ୪୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ଆଇନ (ଫେରା) ଉଲ୍ଲଂଘନ ଅଭିଯୋଗରେ ଅମୀର ଭାଇ ଏବଂ ସୟଦ ଅରିଫଙ୍କୁ ଦିଲ୍ଲୀର ଏକ ଅଦାଲତ ପକ୍ଷରୁ ସମନ ଜାରି କରାଯାଇଛି ।
- ନେଗୋସିଏବଲ ଇନ୍‌ଷ୍ଟ୍ରୁମେଣ୍ଟ ଆକ୍ଟ ଉଲ୍ଲଂଘନ ଅଭିଯୋଗରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ପକ୍ଷରୁ ଚଳଚ୍ଚିତ୍ର ତାରକା ଜ୍ୟାକି ସ୍ରଫ ଓ ଡ୍ରିମ୍‌ଗାର୍ଲ ହେମା ମାଳିନୀଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 2 | | 4 | | |
| | | 7 | | | 9 | 6 | | |
| 4 | | | | | | 2 | 9 | |
| | | | | 7 | | | | 1 |
| 6 | | | 9 | | 5 | | | |
| | | | | | | | | 3 |
| | 1 | | 5 | | 8 | | | |
| 3 | 5 | | 4 | | 6 | | | |
| | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 4 | 2 | 8 | 9 | 3 |
| 2 | 7 | 3 | 8 | 5 | 9 | 6 | 4 | 1 |
| 8 | 9 | 4 | 6 | 3 | 1 | 5 | 2 | 7 |
| 3 | 6 | 2 | 9 | 7 | 5 | 1 | 8 | 4 |
| 7 | 4 | 9 | 1 | 6 | 8 | 3 | 5 | 2 |
| 5 | 8 | 1 | 3 | 2 | 4 | 7 | 6 | 9 |
| 4 | 2 | 7 | 5 | 1 | 6 | 9 | 3 | 8 |
| 9 | 1 | 5 | 4 | 8 | 3 | 2 | 7 | 6 |
| 6 | 3 | 8 | 2 | 9 | 7 | 4 | 1 | 5 |

ଗତକାଲିର ଉତ୍ତର

# ଧୀର ଜହର



ଡ. ଅଜୟ କୁମାର ପାତ୍ର

ବିଜ୍ଞାନୀମାନେ ଜଳକୁ 'ସାର୍ବଜନୀନ'ବୋଲି କହିଥାଆନ୍ତି । କାରଣ ପୃଥିବୀର ଆୟତନରୁ ଜଳଭାଗ ପ୍ରାୟ ସତୁରି ପ୍ରତିଶତ ଅଧିକାର କରିଛି । ସେମିତି ଆମ ଶରୀର କୋଷରେ ସତୁରି ପ୍ରତିଶତରୁ ଅଧିକ ଭାଗ ଜଳ । ଜଳ ହିଁ ଜୀବଜଗତର ଜୀବନକୁ ଦ୍ରବୀଭୂତ କରି ରଖିଛି । ବିନ୍ଦୁ ବିନ୍ଦୁରେ ଜୀବନ ସୀମିତ ।

ପୃଥିବୀର ସମୁଦାୟ ଜଳ ଭାଗରୁ ୯୦% କେବଳ ସାଗର ଓ ମହାସାଗରରେ ରହିଛି । ଅବଶିଷ୍ଟ ୧୦% ମଧ୍ୟରୁ ୭% ବରଫାକାରରେ, ୨% ଭୂଗର୍ଭସ୍ଥ ଜଳ ଏବଂ ମାତ୍ର ୧% ମଧୁର ଜଳ ଭାବେ ନଈ, ନାଳ, ପୋଖରୀ ଇତ୍ୟାଦିରେ ଉପଲବ୍ଧ । ସୁତରାଂ ଦେଖିବାକୁ ଗଲେ, ଉପରବର୍ଣ୍ଣିତ ସମୁଦାୟ ଜଳରୁ କେବଳ ୧% ମଧୁର ଜଳ ସର୍ବାଧିକ ପ୍ରତ୍ୟକ୍ଷ ଉପଯୋଗ ଆମେ ଦୈନନ୍ଦିନ ଜୀବନରେ କରିଆସୁଛୁ । ପ୍ରଥମତଃ ଆମେ ପ୍ରତ୍ୟହ ଉପଯୋଗ କରୁଥିବା ଜଳ ସମ୍ବଳ ଅତ୍ୟନ୍ତ ସୀମିତ । ଏତେ କମ୍ ପରିମାଣର ଉପଲବ୍ଧ ଜଳକୁ ଆମେ ଯଦି ଖୁବ୍ ଯତ୍ନ ଓ ସାବଧାନତାର ସହିତ ଉପଯୋଗ ନ କରିବା, ତା'ହେଲେ ନିଶ୍ଚିତ ଭାବରେ ଭବିଷ୍ୟତରେ ଏକ ଅତ୍ୟନ୍ତ ଜଳକ୍ଲିଷ୍ଟ ପରିବେଶ ସୃଷ୍ଟି କରିବସିବା ।

ପୁନଶ୍ଚ ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ହାରାହାରି ୩ ଲିଟର ପାଣି ପିଇବାରେ, ୧୭ଲିଟର ପାଣି ଗାଧୋଇବାରେ, ୩ ଲିଟର ପାଣି ରନ୍ଧନ ପାଇଁ, ୧୦ ଲିଟର ପାଣି ବାସନକୁସନ ଧୋଇବା ପାଇଁ, ୧୦ ଲିଟର ଲୁଗା ସଫା ପାଇଁ, ୫ ଲିଟର ଶୌଚ ପାଇଁ ଓ ଅନ୍ୟାନ୍ୟ କାମରେ ପ୍ରାୟ ୧୪ ଲିଟର ଏଭଳି ମୋଟ ଦୈନିକ ପ୍ରାୟ ୬୫ ଲିଟର ଓ ବର୍ଷକୁ ପ୍ରାୟ ୨୩,୭୨୫ ଲିଟର ପାଣି ବ୍ୟବହାର କରନ୍ତି ।

କିନ୍ତୁ ଉଦ୍‌ବେଗର କଥା, ମନୁଷ୍ୟ ଜଳର ସୁପରିଚାଳନା ନେଇ ଉଦାସୀନ । କଳ-କାରଖାନାଜନିତ ପ୍ରଦୂଷଣ, ଦ୍ରୁତ ସହରୀକରଣ, ଜଙ୍ଗଲ ଧ୍ୱଂସୀକରଣ, ବହୁଳ ପୋକମରା ଓ କୃତ୍ରିମ ସାରର ପ୍ରୟୋଗ ତଥା ଆଣବିକ ଅବଶେଷ ଜନିତ କାରଣରୁ ଆମ ଜଳ ସମ୍ପଦ ଅଧିକ ଦୂଷିତ ହେଉଛି, ଯାହାର କୁପ୍ରଭାବ ଆମ ପାନୀୟ ଜଳ ଉପରେ ପଡୁଛି । ଆଜି ଓଡ଼ିଶାର ଜୀବନରେଖା ମହାନଦୀକୁ ଏବେ ଦୋହରା ବିପଦ । ଏହାର ମଧୁର ପାଣି ଏତେ ସାଂଘାତିକ ଭାବରେ ପ୍ରଦୂଷିତ ହୋଇଛି ଯେ, ପିଇବା ଦୂରର କଥା, ଛୁଇଁଲେ ମଧ୍ୟ ରୋଗ ହୋଇଯିବ । ମହାନଦୀ କଡ଼ର ପ୍ରାୟ ୪୪ଟି ଛୋଟବଡ଼ ବସତି, ୧୮ କାରଖାନା ଓ ୧୫ କୋଇଲାଖଣିରୁ ପ୍ରତ୍ୟହ ହାରାହାରି ପ୍ରାୟ ୫୭ କୋଟି ୭୦ଲକ୍ଷ ଲିଟର ବିଷାକ୍ତ ତରଳ ଆବର୍ଜନା ମିଶିବାରୁ ମହାନଦୀକୁ ବଡ଼ ନର୍ଦ୍ଦମାରେ ପରିଣତ କରିଦେଲାଣି । ଏହାର ଏକ ଲିଟର ପାଣିରେ ହାରାହାରି ୪୯ଲକ୍ଷ ସଂଖ୍ୟକ ରୋଗ ସୃଷ୍ଟିକାରୀ କୋଲିଫର୍ମ(ଏମ୍‌ପିଏନ୍) ଜୀବାଣୁଙ୍କ ଉପସ୍ଥିତି ଏହାର ଉତ୍କଟ ପ୍ରଦୂଷଣକୁ ସୂଚାଉଛି । ଗବେଷଣାରୁ ଜଣାଯାଇଛି ଯେ, ଉକ୍ତ ବିଷାକ୍ତ ପାଣିରେ ମଳ ସହିତ ମାରାତ୍ମକ ସୀସା, କ୍ରୋମିୟମ, କାଡ଼ମିୟମ, ଜିଙ୍କ୍, ପାରଦ, କାର୍ବୋନେଟ, ଲୁହା, ମାଙ୍ଗାନିଜ, ତମ୍ବା ଓ ଫ୍ଲୋରାଇଡ ଦ୍ରବୀଭୂତ ହୋଇରହିଛି । ମହାନଦୀ ସହିତ ଓଡ଼ିଶାର ପ୍ରାୟ ୧୯ ନଦୀର ଜଳ ଓଡ଼ିଶାବାସୀଙ୍କ ପାଇଁ ଏକ ଧୀର ଜହର ଭଳି କାମ କରୁଛି । ନିକଟରେ ପୁରୀ ନିକଟବର୍ତ୍ତୀ ମଙ୍ଗଳା ନଦୀ ମୁହାଣରେ ଅସଂଖ୍ୟ ମାଛ ମରି ଭାସିବା ସୂଚାଉଛି ଯେ, ଜାପାନ ଭଳି ଆମ ଓଡ଼ିଶାରେ ମଧ୍ୟ ମିନାମାତା ଓ ନିଗାତା ଭଳି ରୋଗ ମାଛରେ ସୃଷ୍ଟି ହୋଇଛି । ତା'ର ମୁଖ୍ୟ କାରଣ ହେଲା ଅମ୍ଳବୃଷ୍ଟି ତଥା ମରକ୍ୟୁରି ଭଳି ଭାରି ଧାତୁର କୁପ୍ରଭାବ ।

ସାଧାରଣତଃ ଜଳର ଶକ୍ତି ଓ ସାମର୍ଥ୍ୟ ହେଉଛି ଏଥିରେ ଦ୍ରବୀଭୂତ ଅମ୍ଳଜାନ । ଉକ୍ତ ଅମ୍ଳଜାନ ଜଳ ୨୦% ବାୟୁମଣ୍ଡଳରୁ ଓ ୮୦% ତା'ର ନିଜସ୍ୱ କ୍ଷୁଦ୍ର କ୍ଷୁଦ୍ର ସବୁଜ ଜୀବ ଠାରୁ ପାଇଥାଏ । ଏହି କ୍ଷୁଦ୍ର ସବୁଜ ଶୈବାଳ ଜାତୀୟ ଜଳଜ ଉଦ୍ଭିଦ ଆଲୋକ ଭାଶ୍ଳେଷଣ ପ୍ରକ୍ରିୟାରେ ପାଣିର ଜୀବନ ପ୍ରଦାୟିନୀ ପଦାର୍ଥ ଅମ୍ଳଜାନ ଯୋଗାଇଥାନ୍ତି । କେବଳ ସେତିକି ନୁହେଁ ଏହି କ୍ଷୁଦ୍ର ଉଦ୍ଭିଦ ଜଳଜ କ୍ଷୁଦ୍ର ପ୍ରାଣୀ, ଚିଙ୍ଗୁଡ଼ି ଓ ମାଛ ସହିତ ମିଶି ନଦୀ, ନାଳ, ପୋଖରୀ, ହ୍ରଦ, ସାଗର ଓ ମହାସାଗରରେ ବୋଲାଯାଉଥିବା ଏକ ସୁସ୍ଥ ଓ ସବଳ ପରିବାର, ଖାଦ୍ୟଶୃଙ୍ଖଳ ବା ଖାଦ୍ୟଜାଲ ମାଧ୍ୟମରେ ଗଠନ କରିଥାଆନ୍ତି । ମାତ୍ର ଜଳର ଘୋର ଦୂଷିତୀକରଣ ଯୋଗୁ ପ୍ରଥମେ କ୍ଷୁଦ୍ର ଉଦ୍ଭିଦର ବଂଶ ଲୋପପାଉଛି ଓ ପରେ ଏହା ସହ ଘନିଷ୍ଠ ସମ୍ପର୍କ ରଖିଥିବା କ୍ଷୁଦ୍ର ଜଳଜ କୀଟ, ଚିଙ୍ଗୁଡ଼ି ଓ ଶେଷରେ ମାଛର ବଂଶ ଲୋପ ପାଉଛି । ଅଧିକନ୍ତୁ ଦୂଷିତ ପରିବେଶରେ ଏମାନଙ୍କ ପ୍ରଜନନ ପ୍ରକ୍ରିୟାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଉକ୍ତ ବର୍ଣ୍ଣିତ ଦୂଷିତ ତରଳ ପଦାର୍ଥ ସମସ୍ତ ଜଳଭାଗ ଉପରେ ଏପରି ଏକ ଘନ ଆସ୍ତରଣ ସୃଷ୍ଟି କରୁଛନ୍ତି ଯେ, ବାହ୍ୟ ବାୟୁମଣ୍ଡଳର ଅମ୍ଳଜାନ ଜଳରେ ପ୍ରବେଶ କରିପାରୁନାହିଁ କି ଆଲୋକ ଭାଶ୍ଳେଷଣ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଜରୁରୀ ସୂର୍ଯ୍ୟାଲୋକ କ୍ଷୁଦ୍ର ଜଳଜ ଉଦ୍ଭିଦ ଓ ଶୈବାଳ ପାଇପାରୁ ନାହାନ୍ତି । ତେଣୁ ସେମାନେ ଅମ୍ଳଜାନ ପ୍ରସ୍ତୁତ କରି ପାରୁନାହାନ୍ତି । ଫଳରେ ସମସ୍ତ ଜଳଭାଗରେ ବାସ କରୁଥିବା ଅସୁମାରି ଜଳଜ ପ୍ରାଣୀ ଅମ୍ଳଜାନ ବିନା ଡହଳ ବିକଳ ହୋଇ ଅସମୟରେ ଧ୍ୱଂସ ପାଉଛନ୍ତି । ଏପରିକି ଅନେକ ନଦୀ, ପୋଖରୀ, ହ୍ରଦ ମତ୍ସ୍ୟଶୂନ୍ୟ ହୋଇଗଲାଣି । ଏ ପ୍ରକାରରେ ଯଦି ଜଳ ପ୍ରଦୂଷଣ ଗତି କରେ ଓ ଏହାର ଉପଯୁକ୍ତ ଉପଚାର ନ କରାଯାଏ ଆଗାମୀ ୨୦୪୧ ବେଳକୁ ଅଧିକାଂଶ ପୋଖରୀ, ହ୍ରଦ, ନଦୀ ମତ୍ସ୍ୟଶୂନ୍ୟ ହୋଇଯିବ ଏବଂ ସାଗର, ମହାସାଗର ଉପରେ ପ୍ରଦୂଷଣ ଚାପ ମଧ୍ୟ ରହିବ । ପଲିଥିନ ମଧ୍ୟ ଜଳ ପ୍ରଦୂଷଣର ମୁଖ୍ୟ କାରଣ ।

ଏଥିପାଇଁ ଦରକାର ଜନ ସଚେତନତା, ସହଯୋଗିତା, ଆତ୍ମସମୀକ୍ଷା । 'ନମାମୀ ଗଙ୍ଗେ' ଏବଂ 'ମଣିଷ ଓ ଜୀବମଣ୍ଡଳ' ଭଳି ପ୍ରକଳ୍ପର ଆବଶ୍ୟକତା ରହିଛି । ଶିଳ୍ପ କାରଖାନା, ଘରୋଇ ତଥା ପୌରସଂସ୍ଥାରୁ ବାହାରୁଥିବା ଦୂଷିତ ପଦାର୍ଥକୁ ସିଧାସଳଖ ନଦୀ, ହ୍ରଦ ତଥା ସମୁଦ୍ରକୁ ନ ଛାଡ଼ି ସେଗୁଡ଼ିକୁ ବିଭିନ୍ନ ସ୍ତରରେ ପୁନରୁଦ୍ଧାର ମାଧ୍ୟମରେ ପରିଷ୍କରଣ କରିବା ପରେ ସାଧାରଣ ଉପଯୋଗୀ ପାଣିକୁ ଛାଡ଼ିବା ନିହାତି ଆବଶ୍ୟକ । ଅନ୍ୟ ଏକ ସାବଲୀଳ ପରିଷ୍କରଣ ପ୍ରଣାଳୀ ହେଲା 'ଜୀବ ଅକ୍ସୀକରଣ ପୋଖରୀ' ମଣିଷକୃତ ସମସ୍ତ ଦୂଷିତ ବସ୍ତୁକୁ ପ୍ରଥମେ ପାଞ୍ଚ ହେକ୍ଟର ବିଶିଷ୍ଟ ଜୀବ ଅକ୍ସୀକରଣ ପୋଖରୀକୁ ଛଡ଼ାଯିବ । ସେହି ପୋଖରୀରେ ଅନାବନା ଜଳଜ ଘାସ ତଥା ଅଖାଦ୍ୟ ମାଛ ଚାଷ କରାଯିବ । ଏମାନେ ସେଥିରୁ ସମସ୍ତ ଦୂଷିତ ରାସାୟନିକ ତଥା ଭୌତିକ ପଦାର୍ଥକୁ ନିଜ ଶରୀରର ଅଭିବୃଦ୍ଧିରେ ଲଗାଇ ଜଳକୁ ପ୍ରଦୂଷଣ ମୁକ୍ତ କରିଥାନ୍ତି । ପୁନଶ୍ଚ ଉକ୍ତ ପ୍ରଦୂଷଣ ମୁକ୍ତ ପାଣିକୁ ନଦୀ, ସମୁଦ୍ର ତଥା ହ୍ରଦକୁ ଛାଡ଼ିବା ନିହାତି ଦରକାର । ଆମ ଓଡ଼ିଶାରେ ଏଭଳି ସୁଲଭ ପ୍ରକଳ୍ପର ଆବଶ୍ୟକତା ରହିଛି । ଏଥିସହିତ ନଦୀ, ହ୍ରଦ, ପୋଖରୀ ଓ ସମୁଦ୍ର ତଟ ଆଦିକୁ ସବୁଜବଳୟ ଅର୍ଥାତ୍ ବନୀକରଣ ମାଧ୍ୟମରେ ସୁରକ୍ଷିତ ରଖିବା ଉଚିତ । ଏହାଦ୍ୱାରା ଜଳଭାଗ ମୃତ୍ତିକାକ୍ଷୟ ଓ ଜଳରେ ପଟୁ ଜମା ହେବା, ପଟୁ ଦ୍ୱାରା ରୁଦ୍ଧ ହେବାରୁ ରକ୍ଷା ପାଇବ । ସମସ୍ତ ତଟକୁ ପଲିଥିନ ମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯିବା ଅତ୍ୟନ୍ତ ଜରୁରୀ । କୀଟମରା ଔଷଧର ଅବାଞ୍ଛିତ ପ୍ରୟୋଗକୁ କୃଷି କ୍ଷେତ୍ରରେ ବାରଣ କରାଯିବା ଉଚିତ । ରାସାୟନିକ ସାର ବଦଳରେ ଜୈବିକ ସାର ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ । ପ୍ରଜନନ ଋତୁରେ ଅର୍ଥାତ୍ ବର୍ଷର ତିନି ମାସ ମାଛଧରା ଉପରେ ବାରଣ ନିହାତି ଆବଶ୍ୟକ । ମନେ ରଖନ୍ତୁ ଯେଉଁ ଜଳଭାଗରେ ଯେତେ ଅଧିକ ମାଛ ସଂଖ୍ୟା ରହିବ, ସେ ଜଳଭାଗ ସେତେ ସୁରକ୍ଷିତ । କେତେକ ପ୍ରକାର ଶୂକ ଭକ୍ଷଣକାରୀ ମାଛ ତଥା:(କ) ଗାମ୍ବୁସିଆ ଗାମ୍ବୁସିଆ (ଖ) ଗାମ୍ବୁସିଆ ଚାପ୍ରା (ଗ) ଗୌରାମୀ ଗୋରାମି, ତଥା ପାଣିଘାସ ଭକ୍ଷଣକାରୀ କାର୍ପ, ଏମାନେ ପାଣିରୁ ସମସ୍ତ ପ୍ରକାର ଜଳଜ ଗୁଳ୍ମ ତଥା ମଶା ଶୂକ ଓ ଅଣ୍ଡା ଖାଇ ପାଣିକୁ ପ୍ରଦୂଷଣମୁକ୍ତ କରନ୍ତି ।

ସରକାରଙ୍କଠାରୁ ଆମ ସାଧାରଣ ନାଗରିକଙ୍କର ଦାୟିତ୍ୱବୋଧ ଜ୍ଞାନ ଅଧିକ ରହିବା ଉଚିତ । ସରକାର କୋଟି କୋଟି ଅର୍ଥ ଖର୍ଚ୍ଚକରି ପ୍ରକଳ୍ପର ରୂପ ଦେବେ ସିନା, ମାତ୍ର ଆମେ ତାହାର ସୁରକ୍ଷା, ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇବା ଆବଶ୍ୟକ । ସ୍ୱାର୍ଥପରତାର ବହୁ ଉର୍ଦ୍ଧ୍ୱରେ ରହି ସରକାରଙ୍କୁ ସହଯୋଗ କଲେ ଅଚିରେ ଏହି ମାଟିମାଆ ପୀଠରେ ଶାନ୍ତି ଓ ପ୍ରଶାନ୍ତିର ଗଙ୍ଗା, ଯମୁନା ଓ ସରସ୍ୱତୀ ପ୍ରବାହିତ ହେବ । ପୃଥିବୀ ଏକମାତ୍ର ଜୀବଧାରୀ ଗ୍ରହ ହୋଇଥିବାରୁ ଆମେ ଏହାର ସର୍ବୋତ୍କୃଷ୍ଟ ଉପଯୋଗ କରିବା ଉଚିତ । ଛୋଟ ଶିଶୁକୁ ମାଆ ଯତ୍ନ ନେଲା ଭଳି ଆମେ କ'ଣ ଚାହିଁଲେ ଏହି ଧୀର ଜହରକୁ ପରିବର୍ତ୍ତନ କରିପାରିବାନି ? ନିଶ୍ଚୟ ପାରିବା । ଅସମ୍ଭବ ବୋଲି ଶବ୍ଦ ବୋକାମାନଙ୍କ ଅଭିଧାନରେ ଅଛି । ତା' ହେଲେ ଆସନ୍ତୁ ସଂକଳ୍ପ ନେବା, ସଚେତନ ହେବା, ସଦ୍ଭାବନା ମନରେ ସଦା ସୃଷ୍ଟି କରିବା ଓ ପରିବେଶ ଭାରସାମ୍ୟ ରକ୍ଷାକରି ଏକ ସତ୍ୟମ୍ ଶିବମ୍ ସୁନ୍ଦରମ୍ ପୃଥିବୀ ସୃଷ୍ଟି କରିବା ।

**ପରିବେଶବିତ୍,ମୋ: ୦୯୪୩୮୬୨୧୩୯୧**

## ଚିରନ୍ତନୀ

"ଭାଙ୍ଗି ବନ୍ଧ ନଦୀ ଯେବେ
ଭୀମ ବେଗେ ପ୍ଲାବଇ ଧରଣୀ
"ଆସଇ କି ଫେରି ତାହା
ଖୋଜି ନିଜ ସାଗର ସାରଣୀ ? -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷୀର ଢାଳି ପ୍ରତିବାଦ କରା ନ ଯାଉ

ମହାଶୟ,

ନିଜର କୃଷିଜାତ ଦ୍ରବ୍ୟର ବଜାରରେ ଚାହିଦା ମୁତାବକ ବିକ୍ରି ହୋଇପାରୁନଥିବାରୁ କୁଇଣ୍ଟାଲ କୁଇଣ୍ଟାଲ ଟମାଟୋ ଓ ପରିବା ପତ୍ରକୁ କୃଷକମାନେ ଏବଂ ହଜାର ହଜାର ଲିଟର କ୍ଷୀରକୁ ଦୁଗ୍ଧ ଚାଷୀମାନେ ରାସ୍ତାରେ ଢ଼ାଳି ନଷ୍ଟ କରି ଧର୍ମଘଟ କରୁଛନ୍ତି । ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏହା କେତେଦୂର ଯଥାର୍ଥ, ତାହା ଚାଷୀମାନେ ହୃଦୟଙ୍ଗମ କରିବା ଉଚିତ । ଭାରତରେ ବହୁ ଗରିବ ଅନାହାରରେ ରହୁଛନ୍ତି । ଶିଶୁମାନେ ପୁଷ୍ଟିକର ପୋଷଣ ଅଭାବଜନୀତ ରୋଗରେ ସଦାସର୍ବଦା ପୀଡ଼ିତ ହେଉଛନ୍ତି । ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉଦ୍‌ବେଗ ପ୍ରକାଶ କରିଛି । ଚାଷୀମାନେ କଷ୍ଟକରି ଉତ୍ପାଦନ କରିଥିବା ପରିବା ଓ କ୍ଷୀରକୁ ଏହିପରି ଭାବରେ ନଷ୍ଟ ନ କରି, କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୃଦ୍ଧାଶ୍ରମ, ଅନାଥ ବାଳାଶ୍ରମ ଏବଂ ଡାକ୍ତରଖାନାକୁ ଦାନକରନ୍ତୁ ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଚାରା ରୋପଣ କରି ଯତ୍ନ ନେବାକୁ ଶପଥ**

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ବୁଧବାର ଯୁବନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ବାବନତମ ଜନ୍ମଦିବସ ଅବସରରେ ଦଳୀୟ ସାଥୀ ଓ ଶୁଭେଚ୍ଛୁମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚାରାରୋପଣ କରାଯାଇଛି। ଚାରାରୋପଣ ପରେ ଏହାର ଯତ୍ନ ନେବାକୁ ସମସ୍ତେ ଶପଥ ନେଇଛନ୍ତି। ବିଭିନ୍ନ କିସମର ଏକୋଇଶ ଶହ ଚାରାରୋପଣ କରାଯାଇଛି।

## ସଂକ୍ଷେପରେ

### ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ଦେଓଗାଁ,୧୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡଠାରେ ବୁଧବାର ବିଜେଡିର ୧୩ନଂ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ଉମା ଶଙ୍କର ସିଂ, ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ରାଜେନ୍ଦ୍ର ହୋତା, କୈଳାସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାଚନରେ ୧୩ନଂ ଜୋନର ସମସ୍ତ ପଞ୍ଚାୟତରେ କେମିତି ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡସଭ୍ୟ ସହ ଜିଲା ପରିଷଦ ସଭ୍ୟଭାବେ ବିଜେଡି ପ୍ରାର୍ଥୀ ବିଜୟୀ ହେବେ ତାହା ଉପରେ ନେତୃବର୍ଗ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଜେଡି ସରକାରର ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବିଶ ସୁନା ଓ ବଳି ସୁନା ଦଳରେ ଯୋଗଦେଇଥିଲେ। ବିଜୁ ଯୁବଜନତା ଦଳ ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ଦକ୍ଷତା, ଉଦ୍ୟମିତାର ବିକାଶ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହେଉ’

ବଲାଙ୍ଗୀର ଅଫିସ, ୧୯



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସରେ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ବକ୍ତବ୍ୟ ରଖୁଛନ୍ତି।

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଥମ ପ୍ରତିଷ୍ଠା ଦିବସ**
- ବିଶ୍ୱବିଦ୍ୟାଳୟର ଅଭିବୃଦ୍ଧିରେ ଅର୍ଥ ବାଧକ ହେବନାହିଁ: ଅସିତ ତ୍ରିପାଠୀ
- ସ୍ୱୟଂସମ୍ପୂର୍ଣ୍ଣ ନାଗରିକ ନିର୍ମାଣ ସହ ଉତ୍କର୍ଷ ବିଶ୍ୱବିଦ୍ୟାଳୟ ହିଁ ସଂକଳ୍ପ: କୁଳପତି

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ଶିକ୍ଷାନୁଷ୍ଠାନ ପରିସରରେ ବୁଧବାର ଭର୍ଚ୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମୁଖ୍ୟଅତିଥି, ଆର୍ଥିକ ବିକାଶ ସଂସ୍ଥାନ ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଅଜିତ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ଯୁଗର ସବୁଠୁ ବଡ଼ ଆବଶ୍ୟକତା ଓ ଆହ୍ୱାନ ହେଲା ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ, ଦକ୍ଷ ଓ ଉଦ୍ୟୋଗୀ କରି ଗଢ଼ି ତୋଳିବ। ତେଣୁ ଉଦ୍ୟମିତା ଏବଂ ଦକ୍ଷତା ବିକାଶ ହିଁ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହେବା ଉଚିତ୍। ବିଦ୍ୟାର୍ଥୀଙ୍କ ଦକ୍ଷତାର ସାମଗ୍ରିକ ବିକାଶ ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ଅଞ୍ଚଳର ମଧ୍ୟ ବିକାଶ ସମ୍ଭବ ହେବ ବୋଲି ସେ କହିଥିଲେ।

ମୁଖ୍ୟଅତିଥି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅଭିବୃଦ୍ଧି ଦିଗରେ ଅର୍ଥ ବାଧକ ସାଜିବ ନାହିଁ ବୋଲି କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ରହିଛି। ତେବେ ଆଗାମୀ ୩ ମାସ ମଧ୍ୟରେ ଜମିପଟ୍ଟା ଦିଆଯିବ ଏବଂ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହାପାତ୍ର ତାଙ୍କ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରି କହିଲେ ଯେ, ନୂତନ ଶିକ୍ଷାନୀତି-୨୦୨୦ର ମୂଳଲକ୍ଷ୍ୟକୁ ପୂରଣ କରିବା ସହିତ ଏକ ଉତ୍କର୍ଷ ଶିକ୍ଷାନୁଷ୍ଠାନ ହିସାବରେ ଗଢ଼ିବା ଦିଗରେ ଉଦ୍ୟମ କରାଯାଉଛି। ସ୍ୱୟଂସମ୍ପୂର୍ଣ୍ଣ ନାଗରିକ ଗଢ଼ିବା ଦିଗରେ ଅଧିକ ଯତ୍ନବାନ ହେବେ ଏବଂ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ସହିତ ଏକବିଂଶ ଶତାବ୍ଦୀ ଆବଶ୍ୟକ କରୁଥିବା ଦେଶ ପାଇଁ ସମ୍ପତ୍ତି ଯୋଗୁ ଦାୟାଦ ସୃଷ୍ଟି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ ବୋଲି କୁଳପତି କହିଥିଲେ। ଏହି ଅବସରରେ କୁଳପତି ରାଜେନ୍ଦ୍ର କଲେଜ ପ୍ରତିଷ୍ଠାତା ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ, ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ମନେ ପକାଇଥିଲେ। ବିଶ୍ୱବିଦ୍ୟାଳୟକୁ ଗଢ଼ିବାରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଦୁର୍ଗାପ୍ରସନ୍ନ ମହାପାତ୍ର ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ଅଗ୍ରଗତିକୁ ନେଇ ପ୍ରଶାସନିକ ଓ ଶୈକ୍ଷିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ପବିତ୍ର ମୋହନ ଦେବତା ଓ ପ୍ରାଧ୍ୟାପିକା ସୁମନ ବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଦୀପ୍ତିମଞ୍ଜରୀ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ପ୍ରଫେସର ବିମ୍ବେଶ ପ୍ରସାଦ ମିଶ୍ର ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁଳପତି ନବନିର୍ମିତ ଛାତ୍ରୀନିବାସ ନିରାଜନା ଓ ଛାତ୍ରାବାସ ଋଷ୍ୟଶୃଙ୍ଗକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଅକ୍ଷୟ କୁମାର ମିଶ୍ର, କ୍ରୀଡ଼ା ପରିଷଦ ସମ୍ପାଦକ ଡ. ସଞ୍ଜୟ କୁମାର ସିଂ, ବିଜ୍ଞାନୟନ୍ତ୍ରକ ଗୌତମ ପ୍ରଧାନ, ଉପକୁଳସଚିବ ପ୍ରଫେସର ବିଶ୍ୱଜିତ ବେହେରା, କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ସମିତ କୁମାର ପ୍ରଧାନ, କଲେଜ ଉନ୍ନୟନ ପରିଷଦର ସହ ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରଧାନ, ସିଣ୍ଡିକେଟ ସଦସ୍ୟ ଫାଲଗୁନୀ ମହାନନ୍ଦିଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଆଦିକନ୍ଦ ଖମାରୀ, ପ୍ରଫେସର ଘନଶ୍ୟାମ ପଣ୍ଡା, ଡ. ଶ୍ରୀକର ମିଶ୍ର, ପ୍ରାଣବନ୍ଧୁ ନାୟକ, ଦେବେନ୍ଦ୍ର ମିଶ୍ର, ପୂର୍ବତନ ଅଧ୍ୟକ୍ଷ ଅଭିମନ୍ୟୁ ମିଶ୍ର, ସତ୍ୟବ୍ରତ ଦେବବାକ, ଡ. କଳାକାର ସାହୁ, ବିଜୟ ଜେନା, ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ସୁଷମା ମଞ୍ଜରୀ ନାୟକ, ରତନ ମହାରଣା, ପ୍ରଭାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### କଳାହାଣ୍ଡି ଜିଲାରେ ସେରୋ ସର୍ଭେ ଆରମ୍ଭ

ଭବାନୀପାଟଣା,୧୯(ସ୍ୱ.ପ୍ର.): କଳାହାଣ୍ଡି ଜିଲାରେ ମଙ୍ଗଳବାରଠାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସିଏମଆର ପକ୍ଷରୁ ସେରୋ ସର୍ଭେ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ କେସିଙ୍ଗା ବ୍ଲକ ଚାଙ୍ଗେର ଓ ଦେଓଗିରେ ଏହି ସର୍ଭେ ଆରମ୍ଭ ହୋଇଛି। ୪ଜଣିଆ ଟିମ୍ ଦ୍ୱାରା ସର୍ଭେ ଆରମ୍ଭ ହୋଇଛି। ଏହି ସର୍ଭେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଜିଲାର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, ନର୍ଲା, ଲାଞ୍ଜିଗଡ଼ ବ୍ଲକରେ ଚାଲିବ। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪ଶହ ଜଣ ସାଧାରଣ ଲୋକ ଓ ଏକଶହ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ନମୁନା ସଂଗ୍ରହ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଛି। କୋଭିଡ୍ ପରେ ଲୋକଙ୍କ ମଧ୍ୟରେ କେତେ ପରିମାଣରେ ଆଣ୍ଟିବଡି ଡେଭଲପ ହୋଇଛି ସେ ଉଦ୍ଦେଶ୍ୟରେ ଏହି ସେରୋ ସର୍ଭେ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରତାପ ବେହେରା କହିଛନ୍ତି। ୬ ବର୍ଷରୁ ଅଧିକ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଏହି ସର୍ଭେରେ ନମୁନା ସଂଗ୍ରହ କରାଯାଉଛି। ରାଜ୍ୟରେ କୋଭିଡ୍ ଦ୍ୱିତୀୟ ଲହରୀ ଭୟାବହତା ହୋଇଥିଲା। ଏବେ ତୃତୀୟ ଲହର ଆସିବା ସମ୍ଭାବନା ରହିଛି। ଏହା ପୂର୍ବରୁ ଏହି ସର୍ଭେ ଆରମ୍ଭ ହୋଇଛି।

### ଟ୍ରେନ୍‌ରେ ଡକାୟତି ଉଦ୍ୟମ ବିଫଳ

ରାଉରକେଲା ଅଫିସ, ୧୯: ଟ୍ରେନ ଭିତରେ ପଶି ଡକାୟତି କରିବାକୁ ସଜବାଜ ହେଉଥିବା ୨ଜଣଙ୍କୁ ରେଳବିଭାଗ ପୋଲିସ ଗିରଫ କରିଛି। ଏମାନେ ଟ୍ରେନ ଭିତରେ ପଶି ଡକାୟତି କରିବାକୁ ସଜବାଜ ହେଉଥିଲେ। ହାତରେ ଥିଲା ଖଣ୍ଡା, ଭୁଜାଲି ଆଦି ବିଭିନ୍ନ ପ୍ରକାରର ମାରଣାସ୍ତ୍ର। ଠିକ ଏତିକିବେଳେ ରେଳବାଇ ପୋଲିସ ନଜରକୁ ଆସିଯାଇଥିଲେ ୬ ଡକାୟତ। ପରେ ରେଳବାଇ ପୋଲିସ ଅତର୍କିତ ଭାବେ ସେଠାରେ ପହଞ୍ଚିଯାଇଥିଲା। ଫଳରେ ଦୁଇ ଜଣ ଧରାପଡ଼ିଥିଲେ। ୪ ଜଣ ଫେରାର ହୋଇଯାଇଛନ୍ତି। ରାଉରକେଲା ରେଳଷ୍ଟେସନରେ ମଙ୍ଗଳବାର ବିଳମ୍ବିତ ରାତିରେ ସଂଘଟିତ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଳମ୍ବିତ ରାତି ପ୍ରାୟ ଗୋଟାଏ। ରାଉରକେଲା ରେଳ ଷ୍ଟେସନରେ ୬ ଜଣ ଡକାୟତ ଛିଡ଼ା ହୋଇଥିଲେ। ଏହି ଡକାୟତମାନଙ୍କ ମଧ୍ୟରେ ଗୋପବନ୍ଧୁପଲ୍ଲୀର କୁନ୍ଦନ ଶର୍ମା(୨୦) ଓ ଆଇଟିଆଇ କଲୋନିର ସୁମନ୍ତ ବାରିକ(୩୦)ଙ୍କ ସମେତ ରାଜଗାଙ୍ଗପୁରର ୨ ଜଣ, ଗୋପବନ୍ଧୁପଲ୍ଲୀର ୨ ଜଣ ଡକାୟତ ଥିଲେ। ଏମାନେ ଟାଟା-ବିଲାସପୁର ଟ୍ରେନକୁ ଅପେକ୍ଷା କରିଥିଲେ। ଯୋଜନା ଥିଲା ଟ୍ରେନରେ ପଶି ଯାତ୍ରୀମାନଙ୍କଠାରୁ ଡକାୟତି କରିବା। ସବୁକିଛି ଠିକ ଚାଲିଥିବାବେଳେ ଜଣେ ରେଳବାଇ ପୋଲିସର ନଜର ମାରଣାସ୍ତ୍ର ଉପରେ ପଡ଼ିଥିଲା। ପରେ ପୋଲିସ ଯୋଜନା କରି ଡକାୟତ ଦଳ ଉପରେ ଅତର୍କିତ ଆକ୍ରମଣ କରିଥିଲା। ପୋଲିସ ଘଟଣାସ୍ଥଳରୁ ଦୁଇ ଡକାୟତ କୁନ୍ଦନ ଓ ସୁମନ୍ତକୁ କାବୁ କରିନେଇଥିଲା। ଦୁଇ ଅଭିଯୁକ୍ତଙ୍କୁ ପଚାରାଉଚରା କରିବାପରେ ଏମାନେ ଡକାୟତି ପାଇଁ ରୁଣ୍ଡ ହୋଇଥିବା ମାନି ନେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ୬ ଜଣିଆ ଗ୍ୟାଙ୍ଗ ନାଁରେ ଏକାଧିକ ଚୋରି, ଡକାୟତି ମାମଲା ରହିଛି। ଦୀର୍ଘ ଦିନ ହେଲା ଏହି ଗ୍ୟାଙ୍ଗ ଟ୍ରେନ ଯାତ୍ରୀଙ୍କୁ ଲୁଟିବାରେ ମାତିଥିଲେ। ଏମାନଙ୍କଠାରୁ ଗୋଟିଏ ଚୋରା ମୋବାଇଲ ସହ ମାରଣାସ୍ତ୍ର ଜବତ ହୋଇଛି।

# ପୋଲିସ-ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି


ଚାଷୀମାନେ ଜାତୀୟ ରାଜପଥ ଉପରେ ଧାରଣା ଦେଇଛନ୍ତି।

ନୂଆପଡ଼ା ଅଫିସ,୧୯

- ୧୨ କି.ମି. ‘ଚାଷୀ ବଞ୍ଚାଅ’ ପଦଯାତ୍ରା
- ଜାତୀୟ ରାଜପଥରେ ଚାଷୀଙ୍କ ଧାରଣା

ନୂଆପଡା ଜିଲାରେ ଭୟାଭହ ମରୁଡ଼ି ପରିସ୍ଥିତି, ରାସାୟନିକ ସାରର କଳାବଜାର, ଅଘୋଷିତ ବିଦ୍ୟୁତ୍ କାଟ ଆଦି ପ୍ରମୁଖ ଦାବି ନେଇ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ରାସ୍ତାକୁ ଓହ୍ଲାଇଛି। ବୁଧବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାର ହାଜାର ହଜାର ଚାଷୀ ‘ଚାଷୀ ବଞ୍ଚାଅ’ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁରୁମପୁରିଠାରୁ ଦୀର୍ଘ ୧୨ କି.ମି. ଏକ ଶୋଭାଯାତ୍ରାରେ ବାହରି ନୂଆପଡା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ୩୫୩ ନଂ. ଜାତୀୟ ରାଜପଥରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଦେବା କାର୍ଯ୍ୟକ୍ରମ ରହିଥିଲା। ଚାଷୀମାନେ ଜିଲାପାଳଙ୍କୁ ଗୁହାରୀ କରିବାକୁ ଆସିଥିବା ଜିଲାପାଳ ଅନ୍ୟ ସରକାରୀ କାର୍ଯ୍ୟରେ ଚାଲି ଯାଇଥିଲେ। ଏହାକୁ ନେଇ ଚାଷୀ ଉତ୍ୟକ୍ତ ହୋଇ ସେଠାରେ ହୋହାଲା କରିବାରୁ ପୋଲିସ ଓ ଚାଷୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଉପଜିଲାପାଳ ତରଣୀସେନ ନାଏକ ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ନୂଆପଡା ଏକ ମରୁଡି ପ୍ରପୀଡିତ ଦାଦନ ପ୍ରବଣ ଜିଲା। ଗତ ୫ବର୍ଷ କ୍ରମାଗତ ମରୁଡି ଯୋଗୁ ସର୍ବହରା ହୋଇ ଚାଷୀ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟରେ ସ୍ଥାୟୀ ସରକାର ଥିଲେ ମଧ୍ୟ ଚାଷୀଙ୍କ ଜମିକୁ ପାଣି ନାହିଁ କିମ୍ବା ଲୋକଙ୍କୁ କାମ ମିଳୁ ନାହିଁ। ଜିଲାର ବିଭିନ୍ନ ବିଭାଗରେ ୫୦ ପ୍ରତିଶତ ପଦବୀ ଖାଲି ପଡିଛି। ଶୀଘ୍ର ସେ ସବୁ ପୂରଣ କରାଯାଉ, ଜିଲାରେ ରାସାୟନିକ ସାରର ଅଭାବ, ଅସାଧୁ ବ୍ୟବସାୟୀ ଓ କର୍ମଚାରୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଜିଲାରେ ମରୁଡି ସ୍ଥିତି ସଙ୍ଗୀନ ହେବାରେ ଲାଗିଲାଣି। ଏସବୁକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଗଜା ମରୁଡି ଘୋଷଣା କାରାଯାଉ। ଏହା କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ନିଜର ହକ୍ ପାଇଁ ବିଧାନସଭା ଘେରାଉ କରାଯିବ ବୋଲି ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ପାଣିଗ୍ରାହୀଙ୍କ ସମେତ ବସନ୍ତ ସିଂ ଠାକୁର, ଭକ୍ତବନ୍ଧୁ ଧରୁଆ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଭିନ୍ନ ପୁରୋହିତ, ତାରେଶ୍ୱର ମାଝି, ଭକ୍ତରାମ ଶବର, ଲେଖରାମ ପାଣ୍ଡେ, ହରେକୃଷ୍ଣ ଭୋଇ, ଡୋଳେଶ୍ୱର ପଟେଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା

ବଲାଙ୍ଗୀର ଅଫିସ, ୧୯

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଗଣଧାରଣା ଦିଆଯାଇଥିଲା। ଜିଲା କମିଟି ସଭାପତି ସଞ୍ଜୟ ଗଡତ୍ୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଜିଲାର ଶତାଧିକ ଗାଁ ସାଥୀ ଯୋଗଦେଇଥିଲେ। ପ୍ରଦତ୍ତ ଦାବିପତ୍ରରେ ଗାଁ ସାଥୀଙ୍କ ପାଇଁ କ୍ଷତିକରଣ ସାବ୍ୟସ୍ତ ହେଉଥିବା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଓ ରାଜ୍ୟ ମିଶନଶକ୍ତି ବିଭାଗର ତିନୋଟି ଚିଠି ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଗାଁ ସାଥୀଙ୍କୁ ମାସିକ ସର୍ବନିମ୍ନ ୧୦ ଦିନର ନିଶ୍ଚିତ କାମ ଯୋଗାଣ, ମାସକୁ ସର୍ବନିମ୍ନ ୧୦ଟି ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ହାରରେ ପ୍ରାପ୍ୟ ଦେବାକୁ ଦାବି କରିଥିଲେ। ସମସ୍ତ ନ୍ୟାୟ ଆଶାୟୀ ଗାଁ ସାଥୀଙ୍କ ପାଇଁ ୨୦ ହଜାରରୁ ଉର୍ଦ୍ଧ୍ୱ କୋଭିଡ ସହାୟତା, କାର୍ଯ୍ୟରତ ଜବ୍‌କାର୍ଡଧାରୀ ପରିବାରକୁ ବର୍ଷକୁ ୨ ଶହ ଦିନର କାମ ଓ ଦୈନିକ ମଜୁରି ୩ ଶହ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରଦାନ କରିବାକୁ ଦାବି କରିଥିଲେ। ଉପରୋକ୍ତ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ କରୁଣା ବାଗ, କାର୍ଯ୍ୟକାରୀ ସଭ୍ୟ ହିମାଞ୍ଚଳ ମେହେର, କୋଷାଧ୍ୟକ୍ଷ ଅରବିନ୍ଦ ପଟେଲ, ଉପଦେଷ୍ଟା ରମେଶ ରଣା, ମୌସୁମୀ ଦୀପ, ଶ୍ରୀମତୀ ଶଗଡିଆ, ଦୟାନଧି ପଶାୟତଙ୍କ ସହ ଜିଲାର ୧୪ ବ୍ଲକ୍‌ରୁ ଆସିଥିବା ଗାଁ ସାଥୀ (ମେଟ୍) ଯୋଗଦାନ କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

### ନକଲି ସାର୍ଟିଫକେଟ ଯୋଗାଇଥିବା ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଗିରଫ

ଜୁନାଗଡ,୧୯(ଡି.ଏନ.ଏ.)

**ପିଇଆଇ ଶିକ୍ଷକ ବହିଷ୍କୃତ ହେବା ଘଟଣା**

କଳାହାଣ୍ଡି ଜିଲାରେ ବିଭିନ୍ନ ସ୍କୁଲରେ ପିଇଆଇ, ଏଇଆଇ (ଶାରୀରିକ ଶିକ୍ଷା ଓ କଳା) ଶିକ୍ଷକ ନିଯୁକ୍ତି ପାଇବା ସମୟରେ ଅଧିକାଂଶ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରି ଜିଲାର ବିଭିନ୍ନ ବ୍ଲକର ୨୫ଜଣ ପିଇଆଇ, ଏଇଆଇ ଶିକ୍ଷକଙ୍କୁ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ବହିଷ୍କୃତ କରିଥିଲେ। ଏଥିରେ ଜୁନାଗଡ ବ୍ଲକର ୯ଜଣ ଶିକ୍ଷକ ରହିଥିଲେ। ସେମାନଙ୍କ ନାମରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତି ଜୁନାଗଡ ଥାନାରେ ଏତଲା ଦେଇଥିଲେ। ଜୁନାଗଡ ପୋଲିସ ଏକ ମାମଲା (ନଂ.୧୨୬ରୁ ୧୩୪) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ଉକ୍ତ ଶିକ୍ଷକଙ୍କୁ ନକଲି ସାର୍ଟିଫିକେଟ ଯୋଗାଇଥିବା ଭବାନୀପାଟଣା ଡିପିସି କାର୍ଯ୍ୟାଳୟ ପ୍ରୋଗ୍ରାମ ଆସିଷ୍ଟାଣ୍ଟ (କାର୍ଯ୍ୟକ୍ରମ ସହାୟକ) ନରେନ୍ଦ୍ର କୁମାର ସାହୁଙ୍କୁ ଜୁନାଗଡ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ଏ ନେଇ ଜୁନାଗଡ ଥାନାରେ ଏକ ମାମଲ (ନଂ. ୧୩୧/୨୧) ରୁଜୁ ହୋଇଛି ।

### ଗଡ଼ଜାତ ମହୋତ୍ସବ କମିଟି ପକ୍ଷରୁ ରକ୍ତଦାନ ଶିବିର

ବୌଦ୍ଧ,୧୯(ସ୍ୱ.ପ୍ର.): ଗଡଜାତ ମହୋତ୍ସବ କମିଟି ବିରନରସିଂହପୁର ପକ୍ଷରୁ ସ୍ଥାନୀୟ ବନ ବିଭାଗ ନର୍ସରୀଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ତଥା ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା । ଏଥିରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ଭାବେ ବିଡିଓ ନୀଳକଣ୍ଠ ବେହେରା, ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର, ଚଳଚ୍ଚିତ୍ର ନିର୍ଦ୍ଦେଶକ ବନମାଳୀ ରଣା ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲେ। ଦେବାଶିଷ ମହାକୁଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
**NOTICE INVITING TENDER**
Tender Notice No. TPWODL/PJ/O/SU/036
TP Western Odisha Distribution Limited invites quotations (in 2 part) from eligible vendors/suppliers for the following packages:
**Rate Contract for Supply of 11KV & 33KV, Out-door type Oil-Cooled, Combined CT-PT different ratio of Metering Unit with meter Box, GI Pipes and Control Cable.**
Interested bidders to submit Tender Participation Fee and Authorization letter by e-mail on or before **08th September 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of TPWODL website: **www.tpwesternodisha.com**.
Sd./- Chief Contracts & Stores

**ZILLA SWASTHYA SAMITI, NAYAGARH**
**OFFICE OF THE CDMO-cum-DISTRICT MISSION DIRECTOR, NAYAGARH**
**SHORT TENDER CALL NOTICE**
Adv. No. 02/2021-22 Date: 01.09.2021
Sealed tenders are invited from authorized Manufacturers/ Suppliers/Distributors for supply of chemicals, consumable, equipment & reagents for RTPCR Lab & for DPHL to Nayagarh district. The details are available in the district website: **www.nayagarh.nic.in**. The tender paper cost of Rs.1000/- + GST 18% (Non-refundable) in shape of Demand Draft from any Nationalized Bank in favour of ZSS NON NRHM, Nayagarh payable at Nayagarh. The eligible bidders may submit their tender papers on or before 08.09.2021 by 5.30 P.M. through Registered Post/Speed Post/Courier only to the undersigned. The tender documents will be opened on the same day i.e. **09.09.2021 at 11.30 A.M.** in the Office Chamber of the undersigned. The bidders or their representatives may present at the time of opening. The undersigned reserves the right to accept or reject any or all the quotations without assigning any reason thereof.
Sd./- CDMO-cum-District Mission Director, Nayagarh

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜରପୁର**
ନମ୍ବର: ୧୧୮ ତାରିଖ: ୦୧।୦୯।୨୧
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି କି, ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକ ଅନ୍ତର୍ଗତ ଫ୍ରେଜରପୁର ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଛାତ୍ରୀ ନିବାସର ଚୁକ୍ତି ଭିତ୍ତିକ ସହାୟକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଯାହାର ସବିଶେଷ ବିବରଣ ନିମ୍ନରେ ଦିଆଗଲା।

| କ୍ର.ନଂ. | ପଦବୀର ନାମ | ପଦବୀ ସଂଖ୍ୟା | ଆବଶ୍ୟକ ଯୋଗ୍ୟତା ଓ ଅଭିଜ୍ଞତା | ବୟସ ସୀମା (୦୧।୦୯।୨୦୨୧ ସୁଦ୍ଧା) | ମାସିକ ପାରିଶ୍ରମିକ |
|---|---|---|---|---|---|
| ୧ | ତତ୍ତ୍ୱାବଧାରକ (ମହିଳା) | ୦୧ | ସ୍ନାତକ କଳା/ବିଜ୍ଞାନ ୨ବର୍ଷ ହୋଷ୍ଟେଲ ପରିଚାଳନା | ୩୦-୬୦ | ୭୨୬୦/- |
| ୨ | ଜଗୁଆଳି ତଥା ଝାଡୁଦାର | ୦୧ | ଦଶମ ପାସ୍ | ୨୧-୩୨ | ୪୨୬୦/- |
| ୩ | ମୁଖ୍ୟ ରୋଷେୟା | ୦୧ | ରନ୍ଧନ କଳା ତଥା ଗ୍ୟାସ୍‌ଚୁଲା ବ୍ୟବହାରର ଦକ୍ଷତା ଥିବା ଆବଶ୍ୟକ | ୩୦-୪୦ | ୪୮୪୦/- |
| ୪ | ସହାୟକ ରୋଷେୟା | ୦୨ | ରନ୍ଧନ କଳା ତଥା ଗ୍ୟାସ୍‌ଚୁଲା ବ୍ୟବହାରର ଦକ୍ଷତା ଥିବା ଆବଶ୍ୟକ | ୨୧-୩୨ | ୩୬୩୦/- |

ଆବେଦନ ପତ୍ର ଏବଂ ତତ୍‌ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜିଲ୍ଲା କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.bargarh.nic.in**ରୁ ଡାଉନ୍‌ଲୋଡ୍ କରିପାରିବେ। ସମସ୍ତ ଯୋଗ୍ୟତାଧାରୀ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ, ତାରିଖ: ୧୧।୦୯।୨୦୨୧ ମଧ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜରପୁର, ପୋ.: କେଛୋଦାଦର୍, ବ୍ଲକ: ପାଇକମାଳ, ପିନ୍- ୭୬୮୦୩୯ଙ୍କୁ କେବଳ ରେଜିଷ୍ଟର୍ଡ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ଯେ କୌଣସି ଦରଖାସ୍ତ କିମ୍ବା ସମସ୍ତ ଦରଖାସ୍ତକୁ ରଦ୍ଦ କରିବାର ଅଧିକାର ସ୍ୱତ୍ୱ ଜିଲ୍ଲାପାଳ, ବରଗଡ଼ଙ୍କ ରହିଅଛି।
ସ୍ୱା./- ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜରପୁର

**DETAILED TENDER CALL NOTICE**
The Block Development Officer, Gudari, District- Rayagada on behalf of Government of Odisha invites percentage rates bids for the construction of works as detailed below in the Table from ELIGIBLE Contractors registered with the State Govt. and Contractors of equivalent grade/ class registered with Central Govt. for execution of Civil works on production of definite proof from the appropriate authority.
Bids for the following work:

| Sl. No. | Name of the work | Approximate Estimate Cost (in Rs.) | EMD 1% (In Rs.) | Class of contractor eligible | Period of completion (In months) | Cost of tender paper (Non refundable) (in Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of CDPO office building at Gudari | 2231716.00 | - - | ‘C’ & ‘B’ | 6 (Six calendar months) | 6000.00 |

1. Available of tender paper. The bid document can be downloaded from the official website of District (http://www.rayagada.nic.in) from date 03.09.2021 to 17.09.2021.
2. All other terms and conditions, details can be seen from the above website.
Sd./- Block Development Officer, Gudari

**OFFICE OF THE REGULATED MARKET COMMITTEE, JAGATSINGHPUR**
At: Gopalsagar, P.O./Dist.- Jagatsinghpur, Odisha, PIN - 754103
Email: rmcjspur@gmail.com
**E-PROCUREMENT (INVITATION FOR BID)**
**TENDER CALL NOTICE No. 491 Dt.01.09.2021**
In pursuant to the advertisement vide No. 491 Dt.01.09.2021, the bid documents will be available for sale in the website **www.tenderorissa.gov.in** from 10.00 A.M. of 02.09.2021 to 5.00 P.M. of 14.09.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
Bid identification no:- VI-38(07)/SERIFED/2021-22/738 DT.27.08.2021
**INVITATION FOR BIDS (e-Procurement)**
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the work **“Renovation work of Utkalika Showroom” at Sector-5, Rourkela.** The contractor having experience in executing similar type of work shall participate in the tender. Interested contractors have to visit the site and asses the requirement of work and submit colored 3D views of the works. The Colored 3D views shall be submitted separately (offline) should reach the O/o SERIFED, Saheed Nagar, Bhubaneswar on or before the last date of submission. The tender without 3D views shall be rejected. The tender shall be finalized on the QCBS method basing on the concept design (3D views) & financial quote at the weightage ratio of 80:20. The bid document such as DTCN / BOQ etc. can be seen / downloaded from the government website : **www.tendersodisha.gov.in**. during the period **Dt. 08.09.2021** to **17.00 hours** up to **Dt.25.09.2021**. Online bids shall be received till **17.00 hours dt. 25.09.2021** & shall be opened at **11.30 AM** on **Dt. 27.09.2021**. Any addendum / corrigendum / cancellation of tender can also be seen in the said website.
Sd/-
MANAGING DIRECTOR

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
Bid identification no:- VI-40(09)/SERIFED/2021-22/751 DT.30.08.2021
**INVITATION FOR BIDS (e-Procurement)**
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the work **“Ancillary work with Interior Furnishing work of First Floor (Part-Phase II) of Display Cum Sale Centre” at Bhagamunda TRCS, Keonjhar Dist.** The contractor having experience in executing similar type of work shall participate in the tender. Interested contractors have to visit the site and asses the requirement of work as per BoQ and submit colored 3D views of the works. The Colored 3D views shall be submitted separately (offline) should reach the O/o SERIFED, Saheed Nagar, Bhubaneswar on or before the last date of submission. The tender without 3D views shall be rejected. The tender shall be finalized on the QCBS method basing on the concept design (3D views) & financial quote at the weightage ration of 80:20. The bid documents such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 07.09.2021 to 17.00 hours up to dt. 18.09.2021.** Online bids will be received till **17.00 hours dt. 18.09.2021** & will be opened at **11.30 AM on Dt. 20.09.2021.** Any addendum / corrigendum / cancellation of tender can also be seen in the said website.
Sd/-
MANAGING DIRECTOR

## ଗାଁ ସାଥୀ ସଂଘ ପକ୍ଷରୁ ବିକ୍ଷୋଭ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ଗାଁ ସାଥୀ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ମାସିକ ୮ ହଜାର ଟଙ୍କା ଦରମା ବ୍ୟବସ୍ଥା, ପ୍ରତ୍ୟେକ ଗାଁ ସାଥୀଙ୍କୁ କରୋନା ସହାୟତା ୨୦ ହଜାର ଟଙ୍କା, ସମସ୍ତଙ୍କୁ ଅତିକମ୍‌ରେ ମାସିକ ୧୦ ଦିନ ଓ ବର୍ଷକୁ ୧୦୦ ଦିନ କାମ ଯୋଗାଇ ଦେବା, ଶ୍ରମିକମାନଙ୍କୁ ଏମଜିଏନଆରଇଜିଏରେ ଦିନକୁ ମଜୁରି ୨୨୫ ଟଙ୍କା ପରିବର୍ତ୍ତେ ୩୦୦ ଟଙ୍କା କରିବା ,ପ୍ରତିମାସରେ ଥରେ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଆଦି ରହିଛି। ଏଥିରେ ଅଖଣ୍ଡ ଭବସାଗର, ମହିମା ବତୀ ଭୋଇ, ହେମନ୍ତ ବାଘ,ଜ୍ଞାନରଞ୍ଜନ ବେହେରା, ଠାକୁର ଚରଣ ନାଏକ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ବିଜୟାନନ୍ଦ ଚିନିକଳ ପୁନଃଚାଲୁ ଦାବିରେ ଧାରଣା

ଦେଓଗାଁ,୧।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲି ନିକଟରେ ଥିବା ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ ଦାବିରେ ବୁଧବାରଠାରୁ ଭିଲେଜର୍ସ ଇଣ୍ଡିଆପାର୍ଟି ତରଫରୁ ଅନିଶ୍ଚିତକାଳୀନ ଧାରଣା ଆରମ୍ଭ ହୋଇଛି। ପାର୍ଟି ଅଧକ୍ଷ ଡ. ବିପିନ କୁଶୁଲିଆଙ୍କ ନେତୃତ୍ୱରେ ଚିନିକଳ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କର୍ମକର୍ତ୍ତା ଧାରଣାରେ ବସିଥିଲେ। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପର ପୁନରୁଦ୍ଧାର ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପ୍ରତି ଉପସ୍ଥିତ କର୍ମକର୍ତ୍ତା ବିକ୍ଷୋଦଗାର କରିଥିଲେ। ୨୦୧୪ ମସିହାରୁ ଏହି ଶିଳ୍ପ ବନ୍ଦ ପଡି ରହିଛି। ପରେ ସମସ୍ତ କର୍ମକର୍ତ୍ତା, ନେତୃବୃନ୍ଦ, କର୍ମଚାରୀ, ଆଖୁଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏଡିଏମ ଅନନ୍ତ ସିଂ ଲାଗୁରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶା ସେବାସଂଘ ରାଜେଶ ବଗର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବଜରଙ୍ଗଦଳ ନେତା ଜଗନ୍ନାଥ ମହାରଣା, ଆଦିବାସୀ ଅଧିକାର ମହାସଂଘ ସଭାପତି ଦ୍ୱିଜ ଦଳପତି, ଦୟାମୟ ସାହୁ, ଚିନିକଳ ଶ୍ରମିକସଂଘର ଅଶୋକ ଦାସ, ଆଖୁଚାଷୀ ସଂଘର ଅକୃର ପଟେଲ, କିଷାନ ନନ୍ଦ, କୁମାରୀ ଭୋଇ, ଅଜିତ ରଣା ପ୍ରମୁଖ ସହଯୋଗ କରିଥିଲେ।

### ବରଗଡ ଏମ୍‌ପିଙ୍କ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ପରିଦର୍ଶନ

ପାଇକମାଲ,୧।୯(ଡି.ଏନ.ଏ): ପାଇକମାଲସ୍ଥିତ ନୃସିଂହନାଥ ସରକାରୀ ଆୟୁର୍ବେଦ ଚିକିତ୍ସାଳୟକୁ ବୁଧବାର ବରଗଡ଼ ଏମ୍‌ପି ସୁରେଶ ପୂଜାରୀ,ପଦ୍ମପୁର ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ପରିଦର୍ଶନ କରିବା ସହ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଡ଼ାକ୍ତରମାନଙ୍କୁ ପଚାରି ବୁଝିଥିଲେ। ଏମ୍‌ପି ପୂଝାରୀ, ପୂର୍ବତନ ବିଧାୟକ ପୁରୋହିତଙ୍କୁ ଚିକିତ୍ସାଳୟ ଉପାଧକ୍ଷ ପ୍ରଦୀପ କୁମାର ଦୋରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମୟରେ ଡ.ଶ୍ରୀକାନ୍ତ ରାଉତ, ଡ.ମାନଭଞ୍ଜନ ପଣ୍ଡା, ଡା. ମୁରଲୀଧର ବାଗ, ମାତୃ ପ୍ରସାଦ, ପରାସର ପାଣିଗ୍ରାହୀ, ପ୍ରଫୁଲ୍ଲା ତିର୍କି ,ସୁବଳ ସାହୁ , ଦୁର୍ଯୋଧନ ସେଠ ,ସୌକିଲାଲ ସେଠ,ସୁରୁଜ ପଣ୍ଡା ,ମନବୋଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ଓ ପୂର୍ବତନ ବିଧାୟକ ଚିକିତ୍ସାଳୟ ୱାର୍ଡ ପରିଦର୍ଶନ କରିବା ସହ ଲାଗି ରହିଥିବା ସମସ୍ୟା ସମାଧାନ ଦିଗରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### କୋଭିଡ୍ ଟିକାକରଣ ଶିବିର

କର୍ଲାମୁଣ୍ଡା,୧।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ କଂସିଲ ଓ ଧଅରାଖମନଠାରେ ପୃଥକ ଭାବେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଓ କର୍ଲମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ କୋଭିଡ୍ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିକିତ୍ସା ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାଶ, ବିପିଏମ ଅଜିତ ସିଂ କୁମାର, ବାଡା ପ୍ରତାପ ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ଶୁଭଶ୍ରୀ ସିଂ, ସଂସ୍ଥା କର୍ମୀ ଗରୁଡ଼ ଭୋଇ, ପ୍ରଦୀପ କୁମାର ସାହୁ, ଜଗଦୀଶ ରଣା, କିଶୋର ଦାଶ, ବେଣୁପାଣି ସାହୁ ପ୍ରମୁଖ କୋଭିଡ୍ ଟିକାର ଉପକାରିତ ଓ ତୃତୀୟ ଲହର ଉପରେ ଆଲୋକପାତ କରିଥିଲେ। ଏଥିରେ କର୍ଲମୁଣ୍ଡା ଓ ମ.ରାମପୁର ବ୍ଲକର ପ୍ରାୟ ୮ଟି ଗାଁର ୧୧୦ ମହିଳାପୁରୁଷ ଟିକା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ବିକାଶ କମିଟିର ଜଗନ୍ନାଥ ଭୋଇ, ହେମାଲତା ସା, ଅନିରୁଦ୍ଧ ପୁଟେଲ, ବିଶ୍ୱମ୍ଭର ଭୋଇ, ବକଦେ ଭୋଇ, ରାଜେନ୍ଦ୍ର ସା ସହଯୋଗ କରିଥିଲେ।

### ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନା ବିଦାୟ ସମ୍ବର୍ଦ୍ଧନା

ନୂଆପଡ଼ା ଅଫିସ,୧।୯: ନୂଆପଡା ସଦର ବ୍ଲକ ପତୋରାସ୍ଥିତ ଖାରବେଲ ନଗର ପାନ୍ଥ ନିବାସଠାରେ ଶିକ୍ଷକ ସନ୍ତୋଷ ସିଂ ଠାକୁର ଓ ସରସ୍ୱତୀ ରାଉତଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ବରିଷ୍ଠ ଶିକ୍ଷକ ସରୋଜ ଅଗସ୍ତି ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ଶିକ୍ଷକ ନେତା ନୀଳମଣି ମେହେର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଯଶୋବନ୍ତ ନାରାୟଣ ପଣ୍ଡା ଓ ମୁଖ୍ୟବକ୍ତା ଭାବରେ ଶେଖ ଅବଦୁଲ ଖଲିକ ଯୋଗଦେଇ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କିଶୋର ପରିଡା ସଭା ପରିଚାଳନା କରିଥିବା ବେଳେ ପ୍ରବୋଧ ହୋତା, ଯୌବନ ସଲମା, ଜିତେନ୍ଦ୍ର ଖମାରୀ ପ୍ରମୁଖ ସହଯୋଗ କରିଥିଲେ। ଧରମବନ୍ଧା କ୍ଲଷ୍ଟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ପେଟ୍ରୋଲ ପମ୍ପରେ ଲୋକଙ୍କୁ ସଚେତନ କଲେ ଅଧିକାରୀ

**ସୋନପୁର,୧।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୨୦୧୯ ଫେବୃୟାରୀ ୧ ତାରିଖରୁ ନୋ ହେଲମେଟ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଛି। ଜନସାଧାରଣଙ୍କୁ ଟ୍ରାଫିକ୍ ନିୟମ ଓ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରାଯାଇଛି। ଏ କ୍ଷେତ୍ରରେ ସଫଳତା ମିଳିଛି। ଜିଲାରେ ସଡକ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ପରିସଂଖ୍ୟାନ ଅନୁଯାୟୀ ୨୦୨୧ ଜାନୁୟାରୀରୁ ଜୁନ୍ ମାସ ଭିତରେ ଏହି ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇ ୧୧.୧୧ରେ ପହଞ୍ଚିଛି। ଏ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲା ରାଜ୍ୟରେ ୧ ନମ୍ବର ସ୍ଥାନରେ ରହିଛି।

ବଲାଙ୍ଗୀରରୁ ସୋନପୁର ଦେଇ ଖୋର୍ଦ୍ଧାକୁ ସଂଯୋଗ କରୁଛି ୫୭ନଂ ଜାତୀୟ ରାଜପଥ। ଏହି ରାଜପଥ ସମେତ ସୋନପୁର-ଡୁଙ୍ଗୁରିପାଲି ଓ ସୋନପୁର-ସମ୍ବଲପୁର ରାସ୍ତା ସଡକ ଦୁର୍ଘଟଣା ଦୃଷ୍ଟିରୁ ଅଧିକ ସମ୍ବେଦନଶୀଳ। ତେଣୁ ଦୁର୍ଘଟଣାକୁ ରୋକିବା ପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ବୁଧବାର ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ଓ ଯୋଗାଣ ବିଭାଗ ପକ୍ଷରୁ ସହରରେ ଥିବା ଜୟ ଜୱାନ ପେଟ୍ରୋଲ ପମ୍ପ ଓ ଜୟ ମାତାଦି ପେଟ୍ରୋଲ ପମ୍ପରେ ହେଲମେଟ୍ ପିନ୍ଧିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ହେଲମେଟ୍ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ୍ ଦେଇ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ହେମନ୍ତ କୁମାର ପାଢୀ, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗୀ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜିଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଆଇଆଇସି ପୁଷ୍ପେନ୍ଦୁ ସାଗର, ଅସିତ ନାରାୟଣ ପୂଜାହାରୀ, ଅନୁପ ଦର୍ଜୀ, ଜିଲା ବ୍ୟବସାୟୀ ସଂଘର ସଭାପତି ରାମକୃଷ୍ଣ ମେହେର, ଗୁଣନିଧି ମେହେର ଓ ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ଚକିଆ ଆରୋହୀଙ୍କୁ ହେଲମେଟ ପରିଧାନ, ବିନା ହେଲମେଟରେ ପେଟ୍ରୋଲ ପମ୍ପରେ ବାଇକ ଆରୋହୀଙ୍କୁ ପେଟ୍ରୋଲ ନ ଦେବା, ଦୁଇ ଚକିଆ ଯାନରେ ତିନି ଜଣ ନ ବସିବା ଓ ବାଇକ୍ ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆ ଯାଇଥିଲା। ସେହିପରି ଜିଲାପାଳ ଅବୋଲି ସୁନିଲ ନରୱଣେ ଜାତୀୟ ରାଜପଥରେ ଲୋକଙ୍କୁ ସଚେତନ କରିବା ପାଇଁ ଅପରାହ୍ନରେ ହାଇୱେ ପେଟ୍ରୋଲିଂ ଭ୍ୟାନ୍‌ର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଅନ୍ୟ ଅଧିକାରୀ ବୃନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ।


ହେଲମେଟ୍ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ସୋନପୁର ପୋଲିସ ଏସଡିପିଓ ଗୋଲାପ ଫୁଲ ପ୍ରଦାନ କରୁଛନ୍ତି।

**ନୋ ହେଲମେଟ ନୋ ପେଟ୍ରୋଲ କଡ଼ାକଡ଼ି**
- ହାଇୱେ ପାଟ୍ରୋଲିଂ ଭ୍ୟାନ୍‌ର ଶୁଭାରମ୍ଭ

# ବ୍ଲକ ପରିସରରେ ପଡ଼ି ରହିଛି କୀଟନାଶକ, ସାର


ପରିତ୍ୟକ୍ତ ଘରେ ପଡି ରହିଥିବା ସାର ଓ କୀଟନାଶକ।

**ଖପ୍ରାଖୋଲ, ୧।୯ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ କଲୋନୀ ପାଖରେ ଥିବା ଏକ ପରିତ୍ୟକ୍ତ ଘରେ ଅନେକ କୃଷି କୀଟନାଶକ ଓ ସାର ପଡି ରହିଥିବା ଦେଖାଯାଇଛି। ସରକାର ଚାଷୀଙ୍କୁ ମାଗଣାରେ ଯୋଗାଉ ଥିବା ଏହି କୀଟନାଶକ ଏବଂ ସାର ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ଏହି କୋଠାକୁ କୃଷି ବିଭାଗ ତରଫରୁ ଗୋଦାମ ଭାବେ ବ୍ୟବହାର କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ହେଲେ ଏ ନେଇ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ପଚାରିବାରୁ ମୁଁ ୬ ବର୍ଷ ହେଲା ଏଠାକୁ ଆସିଲିଣି। ହେଲେ ଏହି କୋଠାରେ ଆମ ବିଭାଗ ତରଫରୁ କୌଣସି କିଟନାଶକ କି ସାର ରଖା ଯାଇ ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଘର ଭିତରେ ଅନେକ ବସ୍ତା ଜିପସମ୍ ସାର ଓ ପେଟି ପେଟି କୀଟନାଶକ ଥିବା ଦେଖାଯାଇଛି।

# ଶାଶୁଶ୍ୱଶୁରଙ୍କ ସହ ଜଣେ ସହଯୋଗୀ କୋର୍ଟଚାଲାଣ

**କେସିଙ୍ଗା,୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧରାମାଲ ଗ୍ରାମରେ ଗତ ରବିବାର ସ୍ତ୍ରୀର ଗଳା କାଟି ସ୍ୱାମୀ ହତ୍ୟା ଉଦ୍ୟମ କରି ଫେରାର ହୋଇଥିଲେ। ଏହି ଘଟଣାରେ ଫେରାର ସ୍ୱାମୀ ନିହାର ସାହାଣୀ (୨୩)ଙ୍କୁ ମଙ୍ଗଳବାର କେସିଙ୍ଗା ପୋଲିସ ସମ୍ବଲପୁରରୁ ଗିରଫ କରିଥିଲା। ବୁଧବାର ନିହାରଙ୍କ ବାପା ନିଖିଳ ସାହାଣୀ (୪୫), ମା' ସୁଷମା (୪୦), ଅନ୍ୟ ଜଣେ ସହଯୋଗୀ ଉଳିକୁପା ଗ୍ରାମର ଦିତେଶ ସୁନା (୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଜଣେ ନାବାଳକଙ୍କୁ ମଧ୍ୟ ପୋଲିସ ଗିରଫ କରି ଜୁଭେନାଲ କୋର୍ଟକୁ ପଠାଇଛି।

ସୂଚନା ଯେ, ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ବାଇଦାର ନୂଆପାଲି ଗ୍ରାମର ନିହାର ଉକ୍ତ ଗ୍ରାମର ପ୍ରକାଶିନୀ ସାହାଡ଼ି (୨୨)ଙ୍କୁ ଗତବର୍ଷ ପ୍ରେମ ବିବାହ କରିଥିଲେ। ପ୍ରକାଶିନୀଙ୍କୁ ମାମୁ ଘର କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧରାମାଲକୁ ବୁଲାଇ ନେବା କହି ରବିବାର ନିହାର ନେଇ ଆସିଥିଲେ। ସାଙ୍ଗରେ ନିହାରଙ୍କ ବନ୍ଧୁ ମଧ ଥିଲେ। ସନ୍ଧ୍ୟାରେ ପ୍ରକାଶିନୀଙ୍କୁ ଜଙ୍ଗଲକୁ ଡାକି ନେଇ ଗଳାକାଟି ଦେଇଥିଲେ। ଚେତାଶୂନ୍ୟ ହେବାରୁ ଉଭୟ ତାଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲେ। ପ୍ରକାଶିନୀ ଜଙ୍ଗଲ ନିକଟରେ ଥିବ ଏକ କୁଡ଼ିଆ ଘରେ ରାତ୍ରି କଟାଇ ଥିଲେ। ସୋମବାର ସକାଳେ ଜମି ମାଲିକ କ୍ଷେତକୁ ଯାଇ ତାଙ୍କୁ ଦେଖିଥିଲେ। ଏ ନେଇ ପଲମ ଫାଣ୍ଡିକୁ ଖବର ଦେଇଥିଲେ। ପଲମ ଫାଣ୍ଡି ଅଧିକାରୀ କେସିଙ୍ଗା ପୋଲିସକୁ ଜଣାଇବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚ ଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସା ପରେ ସେ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। କେସିଙ୍ଗା ଥାନରେ ଏକ ମାମଲା (ନଂ. ୩୧୯/୨୧) ରୁଜୁ ହୋଇଥିଲା।


ଗିରଫମାନଙ୍କୁ ପୋଲିସ ଥାନାରେ ହାଜର କରିଛି।

**ଗର୍ଭବତୀଙ୍କୁ ଗଳା କାଟି ହତ୍ୟା ଉଦ୍ୟମ ଘଟଣା**
- ପୂର୍ବରୁ ସ୍ୱାମୀ ଗିରଫ ହୋଇଥିଲେ
- ନାବାଳକଙ୍କୁ ଜୁଭେନାଲ କୋର୍ଟକୁ ପଠାଗଲା

# ମରୁଡ଼ି ଘୋଷଣା ଦାବି ଜଣାଇଲେ ୨ ପଞ୍ଚାୟତ ଚାଷୀ

**କେସିଙ୍ଗା,୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଓ ପରଲସିଙ୍ଗା ୨ଟି ପଞ୍ଚାୟତରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀମାନେ ଠିକ ଭାବେ ଚାଷ କରି ପାରିନାହାନ୍ତି। ଅଗଷ୍ଟ ସରିଲାଣି ବର୍ଷା ନ ହେବାରୁ ଧାନ ବିହୁଡା, ରୁଆ ହୋଇପାରିନାହିଁ। ଏହି ୨ଟି ପଞ୍ଚାୟତ ପାଣି ଅଭାବରୁ ଧାନ ଚାଷ ମରି ଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ତହସିଲଦାର ଜ୍ୟୋର୍ତିମୟ କରଙ୍କୁ ଏହି ୨ ପଞ୍ଚାୟତକୁ ମରୁଡ଼ି ଘୋଷଣା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେସିଙ୍ଗା ବ୍ଲକରେ ୯ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। କିନ୍ତୁ ସ୍ୱଳ୍ପବର୍ଷା ଯୋଗୁ ଧାନ ସବୁ ମରି ବାକୁ ବସିଲାଣି। ବ୍ଲକର ଶିରୋଲ ଓ ପରଲସିଙ୍ଗା ପଞ୍ଚାୟତର ପ୍ରାୟ ୩ ହଜାର ହେକ୍ଟର ଜମିରେ ଧାନ ଚାଷ ମାରିବାକୁ ବସିଲାଣି। ପରଲସିଙ୍ଗା ପଞ୍ଚାୟତର ସରାପଦର ଗ୍ରାମର ୨୫୦ ଏକର ଜମିରେ ଧାନ ଚାଷ ନଷ୍ଟ ହେଲାଣି। ସରାପଦର ଗ୍ରାମରେ ଏକ ଏମ୍‌ଆଇବି ପ୍ରୋଜେକ୍ଟ ଥିଲେ ମଧ ଅକାମି ହୋଇ ପଡ଼ିଛି। ଫଳରେ ସ୍ୱଳ୍ପ ବର୍ଷା ସମୟରେ ଜଳସେଚନ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ କେସିଙ୍ଗା ତହସିଲଦାରଙ୍କୁ ପଚାରିବାରୁ ମୁ ଜିଲାପାଳଙ୍କ ନିକଟକୁ ଚାଷୀଙ୍କ ଅଭିଯୋଗ ପଠାଇବି। ଜିଲାପାଳ ଯାହା ବିଚାର କରିବେ ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ବେଳେ ସରାପଦର ଗ୍ରାମର ଚାଷୀ ଇନ୍ଦ୍ର ସା, ଗୌର ହରି ଗୌଡ଼, ବେଣୁଧର ଗୌଡ଼ଙ୍କ ସମେତ ଶିରୋଲ ସରପଞ୍ଚ ହେମନ୍ତ ନାଗ, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ରାଜ ବାଗ, ମହିପାଳ ବାଗ, ପ୍ରଫୁଲ୍ଲ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲାପାଳ ଅଫିସ ଆଗରେ ଗାଁ ସାଥୀଙ୍କ ଧାରଣା

**ବରଗଡ଼ ଅଫିସ୍,୧।୯**

ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଗାଁ ସାଥୀ(ମେଟ୍)ଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ବରଗଡ଼ ଜିଲା ଗାଁ ସାଥୀ ସଂଘ ଜିଲାପାଳ ଅଫିସ ଆଗରେ ଧାରଣା ଦେଇଥିଲା। ଏହା ସହିତ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମାସିକ ସର୍ବନିମ୍ନ ୧୦ଦିନ ନିଶ୍ଚିତ କାର୍ଯ୍ୟ, ୨୦ହଜାର ଟଙ୍କା ଲେଖାଏଁ କୋଭିଡ୍ ସହାୟତା, ଜବକାର୍ଡ଼ଧାରୀମାନଙ୍କ ପରିବାର ଲୋକଙ୍କୁ ୨୦୦ ଦିନର କାମ, ଦୈନିକ ମଜୁରୀ ୩୦୦ ଟଙ୍କାକୁ ବୃଦ୍ଧି କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସଂଘ ସଭାପତି ଶୋଭାକର ସାହୁ, ସୁରେନ୍ଦ୍ର ସାହୁ, ପ୍ରଦୀପ ପଟେଲ, ଦେବାନନ୍ଦ ସବର, ନିରାକାର ଜାଲ, ନାରାୟଣ ଭୁଏ, ସତ୍ୟବାନ ଭୋଇ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କର୍ଲାମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି



କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

**କର୍ଲମୁଣ୍ଡା,୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କାର୍ଲମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯିବାକୁ ଦାବି ଏବେ ଯୋର ଧରୁଛି। ଏହି ପରିପ୍ରେକ୍ଷୀରେ ବୁଧବାର କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୃଷକ କଲ୍ୟାଣ ମଞ୍ଚ ସଭାପତି ନରୋତ୍ତମ ସେଲମା, ସମ୍ପାଦକ ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକ ବିଭିନ୍ନ ଗାଁର ଚାଷୀମାନେ ଶିଶୁମନ୍ଦିର ଛକଠାରେ ଏକତ୍ର ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ବାସନ୍ତୀ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ କର୍ଲମୁଣ୍ଡା ବ୍ଲକର ୧୨ଟି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯିବା, ବ୍ୟାଙ୍କ ଋଣ ଛାଡ କରିବା, ଗତ ଖରିଫ କୃଷିବୀମା ସହାୟତା ରାଶି ପ୍ରଦାନ କରିବା ପ୍ରମୁଖ ଦାବି ରହିଛି। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଆଦିବାସୀ ଯୁବନେତା ନନ୍ଦି କିଶୋର ଭୋଇ, କୃଷକ କଲ୍ୟାଣ ମଞ୍ଚ ସହସମ୍ପାଦକ ମଧୁସୂଦନ ବାଗ, ଚାଷୀନେତା ଶେଷଦେବ ସାହୁ, ଘିନୁ ସାହୁ, ବିହାରିଲାଲ ସାହୁ, ଜଗନ୍ନାଥ ଚୌଧୁରୀ, କାର୍ଲମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ଯୁବ ନେତା ତ୍ରିଶଙ୍କର ରଣା, ନୀଳମଣି ବାଗ, ପ୍ରେମାନନ୍ଦ ସାହୁ, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ବୌଦ୍ଧ,୧।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଏହାସତ୍ତ୍ୱେ ରାଜ୍ୟର ଚାଷୀଙ୍କ ପାଇଁ ଆବଶ୍ୟକ ସମୟରେ ସାର ଯୋଗାଣରେ ଅବହେଳା ନେଇ ବୁଧବାର ବିଜୁ କୃଷକ ଜନତା ଦଳ ପକ୍ଷରୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏ ନେଇ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏବର୍ଷ କେନ୍ଦ୍ର ସରକାରଙ୍କ ସାର ମନ୍ତ୍ରଣାଳୟ ଖରିଫ ଋତୁ ପାଇଁ ରାଜ୍ୟକୁ ୪ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ୟୁରିଆ ସାର,୨ ଲକ୍ଷ ମେଟ୍ରିକ ଟନ୍ ଡିଏପି,୧ ଲକ୍ଷ ମେଟ୍ରିକ ଟନ୍ ଏମଓପି ଓ ୨ ଲକ୍ଷ ମେଟ୍ରିକ ଟନ୍ କମ୍ପ୍ଲେକ୍ସ ସାର ଯୋଗାଇ ଦେବାକୁ ପ୍ରତଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କେବଳ ୨ ଲକ୍ଷ ୧୭ ହଜାର ମେଟ୍ରିକ ଟନ୍ ୟୁରିଆ, ୧ ଲକ୍ଷ ୪୦ ହଜାର ମେଟ୍ରିକ୍ ଟନ୍ ଡିଏପି, ୫୦ ହଜାର ମେଟ୍ରିକ ଟନ୍ ଏମଓପି ଓ ୧ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ କମ୍ପ୍ଲେକ୍ସ ସାର ଯୋଗାଇ ଦେଇଛନ୍ତି। ଧାରଣାରେ ବୌଦ୍ଧ ବିଧାୟକ ପ୍ରଦିପ କୁମାର ଅମାତ, ବିଜେଡିର ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ କୁମାର ନାୟକ, ଅଶୋକ କୁମାର ସାହୁ, ଏମ. ମିଶ୍ର, ସଂଗ୍ରାମ ଦାସ, ବିଶ୍ୱଜିତ ମିଶ୍ର, ତାରେଣି ମହାପାତ୍ରଙ୍କ ସମେତ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ।

**ସାର ଯୋଗାଣରେ କେନ୍ଦ୍ର ସରକାରଙ୍କ ଅବହେଳା**

# କୃଷକ ସଂଘର୍ଷ ସମନ୍ୱୟ ସମିତି ବିକ୍ଷୋଭ

**ଜୁନାଗଡ,୧।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ମରୁଡି ଜନିତ ଚାଷର କ୍ଷତିପୂରଣ, ଅଣଜଳସେଚିତ ଚାଷ ଜମିରେ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ଓ କୃଷକ ବିରୋଧୀ ୩ଟି କଳା କୃଷି ଆଇନ ପ୍ରତ୍ୟାହାର ଦାବି କରାଯାଇଛି। ଏ ନେଇ ବୁଧବାର ଜିଲା କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଜୁନାଗଡ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସମିତି କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ମା'ଲଙ୍କେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓ ଦୁଲରାମା ମାରଣ୍ଡିଙ୍କୁ ପ୍ରଦାନ କରାଯାଇଛି। ଜିଲା କୃଷକ ସଂଘର୍ଷ ସମନ୍ୱୟ ସମିତି ଆବାହକ ବିଶ୍ୱନାଥ କରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିରଞ୍ଜନ ପ୍ରଧାନ, ଲିଙ୍ଗରାଜ ଆଜାଦ, ଲକ୍ଷ୍ମଣ ରଣବୀର, ସତ୍ୟ ମାହାର, ଦାମୋଦର ବେହେରା, ରମେଶ ନାୟକ, ହରେକୃଷ୍ଣ ମାଝି, ଦୁର୍ଯ୍ୟୋଧନ ମାଝୀ, ମହାଦେବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



କୃଷକ ସଂଘର୍ଷ ସମନ୍ୱୟ ସମିତିର ଶୋଭାଯାତ୍ରା।

# ଏସ୍‌ପି, ଜିଲାପାଳ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧।୯**

ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳରେ ଘଟିଥିବା ଦଳିତ ମହିଳାଙ୍କୁ ଗଣବଳାତ୍କାର, ଘରପୋଡ଼ି ମାମଲାକୁ ନେଇ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ବହୁଜନ ସମାଜ ପାର୍ଟି ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ବୁଧବାର ଭୀମ ଆର୍ମି ପକ୍ଷରୁ ଦଳୀୟ କର୍ମୀମାନେ ଏସ୍‌ପି ଓ ଜିଲାପାଳ ଅଫିସ ଆଗରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଉଭୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଗଣବଳାତ୍କାର, ଘରପୋଡ଼ି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏ ନେଇ ଏସପି ରାହୁଲ ଜୈନ ଏବଂ ଜିଲାପାଳ ମନିଷା ବାନାର୍ଜୀଙ୍କୁ ପୃଥକଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଭୀମ ଆର୍ମିର କର୍ମୀମାନେ ସ୍ଥାନୀୟ କୋର୍ଟ ସମ୍ମୁଖରେ ରହିଥିବା ଆମ୍ବେଡ଼କର ପ୍ରତିମୂର୍ତ୍ତି ଆଗରେ ସମବେତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଏସପି ଅଫିସ ସମ୍ମୁଖକୁ ଆସ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ ସମ୍ମୁଖ ରାସ୍ତାକୁ ମଧ୍ୟ କିଛି ସମୟ ଧରି ଅବରୋଧ କରିଥିଲେ। ଡିଏସପି ସୁଧାକର ସାହୁ, ଏସଡ଼ିପିଓ ଦୀପକ କୁମାର ଗୋଛାୟତ, ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଜାହାରୀ ପ୍ରମୁଖ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ। ଭୀମ ଆର୍ମୀ ପକ୍ଷରୁ ଏସପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ଜିଲାପାଳ ଅଫିସକୁ ସେମାନେ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲା ତଥା ରାଜ୍ୟ ବାହାର ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ପ୍ରକାଶଥାଉକି, ଏହି ମାମଲାରେ ୧୨ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ଏପର୍ଯ୍ୟନ୍ତ ୭ଅଭିଯୁକ୍ତଙ୍କୁଗିରଫ କରିସାରିଛି।



ବରଗଡ଼ ଏସପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଦଳିତ ମହିଳାଙ୍କୁ ଗଣବଳାତ୍କାର, ଘରପୋଡ଼ି ମାମଲା**

## କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମରେ ଗଳ୍ପ ପାଠ

ବଲାଙ୍ଗୀର ଅଫିସ: କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ଅନ୍‌ଲାଇନ୍ ଗଳ୍ପପାଠ କାର୍ଯ୍ୟକ୍ରମରେ ବଲାଙ୍ଗୀରର ଗାଳ୍ପିକ ପ୍ରଦୀପ କୁମାର ମିଶ୍ର ଯୋଗ ଗଳ୍ପପାଠ କରିଥିଲେ। ଗାଳ୍ପିକ ମିଶ୍ର ତାଙ୍କ ଗଳ୍ପ ସେମାନେ ତଫସିଲଭୁକ୍ତ ନୁହନ୍ତି ପାଠ କରିଥିଲେ। ଏହାକୁ ଅତିଥି ଏବଂ ଶ୍ରୋତାମାନେ ବେଶ୍ ପ୍ରଶଂସା କରିଥିଲେ । କୋଲକତା ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିଥି ଭାବେ ଓଡିଆ ଉପଦେଷ୍ଟା ପରିଷଦ ଆବାହକ ଡ. ବିଜୟାନନ୍ଦ ସିଂ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

ଲୋଇସିଂହା,୧।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଅଞ୍ଚଳର ଜଣେ ଅପହୃତ ନବାଳିକାଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ବୁଧବାର ତାଙ୍କର ଲୋଇସିଂହା ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ନାବାଳିକାଙ୍କ ବୟାନକୁ ଆଧାର କରି ମାମଲା ପରିବର୍ତ୍ତନ କରାଯାଇଛି ବୋଲି ଆଇଆଇସି ରମାକାନ୍ତ ଜେନା କହିଛନ୍ତି। ଏ ନେଇ ଏକ ମାମଲା(ନଂ. ୨୬୦/୨୧) ରୁଜୁ ହୋଇଛି। ପୋଲିସ ସୂଚନାମତେ, ଜନ୍ମାଷ୍ଟମୀ ଅପରାହ୍ନରେ ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଖଲିଆପାଲି ଗ୍ରାମର ଜଣେ ଅଟୋ ଡ୍ରାଇଭର ତାଙ୍କୁ ବଳପୂର୍ବକ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏହାପରେ ଅପହରଣକାରୀ ସୁବର୍ଣ୍ଣପୁର ଜିଲା ଲଛିପୁରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ନାବାଳିକାଙ୍କୁ ରଖିଥିଲେ। ଖବର ପାଇ ନାବାଳିକା ପରିବାର ଲୋକେ ଲୋଇସିଂହା ପୋଲିସକୁ ସୂଚନା ଦେଇଥିଲେ । ଏହାପରେ ପୋଲିସ ଅପହୃତାଙ୍କୁ ମଙ୍ଗଳବାର ସ ଉଦ୍ଧାର କରିଥିଲା । ଘଟଣା ଦିନ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ନିଖୋଜ ନେଇ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ ।

### ବିଭିନ୍ନ ଦାବି ନେଇ ଗାଁ ସାଥୀଙ୍କ ଧାରଣା

ନୂଆପଡ଼ା ଅଫିସ,୧।୯: ନୂଆପଡା ଜିଲା ଗାଁ ସାଥୀମାନଙ୍କ ବିଭିନ୍ନ ସମସ୍ୟା ନେଇ ବୁଧବାର ଗାଁ ସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡିଶା ପ୍ରଦେଶ ସଂଘ ଆହ୍ୱାନକ୍ରମେ ଜିଲା ଶାଖା ସଭାପତି ଯୋଗେନ୍ଦ୍ର ବାଗଙ୍କ ନେତୃତ୍ୱରେ ସ୍ଥାନୀୟ ମିନିଷ୍ଟାଡିୟମରୁ ଏକ ସୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିରୋଧୀ ଦଳ ନେତା, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ଚିଠି, ମିଶନ ଶକ୍ତି ବିଭାଗର ଚିଠିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ, ମାସକୁ ଉଚିତ ପ୍ରାପ୍ୟା ସହିତ ସର୍ବନିମ୍ନ ୧୦ ଦିନର ଗ୍ୟାରେଂଟେଡ କାର୍ଯ୍ୟ ଦିଆଯାଉ, ୨୦ ହଜାର କୋଭିଡ୍ ସହାୟତା ପ୍ରଦାନ କରାଯାଉ, ଜବକାର୍ଡଧାରୀଙ୍କୁ ୧୦୦ ଦିନ ବଦଳେ ୨ ଶହ ଦିନର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଦିଆଯାଉ,୨୧୫ ଟଙ୍କାରୁ ବୃଦ୍ଧି କରି ୩ ଶହରୁ ଊର୍ଦ୍ଧ୍ୱ ଟଙ୍କା ଦୈନିକ ମଜୁରୀ ପ୍ରଦାନ କରାଯାଉ ଆଦି ଦାବିକୁ ନେଇ ଗାଁସାଥୀ ସଂଘ ଧାରଣାରେ ବସିଥିଲା। ଦାବି ପୂରଣ ନ ହେଲେ ଆସନ୍ତା ୭ ତାରିଖରେ ବିଧାନସଭା ଆଗରେ ଧାରଣା ଦେବା ପାଇଁ ସଂଘ ସଭାପତି ଯୋଗେନ୍ଦ୍ର ବାଗ, ଯାଦରାମ ମାଝି, ରାମଚନ୍ଦ୍ର ଭୋଇ, ପବିତ୍ର ମୋହନ ପ୍ରଧାନ, ଅର୍ଜ୍ଜୁନ ବାଗ, ଈଶ୍ୱର ବାଗ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଦୁଃଖ ଦେଲା ଲେମନଗ୍ରାସ

ଲୋଇସିଂହା,୧।୯(ଡି.ଏନ.ଏ.)


ନୁନିଆଁପାଲି ଗ୍ରାମର ଲେମନ ଗ୍ରାସ ଖେତ।

ଲେମନ ଗ୍ରାସ ଏକ ଅର୍ଥକାରୀ ଚାଷ। ଏହି ଫସଲକୁ ଗୋରୁ କିମ୍ବା ହାତୀ ଖାଇ ନଷ୍ଟ କରନ୍ତି ନାହିଁ । ଏହି କାରଣରୁ ବହୁ ଚାଷୀ ଏହି ଚାଷ ପ୍ରତି ଆକୃଷ୍ଟ ହୋଇଥାନ୍ତି। ଜଳଛାୟ ପ୍ରକଳ୍ପ ପକ୍ଷରୁ ଏମ୍‌ଜିଏନ୍‌ଆରିଜିଏସ୍‌ରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଚାଷୀଙ୍କୁ ଏହି ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ହାତୀ ଉପଦ୍ରବରେ ଅତିଷ୍ଠ ବ୍ଲକର ନୁନିଆଁପାଲି, ରଙ୍ଗାଡିହିମ, କେଶାଇପାଲି, ଭାଲୁପାଲି ଗ୍ରାମବାସୀ ୨୦୧୫-୧୬ ଅର୍ଥିକ ବର୍ଷରେ ଲେମନ ଗ୍ରାସ ଚାଷକୁ ଅପଣାଇଥିଲେ। ଲେମନ ଗ୍ରାସର ଉପକାରିତା ସମ୍ପର୍କରେ ସଭା ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ଲେମନ ଗ୍ରାସରୁ ତୈଳ ଉତ୍ପାଦନ କରି ପରଫ୍ୟୁମ, ରୁମଫ୍ରେସନର ପରି ଅନେକ ଦାମୀ ସାମଗ୍ରୀ ପ୍ରସ୍ତୁତ ହେଉଥିବା କୁହାଯାଇଥିଲା। ବର୍ଷକୁ ୩ଥର ଚାଷୀଘାସ ବିକ୍ରି କରିପାରିବେ ବୋଲି ଚାଷୀଙ୍କୁ ସ୍ୱପ୍ନ ଦେଖାଯାଇଥିଲା। ଏହାପରେ ନୁନିଆପାଲି ସମେତ ବିଭିନ୍ନ ଗ୍ରାମର ଚାଷୀ ଉକ୍ତ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ହେଲେ ଉକ୍ତ ଚାଷ କରି ଚାଷୀ ଏବେ ହରଡଘଣାରେ ପଡିଛନ୍ତି। ଖେତରେ ଥିବା ଲେମନଗ୍ରାସକୁ ନା କାଟି ପାରୁଛନ୍ତି ଅଥବା ନୂଆଚାଷ କରି ପାରୁଛନ୍ତି। ଚାଷୀ ଏହି ସ୍ଥିତିରେ ଥିବାବେଳେ ଖେତରେ ଥିବା ଲେମନଗ୍ରାସ ଆଉ କାମରେ ଲାଗିବ ନାହିଁ ବୋଲି ଜଳଛାୟା ପ୍ରକଳ୍ପ ବିଭାଗ ପକ୍ଷରୁ କୁହାଯିବା ପରେ ଚାଷୀମାନେ ହତାଶ ହୋଇ ପଡିଛନ୍ତି।

ନୁନିଆପାଲି ପଞ୍ଚାୟତ ସଦର ଗାଁର ନନ୍ଦକିଶୋର ପଧାନ, ପ୍ରକାଶଚନ୍ଦ୍ର ସାହୁ, କମ୍ପୁପାଣି ସାହୁ, ଜୟରାମ ସାହୁଙ୍କ ପରି ୩୫ଚାଷୀ ସେହିବର୍ଷ ୧୨୦ଏକର ମାଳଜମିରେ ଲେମନଗ୍ରାସ ଚାଷ କରିଥିଲେ। ଚାରା ରୋପଣ ପାଇଁ ପ୍ରତି ଚାରା ପ୍ରତି ଚାଷୀଙ୍କୁ ୨ଟଙ୍କା ଦେବାକୁ କୁହାଯାଇଥିଲା। ଏପରିକି ଫସଲ ସୁରକ୍ଷା ପାଇଁ ତାର ବାଡ ଓ ପାଣି ମଡାଇବା ପାଇଁ ଜମିରେ ଚହଲା ଖନନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। ହେଲେ ତାରବାଡ, ଚହଲା ଖନନ ଦୂରେ ଥାଉ ଥରଟିଏ ମଧ୍ୟ ଘାସ କିଣା ଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜଳଛାୟା ପ୍ରକଳ୍ପ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ମୋହନଲାଲ ହିଆଲଙ୍କୁ ପଚାରିବାରୁ ଚାଷୀମାନେ ଉତ୍ପାଦିତ ଘାସକୁ ଲୋଇସିଂହା ବ୍ଲକ ଝାରବନ୍ଧଲିସ୍ଥିତ ଏକ ଘରୋଇ ମିଲକୁ ବିକ୍ରି କରିବାକୁ କୁହାଯାଇଥିଲା। ହେଲେ ସେମାନେ ଘାସ ସେଠାକୁ ମିଲିଂ ପାଇଁ ନ ନେବାରୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ପରିସ୍ଥିତିକୁ ଲକ୍ଷ୍ୟ କରି ଚାଷୀଙ୍କୁ ପାଖ ହେଲାଭଳି ସିଂଘାରିମୁଣ୍ଡାରେ ଏକ ସରକାରୀ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଜିଲାପାଳଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଯାଇଛି। ମଞ୍ଜୁରି ମିଳିଲେ ଚାଷୀମାନେ ଏହାର ଫାଇଦା ଉଠାଇ ପାରିବେ। ଲେମନଗ୍ରାସ ତେଲର ଦର ଲିଟର ପ୍ରତି ୧୮୫୦ଟଙ୍କା। ମିଲରେ ପେଡା ହେଲେ ଚାଷୀମାନେ ଏହି ଅର୍ଥ ପାଇବେ। ଏଥି ସହିତ ଟ୍ରାନ୍ସପୋର୍ଟ ଖର୍ଚ୍ଚ ମଧ ପାଇବେ ବୋଲି ସେ କହିଛନ୍ତି। ତେବେ ଇତିମଧରେ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବାରୁ ଖେତରେ ଥିବା ଲେମନଗ୍ରାସ ଆଉ ଉପକାରୀ ହେବନାହିଁ। ତେଣୁ ଚାଷୀମାନେ ଏହାକୁ କାଟି ନୂଆ ଚାରା ଲଗାଇଲେ ବେଶ ପାଇଦା ଉଠାଇ ପାରିବେ ବୋଲି କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଚାଷୀଙ୍କୁ ସହୟତା କରିବା ସହ ଜଳଛାୟ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା ନେବାକୁ ଚାଷୀମାନେ ଦାବି କରିଛନ୍ତି।

ରିପୋର୍ଟ: ସୁଶାନ୍ତ ବାରିକ

### ପାଣିରେ ପଡ଼ିଲା ପରିଶ୍ରମ

- ଆଗଲପୁର ବ୍ଲକରେ ଜଳଛାୟା ପ୍ରକଳ୍ପ
- ୩୫ଚାଷୀ କରିଥିଲେ ୧୨୦ଏକର ଜମିରେ ଚାଷ
- ଚାରା ପ୍ରତି ୨ଟଙ୍କା, ଚହଲା ଖନନ ହୋଇନି

### ଚାଷୀମାନେ ଯାହା କହନ୍ତି...


"ଲଗାଯାଇଥିବା ଘାସ ନଷ୍ଟ ହେଉନାହିଁ। ଫଳରେ ସେହି ଜମିରେ ଛୋଟଧାନ, ମୁଗ, ଚିନାବାଦାମ ଆଦି ଚାଷ କରିବା ସମ୍ଭବ ହେଉନାହିଁ । ଜଳଛାୟ ପ୍ରକଳ୍ପ ଭେଳିକି ଦେଖାଇ ଆମକୁ ବୁଡାଇଲା।

ନନ୍ଦକିଶୋର ପଧାନ।


"ଚାରା ଲଗାଇବା ଟଙ୍କା ମିଳିଲାନି, ଏବେ ଏହାକୁ ନଷ୍ଟ କରିବାକୁ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଆମପରି କ୍ଷୁଦ୍ରଚାଷୀମାନେ ଦୁଇପଇସା ଲାଭ ପାଇବା ଆଶାରେ ଲେମନଗ୍ରାସ ଚାଷ କରିଥିଲୁ। ହେଲେ ଜଳଛାୟ ପ୍ରକଳ୍ପ ଆମକୁ ଠକି ଦେଲା।

ପ୍ରକାଶ ଚନ୍ଦ୍ର ସାହୁ।


"ଏହି ଘାସକୁ ଗୋରୁ ଖାଉନାହାନ୍ତି। ଜମିପଡିଆ ପଡିଥିଲେ ଅନ୍ତତଃପକ୍ଷେ ଗୋରୁ ଚରିଥାନ୍ତେ। ଏବେ ଆମେ କଣ କରିବୁ ବୁଝି ପାରୁନାହୁଁ। ଜଳଛାୟା ପ୍ରକଳ୍ପର ଅପରିଣାମଦର୍ଶିତା ଯୋଗୁ ଆଜି ଏହି ଦଶା ଭୋଗୁଛୁ।

ପ୍ରଦୀପ ସାହୁ।

## ବୁର୍ଲା, ବଲାଙ୍ଗୀରରେ ସ୍ଥାପିତ ହେଉ ଏକ୍‌ମୋ ମେଶିନ

ସୋନପୁର,୧।୯(ନି.ପ୍ର.)

କରୋନାର ସମ୍ଭାବ୍ୟ ତୃତୀୟ ଲହର ଚିନ୍ତା ବଢାଇଛି। ତେଣୁ ଶିଶୁ ଓ କିଶୋର ସଂକ୍ରମଣକୁ ଦୃଷ୍ଟିରେ ରଖି ପଶ୍ଚିମ ଓଡିଶାରେ ସ୍ୱାସ୍ଥ୍ୟସେବାର ଉନ୍ନତି ଆଣିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି। ବୟସ୍କ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ଭୀମସାର ଓ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଏକ୍‌ମୋ ମେଶିନ ସ୍ଥାପନ ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ମଙ୍ଗଳବାର ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଷି ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡିଶା ସରକାର କଟକ ଏସ୍‌ସିବିରେ ୯ଟି ଏକ୍‌ମୋ ମେଶିନ ଲୋକାର୍ପିତ କରିଛନ୍ତି। ଭୌଗଳିକ ଦୃଷ୍ଟି କୋଣରୁ ପଶ୍ଚିମ ଓଡିଶାର ଜନସାଧାରଣ ଏସ୍‌ସିବିକୁ ଯାଇ ଚିକିତ୍ସିତ ହେବା କଷ୍ଟକର। ତେଣୁ ପଶ୍ଚିମ ଓଡିଶାର ପ୍ରାୟ ୧ କୋଟି ୭୫ ଲକ୍ଷ ଲୋକଙ୍କ ଜୀବନର ସୁରକ୍ଷା ପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସରକାରୀ ସ୍ତରରେ ଏହି ଉନ୍ନତ ଚିକିତ୍ସା ସୁବିଧା ଅଞ୍ଚଳର ଗରିବ ତଥା ମଧ୍ୟବିତ୍ତ ଲୋକଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ଏହି ଅବସରରେ ସୁରେଶ ପାତ୍ର, ଶେଷଦେବ ମେହେର, ବ୍ୟାସଦେବ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ଶ୍ରୀନିବାସ ମିଶ୍ର, ବାପି ଦାଶ, କେଶବ ସାହୁ ଓ ଶୋଭାକର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ରୁଗୁଡ଼ିପଡ଼ା ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ବଲାଙ୍ଗୀର ଅଫିସ, ୧।୯


ରୁଗୁଡିପଡା ଦୁର୍ଗାପୂଜା ମୃତ୍ତିକା ଅନୁକୂଳ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା।

ବଲାଙ୍ଗୀର ସହର ରୁଗୁଡିପଡାର ଶାରଦୀୟ ଦୁର୍ଗାପୂଜା ପାଇଁ ମଙ୍ଗଳବାର ମୃତ୍ତିକା ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଛି। ମାଁ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ରୀତିନୀତି ଅନୁସାରେ ଭାଦ୍ରବ ଶୁକ୍ଳ ନବମୀ ତିଥିରେ ବିଲ୍ୱ ବୃକ୍ଷ ମୂଳରୁ ମୃତ୍ତିକା ସଂଗ୍ରହ କରାଯାଇଛି। ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏହି ମାଟିକୁ ପୂଜାର୍ଚ୍ଚନା କରାଯାଇ ମୃଣ୍ମୟୀ ପ୍ରତିମା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଚଳିତବର୍ଷ କର୍ତ୍ତା ଭାବେ ପ୍ରଦ୍ୟୁମ୍ନ ପୁରୋହିତ ଓ ତାଙ୍କ ସ୍ତ୍ରୀ ଶୈଳସୂତା ପୁରୋହିତ ଦାୟିତ୍ୱ ତୁଲାଇଛନ୍ତି। ଏହି ଉପଲକ୍ଷେ ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବିଲ୍ୱ ବୃକ୍ଷଠାରେ ପୂଜାର୍ଚ୍ଚନା କରିଥିଲେ। ମୃତ୍ତିକା ସଂଗ୍ରହ ପରଠୁ ପ୍ରତିମା ନିର୍ମାଣ କାମ ଆରମ୍ଭ ହେବ। ପୂଜକ ଭାବେ ନିରଞ୍ଜନ ମହାପାତ୍ର, ହିମାଂଶୁ ପାଢ଼ୀ, ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ଲକ୍ଷ୍ମୀ ମହାରଣା, ଡମ୍ବରୁ ପଶାୟତ, ସ୍ୱସ୍ତିକ ସାହୁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଚେତନାନନ୍ଦ ପଣ୍ଡା, ସମ୍ପାଦକ ହରିନାରାୟଣ ପୂଜାରୀ, ଉପସଭାପତି ପ୍ରଦୀପ ପଟ୍ଟନାୟକ, ସହସମ୍ପାଦକ ଦେବବ୍ରତ ବର୍ଗର୍ତ୍ତୀ, କାର୍ଯ୍ୟକାରୀ ସଦସ୍ୟ ଭାଗରଥି ମହାକୁର, ଅରୁଣ କୁମାର ନାଏକ ଉପସ୍ଥିତ ଥିଲେ ।

## ଶର୍ଟ ସର୍କିଟ ଯୋଗୁ ଏଟିଏମ ପୋଡ଼ିଗଲା

ବାଉଁଶୁଣି,୧।୯(ଡି.ଏନ.ଏ.)

ବୌଦ୍ଧ ବ୍ଲକର ବାଉଁଶୁଣିଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମରେ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି । ଶର୍ଟ ସର୍କିଟରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଛି। ପ୍ରକାଶ ଯେ, ପ୍ରତିଦିନ ରାତି ପ୍ରାୟ ୯ଟା ସମୟରେ ଏ.ଟି.ଏମ. ବନ୍ଦ କରାଯାଏ। ମଙ୍ଗଳବାର ମଧ ନିର୍ଦ୍ଧାରିତ ସମୟରେ ବନ୍ଦ କରାଯାଇଥିଲା। ତେବେ ରାତିରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଭିତରେ ଥିବା ଦୁଇଟି ଏସିରେ ନିଆଁ ଲାଗି ପୋଡିଯାଇଛି। ସର୍ଟର ବନ୍ଦ ଥିବାରୁ ଭିତରେ ଧୂଆଁ ହୋଇ କଳା ଦେଖାଯାଉଛି। ବୁଧବାର ସକାଳେ ସର୍ଟର ଖୋଲିବା ପରେ ନିଆଁ ଲାଗିଥିବା ଜଣାପଡିଥିଲା। ଏଠାରେ ଥିବା ଏ. ସି. ଅଚଳ ଥିଲା ବୋଲି ଗ୍ରାହକଙ୍କ ସୂତ୍ରରୁ ପ୍ରକାଶ। ତେବେ ଏଟିଏମ ଭିତରେ ଥିବା ଟଙ୍କା ସୁରକ୍ଷିତ ଥିବା ସୂଚନା ମିଳିଛି।

## ବାହାରିଲା ପୁଷ୍ଟିଶସ୍ୟ ପୋଷଣ ସଚେତନତା ରଥ



ଅତିଥିମାନେ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ମୁରିବାହାଲ, ୧।୯ (ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପରିସରରେ ବୁଧବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଓ ଓଡ଼ିଶା ମିଲେଟ ମିଶନ ଆନୁକୂଲ୍ୟରେ ପୁଷ୍ଟିଶସ୍ୟ ପୋଷଣ ସଚେତନତା ରଥର ଶୁଭାରମ୍ଭ ହୋଇଛି। ମୁରିବାହାଲ ବିଡିଓ ପ୍ରିୟରଞ୍ଜନ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭବେ ପାତକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧକ୍ଷ ସୁନ୍ଦରମତୀ ବାଗ, ସମ୍ମାନୀତ ଅତିଥି ଶିଶୁବିକାଶ ଯୋଜନା ଅଧିକାରୀ ସରସୀ ପଣ୍ଡା, ବ୍ଲକ କୃଷି ଅଧିକାରୀ ଅମ୍ରିତି ଲୁଗୁନ ଯୋଗଦେଇଥିଲେ। ପୁଷ୍ଟିଶସ୍ୟ ଖାଦ୍ୟ ମୁଖ୍ୟତ ଗ୍ରାମାଞ୍ଚଳରେ ମାଣ୍ଡିଆ, ଗୁରଜି, କୋଦୋର ଉପଯୋଗିତା ଉପରେ ସଚେତନତା କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ରଥ ମୁରିବାହାଲ ବ୍ଲକର ୨୨ପଞ୍ଚାୟତକୁ ଆସନ୍ତା ଚାରିଦିନ ଧରି ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ଆଶା ସମ୍ପାଦକ ଭାସ୍କର ସାହୁ, ମିଲେଟ ମିଶନ ଜିଲା ସଂଯୋଜକ ଯଶୋବନ୍ତ ନାଏକ ।

## ମରୁଡ଼ି ଘୋଷଣା ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ଲୋଇସିଂହା,୧।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢୀପଦର ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ତହସିଲ ଅଫିସ ଆଗରେ ପଞ୍ଚାୟତବାସୀ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଅଶୋକ ମିଶ୍ରଙ୍କ ଅନୁପସ୍ଥିତିରେ ମୁଖ୍ୟକିରାଣୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ଅଧୀନ ଘୁଷୁରାମୁଣ୍ଡା, ନେଗିପାଲି, ସଲତରପାଲି, ପିପିଲିପାଲି, ଲୁହୁରାପାଲି ଓ ବୁଢୀପଦର ଗ୍ରାମର ଚାଷୀମାନେ ସରପଞ୍ଚ ଲକ୍ଷ୍ମୀ ପଧାନଙ୍କ ତତ୍ତ୍ୱାବଧାନରେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ କରିଥିଲେ ଯେ, ସ୍ୱଳ୍ପ ବୃଷ୍ଟିପାତରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଷ କାମ ହୋଇଥିଲା। ହେଲେ ବର୍ତ୍ତମାନ ବର୍ଷା ଉଭାନ ହୋଇଯାଇଛି। ବର୍ଷାଭାବରୁ ପଞ୍ଚାୟତ ଅଞ୍ଚଳରେ ଆସନ୍ନ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଅଗଷ୍ଟ ୨୯ତାରିଖରେ ରାଜୀବ ଭବନରେ ପଞ୍ଚାୟତ ଅଧୀନ ଚାଷୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସୁଧାଂଶୁ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଏ ନେଇ ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପଞ୍ଚାୟତବାସୀଙ୍କ ବିକ୍ଷୋଭକୁ ବ୍ଲକ କଂଗ୍ରେସ ସମର୍ଥନ ଜଣାଇଥିଲା ।


ସରପଞ୍ଚ ଓ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# କୃଷି ବିଲ୍‌ରେ ଚାଷୀଙ୍କ ସ୍ୱାର୍ଥ ବିକିଛି କେନ୍ଦ୍ର

ବରଗଡ଼ ଅଫିସ୍,୧।୯


ସମାବେଶରେ ମଞ୍ଚାସୀନ ବିଜେଡ଼ି ନେତୃବୃନ୍ଦ ।

- ସମାବେଶରେ ବିଜେଡି ନେତୃବୃନ୍ଦଙ୍କ ମତ
- ସାର ଅଭାବ ନେଇ କେନ୍ଦ୍ରକୁ ଦାୟୀ କଲେ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ବିଜେଡ଼ି ହେଉଛି ଚାଷୀର ଦଳ। ସାରା ଭାରତବର୍ଷରେ ଆଜି ଚାଷୀ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେଉଛି। ଏଥିପାଇଁ କେନ୍ଦ୍ର ସରକାର ଦାୟୀ। ନୂଆ କୃଷିବିଲ ଆଣି କେନ୍ଦ୍ର ଚାଷୀଙ୍କ ସ୍ୱାର୍ଥକୁ ବିକିଛି। ନୂଆ କୃଷିବିଲ ଯୋଗୁ ସମଗ୍ର ଦେଶରେ ଗୋଟିଏ ବଜାର ବ୍ୟବସ୍ଥା ହେବ ଏବଂ କେନ୍ଦ୍ର ଏହାକୁ ଦେଶର ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କ ହାତକୁ ଟେକି ଦେବେ। ଏଥିପାଇଁ ସମ୍ପୃକ୍ତ ଶିଳ୍ପପତି ହଜାର ହଜାର ହେକ୍ଟର ପରିମିତ ଜମିରେ ଗୋଦାମ ଗୃହ ନିର୍ମାଣ କରି ଚାଲିଛନ୍ତି। ଏହାହେଲେ ଜଣେ ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କ ହାତରେ ଧାନ, ଅନ୍ୟ କୃଷିଜାତ ଦ୍ରବ୍ୟର ବିକ୍ରିବ୍ୟବସ୍ଥା ନିୟନ୍ତ୍ରଣ ହେବ ଏବଂ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଏହାର ପ୍ରତିବାଦରେ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ଜୋର୍ ଧରିଛି। ତେବେ ଯିଏ ବି ଚାଷୀ ପ୍ରତି ଅନ୍ୟାୟ କରିବ, ବିଜେଡ଼ି ତାର ବିରୋଧ କରିବ ବୋଲି ବୁଧବାର ବରଗଡ଼ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ କୃଷକ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ସମାବେଶ ତଥା ଗଣଧାରଣାରେ ରାଜ୍ୟ ସଭା ସାଂସଦ(ଏମପି) ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଏହା ସହିତ ବାରମ୍ବାର ରାଜ୍ୟକୁ ଆବଶ୍ୟକ ସାର ଯୋଗାଇ ନଦେବା ଘଟଣାରୁ କେନ୍ଦ୍ର ସରକାରଙ୍କ ଚାଷୀ ମାରଣନୀତି ସ୍ପଷ୍ଟ ହୋଇଛି ବୋଲି କହିଥିଲେ।

ସେହିପରି ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବାରମ୍ବାର ଅବିଚାର କରି ଚାଲିଛନ୍ତି। ବିଶେଷ କରି ଚାଷୀ ମାରଣନୀତି ପ୍ରୟୋଗ କରିଛନ୍ତି। ରାଜ୍ୟର ଚାଷୀଙ୍କୁ ଯେତିକି ସାର ଦରକାର, କେନ୍ଦ୍ର ସେହି ଅନୁପାତରେ ତାହା ଯୋଗାଉ ନାହାନ୍ତି। ଫସଲରେ ସାର ପ୍ରୟୋଗ ନ ହେଲେ ଉତ୍ପାଦନ କମିଯିବ। ଫଳରେ ଚାଷୀମାନେ କିଭଳି କମ୍ ଉତ୍ପାଦନ କରିବେ ଏବଂ ରାଜ୍ୟରେ ଉତ୍ପାଦନ ହ୍ରାସ ହେବ। ସେଥିପାଇଁ କେନ୍ଦ୍ର ସରକାର ସାର ନ ଯୋଗାଇ ଏଭଳି ଷଡ଼ଯନ୍ତ୍ର କରି ଚାଲିଥିବା ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଆହୁରି ୧ଲକ୍ଷ ମେଟ୍ରିକ ଟନର ୟୁରିଆ ସାର, ୪୫ହଜାର ମେଟ୍ରିକ ଟନ ଡିଏପି, ୩୫ହଜାର ମେଟ୍ରିକ ଟନ କମ୍ପୋଷ୍ଟ ସାର ଆବଶ୍ୟକ ରହିଛି। ମାତ୍ର କେନ୍ଦ୍ର ସରକାର ଠିକଣା ସମୟରେ ତାହା ରାଜ୍ୟକୁ ପ୍ରଦାନ କରୁନାହାନ୍ତି। ଏହାଦ୍ୱାରା ଚାଷୀକୁଳ ବହୁତ ପ୍ରଭାବିତ ହେବେ ଏବଂ ଆବଶ୍ୟକ ସାର ଯୋଗାଇ ଦେବାକୁ କେନ୍ଦ୍ରଠାରେ ଦାବି କରାଯାଇଛି ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଜୁ କୃଷକ ଜନତା ଦଳ ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ରକୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନେଇ ନଥିବା ଯୋଗୁ ଏଥିରେ ହସ୍ତକ୍ଷେପ କରି ଓଡ଼ିଶାର ଚାଷୀଙ୍କୁ ଆବଶ୍ୟକ ସାର ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ରାଜ୍ୟ ସଭା ସାଂସଦ ଆଚାର୍ଯ୍ୟ, ବିଧାୟକ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଯୁବ ବିଜେଡ଼ି ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଗୌରହରି ମିଶ୍ର, ନରେନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ଜିଲାର ଶତାଧିକ ଚାଷୀ, ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ।

## ଟିପର ଧକ୍କାରେ ବାଇକ ଚାଳକ ଗୁରୁତର

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଥାନା ୧୦ ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେ ରାଞ୍ଚିରୋଡରେ ବୁଧବାର ସଡକ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି । ରାତି ୮ଟାରେ କୁତ୍ରା ବୁନିପଡା ଗ୍ରାମର ଇଶ୍ୱର ସିଂ ( ୩୨) ନାମକ ଯୁବକ ଘରୁ ରାଜଗାଙ୍ଗପୁର ପାଦାକୁ ଡିୟୁଟି ଯାଉଥିବା ବେଳେ ରାଞ୍ଚିରୋଡ ଛକରେ ଏକ ଟିପର ତାଙ୍କୁ ଧକ୍କା ଦେଇଥିଲା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚାକିତ୍ସା କରାଯାଉଛି ।

## ସଂକ୍ଷେପରେ

### କଂଗ୍ରେସ ପକ୍ଷରୁ ବିକ୍ଷୋଭ

ବିନିକା,୧।୯(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ୧୬ଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ହୋଇଥିବା ଅନିୟମିତତା ବିରୋଧରେ କଂଗ୍ରେସ ପକ୍ଷରୁ ବୁଧବାର ସିଲାଟି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଗୌରୀଶଙ୍କର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ହୋତା ଓ ଯୁବନେତା ପ୍ରଦୀପ ସେଠୀ ଏହାର ନେତୃତ୍ୱ ନେଇଥିଲେ । କଂଗ୍ରେସ ନେତା ରବୀନ୍ଦ୍ର ହୋତାଙ୍କ ଆହ୍ୱାନ କ୍ରମେ ବ୍ଲକର ୧୬ଟି ଗ୍ରାପର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଗ୍ରାପ କଂଗ୍ରେସ ଦଳ ସଭାପତିମାନଙ୍କ ଜରିଆରେ ଦାବିପତ୍ର ପ୍ରଦାନ ହୋଇଛି । ମହଦା କଂଗ୍ରେସ ଦଳ ସଭାପତି ସୁରଥ ପଧାନ,କଇଁତରା ଗ୍ରାପର ବୃନ୍ଦାବନ ଥପା ,ବାଉଁଶୁଣୀ ଗ୍ରାପର ଘୁଣ୍ଟୁ ଭୋଇ ,ମହାଦେବପାଳି ଗ୍ରାପର ମୁରଲୀ କର୍ମୀ, ସେଲେଡି ଗ୍ରାପର ରାଧାମୋହନ ଭୋଇ, ଶଙ୍କରା ଗ୍ରାପର ମୁନୁ ଶତପଥୀ, ଚରଦା ଗ୍ରାପର ତ୍ରିଲୋଚନ ବାରିକ, ମେଘଲା ଗ୍ରାପର ଶଶୀ ସାହୁଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା । ସେହିପରି ଜୁଲୁଣ୍ଡା ଗ୍ରାପର ନାରାୟଣ ସାହୁ ,କୁଇବାହାଲ ଗ୍ରାପରୁ ନାରାୟଣ ସାହୁ ,ସିଲାଟି ଗ୍ରାପରୁ ବିନୋଦ ବିହାରୀ ବିଶ୍ୱାଳ, ଭଣ୍ଡାର ଗ୍ରାପର ନାଗେଶ୍ୱର ବାଘ, ସିଂଘିଯୁବା ଗ୍ରାପର ହରିଚରଣ ମିଶ୍ର,ବାବୁପାଳି ଗ୍ରାପର ହୃଷିକେଶ ମହାନନ୍ଦ, ବାଙ୍କିଘିର୍ଡି ଗ୍ରାପର ସୀତା ପୁଟେଲ, ସିନ୍ଦୁରପୁର ଗ୍ରାପରୁ ରୁଷି ସାହୁ ପ୍ରମୁଖ ଗ୍ରାପ କଂଗ୍ରେସ ଦଳ ସଭାପତିମାନେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଯଦି ଦାବି ପୂରଣ କରା ନ ଯାଏ ଆଗାମୀ ଦିନରେ ବିନିକା ବ୍ଲକର ୧୬ଟି ଗ୍ରାପରେ ତାଲା ପକାଇ ଅଚଳ କରି ଦିଆଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଜିଲାରେ ଗଡ଼ିଲା ସଚେତନତା ରଥ

ସୁନ୍ଦରଗଡ଼,୧।୯ (ଡି.ଏନ୍.ଏ): ଲୋକମାନଙ୍କର ମାନସିକ ଓ ଶାରୀରିକ ବିକାଶ ପାଇଁ ପୋଷଣ ନିହାତି ଜରୁରୀ। ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସେପ୍ଟେମ୍ବର ୧ରୁ ୭ ତାରିଖ ଯାଏଁ ଜାତୀୟ ପୋଷଣ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୁନ୍ଦରଗଡ଼ ଜିଲାରେ ବୁଧବାରଠାରୁ ପୁଷ୍ଟିଶସ୍ୟ ପୋଷଣ ସଚେତନତା ରଥ ଗଡ଼ିଛି।
ସୁନ୍ଦରଗଡ଼ଠାରେ ଏହି ରଥକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଉଦ୍‌ଘାଟନ କରିଛନ୍ତି। ଏହି ରଥ ସପ୍ତାହେ ବ୍ୟାପି ସୁନ୍ଦରଗଡ଼ ଜିଲାର ବିଭିନ୍ନ ଗାଁ ପରିକ୍ରମା କରିବ। ସୁନ୍ଦରଗଡ଼ ସହିତ ପାନପୋଷ ଏବଂ ବଣାଇଁ ଉପଖଣ୍ଡରେ ମଧ ଏହି ସଚେତନତା ରଥ ଗଡ଼ିଛି। ଲୋକମାନଙ୍କୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନ କରିବା ଲାଗି ପୋଷଣ ସପ୍ତାହ ପାଳନ କରାଯାଉଛି ବୋଲି ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ଠାରେ ସଚେତନତା ରଥ ଶୁଭାରମ୍ଭ ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲା ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ବୁଲେଶ୍ୱରୀ ପଟେଲ, ଜିଲା ଖଣିଜ ପ୍ରତିଷ୍ଠାନର ଜୀବିକା ବିଶେଷଜ୍ଞ ଅଞ୍ଜନକୁମାର ପଣ୍ଡା, ଓଡ଼ିଶା ପୁଷ୍ଟିଶସ୍ୟ ମିଶନ ଓ କୃଷି ବିଭାଗର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖସିଯାଉଛନ୍ତି ଜାଲ୍ ଡିଗ୍ରୀଧାରୀ

- ତଦନ୍ତ ପଥଚ୍ୟୁତ,ବହୁ ଦୂରରେ ପୋଲିସ ମାମଲା
- ୬ ବର୍ଷ ହେଲା ଚାଲିଛି ନିର୍ଦ୍ଦେଶ, ଫଳ ଶୂନ
- ୮୯ ରୁ ମାତ୍ର ୯ ଜଣ ବହିଷ୍କାର

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧।୯

ରାଜ୍ୟର ୨୫ ଜିଲାରେ ୮୯ ଜଣ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ଶିକ୍ଷା ବିଭାଗରେ ଚାକିରି କରୁଛନ୍ତି। ସେମାନଙ୍କ ମଧ୍ୟରୁ ଯାଜପୁର ଜିଲାର ୫ ଜଣ ଶିକ୍ଷକଙ୍କୁ ଚିହ୍ନଟ କରାଯାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ର ଯୁଗ୍ମ ନିର୍ଦ୍ଦେଶକ ଓ ନୋଡାଲ ଅଫିସରଙ୍କ ପକ୍ଷରୁ ୧୯।୮।୨୦୨୧ରେ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଦେଇଥିବା ପତ୍ରରେ ଏହି ସୂଚନା ମିଳିଛି। ବାସ୍ତବରେ ରାଜ୍ୟରେ ଉପରୋକ୍ତ ପରିସଂଖ୍ୟାନର ୧୦ ଗୁଣରୁ ଅଧିକ ଜାଲ୍ ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ତଦନ୍ତରୁ ଏହାର ବାସ୍ତବତା ବହୁ ଦୂରରେ ରହିଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଗତ ୬ ବର୍ଷ ହେଲା କେବଳ ତଦନ୍ତ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ନ ମାନି ଏହି ଜାଲ୍ ଡିଗ୍ରୀଧାରୀ ଶିକ୍ଷକଙ୍କୁ ପୋଲିସ ମାମଲାରୁ ଦୂରେଇ ରଖାଯାଉଥିବା ସନ୍ଦେହ କରାଯାଉଛି। ଏହିକ୍ରମରେ ଡିଇଇ ଉଦ୍‌ବେଗ ପ୍ରକାଶ କରି ସମ୍ପୃକ୍ତ ତଦନ୍ତ ଅଧିକାରୀମାନଙ୍କୁ ସୁନିଶ୍ଚିତ ଭାବେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଶେଷ ସୁଯୋଗ ଦେଇଥିବା ପତ୍ରରେ ଦର୍ଶାଯାଇଛି।

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟସ୍ତରରେ କେତେଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ୨୦୧୯ ଜୁଲାଇରେ ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଥିଲା । ଶିକ୍ଷକମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ କରି କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେ ନେଇ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିବାକୁ ସେତେବେଳେ ଡିଇଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଏହି ସ୍ୱତନ୍ତ୍ର ଦଳ କୁଆଡେ ଗଲେ ଓ କ'ଣ କରୁଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ନିର୍ଦ୍ଦେଶ ୨୦୧୫ରୁ ହୋଇଆସୁଛି। ହେଲେ ଏପର୍ଯ୍ୟନ୍ତ ୮୯ ଜଣ ଚିହ୍ନଟ ଶିକ୍ଷକଙ୍କ ମଧରୁ ମାତ୍ର ୯ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବାବେଳେ ବାକି ୧୫ ଜଣଙ୍କ ନାମରେ ପ୍ରୋସିଡିଂ ଚାଲିଛି। ଏଥିରୁ ମାତ୍ର ୬ ଜଣଙ୍କ ନାମରେ ପୋଲିସରେ ମାମଲା ରୁଜୁ ହୋଇଛି।

ଯାଜପୁର ଜିଲାର କୋରେଇ ବ୍ଲକ ଶିକ୍ଷାଧିକାରୀ ଅଧୀନରେ ମାତ୍ର ଜଣଙ୍କୁ ବହିଷ୍କାର କରାଯାଇଛି। ବଲାଙ୍ଗୀର ଜିଲାରେ ସର୍ବାଧିକ ୭ ଜଣ ଶିକ୍ଷକଙ୍କୁ ବହିଷ୍କାର ହୋଇଥିବା ରିପୋର୍ଟରୁ ଜଣାପଡିଛି। ତେବେ ଏହି ମାମଲାରେ ପୋଲିସରେ ଏଫ୍‌ଆଇଆର୍ ଦେବାରେ ବ୍ଲକସ୍ତରୀୟ ଅଧିକାରୀମାନେ ପଛଘୁଞ୍ଚା ଦେଉଥିବା ମନେହେଉଛି। ଜାଣିଶୁଣି କିମ୍ବା ଜାଲ୍ ଶିକ୍ଷକଙ୍କ ସହ ହାତ ମିଳାଇ ଏଭଳି କରାଯାଉଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଏହାବାଦ୍ ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟ କିମ୍ବା ତାଲିମ ଅନୁଷ୍ଠାନରେ ପରୀକ୍ଷାର୍ଥୀ ବାସ୍ତବରେ ପରୀକ୍ଷା ଦେଇ ପ୍ରମାଣପତ୍ର ପାଇଛନ୍ତି କି ଘରେ ବସି କେତେଜଣ ଦଲାଲଙ୍କ ସହଯୋଗରେ ସେଠାରେ ପ୍ରଶ୍ନପତ୍ରରେ ଉତ୍ତର ଲେଖାଯାଇ ପ୍ରମାଣପତ୍ର ହାସଲ କରିଛନ୍ତି ତାହା ତଦନ୍ତ ପରିସରକୁ ଆସୁନାହିଁ । ଯେଉଁଥିରେ କି ଜଣେ ଜାଲ୍ ଡିଗ୍ରୀଧାରୀ ସହଜରେ ଖସି ଯାଉଛନ୍ତି ।

୨୦୧୯ ଜୁଲାଇରେ ନକଲି ଶିକ୍ଷାନୁଷ୍ଠାନ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ ମଧଭାରତ ଗ୍ୱାଲିୟର ନାମରେ ସିବିଆଇ ଆଣ୍ଟି କରପ୍ସନ ବ୍ରାଞ୍ଚ, ଡେରାଡୁନ ୨ଟି ମାମଲା ରୁଜୁ କରିଥିଲା। ସିବିଆଇ ତଦନ୍ତରୁ ଜଣାପଡିଥିଲା ଯେ, ଏହି ଏଜୁକେଶନାଲ ବୋର୍ଡକୁ ଗତ ୫।୩।୨୦୧୪ରୁ ଉତ୍ତରପ୍ରଦେଶ ସରକାରଙ୍କ ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିଛି। ସେହିପରି ମଧ୍ୟପ୍ରଦେଶ ସରକାର ମଧ ଏହି ଶିକ୍ଷାନୁଷ୍ଠାନକୁ ମଞ୍ଜୁର କିମ୍ବା ସ୍ୱୀକୃତି ପ୍ରଦାନ କରିନାହିଁ । ତଥାପି ସାରା ଦେଶରେ ଏହି ନକଲି ଶିକ୍ଷାନୁଷ୍ଠାନ ପକ୍ଷରୁ ମାର୍କଶିଟ ଓ ପ୍ରମାଣପତ୍ର ଏଯାଏ ପ୍ରଦାନ କରାଯାଉଛି । କେବଳ ଅର୍ଥ ରୋଜଗାର ପାଇଁ ବିନା ପରୀକ୍ଷାରେ ଏଭଳି ବେଆଇନ କାରବାର ଚାଲିଛି । ତେଣୁ ସିବିଆଇ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତ ୨୦୧୯ ଜୁଲାଇ ୨୩ ତାରିଖରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ସମସ୍ତ ଡିଗ୍ରୀ କଲେଜ ଓ ସ୍ୱୟଂଶାସିତ କଲେଜ ଅଧକ୍ଷମାନଙ୍କୁ ଏଭଳି ନକଲି ପ୍ରମାଣପତ୍ର ବଳରେ ହେଉଥିବା ଆଡମିଶନ ଓ ନିଯୁକ୍ତି କ୍ଷେତ୍ରରେ ଯତ୍ନବାନ ରହିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଓଡ଼ିଶାରେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲା ନାହିଁ କି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ପାରିନାହିଁ।

ନକଲି ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପ୍ରମାଣପତ୍ର ଦାଖଲ କରି ଇନ୍‌କ୍ରିମେଣ୍ଟ ପାଇଥିବା ଯାଜପୁର ଜିଲାର ୩ ଜଣ ଶିକ୍ଷକଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଅଟକି ରହିଛି। ଡିଇଇ ପକ୍ଷରୁ କ'ଣ ଓ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଉତ୍ତର ମିଳି ନ ଥିବାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଡିଇଇ ତାଲିକାରେ ଯାଜପୁର ଜିଲାର ଅନ୍ୟ ୨ ଜଣ ନକଲି ଓଟିଇଟି ପ୍ରମାଣପତ୍ର ଦାଖଲ କରିଥିବା ଶିକ୍ଷୟିତ୍ରୀଙ୍କ ନାମ ସାମିଲ କରାଯାଇ ନାହିଁ। ନକଲି ପ୍ରମାଣପତ୍ର ଦାଖଲ କରି କରଦାତାଙ୍କ ଅର୍ଥରେ ଦରମା କିମ୍ବା ଇନ୍‌କ୍ରିମେଣ୍ଟ ପାଉଥିବା ଏଭଳି ଶିକ୍ଷକଙ୍କ ବିରୋଧରେ କୋହଳ ମନୋଭାବ ପୋଷଣ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## କଳା, କ୍ରୀଡ଼ା ଶିକ୍ଷକଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର,୧।୯(ବ୍ୟୁରୋ)

ସ୍ଥାୟୀ ନିଯୁକ୍ତି ଦାବିରେ ବୁଧବାର ପାର୍ଟଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନେ ରାଜ୍ୟବ୍ୟାପୀ ପ୍ରତିବାଦ କରିଛନ୍ତି। ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ କହିଛି, ଦୀର୍ଘଦିନ ଧରି ମହାସଂଘ ପକ୍ଷରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିପ୍ରାପ୍ତ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ପାରିଶ୍ରମିକ ବୃଦ୍ଧି ସହ ମାସିକ ୧୨ ମାସ ସମ୍ପୂର୍ଣ୍ଣ ବେତନ ପ୍ରଦାନ କରିବା, ଚାକିରି ସର୍ତ୍ତାବଳୀ ସମାନ ରଖିବା, ଏକପ୍ରକାର ଶିକ୍ଷାଦାନ, ଏକ ପ୍ରକାର ନିୟମ ଓ ଏକପ୍ରକାର ସମୟ ନିର୍ଦ୍ଧାରଣ କରିବା ଆଦି ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସେଥିପ୍ରତି ଦୃଷ୍ଟି ଦେଉନାହିଁ। ଏହା ପ୍ରତିବାଦ ସହ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବୁଧବାର ମହାସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। କୋଭିଡ୍ କଟକଣାକୁ ପାଳନ କରି ସାରା ରାଜ୍ୟରେ ନିଜ ପରିବାର, ପରିଜନଙ୍କୁ ସାଙ୍ଗରେ ନେଇ ନିଜ ବାସଭବନ ସମ୍ମୁଖରେ ଦାବି ରଖିବା ସହ ପ୍ରତିବାଦ କରିଥିଲେ। ବିଇଓ, ଡିଇଓ, ଡିପିସିଙ୍କ ଦ୍ୱାରା ଏକ ୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିପ୍ରାପ୍ତ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଦାବି ପୂରଣ ହେବା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

# ଚାଷୀ ପ୍ରତି ଦରଦ ନାହିଁ



ସମ୍ବଲପୁରରେ ଅନୁଷ୍ଠିତ ଜିଲାସ୍ତରୀୟ ସମାବେଶରେ ଚାଷୀମାନେ ।

ସମ୍ବଲପୁର,୧।୯(ବ୍ୟୁରୋ)

ତ୍ରୁଟିପୂର୍ଣ୍ଣ ଧାନ କିଣା ନୀତିଠାରୁ ଆରମ୍ଭ କରି ଫସଲ ବୀମା, ସବ୍‌ସିଡି ପ୍ରଦାନ କ୍ଷେତ୍ରରେ ଚାଷୀ ଅବହେଳାର ଶିକାର ହୋଇଚାଲିଛି। ଏବେ ନୂତନ କୃଷିଆଇନ କରି କୃଷକ ଓ କୃଷିକୁ କମ୍ପାନୀ ହାତରେ ଟେକିଦେବାକୁ ଯୋଜନା କରାଯାଉଛି। ପ୍ରାୟ ୧୦ ମାସ ହେବ କୃଷି ନୀତିକୁ ବିରୋଧ କରି କେନ୍ଦ୍ର ବିରୋଧରେ ଆନ୍ଦୋଳନ ଜାରି ରହିଛି। ଏପଟେ ଧାନ କିଣାବିକା ନୀତିକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରାଯାଉଛି। ହେଲେ କୌଣସି ସରକାରଙ୍କ ଚାଷୀ ପ୍ରତି ଦରଦ ନାହିଁ। କୃଷିନୀତିରେ ପରିବର୍ତ୍ତନ

### ଜିଲାସ୍ତରୀୟ ଚାଷୀ ସମାବେଶ

କରିବାକୁ ହେଲେ ସରକାର ପରିବର୍ତ୍ତନ କରିବାକୁ ପଡିବ। ଉଭୟ ସରକାର ଚାଷୀ ବିରୋଧୀ ବୋଲି ବୁଧବାର ଗୋଲାବନ୍ଧ ସ୍ଥିତ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ଜିଲାସ୍ତରୀୟ ସମାବେଶରେ ଚାଷୀମାନେ ମତପ୍ରକାଶ କରିଥିଲେ। ଜିଲା କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ କୃଷକ ସଙ୍ଗଠନର ୨ ଶହ ସଦସ୍ୟ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପ୍ରସାଦ ପୁରୋହିତ, ଉମେଶ ମିଶ୍ର, ହରିଶଙ୍କର ପୁରୋହିତ, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ସୁଶାନ୍ତ ପଣ୍ଡା, ପ୍ରକାଶ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସରୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ବୈଠକ ସେପ୍ଟେମ୍ବର ୧୫ରେ ବିଶାଳ ଖୁଣ୍ଟାରେ ଆୟୋଜନ କରାଯିବ। ଉକ୍ତ ବୈଠକରେ ପରବର୍ତ୍ତି କାର୍ଯ୍ୟପନ୍ଥାର ରୂପରେଖ ନିଆଯିବ। ପ୍ରତି ଗ୍ରାମରେ ଚାଷୀମାନଙ୍କୁ ନେଇ ବୈଠକ କରାଯିବ। ଚାଷ ଓ ଚାଷୀ ସମସ୍ୟା ପାଇଁ କିଭଳି ଭାବେ ସରକାର ଦାୟୀ ସେ ନେଇ ସଚେତନତା କରାଯିବ ବୋଲି ପଶ୍ଚିମ ଓଡ଼ିଶା ଆବାହକ ପ୍ରଧାନ କହିଥିଲେ।

## ପୂର୍ବତନ ହୋମ୍‌ଗାର୍ଡ ଡିଏସ୍‌ପିଙ୍କୁ ୨ବର୍ଷ ଜେଲ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

କଟକ ଅଫିସ,୧।୯

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ହୋମ୍‌ଗାର୍ଡ ବିଭାଗର ପୂର୍ବତନ ଡିଏସ୍‌ପି(ଅବସରପ୍ରାପ୍ତ) ଶ୍ରୀକାନ୍ତ କୁମାର ମିଶ୍ର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବୁଧବାର କଟକ ସ୍ୱତନ୍ତ୍ର କୋର୍ଟର ବିଚାରପତି ସଞ୍ଜୟ ରଞ୍ଜନ ବହିଦାର ଶ୍ରୀକାନ୍ତଙ୍କୁ ୨ବର୍ଷ ଜେଲ୍ ଓ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡିବ। କଟକ ସ୍ୱତନ୍ତ୍ର କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ବୀରେନ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୨୦୦୬ରେ ଶ୍ରୀକାନ୍ତଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ପରେ ଚଢ଼ାଉ କରାଯାଇ ୧୯ଲକ୍ଷ ୨୦ ହଜାର ଟଙ୍କା ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ ସମ୍ବଲପୁର ଭିଜିଲାନ୍ସ ଡିଭିଜନରେ ଏକ ମାମଲା(ନଂ. ୪୧/୨୦୦୬) ରୁଜୁ ହୋଇଥିଲା।

## ସାର ଅଭାବ ନେଇ ବିକେଜେଡିର ବିକ୍ଷୋଭ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିଜେଡିର ବିକ୍ଷୋଭ।

ସମ୍ବଲପୁର,୧।୯(ବ୍ୟୁରୋ)

ଚାଷୀଙ୍କ ପାଇଁ ଦରକାର ଥିବା ୟୁରିଆ ସାରର ଏବେ ଘୋର ଅଭାବ ଦେଖାଦେଇଛି। ରାଜ୍ୟର ଦାବି ଓ ଆବଶ୍ୟକତା ମୁତାବକ କେନ୍ଦ୍ର ସାର ଯୋଗାଇ ଦେଇପାରୁନାହିଁ। ଏବେ ମଧ ୪୫ ପ୍ରତିଶତ ସାର ଯୋଗାଇବା ବାକି ରହିଛି। ତେଣୁ ସମଗ୍ର ରାଜ୍ୟରେ ଚାଷୀଙ୍କ ପାଖରେ ଏହା ପହଞ୍ଚିପାରୁ ନାହିଁ ବୋଲି ବୁଧବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିଜୁ କୃଷକ ଜନତା ଦଳ (ବିକେଜେଡି) ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ବିଜୁ କୃଷକ ମୋର୍ଚ୍ଚା ଜିଲା ସଭାପତି ଆନନ୍ଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ରାମ ସାଗର ସାହୁ, ରାଜ କିଶୋର ଦାସ, ଗୋକୁଳ ମେହେର, ଉଷା ପ୍ରଧାନ, କବିତା ପୁରୋହିତ ପ୍ରମୁଖ

### ଆବଶ୍ୟକତାରୁ କମ୍ ଯୋଗାଇଛି କେନ୍ଦ୍ର

ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର ସମାବେଶରେ ସଂଯୋଜନା କରିଥିଲେ। ନେତାମାନେ ଦର୍ଶାଇଥିଲେ, କେନ୍ଦ୍ର ସରକାର ସବୁ କ୍ଷେତ୍ରରେ ରାଜ୍ୟକୁ ଅବହେଳା କରିଆସୁଛନ୍ତି। ସାର ସମସ୍ୟା ମଧ କେନ୍ଦ୍ର ପାଇଁ ଉପୁଜିଛି। ବାରମ୍ବାର କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି କଲାପରେ ମଧ ସାର ଯୋଗାଇ ଦିଆଯାଉ ନାହିଁ। ଏବେ ରାଜ୍ୟର ୯୫ ହଜାର ମେଟ୍ରିକ ଟନ ସାର ଆବଶ୍ୟକତା ରହିଛି। କେବଳ ୟୁରିଆ ନୁହେଁ ଅନ୍ୟ ସାର ପାଇଁ ମଧ ଚିଠି କରାଯାଇଛି। ବର୍ତ୍ତମାନ ସମୟରେ ୟୁରିଆ ସାର ଚାଷୀଙ୍କୁ ଦରକାର। ନ ହେଲେ ଫସଲ ହୋଇପାରିବ ନାହିଁ। ରାଜ୍ୟ ସରକାର କୃଷକ ଓ କୃଷି ପାଇଁ ସବୁ ସମୟରେ କାମ କରୁଛନ୍ତି। ଯଦି କେନ୍ଦ୍ର ସାର ଯୋଗାଇ ନ ଦେବ ତା'ହେଲେ ଆନ୍ଦୋଳନ ଜାରି ରହିବ ମତବ୍ୟକ୍ତ କରିଥିଲେ। ପରେ ସମସ୍ୟା ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ୩ରୁ ଯୁକ୍ତ୨ ଅଫ୍‌ଲାଇନ୍ ପରୀକ୍ଷା ଆବେଦନ

ଭୁବନେଶ୍ୱର, ୧।୯(ବ୍ୟୁରୋ)

ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ଦ୍ୱାରା ପ୍ରକାଶ ପାଇଥିବା ଯୁକ୍ତ୨ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ ପରୀକ୍ଷା ଦେବାର ସୁଯୋଗ ମିଳିବ। ଏଥିପାଇଁ ଆସନ୍ତା ୩ ତାରିଖରୁ ଅନ୍‌ଲାଇନ ଯୋଗେ ଆବେଦନ କରିପାରିବେ। ଆବେଦନ ଲାଗି ୫ ଦିନ ସମୟ ମିଳିବ। ପରୀକ୍ଷାର୍ଥୀଙ୍କ ସଂଖ୍ୟାକୁ ଦେଖି ପରୀକ୍ଷା ସୂଚୀ ଓ କେନ୍ଦ୍ର ଘୋଷଣା କରାଯିବ। ଯେଉଁମାନେ ଅଫ୍‌ଲାଇନ ପରୀକ୍ଷା ଦେବେ, ସେମାନଙ୍କ ପାଇଁ ବିକଳ୍ପ ମୂଲ୍ୟାୟନରେ ମିଳିଥିବା ମାର୍କ ଆଉ ରହିବ ନାହିଁ। ଅଫ୍‌ଲାଇନ ପରୀକ୍ଷା ମାର୍କ ହିଁ ବୃତ୍ତାନ୍ତ ହେବ। ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ମାଟ୍ରିକ ଭଳି ଯୁକ୍ତ୨ ପରୀକ୍ଷା କରାଯାଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଥିଲା। କିନ୍ତୁ ଯେଉଁ ପିଲାମାନେ ପରୀକ୍ଷା ଫଳରେ ସନ୍ତୁଷ୍ଟ ନ ଥିବେ ସେମାନଙ୍କ ପାଇଁ ଅଫ୍‌ଲାଇନ ପରୀକ୍ଷା କରାଯିବ ବୋଲି ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ।

# ସାର ଯୋଗାଣ ଦାବିରେ ବିଜେଡିର ଗଣଧାରଣା

ସୋନପୁର,୧।୯(ନି.ପ୍ର.)

କେନ୍ଦ୍ର ସରକାର ଓଡିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇ ଦେବାକୁ ବିଜେଡି ଦାବି କରିଛି । ଏହି ପରିପ୍ରେକ୍ଷୀରେ ବିଜୁ କୃଷକ ଜନତା ଦଳ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପ୍ରତିବାଦ ସମାବେଶ କରାଯାଇ ଗଣଧାରଣା ଦିଆଯାଇଥିଲା । ଜିଲା ସଭାପତି ସରୋଜ କମ୍ପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସମାବେଶରେ ଜିଲାର ଦଳୀୟ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କ ଓଡିଶା ବିରୋଧୀ ମନୋଭାବକୁ ବିରୋଧ କରିଥିଲେ। ଖରିଫ ଧାନ ଚାଷ ସମୟରେ ଚାଷୀଙ୍କୁ ରାସାୟନିକ ସାରର ଆବଶ୍ୟକତା ଥିବା ବେଳେ ୟୁରିଆ ଓ ଡିଏପି ସାରର ଅଭାବ ଦେଖା ଦେଇଛି। ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟକୁ ଆବଶ୍ୟକତା ଅନୁଯାୟୀ ରାସାୟନିକ ସାର ଶୀଘ୍ର ଯୋଗାଇ ଦେବାକୁ ଦଳ ଦାବି କରିଛି। ଏ ସମ୍ପର୍କରେ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଜରିଆରେ ଏକ ସ୍ମାରକପତ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିଜୁ କୃଷକ ଜନତା ଦଳର ଜିଲା ଶାଖା ସଭାପତି ମନୋରଞ୍ଜନ ପ୍ରଧାନ, ଜିଲା ବିଜେଡି ସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ଅଭିମନ୍ୟୁ କୁଶଳ, ନୀଳାମ୍ବର ଶତପଥୀ, ଜିଲା ଯୁବ ବିଜେଡି ସଭାପତି ତଥା ବିନିକା ବ୍ଲକ ଅଧକ୍ଷ ଅଶୋକ କୁମାର ନନ୍ଦ, ମକରଧ୍ୱଜ ସାହୁ, ହିମାଂଶୁ ଶେଖର ବିଶ୍ୱାଳ, ଶଙ୍କର ପ୍ରସାଦ ସା, ମଧୁସୂଦନ ମିଶ୍ର ଆନ୍ଦୋଳନର ନେତୃତ୍ୱ ଦେଇଥିଲେ। ରଞ୍ଜିତ ରଥ, ଝସକେତନ ବାଘାର, ରାଜ କୁମାର ସୁନା, ମଧୁସୂଦନ ଓତା, ପ୍ରକାଶ ସାହୁ, ଜନ୍ମେଜୟ ପାତ୍ର, ମନ୍ଦାକିନୀ ନାଗ, ପଦ୍ମିନୀ ବଘାର, ଶାଶ୍ୱତ ମିଶ୍ର, ଜ୍ୟୋତିରଞ୍ଜନ କୁଶଳ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ମାନଭଞ୍ଜନ ମିଶ୍ର ସଭା ସଂଯୋଜନା କରିଥିଲେ।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଗଣଧାରଣା ।

# କୋଇଲା ପରିବହନରେ ଏମ୍‌ସିଏଲ୍‌ର ରେକର୍ଡ

ତାଳଚେର,୧।୯(ନି.ପ୍ର.)

କୋଲ୍ ଇଣ୍ଡିଆର ଏକ ଅଗ୍ରଣୀ ଆନୁଷଙ୍ଗିକ କମ୍ପାନୀ ମହାନଦୀ କୋଲ୍ ଫିଲ୍‌ଡ୍‌ସ ଲିମିଟେଡ (ଏମ୍‌ସିଏଲ୍) ଟ୍ରେନ୍ ଯୋଗେ ଦୈନିକ କୋଇଲା ପରିବହନରେ ଗତ ୩୦ ତାରିଖରେ ରେକର୍ଡ ସ୍ଥାପନ କରିଛି। ଇବ୍ ଭ୍ୟାଲି ଏବଂ ତାଳଚେର ଅଞ୍ଚଳରୁ ଗୋଟିଏ ଦିନରେ ୧୦୨ ରେକ୍ କୋଇଲା ଦେଶର ବିଭିନ୍ନ ବିଦ୍ୟୁତ୍ ଶକ୍ତି କେନ୍ଦ୍ରକୁ ପଠାଇପାରିଛି। ଏଥିପାଇଁ ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ଏମ୍‌ସିଏଲ୍ ଟିମ୍‌କୁ ପ୍ରଶଂସା କରିଛନ୍ତି। ଦେଶର ବିଦ୍ୟୁତ୍ ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏମ୍‌ସିଏଲ୍ ଟିମ୍ ଲିଡର ଏବଂ ସେମାନଙ୍କ ସଦସ୍ୟ ନିଜର କର୍ତ୍ତବ୍ୟନିଷ୍ଠାର ପରିଚୟ ଦେବା ସହ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି ବୋଲି ସିହ୍ନା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୨୧ ଅଗଷ୍ଟ ୩୦ ତାରିଖରେ ତାଳଚେର କୋଇଲା ଅଞ୍ଚଳରୁ ସର୍ବାଧିକ ୬୧ ରେକ୍ କୋଇଲା ପରିବହନ କରାଯାଇଛି। ଏହାଦ୍ୱାରା



ରେଲୱେ ସାଇଡିଂରୁ କୋଇଲା ପରିବହନ କରାଯାଉଛି।

### ଦିନକରେ ପଠାଗଲା ସର୍ବାଧିକ ୧୦୨ ରେକ୍

କୋଇଲା ଉପଭୋକ୍ତାଙ୍କୁ ୫.୩ ଲକ୍ଷ ଟନ୍ ଉପଲବ୍ଧ କରାଯାଇପାରିଛି। ସେଥିରୁ ୪ଲକ୍ଷ ଟନ୍‌ରୁ ଅଧିକ ଦେଶର ବିଭିନ୍ନ ଶକ୍ତି କେନ୍ଦ୍ରକୁ ଯୋଗାଇ ଦିଆଯାଇଛି।

ସେହିପରି ଏମ୍‌ଜିଆର୍ ମୋଡ (ମେରି ଗୋ ରାଉଣ୍ଡ) ଦ୍ୱାରା ୧୬ ରେକ୍ ଏବଂ ବାକି ୨୫ ରେକ୍ କୋଇଲା ଇବ୍ ଭ୍ୟାଲିରୁ ପରିବହନ କରାଯାଇଛି। ସୂଚନାଯୋଗ୍ୟ, ଏମ୍‌ସିଏଲ୍ ଦେଶର ୨ୟ ବୃହତ୍ତମ କୋଇଲା ଉତ୍ପାଦନକାରୀ କମ୍ପାନୀ। ଏହା ଓଡ଼ିଶାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ଅନୁଗୋଳ ଜିଲାରେ କୋଇଲା ଖନନ ଜାରି ରଖିଛି। ମୋଟ୍ ୩ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ଏମ୍‌ସିଏଲ୍ ପ୍ରଦୂଷଣମୁକ୍ତ ଅତ୍ୟାଧୁନିକ ରେକ୍ ଲ୍ୟାଣ୍ଡିଂ ସିଷ୍ଟମ୍ ପ୍ରଚଳନ କରିବା ନିମନ୍ତେ ୯ଟି ଫାଷ୍ଟ ମାଇଲ କନେକ୍ଟିଭିଟି ପରିଯୋଜନାକୁ ଲାଗୁ କରୁଛି। ଏହାଦ୍ୱାରା ୨୦୨୪ ମସିହା ମଧ୍ୟରେ ୧୨୬ ମିଲିୟନ ଟନ୍ କୋଇଲା ପ୍ରତିବର୍ଷ ପ୍ରେରଣ କ୍ଷମତା ହାସଲ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ଆଶାବ୍ୟକ୍ତ କରାଯାଉଥିବା ପ୍ରେସ୍ ଇସ୍ତାହାରରେ ଦର୍ଶାଯାଇଛି।

**୧୦ ଦଫା ଦାବିରେ ଡ୍ରାଇଭର ମହାସଂଘର ସମାବେଶ**

ସମ୍ବଲପୁର,(ବ୍ୟୁରୋ): ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ବଲପୁର ଶାଖା ପକ୍ଷରୁ ୧୦ ଦଫା ନେଇ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସମାବେଶ କରାଯାଇଥିଲା। ଅଭିଯୋଗ କ୍ରମେ ଡ୍ରାଇଭରଙ୍କ ଜୀବନ ଜୀବିକା ଅସୁରକ୍ଷିତ ହୋଇ ପଡ଼ିଛି। ତେଣୁ ସରକାର ଏଥିପାଇଁ ଆଇନ କରନ୍ତୁ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭର ପରିବାରଙ୍କୁ ୨୦ ଲକ୍ଷ ଟଙ୍କା, ହାତ ଗୋଡ ହରାଇ ରୋଜଗାର ହରାଇଥିବା ପରିବାରକୁ ୧୦ ଲକ୍ଷ, ଗୃହ ନିର୍ମାଣ ପାଇଁ ୫ ଲକ୍ଷ, ସେମାନଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା, ୫୫ ବର୍ଷ ହେବା ପରେ ପେନ୍‌ସନ ଦେବା ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ବିକ୍ଷୋଭରେ ସଂଘ ସଭାପତି ବେଲାଳସେନ ନାଏକ, ରମାକାନ୍ତ ସରବନ, ଗୋବର୍ଦ୍ଧନ ସାହୁ, ଅଜିତ ସିଂ ପ୍ରମୁଖ ସାମିଲ ଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ସାର ଯୋଗାଣରେ କେନ୍ଦ୍ରର ଅବହେଳା ପ୍ରତିବାଦରେ ବିକ୍ଷୋଭ

ସୁନ୍ଦରଗଡ଼,୧୧୯(ଡି.ଏନ୍.ଏ): ଚଳିତ ଖରିଫ ଫସଲ ଚାଷ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାର ଚାଷୀଙ୍କୁ ଆବଶ୍ୟକ ମୁତାବକ ରାସାୟନିକ ସାର ଯୋଗାଣ କରାଯାଇ ନ ଥିବା ପ୍ରତିବାଦରେ ବୁଧବାର ସୁନ୍ଦରଗଡ ଜିଲା ବିଜୁ କୃଷକ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଡିଆରଡିଏ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଆୟୋଜିତ ବିକ୍ଷୋଭ ସମାବେଶରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ବିନୟ କୁମାର ଟପ୍ପୋ, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା , ବରିଷ୍ଠ ବିଜେଡି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧକ୍ଷ ପିତୃଷ ଟପ୍ପୋ, ଜିଲା ବିଜୁ କୃଷକ ଜନତା ଦଳର ଗୋପାଳ ପ୍ରଧାନ, ଅନୀଲ ମହାପାତ୍ର, ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଯୁବ ବିଜେଡି ସଭାପତି ଯୋଗେନ୍ଦ୍ର ମାଝି, ଜିଲା ବିଜୁମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡା, ଜୟନାରାୟଣ ତ୍ରିପାଠୀ, ସୁକାନ୍ତ ପତି, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଶେହେବାଜ୍ ହୁସେନ୍, ଜିତେନ୍ଦ୍ରୀୟ କର , ଗୋପ ମହାନ୍ତି, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପଞ୍ଚା ବାର୍ଲା, ଲଲାଟ ପରିଡା, ଟାଙ୍ଗରପାଲି ବ୍ଲକ ଅଧକ୍ଷ ଜଟିଆ ମୁଣ୍ଡା, ସୁନ୍ଦରଗଡ ଟାଉନ ସଭାପତି ସୁରେନ୍ଦ୍ର ଭିତ୍ରିଆଙ୍କ ସମେତ ସୁମନ୍ତ ପଣ୍ଡା, ସୁମନ୍ତ ସାହୁ ପ୍ରମୁଖ ଦଳୀୟ ନେତୃବୃନ୍ଦ କେନ୍ଦ୍ରର ଚାଷୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ ।

### ସାର ଯୋଗାଣ ଦାବିରେ ବିକେଜେଡିର ବିକ୍ଷୋଭ

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଝାରସୁଗୁଡ଼ା ଅଫିସ,୧୧୯: ଚଳିତବର୍ଷ ଖରିଫ ଋତୁରେ କେନ୍ଦ୍ର ସରକାର ରାଜ୍ୟକୁ ଆବଶ୍ୟକ ସାର ଯୋଗାଇ ନ ଥିବାରୁ ଚାଷୀମାନେ ସାର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ବିଜୁ କୃଷକ ଜନତା ଦଳ (ବିକେଜେଡି) ତରଫରୁ ଜିଲା ସଭାପତି ମିତ୍ରଭାନୁ ସାହୁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ଜିଲା ସଭାପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ, ରବି ସିଂହ, ତ୍ରିନାଥ ଗୁଆଲ, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ମନୋରଞ୍ଜନ ମହାପାତ୍ର, ଜୟକୁମାରୀ ପଟେଲ, ଶମ୍ଭୁ ମହାନ୍ତି, ରବିରନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ କୃଷିମାରଣ ନୀତିକୁ କଡା ସମାଲୋଚନା କରିଥିଲେ। ପରେ ସଭାସ୍ଥଳରୁ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନକରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଥିରେ ଜିଲାର ଶତାଧିକ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ୭ ବର୍ଷ ପରେ ଅଭିଯୁକ୍ତ ଗିରଫ

**ମାଲଗୋଦାମ ଡାଲି ବ୍ୟବସାୟୀ ହତ୍ୟା ଘଟଣା**

- ବନ୍ଧୁକ, ୨ ଗୁଳି ଜବତ
- କ୍ରାଇମ୍‌ସିନ୍ ରିକ୍ରିଏଶନ କଲା ପୋଲିସ

କଟକ ଅଫିସ,୧୧୯

କଟକ ମାଲଗୋଦାମ ଡାଲି ବ୍ୟବସାୟୀ ମହମ୍ମଦ ଫାରୁକ ତୟାବ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ଦୀର୍ଘ ୭ ବର୍ଷ ପରେ ଗିରଫ କରିଛି। ସେ ହେଲେ ରାଣୀହାଟ ଗୋପାଳସାହିର ଶଙ୍କର ଓରଫ ଦୀପକ ନାୟକ(୩୩)। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ଦୁଇଟି ଗୁଳି ଜବତ ହୋଇଛି। ବୁଧବାର କଡା ସୁରକ୍ଷା ବଳୟରେ ପୋଲିସ ଶଙ୍କରଙ୍କୁ ନେଇ ମାଲଗୋଦାମ ଅଞ୍ଚଳରେ କ୍ରାଇମ୍‌ସିନ୍‌ର ରିକ୍ରିଏଶନ କରିବା ପରେ ଅପରାହ୍ନରେ କୋର୍ଟଚାଲାଣ କରିଥିଲା। ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତାଙ୍କର ସେ ଘନିଷ୍ଠ ସହଯୋଗୀ। ଦାଦାବଟି ଆଦାୟକୁ କେନ୍ଦ୍ର କରି ଧଳସାମନ୍ତ ଭ୍ରାତାଙ୍କ ନିର୍ଦ୍ଦେଶରେ ଶଙ୍କର ଓ ଅନ୍ୟ ୩ ଜଣ ମିଶି ଫାରୁକଙ୍କୁ ଗୁଳି କରି ହତ୍ୟା କରିଥିଲେ। ତେବେ ଏହି ହତ୍ୟାକାଣ୍ଡରେ ଆଉ କାହାର ସମ୍ପୃକ୍ତି ରହିଛି, ଅଧିକ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଶଙ୍କରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।



କ୍ରାଇମସିନ୍ ରିକ୍ରିଏଶନ ପାଇଁ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଉଛି।

୨୦୧୪ ନଭେମ୍ବର ୧୨ ତାରିଖ ଦ୍ୱିପ୍ରହରରେ ଫାରୁକ ନିଜ ଡାଲି ଗୋଦାମରେ ବସି ଖାଉଥିବାବେଳେ ୪ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ଗୁଳି କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମାଲଗୋଦାମ ପୋଲିସ ଏକ ମାମଲା (ନଂ. ୧୮୪/୧୪) ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ଘଟଣା ପରଠାରୁ ଶଙ୍କର କଟକ ଛାଡି ବାହାର ରାଜ୍ୟକୁ ପଳାଇ ଯାଇଥିଲେ। କିଛିଦିନ ତଳେ ସେ କଟକ ଆସିଥିଲେ। ଗତ ସପ୍ତାହରେ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ଦିଲୁ ଓରଫ ପ୍ରଦୀପ ସାହୁ ଧରାପଡିବା ପରେ ସେ ରାଜ୍ୟ ବାହାରକୁ ଫେରାର ହେବା ପାଇଁ ଯୋଜନା କରିଥିଲେ। ତଦନୁଯାୟୀ, ମଙ୍ଗଳବାର ରାତିରେ ଶଙ୍କର ରେଳ ଷ୍ଟେଶନ ଅଭିମୁଖେ ଯାଉଥିବାବେଳେ ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ଓ ମାଲଗୋଦାମ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଚିକ୍କଣ ମେଘ ଗରଜନ**
**ଭଲା ସାଜିଥିଲା ତୁମ୍ଭଙ୍କୁ**
**କେଉଁ ନାରୀ ତୁମ ମୁଖ ବାନ୍ଧିଦେଲା**
**କଥା ନ କହିଲ ଆମ୍ଭଙ୍କୁ।**

ମନର ମଣିଷ ଯେତେବେଳେ ଦୂରେଇ ଦିଏ, ଆଡ଼ ଆଡ଼ ହୋଇ କଥା ନ କହେ ସେତେବେଳେ ଏହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁ ନ ଥିବା ତରୁଣୀର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଟୁ ପ୍ରାୟ ତାଙ୍କ ଗୁଣ**
**ଚଟୁକି ଜାଣେ ତିଅଣ ସୁଆଦ**
**ଘୋରି ଘୋରି ଅକାରଣ।**

ବିନା କଷ୍ଟରେ ଶ୍ରମ ସୁଖ ଭୋଗ କରୁଥିବା ବ୍ୟକ୍ତି ଶ୍ରମର କଷ୍ଟ ବୁଝି ନ ଥାଏ। ରୋଷେଇରେ ରନ୍ଧାରନ୍ଧି ପାଇଁ ଚଟୁର ବ୍ୟବହାର କରାଯାଏ। ଚଟୁ କିନ୍ତୁ ରନ୍ଧାର ସ୍ୱାଦ ଜାଣିପାରିନଥାଏ। ସେହିପରି କିଛି ବ୍ୟକ୍ତି ଜୀବନ ଭରି କଷ୍ଟକରି ଚାଲିଥାନ୍ତି, ପରନ୍ତୁ ସେ ନିଜ ଶ୍ରମ ଫଳ ଭୋଗିବାରୁ ବଞ୍ଚିତ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୧.୪ କୋଟିର ଗଞ୍ଜେଇ ଜବତ

ଜୟପୁର, ୧୧୯ (ନି.ପ୍ର.): ଏକ କଦଳୀ ବୋଝେଇ ଟ୍ରକରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଜୟପୁର ସଦର ପୋଲିସ ମଙ୍ଗଳବାର ଘାଟିରେ ଚଢାଉ କରି ଟ୍ରକ୍‌କୁ ଜବତକରି ଥାନାକୁ ଆଣିଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ସରି ନ ଥିବାରୁ ସବିଶେଷ ସୂଚନା ଦେଇ ନ ଥିବା ପୋଲିସ ବୁଧବାର ଏନେଇ ସୂଚନା ଦେଇଛି। ଏହି ଟ୍ରକ୍ (ୟୁପି ୮୩ସିଟି-୩୮୯୬) ୧ ଟନ ୪୫ କେଜି ଗଞ୍ଜେଇ ଜବତ କରାଯାଇଛି। ଆନୁମାନିକ ମୂଲ୍ୟ ୧ କୋଟି ୪୦ ଲକ୍ଷ ଟଙ୍କା ହେବ। ଗଞ୍ଜେଇ ପଟ୍ଟାଙ୍ଗୀ ଅଞ୍ଚଳରୁ ଉତ୍ତର ପ୍ରଦେଶ ଯାଉଥିଲା। ସମ୍ପୃକ୍ତ ୨ ଜଣକୁ ଗିରଫ କରାଯାଇଛି। ଗିରଫମାନେ ହେଲେ ବିହାରର ପ୍ରମୋଦ ରାୟ ଓ ଓମ୍ ପ୍ରକାଶ ପାଲି। ଏମାନଙ୍କଠାରୁ ଟ୍ରକ୍, ଗଞ୍ଜେଇ, କଦଳୀ, ମୋବାଇଲ ଫୋନ ଜବତ ହୋଇଛି।

## ସରିଲା ସେକେଣ୍ଡାରି ସ୍କୁଲ ଟିଚର୍ ଏଲିଜିବିଲିଟି ଟେଷ୍ଟ

କଟକ ଅଫିସ,୧୧୯: ରାଜ୍ୟର ୨୮୮ କେନ୍ଦ୍ରରେ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଏସ୍‌ଏସ୍‌ଟିଇଟି) ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ପରୀକ୍ଷା ପାଇଁ ୫୩ ହଜାର ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଏହି ପରୀକ୍ଷାର ସୁପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ନେଇ ବିଭାଗୀୟ ଅଧିକାରୀମାନେ ଡିଜିପିଙ୍କ ସହ ଆଲୋଚନା କରିଥିଲେ। ୨ଟି ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧.୩୦ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ୧ଟାରୁ ୩.୩୦ ପର୍ଯ୍ୟନ୍ତ ହୋଇଥିଲା। ପରୀକ୍ଷାର୍ଥୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ଚଳିତବର୍ଷ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବାକୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିଲା। କୌଣସି ପରୀକ୍ଷାର୍ଥୀ କପି କରି ଧରା ପଡିନାହାନ୍ତି। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି।

# ନାକେଦମ କଲେ ମାନସିକ ଭିନ୍ନକ୍ଷମ ରୋଗୀ

- ମେଡିକାଲ ଟାଜାକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ
- ୨ ଦିନ ଧରି ଚିକିତ୍ସିତ ହେଉଥିଲେ
- ଉଦ୍ଧାର ପାଇଁ ଲାଗିଲା ଅଢ଼େଇ ଘଣ୍ଟା

ଅନୁଗୋଳ ଅଫିସ, ୧୧୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣେ ମାନସିକ ଭିନ୍ନକ୍ଷମ ରୋଗୀଙ୍କୁ ନେଇ ମେଡିକାଲ ପ୍ରଶାସନ ବୁଧବାର ନାକେଦମ ହୋଇଛି। ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଚିକିତ୍ସାଳୟର ୩ୟ ମହଲା ଝରକା ଟାଜା ଉପରେ ରୋଗୀ ଜଣକ ଚଢ଼ିଯାଇଥିବାବେଳେ ତାଙ୍କୁ ଉଦ୍ଧାର କରିବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଅଢ଼େଇ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଛି। ତେବେ କୌଶଳକ୍ରମେ ସମ୍ପୃକ୍ତ ରୋଗୀଙ୍କୁ କାବୁ କରାଯାଇ ସ୍ୱାସ୍ଥ୍ୟପରୀକ୍ଷା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସକାଳେ ଘଟିଥିବା ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ଭଜମନ ଗୋଛାୟତଙ୍କ ମାନସିକ ରୋଗ ରହିଛି। ୨ ଦିନ ତଳେ ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ମେଡିସିନ ବିଭାଗ ମେଲ୍ ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ବୁଧବାର ପୂର୍ବାହ୍ନ ୮ଟା ୩୦ରେ ଭଜମନ ବେଡ୍‌ରେ ନ ଥିବା ସ୍ୱାସ୍ଥ୍ୟ କର୍ମୀମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି ବେଳେ ଭଜମନ ମେଡିକାଲ ବିଲ୍ଡିଂର ୩ୟ ମହଲା ଝରକା ଟାଜା ଉପରେ ଠିଆ ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ସଫେଇ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ଖବରପାଇବା ମାତ୍ରେ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରସନ୍ନ କୁମାର ଧଳଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ମେଡିକାଲରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଫାୟାର ମ୍ୟାନ୍ ସୁମନ୍ତ କୁମାର ସାହୁ ଟାଜା ନିକଟରେ ପହଞ୍ଚି ନାନା ବାହାନା କରି ଭଜମନଙ୍କୁ ଡାକିଥିଲେ। ପାନ ପୁଡ଼ିଆ ମଧ ଯାଚିଥିଲେ। କିନ୍ତୁ ସେ ଫାୟାର ମ୍ୟାନ୍‌ଙ୍କ କଥା ଶୁଣି ନ ଥିଲେ। ତାଙ୍କୁ ମେଡିକାଲ ଚାକିରିରୁ ବାହାର କରାଯାଇଥିବାରୁ ପୁନଃ ନିଯୁକ୍ତି ପ୍ରଦାନ ପାଇଁ ଜିଦ୍ ଧରିଥିଲେ। ସମ୍ପର୍କୀୟମାନେ ବୁଝାଇଥିଲେ ମଧ ସେମାନଙ୍କ କଥା ମାନି ନ ଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ତଳେ ଜାଲ ବିଛାଇବା ସହ ଉପରକୁ ରଶି ପକାଇଥିଲେ। ପୂର୍ବାହ୍ନ ୧୧ଟା ୧୩ରେ ଭଜମନ ସାମାନ୍ୟ ଅନ୍ୟମନସ୍କ ହେବା ପରେ ଫାୟାର ମ୍ୟାନ ସୁମନ୍ତ ତାଙ୍କୁ ସ୍କାଏଲାଇଟ୍ ଭିତରକୁ ଠେଲିଦେଇ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଗାଡ଼ିରେ ବସାଇ ମେଡିକାଲ କାଜୁଆଲିଟିକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରିବାର ଲୋକଙ୍କ ଜିମା ଦିଆଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗର ସୁବୋଧ କୁମାର ପ୍ରଧାନ, ସୁକାନ୍ତ ନାଥ, ରଶ୍ମିକାନ୍ତ ବରାଳ, ସୂର୍ଯ୍ୟମଣି ରଣା, ରଞ୍ଜିତ ରାଉତ, ରଶ୍ମି ରଞ୍ଜନ ଲେଙ୍କା ଓ କ୍ଷୀର ପ୍ରସାଦ ସାହୁ ପ୍ରମୁଖ ସହାୟତା କରିଥିଲେ। ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି, ଭଜମନ ଜଣେ ମାନସିକ ରୋଗୀ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ଚିକିତ୍ସିତ ହେଉଥିବା ବେଳେ ଏପରି ଘଟଣା ଘଟାଇଛନ୍ତି।



ଉଦ୍ଧାର ପରେ ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଉଛି।

## ଟ୍ରେଜେରି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦାବି

ଭୁବନେଶ୍ୱର,୧୧୯: ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦୁଇବର୍ଷ ହେଲା ହୋଇସାରିଥିଲାବେଳେ ଟ୍ରେଜେରି କର୍ମଚାରୀଙ୍କ ପ୍ରତି ଅଣଦେଖା କରାଯାଉଛି। ଏମାନଙ୍କ କ୍ୟାଡର ପୁନର୍ଗଠନ ନିମନ୍ତେ ଅଦ୍ୟାବଧି ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ତରଫରୁ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଏଥିପାଇଁ ଟ୍ରେଜେରୀ ଅମଲା ସଂଘ ଦୀର୍ଘବର୍ଷ ହେଲା ଟ୍ରେଜେରି ନିର୍ଦ୍ଦେଶକ ଓ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଲିଖିତ ନିବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଇତି ମଧ୍ୟରେ ଟ୍ରେଜେରୀର ବହୁ କର୍ମଚାରୀ କ୍ୟାଡର ପୁନର୍ଗଠନର ସୁଫଳ ନ ପାଇ ଅବସର ନେଇସାରିଲେଣି। ଅର୍ଥ ବିଭାଗର ଅନୁମୋଦନ ପାଇଁ ପୁନର୍ଗଠନ ପ୍ରକ୍ରିୟା ଫାଇଲ୍ ଟ୍ରେଜେରି ନିର୍ଦ୍ଦେଶାଳୟରେ ଦୁଇବର୍ଷ ହେବ ପକାଇ ରଖିଛନ୍ତି। ଏହାକୁ ନେଇ ଟ୍ରେଜେରି କର୍ମଚାରୀଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେବା ସହିତ ଭବିଷ୍ୟତରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଟ୍ରେଜେରି ଅମଲା ସଂଘ ନିଷ୍ପତ୍ତି ନେଇଛି। ସଂଘ ତରଫରୁ ସଭାପତି ସମର ରଞ୍ଜନ କାନୁନ୍‌ଗୋ, ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ରାଉତରାୟ ପ୍ରମୁଖ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ଅର୍ଥବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟରେ ତୁରନ୍ତ ଟ୍ରେଜେରି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଆଦେଶନାମା କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି।

# ଓଡ଼ିଶା ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର ଆସୋସିଏଶନ ସଦସ୍ୟ

କଟକ,୧୧୯(ଡି.ଏନ୍.ଏ)

ଘରୋଇ ହୋମିଓପାଥିକ ଚିକିତ୍ସକ ସତ୍ୟନାରାୟଣ ଦାସଙ୍କ ଏକାଦଶାହରେ ଓଡ଼ିଶା ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର ଆସୋସିଏଶନ ପକ୍ଷରୁ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ନେତାଜୀ ନଗରସ୍ଥିତ ସଂଘର ରାଜ୍ୟ କାର୍ଯ୍ୟାଳୟଠାରେ ସଭାପତି ନେତ୍ରାନନ୍ଦ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପ୍ରଥମେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ୨ ମିନିଟ ନୀରବ ପ୍ରାର୍ଥନ କରାଯାଇଥିଲା। ୧୯୬୪ ମସିହାରେ ଯାଜପୁର ଜିଲା ଉଦୟପୁର ଗ୍ରାମରେ ସ୍ୱର୍ଗତ ଦାସ ଜନ୍ମଗ୍ରହଣ କରିଥିଲେ। ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଓଡ଼ିଶା ପ୍ରାଇଭେଟ ହୋମିଓପାଥିକ୍ ପ୍ରାକ୍ଟିସନର ଆସୋସିଏଶନ ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ସଭାରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ସଂଘର କୋଷାଧକ୍ଷ ମହେନ୍ଦ୍ର କୁମାର ସାହୁ, ସହସମ୍ପାଦକ ଗୁରୁଚରଣ ସାହୁ ଓ ପୁରୀ ଜିଲା ସଂଯୋଜକ କେଶବ ଚନ୍ଦ୍ର ତ୍ରିପାଠୀ, କଟକ ଜିଲାର ଅଶୋକ କୁମାର ଆଚାର୍ଯ୍ୟ, ଗଞ୍ଜାମ ସୁଶାନ୍ତ କୁମାର ଜେନା, କେନ୍ଦୁଝର ଅନନ୍ତ ନାରାୟଣ ସାହୁ, ସୋନପୁର ଜଗନ୍ନାଥ ଦାସ, ବଲାଙ୍ଗୀର ଶିବନାରାୟଣ ମିଶ୍ର, କେନ୍ଦ୍ରାପଡ଼ା ପ୍ରଫୁଲ୍ଲ କୁମାର ବାରିକ, ମୟୂରଭଞ୍ଜ କପିଳେନ୍ଦ୍ର ଗିରି, ବାଲେଶ୍ୱର ବିକାଶ ମହାନ୍ତି, ଖୋର୍ଦ୍ଧା କାଳୀପ୍ରସନ୍ନ ରାଉତ, ନୂଆପଡ଼ା ଅମିତ୍ ଦେବ ମହାପାତ୍ର, ମାଲକାନଗିରି ବିଜୟ ବିଶ୍ୱାସଙ୍କ ସମେତ ପିଏଚ୍‌ପିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ, ଓଡ଼ିଶା ହୋମିଓପାଥିକ ବୋର୍ଡର ପୂର୍ବତନ ସଭାପତି ପ୍ରଦୀପ କୁମାର ରାଓ, ନିଗମାନନ୍ଦ ଗୋସ୍ୱାମୀ, ଶ୍ରୀକାନ୍ତ ବ୍ରହ୍ମା, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରମଣୀକାନ୍ତ ପଟ୍ଟନାୟକ, ନିହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରିଲେ ୪୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ସହ ପ୍ରସୂତି,ଗର୍ଭବତୀ

ଅମରପାଲି,୧୧୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୋଲା ପଞ୍ଚାୟତର ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରେ ବୁଧବାର ରୁଟିନ ଟିକାକରଣ ହୋଇପାରିନାହିଁ। ଫଳରେ ୪୦ରୁ ଉର୍ଦ୍ଧ୍ୱ ଶିଶୁ ,ପ୍ରସୂତି ଓ ଗର୍ଭବତୀ ମହିଳା ଟିକାଦାନରୁ ବଞ୍ଚିତ ହୋଇଛନ୍ତି। ଟିକାକରଣ ପାଇଁ ମହିଳା ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ରହିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିଲା।

ଉକ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରେ ଶିଶୁ ଓ ଅନ୍ୟମାନଙ୍କ ରୁଟିନ ଟିକାକରଣ ପାଇଁ କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାୟ ସାତଟି ଗାଁର ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁମାନଙ୍କ ଅଭିଭାବକଙ୍କୁ ପୂର୍ବରୁ ଖବର ଦିଆଯାଇଥିଲା। ସକାଳ ୯ଟା ସମୟରେ ସେମାନେ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ମାତ୍ର ମହିଳା ସ୍ୱାସ୍ଥ୍ୟକର୍ମୀ କୌଣସି କାରଣରୁ ନ ଆସିବାରୁ ଟିକାକରଣ ହୋଇ ପାରି ନ ଥିଲା। ଫଳରେ ମଧ୍ୟାହ୍ନ ୧୨ଟା ସମୟରେ ପ୍ରବଳ ଖରାରେ ଅଭିଭାବକମାନେ ଛୋଟ ଛୋଟ ଛୁଆଙ୍କୁ ଧରି ଘରକୁ ଫେରିଥିଲେ। ଟିକାକରଣ ପାଇଁ ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଆସିବା କଥା। ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରିୟବ୍ରତ ଜଗଦଲା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଆସିଥିଲେ। ମାତ୍ର ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ଆସି ନ ଥିଲେ। ନିୟମ ଅନୁସାରେ ମହିଳା ସ୍ୱାସ୍ଥ୍ୟକର୍ମୀ ନ ଥିଲେ ଟିକାକରଣ ହୋଇପାରିବ ନାହିଁ।

ପୂର୍ବରୁ ମଧ ଅବହେଳା ଯୋଗୁ ଟିକାକରଣ ହୋଇ ପାରି ନ ଥିଲା। ବାରମ୍ବାର ଉକ୍ତ କେନ୍ଦ୍ରରେ ଏଭଳି ସମସ୍ୟା ହେଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଟିକାକରଣ ହୋଇ ନ ଥିବା ନେଇ ବୀରମହାରାଜପୁର ଏସ୍‌ଡିଏମ୍‌ଓ ରବୀନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଛୁଟି ନେବା ବିଳମ୍ବରେ ସୂଚନା ମିଳିବାରୁ ସମସ୍ୟା ହୋଇଥିଲା।

# ସାର ନ ପାଇ ଜାତୀୟ ରାଜପଥ ଅବରୋଧ କଲେ ଚାଷୀ





ସାର ନ ପାଇ ବୈପାରିଗୁଡ଼ା ଓ ଜୟପୁରରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

ଜୟପୁର/ ବୈପାରିଗୁଡା, ୧୧୯ (ନି.ପ୍ର.)

ଚାଷୀକୁ ସାର ମିଳୁନାହିଁ। ଆରସିଏମ୍‌ଏସ୍‌କୁ ଆସିଲେ ଲ୍ୟାମ୍ପକୁ ଯିବାକୁ କହୁଛନ୍ତି, ଲ୍ୟାମ୍ପକୁ ଗଲେ ସାର ନାହିଁ ଆରସିଏମସକୁ ଯାଅ ବୋଲି କହୁଛନ୍ତି। ଯେଉଁଠିକୁ ଗଲେ ମଧ ସାର ମିଳୁନାହିଁ। ଏହାର ପ୍ରତିବାଦରେ ବୁଧବାର ଶତାଧିକ ଚାଷୀ ୨୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଜାମ ହୋଇଥିଲା। ଚାଷୀଙ୍କ ନିକଟକୁ କୃଷି ଅଧିକାରୀ, ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ଆସି ନ ଥିଲେ। ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ସେମାନେ ରାସ୍ତା ଅବରୋଧରୁ ଓହରିଥିଲେ।

ସେହିପରି ବୈପାରିଗୁଡା ବ୍ଲକରେ ୟୁରିଆ ସାର ଅଭାବକୁ ଚାଷୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ବୁଧବାର ସ୍ଥାନୀୟ ଲ୍ୟାମ୍ପସରେ ସାର ବିକାଯିବା ନେଇ ଖବର ପାଇ ଶତାଧିକ ଚାଷୀ ଲ୍ୟାମ୍ପ ସମ୍ମୁଖରେ ଧାଡି ବାନ୍ଧି ଛିଡା ହୋଇଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଲ୍ୟାମ୍ପର କୌଣସି କର୍ମଚାରୀ ଆସି ନ ଥିଲେ। ଏହାର ପ୍ରତିବାଦ କରି ଚାଷୀମାନେ ସ୍ଲୋଗାନ ଦେଇ ବୈପାରିଗୁଡା ବଜାର ମୁଖ୍ୟଛକଠାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳକୁ ଥାନା ଅଧିକାରୀ ଈଶ୍ୱର ଟାଣ୍ଡିଙ୍କ ସମେତ ଅନ୍ୟ ପୋଲିସ୍ କର୍ମଚାରୀ ପହଞ୍ଚିଥିଲେ। ଘଟଣାସ୍ଥଳକୁ ଲ୍ୟାମ୍ପସ ପରିଚାଳକ ନବୀନ ପାତ୍ରଙ୍କୁ ଥାନା ଅଧିକାରୀ ଡାକିଥିଲେ। ଆବଶ୍ୟକ ପରିମାଣର ସାର ମହଜୁଦ୍ ନ ଥିବାରୁ ଆସନ୍ତା ଶୁକ୍ରବାର ଚାଷୀଙ୍କୁ ସାର ପ୍ରଦାନ କରାଯିବ ବୋଲି ଲ୍ୟାମ୍ପସ ପରିଚାଳକ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଚାଷୀମାନେ ସନ୍ତୁଷ୍ଟ ନ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲ୍ୟାମ୍ପସକୁ ଚାରିପଟୁ ଘେରି ରାସ୍ତା ଅବରୋଧ କରି ରଖିଥିଲେ। ପୋଲିସ୍ ପକ୍ଷରୁ ସେମାନଙ୍କୁ ବହୁ ବୁଝାଶୁଝା କରିବା ପରେ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ।

# ବନ୍ଧୁ ନା ପ୍ରେମିକ


କିଆରା

ନିଜର ଆଫେୟାର୍ସକୁ ନେଇ କ'ଣ ସଫେଇ ଦେବେ ତାହା ଜାଣିପାରୁ ନାହାନ୍ତି କିଆରା ଆଡଓ୍ୱାନୀ। ଏପଟେ କହୁଛନ୍ତି ଯେ ସେ ହେଉଛନ୍ତି ମୋର ବନ୍ଧୁ। ପୁଣି ସେପଟେ କହୁଛନ୍ତି ଯେ ଯେଉଁଭଳି ମନର ମଣିଷଟିଏ ଖୋଜୁଥିଲି ତାହା ମୋତେ ମିଳିଯାଇଛି। ଅସଲ କଥା ହେଲା ଏବେ ସିଦ୍ଧାର୍ଥ ଆନନ୍ଦଙ୍କ ସହ କିଆରାଙ୍କର ଫୁଲ୍ ରୋମାନ୍ସ ଚାଲିଛି ବୋଲି ଆଲୋଚନା ହେଉଛି। ଯେତେବେଳେ ଏକଥା କିଆରାଙ୍କ କାନରେ ବାଜିଲା ସେ ବାଧ୍ୟ ହୋଇ ସଫେଇ ଦେଇଛନ୍ତି। ଏ ନେଇ କିଆରା କହନ୍ତି, 'ସିଦ୍ଧାର୍ଥଙ୍କ ସହ ମୋର ପ୍ରେମ ସମ୍ପର୍କ ନାହିଁ। ସେ ହେଉଛନ୍ତି ମୋର ବନ୍ଧୁ। ଅର୍ଥାତ୍, ଆମ ଭିତରେ ବନ୍ଧୁତା ବ୍ୟତୀତ ଆଉ କିଛି ନାହିଁ। ହେଲେ ଯା ଭିତରେ ମୋତେ ମୋର ମନର ମଣିଷ ମିଳିଯାଇଛି। ତାଙ୍କ ବିଷୟରେ ମୁଁ ସମୟ ଆସିଲେ ନିଶ୍ଚୟ ଜଣେଇ ଦେବି। ହେଲେ ମୋ ନାଁରେ ଯେଉଁ ଗୁଜବ ଶୁଣାଯାଉଛି ତାହାକୁ ବିଶ୍ୱାସ କରନ୍ତୁ ନାହିଁ।'

## ରିଲିଜ ଅପେକ୍ଷାରେ
# ଆଇଆଇସି ଧୀରେନ୍

ନବାଗତ ଧୀରେନ୍ ତ୍ରିପାଠୀ ପ୍ରଯୋଜନା ପରି ଗୁରୁଦାୟିତ୍ୱ ତୁଲାଇବା ସହ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଅର୍ଥାତ୍ ସିନେମାଟିଏ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ। ଚଳଚ୍ଚିତ୍ରଟି ହେଲା 'ଆ।ଇ।ଆ।ଇ।ସି ଧୀରେନ୍'। ଏହାର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ରୋମାଞ୍ଚଭରା କାହାଣୀକୁ ଆଧାର କରି ନିର୍ମିତ ସିନେମାର ସମସ୍ତ କାମ ଶେଷ ହୋଇଛି ଏବଂ ଚଳିତ ଗଣେଶ ପୂଜା ଅବସରରେ ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ। ଚିତ୍ରଟିର ସହ-ପ୍ରଯୋଜକ ହେଉଛନ୍ତି ଉମା ପ୍ରଧାନ ଏବଂ ସ୍ମିତା ତ୍ରିପାଠୀ। ଧୀରେନଙ୍କ ସହ ଏଥିରେ ସ୍କ୍ରିନ୍ ଶେୟାର କରୁଛନ୍ତି ଅର୍ପିତା ଏବଂ ଇପ୍‌ସିତା। ଗୀତଗୁଡ଼ିକର କୋରିଓଗ୍ରାଫି କରିଛନ୍ତି ଆର.କେ. ରବିକୁମାର। ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ରଥ।


ଅର୍ପିତା-ଧୀରେନ୍

## ନୂଆ ସିନେମା
# ଜୟବୀର


ଆର.କେ.-ଦିବ୍ୟା

କୋଭିଡ୍ ପାଇଁ ବେଶ୍ କିଛି ମାସର ନୀରବତା ପରେ ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି ଓଲିଉଡ୍। ସିନେମାଗୁଡ଼ିକର ଶୁଟିଂ ପୂରାଦମ୍‌ରେ ଆଗେଇ ଚାଲିଥିବା ବେଳେ ନୂଆ ସିନେମାର ମହୁରତ ମଧ୍ୟ ଆରମ୍ଭ ହୋଇଯାଇଛି। ନିକଟରେ ଏହି ତାଲିକାରେ ସାମିଲ ହୋଇଛି 'ଜୟବୀର'। ରୂପସାନା କ୍ରିଏସନ ବ୍ୟାନରରେ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ରୂପସାନା। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି 'ଦିଲ୍ କହେ ଲଭ୍ ୟୁ ଲଭ୍ ୟୁ' ଏବଂ 'ମତେ ଇସ୍କ ହେଲାରେ'ର ନିର୍ଦ୍ଦେଶକ ତଥା ପୂର୍ବରୁ ପ୍ରାୟ ୪୦ଟି ସିନେମାରେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଥିବା ବିବେକ କୁମାର। ଏହି ଫିଲ୍ମର ନାୟକ ଭୂମିକାରେ ଅଭିନୟ କରୁଛନ୍ତି ଆରକେ। ସେ ଏହାପୂର୍ବରୁ 'ପ୍ରେମୀ ଦିଓ୍ୱାନା'ରେ ଆକ୍ଟିଂ କରିବା ସହ ପ୍ରାୟ ୩୦ଟି ଆଲବମ୍‌ରେ ଅଭିନୟ କରିଛନ୍ତି। ଦିବ୍ୟା ତାଙ୍କର ନାୟିକା ସାଜିଥିବା ବେଳେ ଏହାର ବିଭିନ୍ନ ଭୂମିକାରେ ବବି ମିଶ୍ର, ପୁଷ୍ପା ପଣ୍ଡା, କରନ୍, ଚୌଧୁରୀ ଜୟପ୍ରକାଶ ଦାସ,ଅସୀତ ପତି, ଲିପୁନ୍, ପ୍ରିୟଙ୍କା, ସୁହାନା ଏବଂ ସୁବ୍ରତ ଅଭିନୟ କରିବେ। ଏହାର ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମା ଜଗତର ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ।

# ଆଲୟାଙ୍କ ୟୁ ଟର୍ଣ୍ଣ


ଆଲୟା

ଆଲୟା ଫର୍ଚ୍ୟୁନଓ୍ୱାଲା ୟୁ ଟର୍ଣ୍ଣ ନେଇଛନ୍ତି। ଅସଲ କଥାଟି ହେଲା 'ୟୁ ଟର୍ଣ୍ଣ' ଶୀର୍ଷକ ଏକ ହିନ୍ଦୀ ସିନେମା ନିର୍ମିତ ହେବାକୁ ଯାଉଛି। ଏହାର ନାୟିକା ସାଜୁଛନ୍ତି ଆଲୟା। ୨୦୨୦ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ, ଆଉ ସିନେମାଟି ଥିଲା 'ଜଓ୍ୱାନୀ ଜାନେମନ'। ଆଉ ଦୁଇ ବର୍ଷର ଗ୍ୟାପ୍ ପରେ ସେ ଆଉ ଏକ ଫିଲ୍ମରେ ଆକ୍ଟିଂ କରିବାକୁ ଯାଉଛନ୍ତି। ୨୦୧୬ରେ ରିଲିଜ ହୋଇ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା କନ୍ନଡ ଫିଲ୍ମ 'ୟୁ ଟର୍ଣ୍ଣ'। ଏବେ ଏହାର ହିନ୍ଦୀ ରିମେକ୍ କରୁଛନ୍ତି ଏକତା କପୁର। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ନବାଗତ ଆରିଫ୍। ଉକ୍ତ ସିନେମାର କାହାଣୀ ରହସ୍ୟ, ରୋମାଞ୍ଚ ଉପରେ ଆଧାରିତ। ଖାସ୍ କଥା ହେଲା ହିନ୍ଦୀ ଭାଷାରେ ନିର୍ମିତ ହେବା ପୂର୍ବରୁ ଏହି ଚିତ୍ର ବଙ୍ଗଳା, ତାମିଲ, ମାଲୟାଲମ, ତେଲୁଗୁ ଭାଷାରେ ପ୍ରସ୍ତୁତ ହୋଇ ଦର୍ଶକଙ୍କୁ ପ୍ରଭାବିତ କରିସାରିଛି। ଏ ନେଇ ଆଲୟା କହନ୍ତି, 'ଏହି ଫିଲ୍ମଟି ମୋ ଆକ୍ଟିଂ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ଏହାବ୍ୟତୀତ ଏକତା କପୁରଙ୍କ ପରି ପ୍ରଯୋଜିକାଙ୍କ ଫିଲ୍ମରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।'

# ବଲିଉଡ୍ ହାଲ୍ ଚାଲ୍


ରଣବୀର ସିଂ

➤ବଲିଉଡ୍‌ର ଆଗଧାଡିର ଅନ୍ୟତମ ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜଙ୍କ ପୁଅ ଆସମାନ ଭରଦ୍ୱାଜ ନିର୍ଦ୍ଦେଶକ ସାଜିଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ପ୍ରଥମ ସିନେମାର ଟାଇଟଲ ରହିଛି 'କୁତ୍ତେ'। ଏଥିରେ ଅର୍ଜୁନ କପୁର, ତବୁ, ନାସିରୁଦ୍ଦିନ ଶାହା ଏବଂ କୋଙ୍କଣ ସେନଶର୍ମା ଅଭିନୟ କରୁଛନ୍ତି।

➤ନିର୍ଦ୍ଦେଶକ ଶଙ୍କର ଏବଂ ରଣବୀର ସିଂ ଏକ ନୂଆ ପ୍ରୋଜେକ୍ଟରେ କାମ କରିବାକୁ ଯାଉଛନ୍ତି। ଜୟନ୍ତୀଲାଲ ଗଡ଼ାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଛି ତାମିଲ ଫିଲ୍ମ 'ଆନିୟାନ'ର ହିନ୍ଦୀ ରିମେକ୍। ହେଲେ ଏହାର ତାମିଲ ପ୍ରଯୋଜକ ଆସକର ରବିଚନ୍ଦ୍ରନ କହିଛନ୍ତି ଯେ, ହିନ୍ଦୀ ରିମେକ୍ ପାଇଁ ସେମାନେ ତାଙ୍କର ଅନୁମତି ନେଇନାହାନ୍ତି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ ରଣବୀର ସିଂ।

➤ସଞ୍ଜୟ ଲୀଲା ଭଁସାଲିଙ୍କ ଆଗାମୀ ଫିଲ୍ମ 'ଗାଙ୍ଗୁବାଇ କାଠିଆଓ୍ୱାଡି'ର ଶୁଟିଂ ନିକଟରେ ଶେଷ ହେବା ସହ ତାହାର ପୋଷ୍ଟ ପ୍ରଡକ୍ସନ କାମ ଆରମ୍ଭ ହୋଇଯାଇଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଆଲିୟା ଭଟ୍ଟ। ଅନ୍ୟପକ୍ଷରେ ସଞ୍ଜୟଙ୍କ ଗଜଲ ଆଲବମ୍ 'ସକୁନ୍' ନିକଟରେ ରିଲିଜ ହୋଇଛି।

➤ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର ଚିରଞ୍ଜିବୀ ଏକ ନୂଆ ସିନେମାର ପ୍ରଯୋଜନା କରିବାକୁ ଯାଉଛନ୍ତି। ଖାସ୍ କଥା ହେଲା, ଏଥିରେ ଅତିଥି କଳାକାର ଭାବରେ ଅଭିନୟ କରିବେ ସଲ୍ଲୁ ମିଆଁ ଓରଫ ସଲମାନ୍ ଖାଁ। ସୁପରହିଟ୍ ମାଲାୟାଲମ ଫିଲ୍ମ 'ଲୁସିଫେର୍'ରୁ ରିମେକ୍ ହେଉଥିବା ଏହି ତେଲୁଗୁ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ଏହାର ନିର୍ଦ୍ଦେଶନା ଦେବେ ମୋହନ ରାଜା।

➤ନବାଗତ ପ୍ରତୀକ ଗାନ୍ଧୀଙ୍କ ଅଭିନୀତ ପ୍ରଥମ ସିନେମା 'ରାବଣଲୀଲା' ଆସନ୍ତା ଅକ୍ଟୋବର ୧ରେ ପରଦା ଉପରକୁ ଆସୁଛି। ଟିନ୍-ଏଜ୍ ଲଭ ଷ୍ଟୋରିକୁ ଆଧାର କରି ନିର୍ମିତ ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ହାର୍ଦ୍ଦିକ ଗୁଜ୍ଜର।

# ସୋହମଙ୍କ ନୂଆ ଅବତାର

ଅଭିନେତା ସୋହମ ସିଂ ଏକ ଭିନ୍ନ ଭୂମିକାରେ ଖୁବ୍‌ଶୀଘ୍ର ଦର୍ଶକଙ୍କ ସାମନାକୁ ଆସିବେ। ଆଉ ଏପରି ଭୂମିକାରେ ସଫଳ ହେବାକୁ ସେ ଆଶା ରଖିଛନ୍ତି। ଶୁଟିଂ ଚାଲିଥିବା ନୂଆ ସିନେମା 'ରାଉଡି ରାଜା'ର ଟାଇଟଲ ଭୂମିକାରେ ଏହି ୟଙ୍ଗ୍ ସେନସେସନଙ୍କୁ ଦେଖିବାକୁ ମିଳିବ। ଏକ ଭିନ୍ନ ଧରଣର ଆକ୍ସନ ଡ୍ରାମା ଏବଂ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମାଣ ହେବାକୁ ଯାଉଛି। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟିକୁ ଲେଖିଛନ୍ତି ଡ. ରଜନୀ ରଞ୍ଜନ ଏବଂ ତାହାକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ 'ଅଜାତ ଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟକ ସାଜିଥିବା ସୋହମ ସିଂ। ଏ ବିଷୟରେ ସେ କୁହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ମୋତେ ମିଳିଯାଇଛି।' ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ସୋହମଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଶ୍ରଦ୍ଧା ପାଣିଗ୍ରାହୀ।


ଜାହ୍ନବୀ

# ଏଥର ହ୍ୟାଟ୍ରିକ୍

ଜାହ୍ନବୀଙ୍କ ଖୁସି କହିଲେ ନ ସରେ। କାରଣ ଏକାଥରେ ତାଙ୍କୁ ତିନୋଟି ସିନେମାର ଅଫର ମିଳିଛି ଏବଂ ସେଗୁଡ଼ିକରେ ଅଭିନୟ କରିବାକୁ ସେ ନିଜର ସମ୍ମତି ପ୍ରଦାନ କରିଛନ୍ତି। ହେଲେ ଏବେ ତାଙ୍କ ପାଇଁ ବାଧକ ସାଜିଛି ଡେଟ୍। ଏ ନେଇ ଜାହ୍ନବୀ କହନ୍ତି, 'ଏହି ତିନୋଟି ଫିଲ୍ମର କାହାଣୀ କେହି କାହାକୁ କମ୍ ନୁହେଁ। ତେଣୁ ସେହି ଫିଲ୍ମଗୁଡ଼ିକରେ ଅଭିନୟ କରିବାକୁ ରାଜି ହୋଇଛି। ଯଦିଓ ଏବେ ଡେଟ୍ ମୋ ପାଇଁ ପ୍ରୋବ୍ଲେମ ହୋଇଛି, ହେଲେ ସେହି ସମସ୍ୟାର ସମାଧାନ ହୋଇଯିବ। ମୁଁ ସବୁବେଳେ କୌଣସି ସିନେମା ସାଇନ୍ କରିବା ପୂର୍ବରୁ ତାହାର କାହାଣୀକୁ ଗୁରୁତ୍ୱ ଦିଏ। ସେଥିରେ ନିଜର ଭୂମିକା ସମ୍ପର୍କରେ ଭଲଭାବରେ ଅବଗତ ହେବା ପରେ ହିଁ ସାଇନ୍ କରିଥାଏ।' ଖାସ୍ କଥା ହେଲା, ବୋମନ ଇରାନୀଙ୍କ ପୁଅ କାୟୋଜି ଇରାନୀ ଏବେ ଏକ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏହାର ନାୟିକା ଭୂମିକାରେ କିଏ ଅଭିନୟ କରିବେ ସେ ନେଇ ଜଣେ ନବାଗତା ସନ୍ଧାନରେ ଥିଲେ ନିର୍ଦ୍ଦେଶକ। ହେଲେ ଶେଷରେ ଜାହ୍ନବୀଙ୍କୁ ଚୟନ କରାଯାଇଥିଲା। ଅନ୍ୟପକ୍ଷରେ ଆଉ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଅପୋଜିଟ୍‌ରେ ଅଭିନୟ କରିବେ ଜାହ୍ନବୀ।

# ବେବୋଙ୍କ ପ୍ରଶଂସାରେ ଆଲିୟା



ଆଲିୟାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ ହେଲେ କରୀନା କପୁର ଓରଫ ବେବୋ। ତାଙ୍କୁ ପ୍ରଶଂସା କରିବା ପଛରେ କାରଣ ମଧ୍ୟ ରହିଛି। ଅସଲ କଥା ହେଲା, କରୀନାଙ୍କର ଜଣେ ବଡ଼ ପ୍ରଶଂସକ ହେଲେ ଆଲିୟା। ଏପରି କି ସେ ଅଭିନୟ କରିଥିବା ସମସ୍ତ ସିନେମାକୁ ଦେଖିବାକୁ ଭୁଲିନାହାନ୍ତି ଏହି ମହେଶ ତନୟା। ଏ ସମ୍ପର୍କରେ ଆଲିୟା କହନ୍ତି, 'କରୀନାଙ୍କ ଅଭିନୟ ମୋତେ ଅଧିକ ପ୍ରଭାବିତ କରିଛି। ଆଉ ଏକ କଥା। ଅଭିନୟ ଜୀବନରେ ମୁଁ କାହାକୁ ନିଜର ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବେନାହିଁ। କାରଣ ଯଦି ନିଜ ପାଖରେ ଦକ୍ଷତା ଅଛି ତେବେ ସେ ନିଜକୁ ଜଣେ ନାମୀ ଅଭିନେତ୍ରୀ ଭାବରେ ପରିଚିତ କରାଇପାରିବ।' କେବଳ ଅଭିନୟ ନୁହେଁ, ଆଲିୟା ଜଣେ ଗାୟିକା ମଧ୍ୟ। ଏ.ଆର.ରହେମନଙ୍କ ମ୍ୟୁଜିକ ସ୍କୁଲରୁ ସେ ସଙ୍ଗୀତ ଶିକ୍ଷା କରିଛନ୍ତି। ଏହାବ୍ୟତୀତ ହ୍ୟାଣ୍ଡବଲ୍ ଖେଳିବାରେ ତାଙ୍କର ଦକ୍ଷତା ରହିଛି। ଅବସର ମିଳିଲେ ଚିତ୍ର ଆଙ୍କିବାକୁ ପସନ୍ଦ କରିଥାଆନ୍ତି ଆଲିୟା।

## ସ୍ୱଚ୍ଛତା ଓ ପରିମଳ ନେଇ ସଚେତନତା କାର୍ଯ୍ୟକ୍ରମ

ଜମନକିରା,(ଡି.ଏନ୍.ଏ.): ଜମନକିରା ବ୍ଲକ୍ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ପରିମଳ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ୟୁନିସେଫ୍‌ର ପରାମର୍ଶଦାତା ଗଣେଶରାମ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଦେବକୀ ନାଏକ, ସଞ୍ଜୁକ୍ତା ସାହୁ, ବିଆର୍‌ସିସି ସୁଦିପ୍ତ ନାୟକ ପ୍ରମୁଖ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବ୍ଲକ୍‌ରେ ଥିବା ବିଭିନ୍ନ ସ୍କୁଲରେ ପିଲାମାନେ ହାତ ଧୋଇବା, ଶୌଚାଳୟ ସଫାସୁତୁରା ରଖିବା, ପାନୀୟ ଜଳର ବ୍ୟବହାର ଠିକ୍ ଭାବେ କରିବା ନେଇ ଅଧିକାରୀମାନେ ବୁଝାଇଥିଲେ। ଏଥିରେ ବ୍ଲକ୍‌ର ୧୮ ଜଣ ସିଆର୍‌ସିସି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ରୀ ମୃତ

କୁତ୍ରା,୧୯ ( ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଟେଙ୍ଗରାବାହାଲ ଗ୍ରାମର ଛାତ୍ରୀ ବାସନ୍ତି ନାଏକ (୧୩) ମଙ୍ଗଳବାର ରାତିରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡିଥିଲା। ଘରଲୋକ ଜାଣିବା ପରେ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ତେବେ ବୁଧବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ତୁଡାଲଗା କନ୍ୟାଶ୍ରମରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ ।

### ରାଷ୍ଟ୍ରୀୟ କୃଷି ବଜାର ସମ୍ପର୍କିତ କର୍ମଶାଳା

ଜମନକିରା,୧୯(ଡି.ଏନ୍.ଏ.): ଜମନକିରା ବ୍ଲକ୍ ଗୁଣ୍ଡୁରୁଟୁଆଁ ପଞ୍ଚାୟତ ସଦର ମହକୁମାରେ ବୁଧବାର ରାଷ୍ଟ୍ରୀୟ କୃଷି ବଜାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବଜାର ନିୟନ୍ତ୍ରିତ କମିଟି ପକ୍ଷରୁ ଆୟୋଜିତ କର୍ମଶାଳାରେ ମୁଖ୍ୟ ଭାବେ ଉଦ୍ୟାନ ବିଭାଗ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ଭୋଇ ଓ ଅଗ୍ରଣୀ ଚାଷୀ ଭାବେ ବୃନ୍ଦାବନ ନାୟକ, ସୁଧାଂଶୁ ଚୌଧୁରୀ, ଶ୍ରୀକାନ୍ତ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଆର୍‌ଏମ୍‌ସି ସେକ୍ରେଟାରୀ ମନୋଜ ମହନ୍ତ ପରିଚାଳନା କରିବା ସହ ରାଷ୍ଟ୍ରୀୟ କୃଷି ବଜାର ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଇ-ନାମ ମାର୍କେଟିଂ ଓ କିଷାନ ରଥ ବିଷୟରେ ବୁଝାଇଥିଲେ। ୧୮ ରାଜ୍ୟରେ ମୋଟ ୧ ହଜାର ମଣ୍ଡି ଖୋଲାଯାଇ ଥିବା ବେଳେ କୁଚିଣ୍ଡା ଉପଖଣ୍ଡକୁ ମଧ୍ୟ ସେଥିରେ ସାମିଲ କରାଯାଇଛି। ଏହି ଇ-ନାମ ମାର୍କେଟିଂ ମାଧ୍ୟମରେ ଚାଷୀ କୃଷିଜାତ ତଥା ଜଙ୍ଗଲ ଜାତ ଦ୍ରବ୍ୟ କ୍ରୟ ବିକ୍ରୟ କରିପାରିବେ। ମୋଟ ୧୭୫ ଦ୍ରବ୍ୟ କ୍ରୟବିକ୍ରୟ ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିଥିବା କୁହାଯାଇଥିଲା। ଏଥିରେ ଶତାଧିକ ଚାଷୀ ସାମିଲ ହୋଇଥିଲେ।

### କୋଭିଡ୍ ଟିକାକରଣ, ମାସ୍କ ବଣ୍ଟନ




ଟେନ୍‌ସା,୧୯(ଡି.ଏନ୍.ଏ.): କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗୀତାରାଣୀ ମହାନ୍ତିଙ୍କର ରାଇକେଲାଠାରେ ଅବସ୍ଥିତ ଲୌହ ଖଣିରେ କୋଭିଡ୍ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୪୦ଜଣଙ୍କର ଟିକାକରଣ ହୋଇଥିଲା। ଗୀତାରାଣୀ ମହାନ୍ତିଙ୍କର ଖଣି ତରଫରୁ ସମସ୍ତଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଶୁପାଳକ ଓ ପ୍ରଧାନ ଏବଂ ସେମାନଙ୍କର ସହଯୋଗୀମାନେ ଟିକାକରଣ କରିଥିଲେ। ଖଣି ତରଫରୁ ବିଧୁଭୂଷଣ ସାହୁ, ପ୍ରମୋଦ କୁମାର ସାହୁ, ସୁଶୀଲ ପ୍ରଧାନ, ପ୍ରଶାନ୍ତ କୁମାର ଦାସ, ସଚ୍ଚିଦାନନ୍ଦ ଗିରି, ତ୍ରିନାଥ ମହାପାତ୍ର, ଶିବାନନ୍ଦ ମହଲା, ପାର୍ଥସାରଥି ତ୍ରିପାଠୀ, ସନ୍ଦୀପ ତ୍ରିପାଠୀ, ରଣଜିତ ସାହୁ, ସତ୍ୟାନନ୍ଦ ଝାମୁଲାଙ୍କ ସମେତ ବହୁ ସହକର୍ମୀ ଟିକାକରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଲିବନ୍ଧାରେ ବିସ୍ଥାପିତଙ୍କ ରାସ୍ତାରୋକୋ

ସମ୍ବଲପୁର,୧୯(ବ୍ୟୁରୋ)

ଜମି ମାଫିଆଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ସମଲେଇ ଯୋଜନା କରିଛନ୍ତି। ଜମି ଅଧିଗ୍ରହଣ ପରେ ତାହାକୁ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯିବ। ସମଲେଇ ମା'ଙ୍କ ଭାବାବେଗ ସହିତ ଖେଳ କରାଯାଉଛି। ଦେବୀଙ୍କ ନାମ ନେଇ ସରକାର ଏଠି ବ୍ୟବସାୟ କରୁଛନ୍ତି। ମହାନଦୀ କୂଳରେ ଥିବା ଜମି ଅଧିଗ୍ରହଣ କରି ଏଠାରେ ହୋଟେଲ ରିସୋର୍ଟ ତଥା ପର୍ଯ୍ୟଟକ ଆମୋଦ ପ୍ରମୋଦ ପାଇଁ ପ୍ରକଳ୍ପ କରାଯିବ। ଏଥିରେ ଘରୋଇ କମ୍ପାନୀ ପୁଞ୍ଜିନିବେଶ କରିବେ। ବାସ୍ତବରେ ସମଲେଇ ଯୋଜନା କ'ଣ, ଏଥିପାଇଁ କେତେ ଜମି ଆବଶ୍ୟକ ସେ ନେଇ କୌଣସି ଲିଖିତ ଭାବେ ଜଣାଯାଇ ନାହିଁ। ହଠାତ୍ ସମଲେଇ ଯୋଜନା ନାମରେ ଗରିବ ଲୋକମାନଙ୍କୁ ବିସ୍ଥାପିତ କରି ଦିଆଯାଉଛି ବୋଲି ବୁଧବାର ସମ୍ବଲପୁରର ଡିଗୋଡ଼ ବାଲିବନ୍ଧା ନିକଟରେ ରାସ୍ତାରୋକୋ କରି ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି କହିଥିଲେ, ସମଲେଇ ଯୋଜନାକୁ କେହି ବିରୋଧ କରୁ ନାହାନ୍ତି। ସମଲେଇ ମନ୍ଦିର ବିକାଶ କରାଯାଉ। ସେଥିପାଇଁ ଯେତେ ପରିମାଣ ଜମି ଆବଶ୍ୟକ ରହିଛି ଅଧିଗ୍ରହଣ କରାଯାଉ। ହେଲେ ପ୍ରଥମ ପର୍ଯ୍ୟାୟରେ ୩୯ ଏକର ଓ ପରେ ଏହାକୁ ବୃଦ୍ଧି କରି ୧୦୭ ଏକର କରିବାକୁ ଯୋଜନା କରାଯାଉଛି। ଏଥିରେ ବଡବଜାର, କମିବଜାର, ଘୁନଘୁଟିପଡା, ରାଜଜିମନ୍ଦିରପଡା, ବାଲିବନ୍ଧା ଅଞ୍ଚଳର ଶତାଧିକ ପରିବାର ବିସ୍ଥାପିତ ହେବେ। କେତେକ ପରିବାରଙ୍କ ଜମି ପଟ୍ଟା ରହିଥିବା ବେଳେ ଅଧିକାଂଶ ପରିବାରକୁ ପଟ୍ଟା ମିଳିନାହିଁ। ପ୍ରାୟ ୪ଶହ ବର୍ଷରୁ ଅଧିକ ଦିନ ଧରି ରହିଆସୁଥିଲେ ମଧ୍ୟ ସରକାରୀ ଯୋଜନାରେ ପଟ୍ଟା ପ୍ରଦାନ କରାଯାଉ ନାହିଁ। ଲୋକ ନିଜ ଅର୍ଥରେ ବାପଅଜା ଅମଳରୁ ଘର ତିଆରି କରିଛନ୍ତି। ହେଲେ ଏବେ ସରକାର କ୍ଷତିପୂରଣ ନେଇ ଜମି ଓ ଘର ଛାଡିଦେବାକୁ କହୁଛନ୍ତି। ହେଲେ କ୍ଷତିପୂରଣ ବଦଳରେ ସ୍ମୃତିକୁ ହରାଇପାରିବୁ ନାହିଁ। କୌଣସି ପରିସ୍ଥିତିରେ ମଧ୍ୟ ବିସ୍ଥାପିତ ହେବୁ ନାହିଁ ବୋଲି ରୋକଠୋକ କହିଥିଲେ। ଅନ୍ୟପଟେ ସେପ୍ଟେମ୍ବର ୩ରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିଶାଳ ସମାବେଶ କରିବାକୁ ସ୍ଥିର କରିଛନ୍ତି। ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରି ଖାଲି ପାଦରେ ଶୋଭାଯାତ୍ରା କରାଯିବ ବୋଲି କହିଥିଲେ। ବାଲିବନ୍ଧା ରାସ୍ତାରେ ପ୍ରାୟ ୨ଘଣ୍ଟା ଧରି ରାସ୍ତରୋକୋ କରାଯାଇଥିଲା। ମୈଥିଲି ମହାପାତ୍ର, ପଞ୍ଚାନନ ତ୍ରିପାଠୀ, ଶୈଳେନ୍ଦ୍ର ମହାପାତ୍ର, ସୁଶାନ୍ତ ପୁରୋହିତ, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ଏପରି କି କୁନି ପିଲାମାନେ ମଧ୍ୟ ପୂର୍ବଜଙ୍କ ଘର ଓ ଜମି ସୁରକ୍ଷା ପାଇଁ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ।



ସମ୍ବଲପୁର ବାଲିବନ୍ଧାରେ ରାସ୍ତାରୋକୋ କରାଯାଇଛି।

**ସମଲେଇ ଯୋଜନା ପ୍ରସଙ୍ଗ**

- ଜମିମାଫିଆଙ୍କୁ ପ୍ରୋତ୍ସାହନ ପାଇଁ ଯୋଜନା
- କ୍ଷତିପୂରଣ ବଦଳରେ ସ୍ମୃତି ହରାଇପାରିବୁ ନାହିଁ
- ୩ରେ ବିଶାଳ ସମାବେଶ

# ଟ୍ରକ୍ ଧକ୍କାରେ ଛାତ୍ରୀ ଗୁରୁତର, କ୍ଷତିପୂରଣ ଦାବି କଲେ ଗ୍ରାମବାସୀ



ଲୋକଙ୍କ ସହିତ ଆଲୋଚନା ଚାଲିଛି।

କୁଆଁରମୁଣ୍ଡା,୧୯(ଡି.ଏନ.ଏ)

ବୁଧବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଝାରବେଡ଼ା ପଞ୍ଚାୟତକୁ ଯାଉଥିବା ପିଡିଏସ ଚାଉଳ ଟ୍ରକ୍ ଓଆର୧୪ଏସ୍ ୦୪୪୧ ଧକ୍କାରେ ଜଣେ ୯ମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଛାତ୍ରୀ ଜଣଙ୍କ ହେଉଛନ୍ତି ଝାରବେଡ଼ା ପଞ୍ଚାୟତ କାରିଛାପଲ ଗ୍ରାମର ଗଞ୍ଜୁଟୋଲାର ଇନ୍ଦ୍ର ଖାଲଖୋଙ୍କ ଝିଅ ଅନୁପମା (୧୪)। ଏହି ଖବର ପାଇ ସଙ୍ଗେସଙ୍ଗେ ତାଙ୍କୁ ଚିକିତ୍ସା ନିମନ୍ତେ ଗ୍ରାମବାସୀ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜଗଦୀଶ୍ୱର ସିଡବ୍ଲ୍ୟୁଏସ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଖବର ପାଇ ଗାଡି ମାଲିକ ଦୀନଦୟାଲ ସା ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ପହଞ୍ଚି ସମସ୍ତ ଡାକ୍ତରୀ ଖର୍ଚ୍ଚ ପ୍ରଦାନ କରିଛନ୍ତି। ଏହାସହ ଗୁରୁତର ଛାତ୍ରୀ ଅନୁପମା ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଗାଡି ମାଲିକ ସା ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖବରପାଇ ବୀରମିତ୍ରପୁର ଏସ୍‌ଡିପିଓ ମାନସରଂଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ କୁଆଁରମୁଣ୍ଡା, ବୀରମିତ୍ରପୁର ଓ ହାତୀବାରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରକାରୀ ପିଡିଏସ ଚାଉଳ ପ୍ରାୟ ୭୩ କୁଇଣ୍ଟାଲ ଓ ଗହମ ୩୦ କୁଇଣ୍ଟାଲକୁ ନିଜ ନିୟନ୍ତ୍ରଣକୁ ନେବା ସହ ଉକ୍ତ ଚାଉଳ ଓ ଗହମକୁ ପଞ୍ଚାୟତ ଗୋଦାମ ଗୃହରେ ସୁରକ୍ଷିତ ଭାବେ ରଖି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଝାରବେଡ଼ା ପଞ୍ଚାୟତ ସରପଞ୍ଚ ମାଥିଆସ ଲାକ୍ରା, ଓ୍ୱାର୍ଡ ମେମ୍ବର ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ ଟ୍ରକ ମାଲିକ ଗୁରୁତର ଆହତ ଛାତ୍ରୀ ଅନୁପମାଙ୍କର ସମସ୍ତ ଚିକିତ୍ସା କରିବେ ବୋଲି ତାଙ୍କର ପରିବାର ଉପସ୍ଥିତିରେ ପ୍ରତିଶ୍ରୁତି ଦେବାରୁ ଘଟଣାର ସମାଧାନ ହୋଇଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକର ଚାଳକକୁ କୁଆଁରମୁଣ୍ଡା ଫାଣ୍ଡିରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।

# ୨୪ ଘଣ୍ଟାରେ ଏସ୍‌ଏନ୍‌ସିୟୁ ଭେଣ୍ଟିଲେଟର କାର୍ଯ୍ୟକ୍ଷମ କର

ବଲାଙ୍ଗୀର ଅଫିସ, ୧୯

କୋଭିଡ ତୃତୀୟ ଲହର ପୂର୍ବରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଏବଂ ଜିଲାରେ ସ୍ୱାସ୍ଥ୍ୟସେବାର କିଭଳି ସ୍ଥିତି ରହିଛି ଏହାକୁ ନେଇ ବଲାଙ୍ଗୀର ଏମପି ସଙ୍ଗୀତା କୁମାର ସିଂଦେଓ ବୁଧବାର ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ମେଡିକାଲ କଲେଜ ଡିନ୍ ଡା ସବିତା ମହାପାତ୍ର, ଅଧିକ୍ଷକ ଡା ମହେନ୍ଦ୍ର କୁମାର ନାୟକ, ଉପାଧ୍ୟକ୍ଷା ଡା ମାନସୀ ପଣ୍ଡା, ସିଡିଏମ୍‌ଓ ଡା ଭୀମ ସାହୁ, ଶିଶୁରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଲିନା ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲା ପ୍ରୋଗ୍ରାମ୍ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ହସ୍ପିଟାଲ ମ୍ୟାନେଜର ସୁଦୀପ୍ତ ଦତ୍ତ, ଏମପିଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ଦିନେଶ ଶର୍ମା ଉପସ୍ଥିତ ଥିଲେ। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ୟୁନିଟ୍ (ଏନ୍‌ଏନ୍‌ସିୟୁ) ଭେଣ୍ଟିଲେଟର ଥିଲେ ମଧ୍ୟ ରୋଗୀମାନେ ଏଠାରେ ଚିକିତ୍ସା ସେବା ନ ପାଇ ବୁର୍ଲା ଓ କଟକ ଯାଇ ହଇରାଣ ହେଉଥିବା ଜାଣିବା ପରେ ଏନେଇ ଅଧୀକ୍ଷକ ଡା. ନାୟକଙ୍କୁ ପଚାରି ବୁଝିଥିଲେ। ସାଧାରଣ ଏକ ଅକ୍ସିଜେନ୍ ପାଇପ୍ ସଂଯୋଗ ହୋଇ ନ ପାରୁ ନ ଥିବାରୁ ଏଠାରେ ଭେଣ୍ଟିଲେଟର କାର୍ଯ୍ୟ କରୁ ନ ଥିବା ଜାଣିବା ପରେ ଏମପି ସିଂଦେଓ କ୍ଷୋଭ ପ୍ରକାଶ କରିଥିଲେ। ହସ୍ପିଟାଲ ଅଧୀକ୍ଷକ ଡା ନାୟକଙ୍କୁ ତାଗିଦ୍ କରିବା ସହ ଉପକରଣ ସଂଯୋଗ କରୁଥିବା ସଂସ୍ଥାକୁ ତୁରନ୍ତ ଫୋନ୍ ଲଗାଇବାକୁ କହିଥିଲେ। ଗୁରୁବାର ସୁଦ୍ଧା ଅର୍ଥାତ୍ ୨୪ ଘଣ୍ଟା ଭିତରେ ଏସ୍‌ଏନ୍‌ସିୟୁରେ ଭେଣ୍ଟିଲେଟର କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଅଧୀକ୍ଷକ ଡା. ନାୟକ ଉକ୍ତ ସଂସ୍ଥା କର୍ମଚାରୀଙ୍କୁ ଫୋନ୍ ଲଗାଇ ୨୪ ଘଣ୍ଟା ମଧ୍ୟରେ ଭେଣ୍ଟିଲେଟର ଲଗାଇବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ନିତି ଆୟୋଗ ଅଧିନରେ ଆଶାୟୀ ଜିଲା ତାଲିକାରେ ବଲାଙ୍ଗୀର ଜିଲା ରହିଛି। କେନ୍ଦ୍ର ସରକାର ଆଶାୟୀ ଜିଲା ଅନୁଦାନରୁ ୨.୧୪ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଜିଲାର ଡାକ୍ତରଖାନା ଗୁଡିକରେ ଏହାର ସଠିକ୍ ବିନିଯୋଗ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ୍ ଭୀମ ଭୋଇ ମେଡିକାଲ କଲେଜରେ ଏକ ଏମ୍‌ଆର୍‌ଆଇ ମେଶିନ୍, ଆଉ ଗୋଟିଏ ଅଲ୍‌ଟ୍ରାସାଉଣ୍ଡ ମେଶିନ୍, ପାଟଣାଗଡ ହସ୍ପିଟାଲରେ ଏକ ଡିଜିଟାଲ ଏକ୍ସ-ରେ ମେଶିନ୍ ଲଗାଇବାକୁ ସେ କହିଥିଲେ। ଏଥିପାଇଁ ଆଶାୟୀ ଜିଲା ଅନୁଦାନ ମାଗିବା ଓ ଆବଶ୍ୟକ ପଡିଲେ ତାଙ୍କ ଏମପି ଲାଡ୍ ଫଣ୍ଡରୁ ଅର୍ଥ ଯୋଗାଇବା ଦିଗରେ ସେ ଉଦ୍ୟମ କରିବେ ବୋଲି କହିଥିଲେ। ସମୀକ୍ଷା ପରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହସ୍ପିଟାଲ ଓ ବର୍ତ୍ତମାନ କାର୍ଯ୍ୟରତ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ କରିଥିଲେ।



ଏମପି ସଙ୍ଗୀତା କୁମାର ସିଂଦେଓ ଭୀମଭୋଇ ମେଡିକାଲ କଲେଜରେ ସମୀକ୍ଷା କରୁଛନ୍ତି।

**ଭୀମ ଭୋଇ ମେଡିକାଲ କଲେଜରେ ଏମପି କଲେ ସମୀକ୍ଷା**

- ଆଶାୟୀ ଜିଲା ଅନୁଦାନର ଉଚିତ୍ ଉପଯୋଗ କରାଯାଉ
- ମେଡିକାଲ କଲେଜ ହସ୍ପିଟାଲରେ ଏମ୍‌ଆରଆଇ ଲଗାଯାଉ

# ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକାରୀ କମିଟି ବୈଠକ

ସୁନ୍ଦରଗଡ, ୧୯(ଡି.ଏନ୍.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଜିଲା ଯୁବ ରେଡକ୍ରସର କାର୍ଯ୍ୟକାରୀ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲା ଯୁବ ରେଡକ୍ରସର ସଭାପତି ଡ. ଲଳିତ ରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ରେଡକ୍ରସର କାଉନସେଲର ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଡକ୍ରସର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଜିଲା ରେଡକ୍ରସର ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୁନିୟର ରେଡକ୍ରସ, ଯୁବ ରେଡକ୍ରସ ଓ ଜିଲା ରେଡକ୍ରସ ମିଳିତ ଭାବରେ ସାହାଯ୍ୟ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଯୁବ ରେଡକ୍ରସର ଜିଲା ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ରକ୍ତଦାନ ଶିବିର, ପ୍ରାଥମିକ ଚିକିତ୍ସା ଓ ବୃକ୍ଷରୋପଣ ସଂପର୍କରେ ନିଜର ମତ ରଖିଥିଲେ। ଜିଲା ଆବାହକ ପୀତାମ୍ବର ବେହେରା ବାର୍ଷିକ କାର୍ଯ୍ୟ ଖସଡା ଉପସ୍ଥାପନ କରିଥିଲେ। ଯୁବ ରେଡକ୍ରସର କାଉନସେଲର ସରୋଜ କୁମାର ପୂଜାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଭିଡ ସମୟରେ ଅନେକ ମୃତଦେହ ସଂସ୍କାର କରି ମାନବିକତାର ପରିଚୟ ସୃଷ୍ଟି କରିଥିବା ୪ଜଣ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା ,ଶିଶିର କୁମାର ବେହେରା,କମଲେଶ ନାଥାନୀ ଓ ମନୋଜ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଡକ୍ରସର କାଉନସେଲର ଅଧ୍ୟାପକ ପ୍ରଭାକର ସେଠୀ ଧନ୍ୟବାଦ ଦେଇଥିଲେ ।

# ବଙ୍ଗୋମୁଣ୍ଡାରେ ନୂତନ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ



କୋର୍ଟ ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି, ୧୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର ମହକୁମାରେ ବୁଧବାର ନୂତନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ସିଭିଲ ଜଜ୍(କନିଷ୍ଠ) କୋର୍ଟ ଉଦ୍‌ଘାଟିତ ହୋଇଛି। ଭର୍ଚୁଆଲ ମୋଡରେ ଓଡିଶା ହାଇକୋର୍ଟର ବିଚାରପତି କୃଷ୍ଣରାମ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲା ଦୌରାଜଜ ଲୋକନାଥ ମହାପାତ୍ର ସମ୍ମାନୀତ ଅତିଥିଭାବେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ନୂତନ କୋର୍ଟ ପରିସରରେ ଅନୁଷ୍ଠିତ ସଭାରେ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ବିଜୟ କୁମାର ମିଶ୍ର, ବଙ୍ଗୋମୁଣ୍ଡା ଓକିଲ ସଂଘ ସଭାପତି ରାଜୁ କୁମାର, ସମ୍ପାଦକ ପଦ୍ମଲୋଚନ ସାହୁ, ବିଷ୍ଣୁପ୍ରସାଦ ଶର୍ମା ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି, ମୁରିବାହାଲ, ବଙ୍ଗୋମୁଣ୍ଡା ଏବଂ ଟିଟିଲାଗଡ ଓକିଲ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ।

# ମାଲବାହୀ ଅଟୋ ଓଲଟି ଜଣେ ମୃତ, ଜଣେ ଆହତ

ଲହୁଣୀପଡା,୧୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ଠିଆବେର୍ଣ୍ଣା ଗ୍ରାମର ଏକ ମାଲବାହୀ ଅଟୋ ଓଲଟି ଜଣେ ଗୁରୁତର ଆହତ ହୋଇ ବୁଧବାର ବୁର୍ଲା ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ଠିଆବେର୍ଣ୍ଣା ଗ୍ରାମର ଆକାଶ ମୁଣ୍ଡା (୧୫) ଓ ଆକାଶ ମାହାନ୍ତ ମିଶି ମଙ୍ଗଳବାର ଅପରାହ୍ନରେଏକ ମାଲବାହୀ ଅଟୋ ଓଆର -୧୪ଏନ -୬୦୨୨ ଯୋଗେ ନିଜ ଗ୍ରାମ ଆଡ଼କୁ ଯାଉଥିବାବେଳେ ଗ୍ରାମ ପାଖରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ଫଳରେ ଆକାଶ ମୁଣ୍ଡା ଅଟୋ ଭିତରୁ ବାହାରକୁ ଛିଟିକି ରାସ୍ତା ଉପରେ ପଡି ଗୁରୁତର ଆହତ ହୋଇଥିଲା। ଓ ଚାଳକ ଆକାଶ ମାହାନ୍ତ ମଧ୍ୟ ଆହତ ହୋଇଥିଲା। ଏନେଇ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ସ୍ଥାୟୀ ନିଯୁକ୍ତି ଦାବିକଲେ କଳା, କ୍ରୀଡ଼ା ଶିକ୍ଷକ

ସମ୍ବଲପୁର,୧୯(ବ୍ୟୁରୋ)

ସମ୍ବଲପୁର ଜିଲାର ସରକାରୀ ସ୍କୁଲରେ କାର୍ଯ୍ୟରତ କଳା ଓ କ୍ରୀଡା ଶିକ୍ଷକ ସ୍ଥାୟୀ ନିଯୁକ୍ତି ଦାବିକରି ବୁଧବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଦାୟିତ୍ୱରେ ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୧୩ରୁ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ୮ ବର୍ଷ ପରେ ମଧ୍ୟ ସରକାରଙ୍କ ଯୋଜନା ମୁତାବକ ସୁବିଧା ସୁଯୋଗ ମିଳୁନାହିଁ। ଏହା ସହ ସ୍ଥାୟୀ କରାଯାଉ ନାହିଁ। ୨୦୧୭ରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ କ୍ରମେ ଏକ ନିର୍ଦ୍ଦିଷ୍ଟ ପରିମାଣ ଦରମା ଦିଆଯାଉଥିଲା। ହେଲେ ପ୍ରାୟ ଏକବର୍ଷ ପରେ ତାହା ମଧ୍ୟ ବନ୍ଦ କରିଦିଆଯାଇଛି। ଏବେ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଓଡ଼ିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ସମ୍ବଲପୁର ଶାଖା ସଭାପତି ଦିଲୀପ ପଣ୍ଡା ଉପସ୍ଥିତ ଥିଲେ।

# ଦୁଇଦିନିଆ ଗସ୍ତରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ

ସମ୍ବଲପୁର,୧୯(ବ୍ୟୁରୋ)

କୋଲ ଇଣ୍ଡିଆ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଦୁଇଦିନିଆ ଗସ୍ତରେ ବୁଧବାର ସମ୍ବଲପୁର ଆସି ଏମ୍‌ସିଏଲ୍ ଅଧୀନରେ ଥିବା କୋଇଲା ଖଣି ପରିଦର୍ଶନ କରିଥିଲେ। ଏହାସହ ଝାରସୁଗୁଡ଼ା ଜିଲାର ଇବ୍ କୋଇଲା ଖଣିରେ ୨୭୫ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କୋଲ ଲୋଡିଂ ସିଷ୍ଟମ (ସାଇଲୋ)ର ଶିଳାନ୍ୟାସ କରିଥିଲେ। ଏଥିରେ ବାର୍ଷିକ ୧୫ ମିଲିୟନ ଟନ କୋଇଲା ଲୋଡିଂ କରିବା କ୍ଷମତା ରହିଛି। ଖଣି ପରିଦର୍ଶନ କରି ସେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିହଙ୍ଗମ ପୋଟାଲର ମଧ୍ୟ ଶୁଭାରମ୍ଭ କରିଥିଲେ। ଏନ୍‌ଟିପିସି ବଲରାମ ପରିଯୋଜନାକୁ ପରିଦର୍ଶନ କରି ସେଠାରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି କୋଇଲା ଖଣିରେ ଉଲ୍ଲେଖନୀୟ କାମ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଏମ୍‌ସିଏଲ୍ ଅଧ୍ୟକ୍ଷ ପି.କେ. ସିହ୍ନାଙ୍କ ସମେତ ବିଭିନ୍ନ ବିଭାଗୀୟ ନିର୍ଦ୍ଦେଶକ ଓ ମହାପ୍ରବନ୍ଧକଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏମ୍‌ସିଏଲ ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ବବନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



କୋଲ ଇଣ୍ଡିଆ ଅଧ୍ୟକ୍ଷ ସାଇଲୋ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

**୨୭୫ କୋଟିର ସାଇଲୋ ପ୍ରକଳ୍ପର ଶିଳାନ୍ୟାସ**

# ରାସାୟନିକ ସାର ଦାବିରେ ବିକ୍ଷୋଭ

ଦେବଗଡ଼,୧୯(ଡି.ଏନ.ଏ)

ରାଜ୍ୟର ଚାଷୀଙ୍କୁ କେନ୍ଦ୍ର ସରକାର ରାସାୟନିକ ସାର ଯୋଗାଇବା ଦାବିରେ ବୁଧବାର ଦେବଗଡ ଜିଲା ବିଜୁ ଜନତାଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ । ଦେବଗଡ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ଜିଲା କୃଷକ ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ରାଜ୍ୟ କୃଷକ ବିଜେଡି ଉପ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନଙ୍କ ନେତୃତ୍ୱରେ ବିଜେଡି ଦଳର ବହୁ ନେତା, ନେତ୍ରୀ ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ବିଜେଡି ନେତା କଳାମାକ୍ଷା ଗଙ୍ଗଦେବଙ୍କ ପରିଚାଳନାରେ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତି ବିରୁଦ୍ଧରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା ବିଜେଡି ସଭାପତି ବିଶ୍ୱାଳ,ଜିଲା କୃଷକ ବିଜେଡି ସଭାପତି ପ୍ରଧାନ ଓ ଉପରୋକ୍ତ ନେତୃବୃନ୍ଦଙ୍କ ସମେତ ଜିଲା ମହିଳା ବିଜେଡି ସଭାନେତ୍ରୀ ପ୍ରଧାନ,ବିଜେଡିର ପୂର୍ବତନ ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲା ବିଜେଡି ଉପସଭାପତି ଦେବେନ୍ଦ୍ର ବେହେରା, ତିଲେଇବଣୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ,ବରିଷ୍ଠ ବିଜେଡି ନେତା ପାଞ୍ଜିଆ ଭୋଇ, ପ୍ରମୋଦ କୁମାର ଖାଙ୍କର, ଭଦ୍ରଚରଣ କିଷାନ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ଅନିତା ପାତ୍ର, ଯୁଗ୍ମ ସମ୍ପାଦିକା ଅର୍ଚ୍ଚନା ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା ଓ ମହିଳା ବିଜେଡି ନେତ୍ରୀ ଶକୁନ୍ତଳା ପ୍ରଧାନଙ୍କ ସମେତ ବହୁ ନେତା ଓ ନେତ୍ରୀ ଉଦବୋଧନ ଦେବା ସହ ରାଜ୍ୟରେ ଦେଖାଦେଇଥିବା ସାରର ଅଭାବ ପାଇଁ କେନ୍ଦ୍ର ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ଜିଲା ବିଜେଡି ସାଧାରଣ ସମ୍ପାଦକ ଇଂ.ବିଷ୍ଣୁ ପ୍ରସାଦ ଅମାତ୍ୟ, ବିକାଶ କୁମାର ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା, ପ୍ରଶାନ୍ତ ଭଞ୍ଜ ଓ ସୌମ୍ୟରଞ୍ଜନ ପ୍ରଧାନ ଓ ଶଙ୍କର୍ଷଣ ମହାପାତ୍ରଙ୍କ ସମେତ ବହୁବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।



ଦେବଗଡ ଜିଲା ବିଜୁ ଜନତାଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପ୍ରଡକ୍ଟର ଶୁଦ୍ଧତା ଯୋଗୁ ଗ୍ରାହକଙ୍କ ହୃଦୟ ଜିଣିଛୁ


ଭେଙ୍କଟରମଣ ସି.କେ.

**ସୁନାଗହଣା କ୍ରୟରେ ଶୁଦ୍ଧତା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ଜୁଏଲର୍ସ ଲୋକଙ୍କୁ ନିର୍ଦ୍ଦିଷ୍ଟ କ୍ୟାରେଟ ଦେବେ କହି ଅଧିକାଂଶ ସମୟରେ ତା'ଠାରୁ କମ୍ କ୍ୟାରେଟ ବିଶିଷ୍ଟ ସୁନାଗହଣା ପ୍ରଦାନ କରିଥାନ୍ତି। ଏ କ୍ଷେତ୍ରରେ ଗ୍ରାହକଙ୍କୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଠିକ୍ କ୍ୟାରେଟ ଜୁଏଲରି ଏବଂ ପ୍ରଡକ୍ଟରେ ଶୁଦ୍ଧତା ପ୍ରଦାନ ଦିଗରେ ତନିସ୍କ ଏକ ଲୋକପ୍ରିୟ ବ୍ରାଣ୍ଡ ହୋଇପାରିଛି। ପ୍ରଡକ୍ଟର ଶୁଦ୍ଧତା ଯୋଗୁ ଗ୍ରାହକଙ୍କ ହୃଦୟ ଜିଣିବାକୁ ସକ୍ଷମ ହୋଇଥିବା ଟାଇଟାନ କମ୍ପାନୀ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟରମଣ ସି.କେ. କହିଛନ୍ତି। ପୁରୀରେ ତନିସ୍କର ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଓଡ଼ିଶା ଗସ୍ତରେ ଆସିଥିବା ଭେଙ୍କଟରମଣଙ୍କ ସହ 'ଧରିତ୍ରୀ'ର ସତ୍ୟାନନ୍ଦ ନାୟକଙ୍କ ସାକ୍ଷାତ୍କାର..**

**➩ମହାମାରୀରେ ବିଶ୍ୱର ବିଭିନ୍ନ ଦେଶର କମ୍ପାନୀଗୁଡ଼ିକର କାରବାରରେ ବେଶ୍ ଉନ୍ନତି କରିବା ସହ ଲାଭ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଟାଇଟାନ ଲିମିଟେଡ୍‌ର ପରଫରମାନ୍ସ କିଭଳି ରହିଛି।**

☛କରୋନା ଯୋଗୁ ବଜାର ପ୍ରଭାବିତ ହୋଇଛି। କାରବାରରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇନାହିଁ। ଆଶା ଅନୁସାରେ କାରବାର ହାସଲ କରିବାକୁ ସକ୍ଷମ ହୋଇଛୁ। ଲାଭ କମିଛି, କିନ୍ତୁ କାରବାର ଯେତେ କ୍ଷତିଗ୍ରସ୍ତ ହେବ ବୋଲି ଭାବୁଥିଲୁ ସେଭଳି ସ୍ଥିତି ଆସିନାହିଁ। ଆମର ଘଣ୍ଟା ଏବଂ ଚଷମା ବିଜ୍‌ନେସ କାରବାର କିଛିଟା ପ୍ରଭାବିତ ହୋଇଛି। ତନିସ୍କ ମୋଟାମୋଟି ଭାବେ ଭଲ କାରବାର କରିଛି। ବିଜ୍‌ନେସ୍ ଟ୍ରାକ୍‌କୁ ଶୀଘ୍ର ଫେରିବ ବୋଲି ଆଶାବାଦୀ।

**➩ପାଶ୍ଚାତ୍ୟ ଦେଶଗୁଡ଼ିକରେ ପବ୍ଲିକ ନିବେଶ ବେଶ୍ ଉନ୍ନତ। ଲୋକଙ୍କ ହାରାହାରି ନିବେଶ ହାର ମଧ ଆଖିଦୃଶିଆ। ଭାରତରେ ପବ୍ଲିକ ନିବେଶ ପ୍ରାୟ ୩%। ଅନେକ ଲୋକ ନିବେଶ ଲାଗି ସକ୍ଷମ ଥିବା ବେଳେ ନିବେଶ କରୁନାହାନ୍ତି। ନିବେଶକଙ୍କୁ ଆକୃଷ୍ଟ କରିବା ଦିଗରେ ତନିସ୍କ କିଛି ପଦକ୍ଷେପ ନେଉଛି କି?**

☛ ହଁ। ଭାରତରେ ପବ୍ଲିକ ନିବେଶ ହାର ପାଶ୍ଚାତ୍ୟ ଦେଶଗୁଡ଼ିକ ତୁଳନାରେ ଆଖିଦୃଶିଆ ନୁହେଁ। ମାତ୍ର ଏହି ଧାରାରେ ଏବେ ଦ୍ରୁତ ପରିବର୍ତ୍ତନ ଦେଖାଯାଉଛି। ନିକଟରେ ଆସିଥିବା କିଛି ଭାରତୀୟ କମ୍ପାନୀର ଆଇପିଓକୁ ନଜର ଦେଲେ ଏହା ଜଣାପଡ଼ିବ। ଲୋକମାନେ ନିବେଶ କରୁଥିବାରୁ କମ୍ପାନୀଗୁଡ଼ିକ ବଡ଼ ଆଇପିଓକୁ ଭଲ ରେସ୍‌ପନ୍ସ ମିଳୁଛି। ଦେଶର ପୁଞ୍ଜିବଜାର ବର୍ତ୍ତମାନ ଊର୍ଦ୍ଧ୍ୱଗାମୀ ରହିଛି। ଖୁଚୁରା ନିବେଶକମାନେ ମଧ୍ୟ ନିବେଶ ଲାଗି ଆଗଭର ହେଉଛନ୍ତି। ବିଦେଶୀ ବଜାର ଏବଂ ଘରୋଇ ବଜାରର ଉନ୍ନତ ସ୍ଥିତି ଏଥିଲାଗି ବେଶ୍ ସହାୟକ ହେଉଛି।

**➩ଲୋକମାନେ ଜୁଏଲରି କ୍ଷେତ୍ରରେ ନିବେଶ କରିବାକୁ ଆଗଭର ହେଉଛନ୍ତି କି। ରିୟଲ ଇଷ୍ଟେଟ ସହ ଅନ୍ୟ କ୍ଷେତ୍ର ନିବେଶ ତୁଳନାରେ ସୁନାଗହଣା କ୍ଷେତ୍ରରେ ନିବେଶ କିଭଳି ରହିଛି। ଏ କ୍ଷେତ୍ରରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସୁଛି କି?**

☛ ହଁ, ଲୋକମାନେ କିଛି କିଛି କ୍ଷେତ୍ରରେ ସୁନାରେ ନିବେଶ କରିବା ଲାଗି ଆଗଭର ହେଉଛନ୍ତି। ଏ କ୍ଷେତ୍ରରେ ପୂର୍ବ ତୁଳନାରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଲାଣି। ରିୟଲ ଇଷ୍ଟେଟ ଏବଂ ଅନ୍ୟ ନିବେଶ ଭଳି ସୁନା କ୍ରୟକୁ ତୁଳନା କରିବା ହୁଏତ ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଲୋକମାନେ ସୁନା କ୍ରୟକୁ ସଞ୍ଚୟ ଭାବେ ଦେଖିଥାନ୍ତି। ଭାରତରେ ଏହି ଧାରା ପୂର୍ବରୁ ଚାଲି ଆସିଛି। ସୁନାରେ ନିବେଶ କରିବା ନିରାପଦ। ଆଗାମୀ ପିଢ଼ି ଲାଗି ଏହା ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ପ୍ରଦାନ କରିବ ବୋଲି ପ୍ରାୟ ସମସ୍ତଙ୍କର ବିଶ୍ୱାସ ରହିଛି।

**➩ତନିସ୍କ ଲଗାତର ଏହାର ସମ୍ପ୍ରସାରଣ ଧାରା ଜାରି ରଖିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ନିଜ ଷ୍ଟୋର ନେଟ୍‌ୱର୍କ ବଢ଼ାଉଛନ୍ତି। ଚଳିତ ବର୍ଷ ସାରା ଦେଶ ଲାଗି କ'ଣ ଯୋଜନା ରଖିଛନ୍ତି।**

☛ ହଁ, ଆମେ ଲଗାତର ସମ୍ପ୍ରସାରଣ ଧାରା ବଜାୟ ରଖିଛୁ। ପୁରୀରେ ନୂଆ ଷ୍ଟୋର ସହ ଓଡ଼ିଶାରେ ୧୦ ଷ୍ଟୋର ରହିଛି। ଚଳିତ ବର୍ଷ ପ୍ରାୟ ୪୦ ଷ୍ଟୋର ଯୋଡ଼ିବାକୁ ଯୋଜନା ରଖିଛୁ। କରୋନା ଯୋଗୁ କାରବାର ଧାରାରେ ପରିବର୍ତ୍ତନ କରିଛୁ। ମହାମାରୀକୁ ନଜରରେ ରଖି ଷ୍ଟୋରରେ ସବୁ ପ୍ରକାର ନିରାପତ୍ତା ବ୍ୟବସ୍ଥା ହାତକୁ ନିଆଯାଇଛି। ଷ୍ଟୋରରେ କ୍ୟାରେଟ ମିଟର ଅନ୍‌ଲାଇନରେ ଗହଣା ଦେଖିବା ସହ ଲୋକଙ୍କୁ ଘରେ ଗହଣା ଦେଖାଇବା ବ୍ୟବସ୍ଥା କରିଥିଲୁ।



## ପୁରୀରେ ତନିସ୍କର ନୂଆ ଷ୍ଟୋର

**ପୁରୀ ଅଫିସ,୧।୯:** ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିସ୍କ ପକ୍ଷରୁ ପୁରୀରେ ଏହାର ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଟାଇଟାନ କମ୍ପାନୀର ଏମ୍‌ଡି ଭେଙ୍କଟରମଣ ସି.କେ. ଟାଇଟାନର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଅମିତ ଧରାପ, ତନିସ୍କର ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ଅନିର୍ବାଣ ବାନାର୍ଜୀ ଏବଂ ବିଜନେସ ଆସୋସିଏଟ ଦୁର୍ଗାଦତ୍ତ ସୁବୁଧି ପ୍ରମୁଖ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ। ନୂଆ ଷ୍ଟୋର ଆରମ୍ଭ ଅବସରରେ ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟ ଉପରେ ଗ୍ରାହକଙ୍କୁ ମାଗଣା ସ୍ୱର୍ଣ୍ଣ ମୁଦ୍ରା କିମ୍ବା ସୁନା ଗହଣା ଗଢା ମୂଲ୍ୟ ଏବଂ ହିରା ଗହଣାର ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଗ୍ରାହକ ୪ ସେପ୍ଟେମ୍ବର ଯାଏ ଲାଭ କରିପାରିବେ। ନୂଆ ଷ୍ଟୋର ୩ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ପୁରୀ ଗ୍ରାଣ୍ଡ ରୋଡ୍‌ର ବଡଶଙ୍ଖ ତ୍ରିମୂର୍ତ୍ତୀ ହାଇଟ୍ସ ଠାରେ ଏହା ଅବସ୍ଥିତ।

## ଅଗଷ୍ଟରେ ପେଟ୍ରୋଲ ଚାହିଦା ବୃଦ୍ଧି



ନୂଆଦିଲ୍ଲୀ,୧।୯

ଅଗଷ୍ଟରେ ପେଟ୍ରୋଲ ଚାହିଦା ବୃଦ୍ଧି ଘଟିଛି। ଏହି ସମୟରେ ଡିଜେଲ ବିକ୍ରି ନିମ୍ନରେ ରହିଛି। ବର୍ତ୍ତମାନ ପେଟ୍ରୋଲ ବିକ୍ରି କୋଭିଡ ପୂର୍ବ ସ୍ଥିତିକୁ ଫେରିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଅଗଷ୍ଟରେ ୨.୪୩ ନିୟୁତ ଟନ୍ ପେଟ୍ରୋଲ ବିକ୍ରି ହୋଇଛି। ଏହା ଗତ ବର୍ଷ ସମାନ ଅବଧି ତୁଳନାରେ ପ୍ରାୟ ୧୩.୬% ଉର୍ଦ୍ଧ୍ୱରେ ରହିଛି। ୨୦୧୯ ଅଗଷ୍ଟରେ ୨.୩୩ ନିୟୁତ ଟନ୍ ପେଟ୍ରୋଲ ବିକ୍ରି ହୋଇଥିଲା। ବର୍ତ୍ତମାନର ବିକ୍ରି ଏହା ତୁଳନାରେ ୪.୧% ଉର୍ଦ୍ଧ୍ୱରେ ରହିଛି। ଗତ ବର୍ଷ ଅଗଷ୍ଟ ତୁଳନାରେ ଡିଜେଲ ବିକ୍ରି ୧୫.୯% ଉର୍ଦ୍ଧ୍ୱରେ ରହି ୪.୯୪ ଟନ୍ ଛୁଇଁଛି। ମାତ୍ର ଏହା ୨୦୧୯ ଅଗଷ୍ଟ ତୁଳନାରେ ୯.୮% ନିମ୍ନରେ ରହିଛି। ଚଳିତ ବର୍ଷ ଜୁଲାଇ ତୁଳନାରେ ଅଗଷ୍ଟ ମାସରେ ଡିଜେଲ ବିକ୍ରି ୯.୩% ନିମ୍ନରେ ରହିଛି। ବର୍ଷା ଦିନ ଯୋଗୁ ଯାନ ବାହାନ ଚଳପ୍ରଚଳ କମିବା ଯୋଗୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଅଗଷ୍ଟର ପ୍ରଥମ ଭାଗରେ ଡିଜେଲ ବିକ୍ରି କୋଭିଡ ପୂର୍ବ ସ୍ଥିତି ତୁଳନାରେ ୮% ନିମ୍ନରେ ରହିଛି। କୋଭିଡ-୧୯ର ଦ୍ୱିତୀୟ ଲହର ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରଭାବିତ କରିଛି। ଫଳରେ ଯାନ ବାହାନ ଚଳାଚଳ ଏହା ଦ୍ୱାରା ପ୍ରଭାବିତ ହୋଇଛି। ସେହିଭଳି ବିମାନ ଇନ୍ଧନ ବ୍ୟବହାର ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଛି। ଏହା ସ୍ୱାଭାବିକ ହେବାକୁ ଚଳିତ ଆର୍ଥିକ ବର୍ଷ ଶେଷ ଯାଏ ସମୟ ଲାଗିପାରେ। ଏଲ୍‌ପିଜି ବ୍ୟବହାର ବଢି ୨.୩୨ ନିୟୁତ ଟନ୍ ଛୁଇଁଛି। ୨୦୧୯ ଅଗଷ୍ଟ ତୁଳନାରେ ଏହା ଏବେ ମଧ ୨.୪% ନିମ୍ନରେ ରହିଛି। ୨୦୨୦ରେ ଦେଶର ତୈଳ ଚାହିଦା ଦୈନିକ ବ୍ୟାରେଲ ପିଛା ୦.୫ ନିୟୁତ ଡଲାର ଖସିଛି। ଲକଡାଉନ ଯୋଗୁ ଯାନ ବାହାନ ଚଳାଚଳ ଉପରେ ପ୍ରଭାବ ପଡିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

## ତେଲ ଦର ବଢ଼ାଇ ୨୩ ଲକ୍ଷ କୋଟି ଆଦାୟ କରିଛନ୍ତି ସରକାର:ରାହୁଲ

**ନୂଆଦିଲ୍ଲୀ,୧।୯:** ତେଲ ଏବଂ ଗ୍ୟାସର ଲଗାତାର ଦରବୃଦ୍ଧିକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ବୁଧବାର ଟାର୍ଗେଟ କରିଛନ୍ତି। ଗତ ୭ ବର୍ଷରେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଦର ବଢାଇ ସରକାର ୨୩ ଲକ୍ଷ କୋଟି ଟଙ୍କା ଆଦାୟ କରିଥିବାରୁ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କୃଷକ, ବେତନଭୋଗୀ ଏବଂ ଶ୍ରମିକ ଶ୍ରେଣୀଙ୍କୁ ବିମୁଦ୍ରୀକରଣ କରାଯାଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର କେତେକ ଉଦ୍ୟୋଗପତି ବନ୍ଧୁଙ୍କ ଲାଗି ମୁଦ୍ରୀକରଣ କରୁଥିବା ସେ ଅଭିଯୋଗ କରିଛନ୍ତି। ସେ ଜିଡିପି ବୃଦ୍ଧିକୁ ମଧ ନୂଆ ଭାବେ ଦର୍ଶାଇଛନ୍ତି। ଜିଡିପି ବୃଦ୍ଧି ମାନେ ତେଲ ଦର ଏବଂ ଗ୍ୟାସ ଭଳି ଅନ୍ୟ ସାମଗ୍ରୀ ଦର ବୃଦ୍ଧି ବୋଲି ରାହୁଲ କଟାକ୍ଷ କରିଛନ୍ତି। ସରକାର ଗତ ୭ ବର୍ଷରେ ତେଲରୁ ଯେଉଁ ଅର୍ଥ ଆଦାୟ କରିଛନ୍ତି ତାହା କେଉଁ ଆଡେ ଗଲା ବୋଲି ଦେଶ ବାସୀ ସରକାରଙ୍କୁ ପ୍ରଶ୍ନ କରନ୍ତୁ ବୋଲି ସେ ମତ ପ୍ରକାଶ କରିଛନ୍ତି। ମୁଦ୍ରୀକରଣ ଦ୍ୱାରା ସାଧାରଣ ଲୋକମାନେ ହଇରାଣ ହେଉଥିବା ବେଳେ ପୁଞ୍ଜିପତିଙ୍କ ପକେଟକୁ ସରକାର ଭରୁଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ



ୱପ୍ରଦ୍ୟୁମ୍ନ କୁମାର ଷଡଙ୍ଗୀ
ଅବସରପ୍ରାପ୍ତ ଜେଲର
ଅବିର୍ଭାବ: ୦୬.୧୨.୧୯୫୮
ତିରୋଧାନ: ୧୫.୦୮.୨୦୨୦
ତୁମର ଅନୁପସ୍ଥିତି ଆମେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ସେହି ଅନାବିଳ ସ୍ନେହ ମମତାର ହସ ହସ ମୁହଁକୁ ନିତି ଖୁଜୁଅଛୁ। ଆଜି ଏ ଦିନରେ ତୁମର ମହାନ ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାଥନା କରୁଅଛୁ।
ଶୋକ ସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଗଣେଶ ଭିଲ୍ଲା, ଅନୁଗୋଳ

ଫୁର୍‌ସତ୍

# ମାଛ କରିଦେଲା କୋଟିପତି



**ମୁମ୍ବାଇ:** ସମୁଦ୍ର ମାଛ ବଦଳାଇ ଦେଇଛି ଜଣେ ମତ୍ସ୍ୟଜୀବୀଙ୍କ ଭାଗ୍ୟ। ଜାଲରେ ପଡ଼ିଥିବା ଦୁର୍ଲଭ 'ସି ଗୋଲ୍ଡ ଫିଶ୍' ବିକ୍ରି କରି ସମ୍ପୃକ୍ତ ମତ୍ସ୍ୟଜୀବୀ ପାଇଛନ୍ତି ୧ କୋଟି ୩୩ ଲକ୍ଷ ଟଙ୍କା। ମହାରାଷ୍ଟ୍ରର ପାଲଘର ଅଞ୍ଚଳରୁ ଏଭଳି ଆଶ୍ଚର୍ଯ୍ୟଚକିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି।

ପାଲଘର ଅଞ୍ଚଳର ଚନ୍ଦ୍ରକାନ୍ତ ତାରେ ୭ ସହଯୋଗୀଙ୍କ ସହିତ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ତାଙ୍କ ଜାଲରେ ଥରକରେ ୧୫୭ଟି ସି ଗୋଲ୍ଡ ଫିଶ୍ ପଡ଼ିଥିଲା। ପାଲଘର ନିକଟ ମୁର୍ବେ ଅଞ୍ଚଳରେ ମାଛଗୁଡ଼ିକର ନିଲାମ ହୋଇଥିଲା। ଉତ୍ତରପ୍ରଦେଶ ଏବଂ ବିହାରରୁ ଆସିଥିବା ମତ୍ସ୍ୟଜୀବୀମାନେ ଏହାକୁ ନିଲାମରେ ନେଇଥିଲେ। ପ୍ରତି ମାଛକୁ ୮୫ ହଜାର ଟଙ୍କା ହିସାବରେ ବିକ୍ରି କରାଯାଇଥିବା ଚନ୍ଦ୍ରକାନ୍ତଙ୍କ ପୁଅ ସୋମନାଥ କହିଛନ୍ତି। ସୋମନାଥ କହିଛନ୍ତି, ୭ଜଣ ମତ୍ସ୍ୟଜୀବୀ 'ହାରବା ଦେବୀ' ନାମକ ଏକ ନୌକାରେ ସମୁଦ୍ର କୂଳରୁ ୨୦ରୁ ୨୫ ନାଟିକାଲ ମାଇଲ୍ ଯାଇଥିଲେ। ତାଙ୍କ ବାପା ବିଛାଇଥିବା ଜାଲରେ ଏକସଙ୍ଗରେ ୧୫୭ଟି ମାଛ ପଡ଼ିଥିଲା। ସବୁ ମାଛ ସି ଗୋଲ୍ଡ ଫିଶ୍ ବୋଲି ଜଣାପଡ଼ିବା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ମୂଲ୍ୟବାନ ଔଷଧ ପ୍ରସ୍ତୁତିରେ 'ସି ଗୋଲ୍ଡ ଫିଶ୍'ର ବ୍ୟବହାର କରାଯାଏ। ଏହାକୁ ବାଦ୍‌ଦେଲେ ପ୍ରଶାସନ ସାମଗ୍ରୀରେ ମଧ୍ୟ ଏହାର ଉପଯୋଗ ହୁଏ। ସର୍ଜରି ସମୟରେ ବ୍ୟବହାର କରାଯାଉଥିବା ସୂତା ମଧ୍ୟ ଏହି ମାଛର ଅଙ୍ଗରୁ ପ୍ରସ୍ତୁତ ହୁଏ। ତେଣୁ ଥାଇଲାଣ୍ଡ, ଇଣ୍ଡୋନେସିଆ, ଜାପାନ, ସିଙ୍ଗାପୁର ଭଳି ଦେଶରେ ଏହି ପ୍ରଜାତିର ମାଛର ଚାହିଦା ଖୁବ୍ ବେଶି। ସମୁଦ୍ରରେ ବଢୁଥିବା ମାତ୍ରାଧିକ ପ୍ରଦୂଷଣ କାରଣରୁ 'ସି ଗୋଲ୍ଡ ଫିଶ୍' କୂଳକୁ ଆସିବା ପରିବର୍ତ୍ତେ ଗଭୀର ସମୁଦ୍ରରେ ରହୁଛନ୍ତି। ତେଣୁ ସହଜରେ ଜାଲରେ ପଡୁନାହାନ୍ତି। ଏଭଳି ମାଛ କଦବା କ୍ୱଚିତ ଜାଲରେ ପଡୁଥିବା ସୋମନାଥ କହିଛନ୍ତି।

## ମଜୁରିଆରୁ ୭ଶହ କୋଟିର ମାଲିକ

**ଥିରୁଭାନନ୍ତପୁରମ:** ଦିନ ମଜୁରିଆରୁ ୭ଶହ କୋଟିର ମାଲିକ। କେରଳର ଏକ ମଫସଲ ଗାଁରେ ଜନ୍ମ ହୋଇଥିବା ମୁସ୍ତାଫା



ପିସିଙ୍କ ଏପରି କାହାଣୀ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ। ଅର୍ଥାଭାବରୁ ମୁସ୍ତାଫା ୬ଷ୍ଠ ଶ୍ରେଣୀରୁ ପାଠପଢ଼ା ଛାଡ଼ି ଦେଇଥିଲେ। ଜଣେ ଶିକ୍ଷକଙ୍କ ସହଯୋଗରେ ପରେ ସ୍କୁଲ ଯାଇଥିଲେ। ଏବେ ସେ ଏକ କମ୍ପାନୀର ୭୩୦ କୋଟି ଟଙ୍କାର ମାଲିକ। ମୁସ୍ତାଫା କହିଛନ୍ତି, ସେ ୧୦ ଟଙ୍କାରେ ପ୍ରତିଦିନ ପାହାଡ଼ରୁ ପଥରଫଟା କାମ କରୁଥିଲେ। ସବୁଦିନ ପେଟପୁରା ଖାଇବା ମଧ କଷ୍ଟକର ଥିଲା। ତେଣୁ ଖାଦ୍ୟର ଗୁରୁତ୍ୱକୁ ଅନୁଭବ କରି ସେ ଆଇଡି ଫ୍ରେଶ ଫୁଡ ନାମରେ ଏକ କମ୍ପାନୀ ପ୍ରତିଷ୍ଠା କରିଥିଲେ। ପ୍ରଥମେ ବିଦେଶରେ ଚାକିରି କରିଥିଲେ ହେଁ ତାହା ପରେ ଛାଡ଼ି ଦେଇଥିଲେ। ବାପା କରିଥିବା ଋଣ କରିଥିବା ଶୁଝିବା ପରେ ଏହି ବ୍ୟବସାୟରେ ସେ ଆଗକୁ ବଢ଼ିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%


| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ପାୟଲ ରୋହତଗୀଙ୍କ ନାମରେ ମାମଲା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପାୟଲ ରୋହତଗୀ ବିବାଦୀୟ ମନ୍ତବ୍ୟ ଦେଇ ଏବେ ଅଡୁଆରେ ପଡ଼ିଛନ୍ତି। ଏକ ଭିଡିଓରେ ଜାତିର ପିତା ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିବା ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ପୁଣେ ଜିଲା କଂଗ୍ରେସ ମହାସଚିବ ସଙ୍ଗୀତା ତିୱାରୀ ଶିବାଜୀନଗର ପୋଲିସ ଷ୍ଟେସନରେ ପାୟଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ପାୟଲ ଗାନ୍ଧିଜୀ, ନେହେରୁ ଏବଂ ସେମାନଙ୍କ ପରିବାର ବିରୋଧରେ ଏକ ଅପମାନଜନକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ସୂଚନାଯୋଗ୍ୟ, ପାୟଲଙ୍କ ବିରୋଧରେ ଏହା ପୂର୍ବରୁ ମଧ ବହୁ ଅଭିଯୋଗ ରହିଛି।

## ଈଶ୍ୱରୀୟ ବୃକ୍ଷ



### ବିଶ୍ୱ ନାରିକେଳ ଦିବସ

**ଭା**ରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳର ଗୁରୁତ୍ୱ ଅବର୍ଣ୍ଣନୀୟ। ନିତି ଦିନିଆ ଜୀବନ ଶୈଳୀଠାରୁ ଆରମ୍ଭ କରି ପୂଜା ପାର୍ବଣ ଆଦି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ନଡ଼ିଆକୁ ଲୋଡା ଯାଇଥାଏ। ନଡ଼ିଆକୁ ନେଇ କେତେ କାହାଣୀ କବିତା ମଧ ରଚନା କରାଯାଇଛି। ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ଉପକୂଳ ଅଞ୍ଚଳରେ ଏହାର ଉତ୍ପତ୍ତି ହୋଇଥିବାର କୁହାଯାଏ। ବାହାର କଠିନ ଆବରଣ ଭିତର ଅଂଶ କୋମଳ ଥିବା ଏହି ଆଶ୍ଚର୍ଯ୍ୟ ଜନକ ଫଳଟି ମେଲାନେସିଆ ଅଞ୍ଚଳ ଅର୍ଥାତ୍ ଇଣ୍ଡୋସେନିଆ, ନ୍ୟୁ ଗୁଏନା, ଫିଜି ଆଦି ସ୍ଥାନରେ ପ୍ରଥମେ ଦେଖାଦେଇଥିବା କେତେକ କୁହନ୍ତି। ଗବେଷକଙ୍କ ଅନୁସାରେ ଦକ୍ଷିଣ ଭାରତ ନଡ଼ିଆର ମୂଳ ଉତ୍ପତ୍ତି ସ୍ଥଳ। ଆରବ ଏବଂ ପାର୍ସୀ ନାବିକମାନେ ନଡ଼ିଆକୁ ଭାରତରୁ ପୂର୍ବ ଆଫ୍ରିକା ଉପକୂଳକୁ ନେଇ ଯାଇଥିବା କୁହାଯାଏ। ଏହାର ଉତ୍ପତ୍ତି ତଥା ଇତିହାସ ଯାହା ହେଉନା କାହିଁକି, ନଡିଆ ଗଛ ଆମକୁ ବିଭିନ୍ନ ପ୍ରକାରର ଉତ୍ପାଦ ଯୋଗାଇଥାଏ। ନଡ଼ିଆ ଗଛର ବଟାନିକାଲ୍ ନାମ କୋକୋସ ନ୍ୟୁସିଫେରା। ଏହି ଗଛଗୁଡିକ ଟ୍ରପିକାଲ ଅଞ୍ଚଳରେ ଫସଲ ଭାବରେ ବହୁଳ ଭାବରେ ଦେଖାଯାଏ ଏବଂ ଚାଷ ବି କରାଯାଏ। ନଡ଼ିଆ ଯୋଗୁ ସମୃଦ୍ଧ ହୋଇଥିବା ଅଞ୍ଚଳ ମଧ୍ୟରେ ଦକ୍ଷିଣ ପୂର୍ବ ଏସିଆ, ଇଣ୍ଡୋନେସିଆ, ଭାରତ, ଅଷ୍ଟ୍ରେଲିଆ, ପ୍ରଶାନ୍ତ ସାଗର ଦ୍ୱୀପପୁଞ୍ଜ, ଦକ୍ଷିଣ ଆମେରିକା, ଆଫ୍ରିକା, କାରିବିଆନ ଏବଂ ଉତ୍ତର ଆମେରିକାର ଦକ୍ଷିଣ ସୀମା ଆଦି ରହିଛି। ଭାରତୀୟ ସଂସ୍କୃତିରେ ନଡ଼ିଆଗଛକୁ ସମସ୍ତ ଇଛା ପୂରଣ କରୁଥିବା ଈଶ୍ୱରୀୟ ବୃକ୍ଷ ଭାବେ ଗ୍ରହଣ କରାଯାଇଥାଏ। ଏହାର ବାହୁଙ୍ଗା କୁଡ଼ିଆ ଘର ନିର୍ମାଣରେ ବ୍ୟବହାର କରାଯାଉଥିବାବେଳେ ଗଣ୍ଡି ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୁଏ। ସେହିପରି କତାରୁ ନିତିଦିନିଆ ସାମଗ୍ରୀଠାରୁ ଆରମ୍ଭ କରି ବହୁ ଦରକାରୀ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥାଏ। ଅତି ଉପଯୋଗୀ ନଡ଼ିଆ ଏବଂ ଏହାର ଗଛ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୨୦୦୯ରେ ଏସିଆନ୍ ଆଣ୍ଡ୍ ପାସିଫିକ୍ କୋକନଟ୍ କମ୍ୟୁନିଟି(ଏପିସିସି) ଗଠିତ ହୋଇଥିଲା। ଏହି ଅଣ-ଲାଭକାରୀ ସଂସ୍ଥାର ଗଠନ ଦିନକୁ ମନେ ରଖିବା ସହିତ ନଡ଼ିଆର ଗୁରୁତ୍ୱକୁ ବଜାୟ ରଖିବା ଲାଗି ସେପ୍ଟେମ୍ବର ୨କୁ ବିଶ୍ୱ ନାରିକେଳ ଦିବସ ଭାବେ ପାଳନ ଲାଗି ଏପିସି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୌତେନ, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476
9953557897

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

**ଲଣ୍ଡନ,୧୯(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଚତୁର୍ଥ ଟେଷ୍ଟ ଆରମ୍ଭ ହେବ। ସିରିଜ ଏବେ ୧-୧ ବରାବର ସ୍ଥିତିରେ ଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ସମାନ ଭାବେ ଗୁରୁତ୍ୱବହନ କରୁଛି। ଲିଡ୍ସରେ ତୃତୀୟ ଟେଷ୍ଟରେ ଭାରତ ଆତ୍ମସମର୍ପଣ କରିଥିଲା। ଏହି ବିପର୍ଯ୍ୟୟରୁ ଭାରତ ଏବେ ମୁକୁଳିବାକୁ ପ୍ରୟାସ କରିବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ଆଉଟ ଅଫ୍ ଫର୍ମ ଅଜିଙ୍କ୍ୟ ରାହାନେ ଓ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କି ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ରାହାନେଙ୍କ ଖରାପ ଫର୍ମ ଜାରି ରହିଛି। ସେହିପରି ଅଶ୍ୱିନ ଦଳରେ ସାମିଲ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏହି ଦୁଇ ଖେଳାଳି ଅନ୍ତିମ ଏକାଦଶରେ ସାମିଲ ହେଉଛନ୍ତି କି ନା ତାହା ଅବଶ୍ୟ

## ଆଜିଠାରୁ ଚତୁର୍ଥ ଟେଷ୍ଟ

ମ୍ୟାଚ୍‌ର ଠିକ ପୂର୍ବରୁ ଜଣାପଡିବ।

ଲିଡ୍ସ ଟେଷ୍ଟର ଦୁଇଟି ଯାକ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟ ନେଇ ଭାରତୀୟ ମ୍ୟାନେଜମେଣ୍ଟ ଚିନ୍ତିତ ଥିବ। କେବଳ ବ୍ୟାଟିଂ ନୁହେଁ ସବୁ ବିଭାଗରେ ଭାରତ ଉନ୍ନତି କରିବାକୁ ପ୍ରୟାସ କରିବ। ବ୍ୟାଟିଂ ବିଫଳତାକୁ ପଛରେ ପକାଇ ଭାରତ ଏହି ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହେବ ବୋଲି ଅଧିନାୟକ ବିରାଟ କୋହଲି ଆଶା ପ୍ରକାଶ କରିଛନ୍ତି। ବ୍ୟାଟିଂ ସମସ୍ୟା ନେଇ କୋହଲି, କୋଚ୍ ରବି ଶସ୍ତ୍ରୀ ଓ ମ୍ୟାନେଜମେଣ୍ଟ ଭଲ ଭାବେ ଅବଗତ ଅଛନ୍ତି। ଖାସ୍‌କରି ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଚେତେଶ୍ୱର ପୂଜାରା ଓ ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେ ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି ଓ ଦଳକୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡୁଛି। ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ପୂଜାରା ୯୧ ରନର ଇନିଂସ ଖେଳିଥିଲେ। ସେହିପରି ଲର୍ଡ୍ସ ଟେଷ୍ଟରେ ରାହାନେ ଉପଯୋଗୀ ୬୧ ରନ ସଂଗ୍ରହ କରିଥିଲେ। ଏହା ସତ୍ତ୍ୱେ ଦୁଇ ବ୍ୟାଟ୍ସମ୍ୟାନଙ୍କ ଆତ୍ମବିଶ୍ୱାସରେ ଅବନତି ହେବା ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି। ରାହାନେଙ୍କୁ ଆଉ ଏକ ସୁଯୋଗ ଦିଆଯାଇପାରେ। କିନ୍ତୁ ଗତ ଦୁଇବର୍ଷ ହେବ ତାଙ୍କ ପ୍ରଦର୍ଶନରେ ସ୍ଥିରତା ପରିଲକ୍ଷିତ ହୋଇନାହିଁ ଓ ଦଳର ପ୍ରଦର୍ଶନ ମଧ୍ୟ ଏଥିରେ ପ୍ରଭାବିତ ହେଉଛି। ମେଲବୋର୍ନରେ ଏକ ଶତକ ଓ ଲର୍ଡ୍ସରେ ଏକ ଅର୍ଦ୍ଧଶତକ ହାସଲ କରି ରାହାନେ ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ସତ୍ତ୍ୱେ ତାଙ୍କ ଫର୍ମ ଖରାପ ରହିଛି ବୋଲି ସ୍ପଷ୍ଟ ଭାବେ ଜଣାପଡୁଛି। ଗତ ୫ଟି ଇନିଂସରେ ୧୦ ରନ ହାରରେ ସେ ମାତ୍ର ୯୫ ରନ ସଂଗ୍ରହ କରିଛନ୍ତି। ଏହା ରାହାନେଙ୍କ ପ୍ରତିଭା ଓ ଦକ୍ଷତାକୁ ସୂଚାଉ ନାହିଁ। ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଷ୍ଟ୍ରୋକ ପ୍ଲେୟାର ଓ ହନୁମା ବିହାରୀଙ୍କ ଭଳି ଅର୍ଥୋଡକ୍ସ ବ୍ୟାଟ୍ସମ୍ୟାନଙ୍କୁ ମିଡ୍‌ଲ ଅର୍ଡରରେ ସୁଯୋଗ ମିଳିଲେ ସେମାନେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଯଦି ରାହାନେ ବାଦ୍ ପଡନ୍ତି ତା'ହେଲେ ବିହାରୀଙ୍କୁ ଦଳରେ ସାମିଲ ହେବାର ଅଧିକ ସମ୍ଭାବନା ରହିଛି। ପୁଣି ବିହାରୀ ଭଲ ଅଫ୍‌ସ୍ପିନ ମଧ୍ୟ ବୋଲିଂ କରିବାର କ୍ଷମତା ରଖୁଛନ୍ତି। ଜଣେ ଅତିରିକ୍ତ ବ୍ୟାଟ୍ସମ୍ୟାନଙ୍କୁ ଖେଳାଇଲେ ଦଳ ପାଇଁ ଫାଇଦା ହେବ ବୋଲି ବ୍ୟାଟିଂ ଲିଜେଣ୍ଡ ସୁନୀଲ ଗାଭାସ୍କର ମତ ଦେଇଛନ୍ତି। ଏହାକୁ ନେଇ କୋହଲି ମଧ୍ୟ ଅନୁକୂଳ ମନ୍ତବ୍ୟ ଦେଇନାହାନ୍ତି। ତୃତୀୟ ଟେଷ୍ଟରେ ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ବିଫଳତା ସତ୍ତ୍ୱେ ୫ ବୋଲରଙ୍କୁ ନେଇ ଖେଳାଇବା ନିଷ୍ପତ୍ତିରେ ସେ କାଏମ ରହିପାରନ୍ତି।

ସିରିଜରେ ୩ଟି ଟେଷ୍ଟ ଖେଳି ୨ ଉଇକେଟ ନେଇଥିବା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୭ ନମ୍ବରରେ ଉପଯୋଗୀ ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି ଓ ସେ ଏହାର ପ୍ରମାଣ ମଧ୍ୟ ଦେଇଛନ୍ତି। ତେଣୁ ଏହି ଦୃଷ୍ଟିକୋଣରୁ ଅଶ୍ୱିନଙ୍କଠାରୁ ଜାଡେଜା ବହୁ ଆଗରେ ରହିଛନ୍ତି। ବର୍ତ୍ତମାନ ଅଶ୍ୱିନ ବିଶ୍ୱର ଶ୍ରେଷ୍ଠ ସ୍ପିନର ବିବେଚିତ ହେଉଛନ୍ତି।

ଓଭାଲ ଉଇକେଟ ପାରମ୍ପରିକ ଭାବେ ସ୍ପିନରଙ୍କୁ ସୁହାଇଥାଏ। ପୁଣି ଅଶ୍ୱିନ୍ ଏକ କାଉଣ୍ଟି ଗେମ୍‌ରେ ସମରସେଟ ବିପକ୍ଷରେ ସରେ ତରଫରୁ ପ୍ରତିନିଧିତ୍ୱ କରି ୬ ଉଇକେଟ ହାସଲ କରିଥିଲେ। ତେଣୁ ଏହି ଟ୍ରାକ୍‌ରେ ଅଶ୍ୱିନ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇପାରିବେ। ଭଲ ପ୍ରଦର୍ଶନ କଲେ ସେ ୪୦୦ ଟେଷ୍ଟ ଉଇକେଟ ହାସଲ କରିବାର ସୁଯୋଗ ମଧ୍ୟ ପାଇବେ। ପୂର୍ବରୁ ମଧ୍ୟ ସେ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇଛନ୍ତି। କୋହଲି ୪ ଜଣ ଦ୍ରୁତ ବୋଲରଙ୍କୁ ଖେଳାଇ ପାରନ୍ତି। ଈଶାନ୍ତ ଶର୍ମାଙ୍କ ବଦଳରେ ଶାର୍ଦ୍ଦୁଳ ଠାକୁରଙ୍କୁ ସୁଯୋଗ ଦେଇପାରନ୍ତି। ଅଲରାଉଣ୍ଡର ଭାବେ ଠାକୁର ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି। ଜାଡେଜା ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। ତାଙ୍କ ସ୍ଥାନରେ ଅଶ୍ୱିନ ଖେଳୁଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ସିରିଜରେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମି ୧୦୦ ଓଭରରୁ ଊର୍ଦ୍ଧ୍ୱ ବୋଲିଂ କରିଥିବାରୁ ତାଙ୍କ କାର୍ଯ୍ୟଭାର ନେଇ କୋହଲି ଚିନ୍ତିତ ଥିବେ।

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଜବରଦସ୍ତ ଫର୍ମରେ ରହିଛନ୍ତି। ସିରିଜରେ ୩ଟି ମ୍ୟାଚ୍ ଖେଳି ସେ ୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି ଓ ହ୍ୟାଟ୍ରିକ ଶତକ ଅର୍ଜନ କରିଛନ୍ତି। ତେଣୁ ସେ ପୁଣି ଭାରତକୁ ସମସ୍ୟାରେ ପକାଇପାରନ୍ତି। ଡାଭିଡ ମଲନ ଗତ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ଦମ୍ ଦେଖାଇଛନ୍ତି। ମାର୍କ ଉଡ୍‌ଙ୍କ କ୍ୱାଲିଟି ଦ୍ରୁତ ବୋଲିଂ ଓ କ୍ରିସ୍ ୱୋକ୍ସଙ୍କ ସୁଇଂ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବ। ଜେମ୍ସ ଆଣ୍ଡରସନଙ୍କ ଉପରେ କାର୍ଯ୍ୟଭାର କମାଇବାକୁ ଇଂଲଣ୍ଡ କ୍ଷେତ୍ର ପ୍ରସ୍ତୁତ କରିବ। ପିତା ହେବାକୁ ଯାଉଥିବାରୁ ଜୋସ୍ ବଟଲର ଛୁଟିରେ ରହିବେ ଓ ସେ ଏହି ମ୍ୟାଚ୍ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଜନି ବେୟାରଷ୍ଟୋ ଉଇକେଟ କିପିଂ କରିବେ। ଭାରତକୁ ସମସ୍ୟାରେ ପକାଇବା ପାଇଁ ଇଂଲଣ୍ଡ ପାଖରେ ଏକାଧିକ ବିପ୍ଳବ ରହିଛି। ଏହି ମ୍ୟାଚ୍ ଭାରତ ପାଇଁ ପରୀକ୍ଷା ସୃଷ୍ଟି କରିବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ମୟଙ୍କ ଅଗ୍ରୱାଲ, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟକିପର), ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା, ମହମ୍ମଦ ସାମି, ମହମ୍ମଦ ସିରାଜ, ଉମେଶ ଯାଦବ, ଲୋକେଶ ରାହୁଲ, ଋଦ୍ଧିମାନ ଶାହା, ଅଭିମନ୍ୟୁ ଈଶ୍ୱରନ, ପୃଥ୍ୱୀ ଶ, ସୂର୍ଯ୍ୟକୁମାର ଯାଦବ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ମୋଇନ ଅଲି, ଜେମ୍ସ ଆଣ୍ଡରସନ, ଜନି ବେୟାରଷ୍ଟୋ, ସାମ ବିଲିଙ୍ଗ୍ସ, ରୋରି ବର୍ନ୍ସ, ସାମ କୁରାନ, ହାସିବ ହମିଦ, ଡାନ ଲରେନ୍ସ, ଡାଭିଡ ମଲନ, କ୍ରେଗ ଓଭରଟନ, ଓଲି ପୋପ, ଓଲି ରବିନଶନ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ।


**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୩.୩୦**
**ସ୍ଥାନ: କେନିଂଟନ ଓଭାଲ, ଲଣ୍ଡନ**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ**




ଅଭ୍ୟାସ ଅବସରରେ ଅଜିଙ୍କ୍ୟ ରାହାନେ।

## ଟେଷ୍ଟ ଦଳରେ ପ୍ରସିଦ୍ଧ କ୍ରିଷ୍ଣା

କର୍ଣ୍ଣାଟକ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଭାରତୀୟ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି। ଗତ ୩ ମାସ ହେବ ସେ ଷ୍ଟାଣ୍ଡବାଇ ଖେଳାଳିଭାବେ ଦଳ ସହ ରହି ଆସୁଥିଲେ। ଶେଷରେ ତାଙ୍କୁ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଚତୁର୍ଥ ଟେଷ୍ଟ ପାଇଁ ମୁଖ୍ୟ ଦଳରେ ସାମିଲ କରିବାକୁ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି। ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ମହମ୍ମଦ ସାମିଙ୍କ ଉପରୁ କାର୍ଯ୍ୟଭାର କମାଇବା ପାଇଁ ତାଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୫ ବର୍ଷୀୟ କ୍ରିଷ୍ଣା ୯ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୩୪ଟି ଉଇକେଟ ହାସଲ କରିଛନ୍ତି। ଗତ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ୩ଟି ଦିନିକିଆ ମ୍ୟାଚ୍ ଖେଳି ୬ଟି ଉଇକେଟ ଅକ୍ତିଆର କରିଥିଲେ।



ବୁଧବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ ଅବସରରେ ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବାରି ଓ'ଫେରେଲ ଏଓ, କୋଲକାତାରେ ଥିବା ଅଷ୍ଟ୍ରେଲୀୟ କନସୁଲେଟ ଜେନେରାଲ ରୋୱାନ ଆନିସ୍‌ୱର୍ଥ ଏବଂ ଅଷ୍ଟ୍ରେଲିଆନ ହାଇ କମିଶନଙ୍କ ଫାର୍ଷ୍ଟ ସେକ୍ରେଟାରୀ ଆମି କେଉଘ।

## ଅଶ୍ୱିନ, ବିହାରୀଙ୍କୁ ଖେଳାଇବା ଆବଶ୍ୟକ

**ଭିଭିଏସ୍ ଲକ୍ଷ୍ମଣ**

ହେଡିଂଲେରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନ ହୋଇଛି। ଏହି ବିଫଳତାକୁ ହଜମ କରିବା ମଧ୍ୟ କଷ୍ଟକର। କିନ୍ତୁ ଅତୀତ ଭାରତର ଭବିଷ୍ୟତ ପ୍ରଦର୍ଶନକୁ ଆଦୌ ପ୍ରଭାବିତ କରିବ ନାହିଁ। ଏହାର ଯଥେଷ୍ଟ ପ୍ରମାଣ ରହିଛି। ଭାରତୀୟ ଦଳ ପାଖରେ ମଧ୍ୟ ଏ ନେଇ ଯଥେଷ୍ଟ ବିକଳ୍ପ ରହିଛି। ଲର୍ଡ୍ସରେ ଭାରତର ବିଜୟ ଐତିହାସିକ ଥିଲା। କିନ୍ତୁ ତୃତୀୟ ଟେଷ୍ଟରେ ଭାରତ ସବୁ ବିଭାଗରେ ବିଫଳ ହୋଇ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଜୋ ରୁଟ୍‌ଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା। ତୃତୀୟ ଟେଷ୍ଟରେ ଆଣ୍ଡରସନ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇଥିଲେ ଓ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିଲେ। ଲର୍ଡ୍ସ ପରାଜୟ ପରେ ଇଂଲଣ୍ଡର ପ୍ରତ୍ୟାବର୍ତ୍ତନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବା ଘଟଣାକୁ ଅନେକ ସହଜରେ ଗ୍ରହଣ କରି ନ ଥିବେ। ଭାରତୀୟ ମିଡିଲ ଅର୍ଡର ବିଫଳତାକୁ ପୁଣି ଦୋହରାଇଥିଲା। ସମାନ ଢଙ୍ଗରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନେ ଦୁଇଟି ଇନିଂସରେ ଆଉଟ ହୋଇଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନମାନେ ଟେକ୍‌ନିକ୍‌ରେ ଆହୁରି ସୁଧାର ଆଣିବାର ଆବଶ୍ୟକତା ରହିଛି। ସେହିପରି ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କୁ ବାଦ୍ ଦେଲେ ଅନ୍ୟ ବୋଲରମାନେ ଆଦୌ ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ। ଅତି ସହଜରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ। ଭାରତର ପ୍ରଦର୍ଶନରେ ସ୍ଥିରତା ଓ ଧୈର୍ଯ୍ୟ ନ ଥିଲା। ଭାରତୀୟ ଫିଲ୍ଡିଂର ଦୁର୍ବଳତା ଇଂଲଣ୍ଡକୁ ଅଧିକ ରନ କରିବାର ସୁଯୋଗ ଦେଇଥିଲା। ରୋରି ବର୍ନ୍ସ, ହାସିମ ହମିଦ ଓ ଡାଭିଡ ମଲନ ସମସ୍ତେ ଅର୍ଦ୍ଧଶତକ ହାସଲ କରିଥିଲେ। ଅଧିନାୟକ ଜୋ ରୁଟ୍ ଦୃଷ୍ଟାନ୍ତମୂଳକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ତାଙ୍କୁ ଆଉଟ କରିବାକୁ ଭାରତୀୟ ବୋଲରମାନେ କୌଣସି ରାସ୍ତା ପାଇ ନ ଥିଲେ। ତେଣୁ ଚତୁର୍ଥ ଟେଷ୍ଟରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାମିଲ କରାଯିବା ଆବଶ୍ୟକ ବୋଲି ମତ ଦେଉଛି। ଭାରତୀୟ ଦଳର ଚିନ୍ତାଧାରାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ହନୁମା ବିହାରୀଙ୍କୁ ୬ ନମ୍ବରରେ ବ୍ୟାଟିଂ କରାଇବାର ଜରୁରୀ। ବିହାରୀ ମଧ୍ୟ ଭଲ ଅଫ୍ ସ୍ପିନ କରିବାର କ୍ଷମତା ରଖୁଛନ୍ତି। ବୋଲିଂରେ ଜାଡେଜା ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। ଓଭାଲ ଟ୍ରାକ୍‌ରେ ଅଶ୍ୱିନ ଭଲ ପ୍ରଦର୍ଶନ କରିବେ ବୋଲି କୁହାଯାଇପାରେ। ଇଂଲଣ୍ଡର ଟପ୍ ୭ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ୩ଜଣ ବାମହାତୀ ହୋଇଥିବାରୁ ଅଶ୍ୱିନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଭାରତ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ରଖୁଛି।

-(ଗେମ୍ ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

## ମିଷ୍ଟର ୱାର୍ଲ୍ଡ ସୁନ୍ଦରସ୍ୱାସ୍ଥ୍ୟ ପାଇଁ ଓଡ଼ିଶାରୁ ଚନ୍ଦନ ଓ ଶୁଭମ୍

**ଭୁବନେଶ୍ୱର, ୧୯(କ୍ରୀଡ଼ା ପ୍ରତିନିଧି)**

ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଅକ୍ଟୋବର ୧ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ୧୨ତମ ମିଷ୍ଟର ୱାର୍ଲ୍ଡ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ଓଡ଼ିଶାରୁ ଚନ୍ଦନ କୁମାର ସାହୁ ଓ ଶୁଭମ୍ ମିଶ୍ର ମନୋନୀତ ହୋଇଛନ୍ତି। ଏଥିପାଇଁ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରେ ଅଗଷ୍ଟ ୩୦ରେ ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ଚୟନ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ୩ ଜଣିଆ ଦଳ ଭାଗ ନେଇଥିଲା। ଚନ୍ଦନ ଓ ଶୁଭମ୍‌ଙ୍କ ସହ ରାଜେଶ ବାବୁ ଆଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬୦ କେଜି ଓଜନ ବର୍ଗରେ ଚନ୍ଦନ ଏବଂ ପୁରୁଷ ଆଥଲେଟ୍ ଫିଜିକ୍ସରେ ଶୁଭମ୍ ମିଶ୍ର ଯୋଗ୍ୟ ବିବେଚିତ ହୋଇ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଉଭୟ ପ୍ରତିଯୋଗୀଙ୍କର ଏହା ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା ହୋଇଥିଲେ ହେଁ ଦୃଢ଼ ମନୋବଳ, କଠିନ ପରିଶ୍ରମ ଏବଂ ନିଷ୍ଠା ଯୋଗୁ ବିଦେଶ ମାଟିରେ ଓଡ଼ିଶାର ଦୁଇ ପ୍ରତିଯୋଗୀ ସଫଳ ହୋଇ ରାଜ୍ୟପାଇଁ ସମ୍ମାନ ଏବଂ ଗୌରବ ଆଣିବେ ବୋଲି ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଆଶାପ୍ରକାଶ କରିଛନ୍ତି।



ସୁମିତ୍ରା ତ୍ରିପାଠୀ (ମଝି)ଙ୍କ ସହ ଚନ୍ଦନ କୁମାର ସାହୁ ଓ ଶୁଭମ୍ ମିଶ୍ର।

## କୋହଲିଙ୍କୁ ଟପିଲେ ରୋହିତ

**ଦୁବାଇ, ୧୯ (ପି.ଟି.):** ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ପ୍ରଥମଥରପାଇଁ ଅଧିନାୟକ ବିରାଟ କୋହଲିଙ୍କୁ ଟପିଛନ୍ତି ରୋହିତ ଶର୍ମା। ରୋହିତ ଏବେ ଟେଷ୍ଟ କ୍ରିକେଟରେ ଶୀର୍ଷ ମାନ୍ୟତାପ୍ରାପ୍ତ ଭାରତୀୟ ବ୍ୟାଟ୍ସମ୍ୟାନ। ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟର ଦୁଇଟି ଇନିଂସରେ ଯଥାକ୍ରମେ ୧୯ ଓ ୫୯ ରନ କରିଥିବା ରୋହିତ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନ ଅଧିକାର କରିଛନ୍ତି। ସେ କୋହଲିଙ୍କଠାରୁ ୭ ରେଟିଂ ପଏଣ୍ଟ ଅଧିକ ପାଇଛନ୍ତି। ଶେଷଥରପାଇଁ ୨୦୧୭ରେ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନ ଟେଷ୍ଟ ର୍ୟାଙ୍କିଙ୍ଗରେ କୋହଲିଙ୍କୁ ପଛରେ ପକାଇଥିଲେ। ସେତେବେଳେ ଚେତେଶ୍ୱର ପୂଜାରା ୨ୟ ଏବଂ କୋହଲି ୫ମ ସ୍ଥାନରେ ରହିଥିଲେ। ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ୍ ଅନୁସାରେ ପୂଜାରା ୩ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛନ୍ତି। ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ସେ ୯୧ ରନର ଇନିଂସ ଖେଳିଥିଲେ। ରିଷଭ ପନ୍ତ ୪ଟି ସ୍ଥାନ ତଳକୁ ଖସିଥିଲେ ହେଁ ୧୨ତମ ସ୍ଥାନରେ ରହିଛନ୍ତି। ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ବୋଲରଙ୍କ ମଧ୍ୟରେ ଗୋଟିଏ ସ୍ଥାନ ଉପରକୁ ଉଠି ୧୦ମରେ ପହଞ୍ଚିଛନ୍ତି।

## ପ୍ରିମିୟର ଲିଗ୍ କ୍ଲବ ୱାଟ୍‌ଫର୍ଡ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୧୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଏଫ୍‌ସି ଇଂଲଣ୍ଡର ପ୍ରିମିୟର ଲିଗ୍ କ୍ଲବ ୱାଟଫର୍ଡ ଏଫ୍‌ସି ସହ ଇଣ୍ଟରନ୍ୟାଶନାଲ କ୍ଲବ ପାର୍ଟନରଶିପ ଚୁକ୍ତି କରିଛି। ଏହା ଏକ ଐତିହାସିକ ଚୁକ୍ତି ବୋଲି ଓଡ଼ିଶା ଏଫ୍‌ସି ତରଫରୁ କୁହାଯାଇଛି। ଦୁଇ କ୍ଲବ କାର୍ଯ୍ୟ କରୁଥିବା ଅଞ୍ଚଳରେ ଫୁଟବଲ ଓ ନନ୍ ଫୁଟବଲ କାର୍ଯ୍ୟକଳାପରେ ସାମିଲ ହେବାରେ ଏହି ସହଭାଗିତା ସହାୟ ହେବ।

ଓଡ଼ିଶାରେ ଫୁଟବଲ ଇକୋସିଷ୍ଟମ ବିକାଶରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ

### ଫୁଟବଲର ବିକାଶ ମୂଳ ଲକ୍ଷ୍ୟ

ଭୂମିକା ଗ୍ରହଣ କରିବ। ୱାଟଫର୍ଡର କୋଚ୍‌ମାନେ ଓଡ଼ିଶାର ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଫୁଟବଲର ବିକାଶ କରିବାରେ ସହାୟ ହେବେ। ଏହା ଦ୍ୱାରା ଓଡ଼ିଶା ଏଫ୍‌ସିର ଏଲିଟ୍ ୟୁଥ ଟିମ୍‌ରୁ ଖେଳାଳିମାନେ ୱାଟଫର୍ଡର ପ୍ରଥମ ଦଳ କିମ୍ବା ଏକାଡେମୀ ଟିମ୍‌ରେ ପ୍ରଶିକ୍ଷଣ ନେବାର ସୁଯୋଗ ପାଇବେ। ଯୁବ ଫୁଟବଲରମାନଙ୍କ ଟ୍ରେନିଂ ଓ ସ୍କାଉଟିଂ ପାଇଁ ୱାଟଫର୍ଡ ଓ ଓଡ଼ିଶା ଏଫ୍‌ସି ପରସ୍ପରକୁ ସହଯୋଗ କରିବେ ଓ ତୃଣମୂଳସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। ରାଜ୍ୟ ଓ ଦେଶରେ ମହିଳା ଫୁଟବଲର ବିକାଶ ପାଇଁ ମଧ୍ୟ ଦୁଇ କ୍ଲବ କାର୍ଯ୍ୟ କରିବେ। ଏଥିସହ ମହିଳା ଫୁଟବଲ କ୍ଲବଗୁଡିକ ମଧ୍ୟରେ ବିଭିନ୍ନ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରିବାକୁ ଉଭୟ କ୍ଲବ ପ୍ରୟାସ କରିବେ।

ଏଥିସହ ଓଡ଼ିଶା ଏଫ୍‌ସିର ଖେଳାଳିମାନେ ୱାଟଫର୍ଡ ଯାଇ ସେଠାରେ ପ୍ରଶିକ୍ଷଣର ସୁଯୋଗ ପାଇବେ। ଓଡ଼ିଶା ଦଳ ପ୍ରି- ସେସନ ଟ୍ରେନିଂ କରିବା ସହ ଇଂଲଣ୍ଡରେ ବିଭିନ୍ନ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଖେଳାଳି ଚୟନ, କୋଚ୍ ଓ ସପୋର୍ଟ ଷ୍ଟାଫ୍ ନିଯୁକ୍ତିରେ ଉଭୟ କ୍ଲବ ପରସ୍ପରକୁ ସହାୟ ହେବେ। ଦଳର ଟାକ୍ଟିକାଲ ଓ ଟେକନିକାଲ ଦକ୍ଷତା ବୃଦ୍ଧିରେ ମଧ୍ୟ ପରସ୍ପରକୁ ସହାୟ ହେବେ। ମାର୍କେଟିଂ ଓ ସୋସିଆଲ ମିଡିଆ ଭିଜିବିଲିଟିରେ ମଧ୍ୟ ଉଭୟ କ୍ଲବ ନିଜ ନିଜର ଅଭିଜ୍ଞତା ଶେୟାର କରିବେ। ଏହାଦ୍ୱାରା ଫୁଟବଲର ଲୋକପ୍ରିୟତା ବୃଦ୍ଧି ପାଇବ ଓ ଫ୍ୟାନ୍ ବେଶ୍ ସୃଷ୍ଟି ହୋଇପାରିବ।

ଏହି ଚୁକ୍ତିରେ ସ୍ୱାକ୍ଷର କରି ଆମେ ବେଶ୍ ଉତ୍ସାହିତ ରହିଛୁ ବୋଲି ଓଡ଼ିଶା ଏଫ୍‌ସି କ୍ଲବ ଅଧ୍ୟକ୍ଷ ରାଜ ଅଠୱାଲ କହିଛନ୍ତି। ଏହି ସହଭାଗିତା ଫୁଟବଲ ବିକାଶରେ ଓ ଭବିଷ୍ୟତ ପାଇଁ ଖେଳାଳି ସୃଷ୍ଟି କରିବାରେ ସହାୟ ହେବ। ଓଡ଼ିଶାରେ ରେସିଡେନ୍ସିଆଲ ଏକାଡେମୀ ସ୍ଥାପନ କରିବାରେ ୱାଟଫର୍ଡ କୋଚ୍‌ମାନେ ସେମାନଙ୍କ ମତାମତ ଦେବେ। ଆମ ଖେଳାଳିମାନେ ୱାଟଫର୍ଡ ଏକାଡେମୀରେ ପ୍ରଶିକ୍ଷଣ ନେବାର ସୁଯୋଗ ପାଇବେ। ଏହା ଦ୍ୱାରା ଇଂଲିଶ ଲିଗ୍ ସହ ଓଡ଼ିଶା ପ୍ରଶଂସକମାନେ ଜଡିତ ହୋଇପାରିବେ ବୋଲି ସେ କହିଛନ୍ତି। ୱାଟଫର୍ଡ ଏଫ୍‌ସି କମର୍ସିଆଲ ଡାଇରେକ୍ଟର ପଲ ଓ'ବ୍ରାଏନ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରି ଆମେ ଉତ୍ସାହିତ ଅଛୁ ଓ ଫୁଟବଲ ବିକାଶରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଏହି ସହଭାଗିତା ଦ୍ୱାରା ଆମେ ଭାରତ ଓ ସେଠାକାର ବଳିଷ୍ଠ ସଂସ୍କୃତି ସମ୍ପର୍କରେ ଜାଣିବାକୁ ପାଇବୁ। କ୍ରୀଡ଼ା ପ୍ରତି ଭଲ ପାଇବା ଓ ପ୍ୟାଶନକୁ ଆମେ ଅଗ୍ରାଧିକାର ଦେବୁ ବୋଲି ସେ କହିଛନ୍ତି।




ଓଡ଼ିଶା ଏଫ୍‌ସି ଓ ୱାଟଫର୍ଡ ଏଫ୍‌ସି ସହ ଅନ୍ତର୍ଜାତୀୟ କ୍ଲବ ପାର୍ଟନରଶିପ ଚୁକ୍ତି ଅବସରରେ ଜର୍ସି ଉନ୍ମୋଚନ କରାଯାଉଛି।

## ଇକୋର୍ସା, କଟକ-ଏ, ରାଉରକେଲା ବିଜୟୀ

**ଭୁବନେଶ୍ୱର,୧୯(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ ସୁପର ଲିଗ୍ (ଟି୨୦)ରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ଇକୋର୍ସା, ଓଡ଼ିଶା ୟେଲୋ, ଓଡ଼ିଶା ଗ୍ରୀନ, ଓଡ଼ିଶା ରେଡ, କଟକ-ଏ ଓ ରାଉରକେଲା ବଜୟୀ ହୋଇଛନ୍ତି।

ନିମପୁର ଗ୍ରାଉଣ୍ଡରେ ଇକୋର୍ସା ୩ ଉଇକେଟରେ ଓଡ଼ିଶା ବ୍ଲୁକୁ ହରାଇଛି। ବ୍ଲୁ ୩ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ଇକୋର୍ସା ୧୯.୩ ଓଭରରେ ୭ ଉଇକେଟ ହରାଇ ୧୧୯ ରନକରି ବିଜୟୀ ହୋଇଥିଲା। ସେହିପରି ରେଭେନ୍ସା ଗ୍ରାଉଣ୍ଡରେ ଓଡ଼ିଶା ୟେଲୋ ୭ ଉଇକେଟରେ ସୁନ୍ଦରଗଡ଼କୁ ହରାଇଛି। ଟସ୍ ଜିତି ସୁନ୍ଦରଗଡ଼ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ୟେଲୋ ୧୭.୨ ଓଭରରେ ୩ ଉଇକେଟ ହରାଇ ୧୧୯ ରନକରି ବିଜୟୀ ହୋଇଥିଲା।

### କଳାହାଣ୍ଡି କପ୍ ସୁପରଲିଗ୍

ସେହିପରି ରେଭେନ୍ସ ଗ୍ରାଉଣ୍ଡ-୨ରେ ଓଡ଼ିଶା ଗ୍ରୀନ୍ ୪୭ ରନରେ ଖୋର୍ଦ୍ଧାକୁ ହରାଇଛି। ଟସ୍ ଜିତି ଗ୍ରୀନ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ୧୮ ଓଭରରେ ୯୯ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ ଓଡ଼ିଶା ରେଡ ୨୪ ରନରେ ଝାରସୁଗୁଡାକୁ ହରାଇଛି। ଟସ୍ ହାରି ରେଡ୍ ୭ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡା ୭ ଉଇକେଟ ହରାଇ ୧୩୦ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ କଟକ- ଏ ୨୦ ରନରେ ଓଡ଼ିଶା ପିଙ୍କ୍‌କୁ ହରାଇଛି। ଟସ୍ ଜିତି କଟକ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଜବାବରେ ଓଡ଼ିଶା ପିଙ୍କ୍ ୯ ଉଇକେଟ ହରାଇ ୧୦୭ ରନକରି ପରାସ୍ତ ହୋଇଥିଲା। ସନସାଇନ ଗ୍ରାଉଣ୍ଡରେ ରାଉରକେଲା ୩୦ ରନରେ ଓଡ଼ିଶା ଭାଓଲେଟକୁ ହରାଇଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨/୨୦୨୧ Sambalpur, Thursday, September 2/ 2021




**ନ୍ୟୁୟର୍କ:** ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଚେକ୍ ରିପବ୍ଲିକର ପେଟ୍ରା କ୍ୱିଟୋଭା।

## ନିୟମ ଉଲ୍ଲଂଘନ ଯୋଗୁ ସୁଇମର ସୁୟାଶ ଅଯୋଗ୍ୟ

**ଟୋକିଓ, ୧।୯ (ପି.ଟି.):** ଭାରତୀୟ ପାରା ସୁଇମର ସୁୟାଶ ଯାଦବ ଟୋକିଓ ପାରାଲିମ୍ପିକ୍ସର ପୁରୁଷ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସ୍‌ବି୭ ଫାଇନାଲରେ ନିୟମ ଉଲ୍ଲଂଘନ ଯୋଗୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ୨୦୧୮ ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୬ ଜର୍ମାନ ସୁଇମିଂ ଚାମ୍ପିୟନଶିପ୍‌ରେ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ପାଇଥିବା ଯାଦବ ଏଠାରେ ପ୍ରତିଯୋଗିତା ଅବସରରେ ୱାର୍ଲ୍ଡ ପାରା ସୁଇମିଂର ନିୟମ ନମ୍ବର ୧୧.୪.୧ ଉଲ୍ଲଂଘନ କରିଥିଲେ। ୧୧ ବର୍ଷ ବୟସରେ ଇଲେକ୍ଟ୍ରି ସଂସ୍ପର୍ଶରେ ଆସିଥିବାରୁ ଯାଦବଙ୍କର ୨ଟି ଯାକ ହାତ କହୁଣି ତଳକୁ କଟା ଯାଇଥିଲା। ସମ୍ପ୍ରତି ୨୭ ବର୍ଷରେ ପଦାର୍ପଣ କରିଥିବା ଏହି ଭାରତୀୟ ପାରା ସୁଇମର ପ୍ରତିଯୋଗିତା ଅବସରରେ ଟର୍ନ କରିବା ସମୟରେ ଏକାଧିକ ଫ୍ଲାଏ କିକ୍ ମାରିଥିଲେ। କିନ୍ତୁ ଟର୍ନ ପରେ ପ୍ରତିଯୋଗୀ ଥରେ ମାତ୍ର ଫ୍ଲାଏ କିକ୍ ମାରିବାର ନିୟମ ରହିଛି। ଏହି ଇଭେଣ୍ଟରେ କଲମ୍ବିଆର ସେରାନୋ ଜାରାଟେ ସିଡି ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୧:୧୨.୦୧ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ରୁଷିଆନ ପାରାଲିମ୍ପିକ୍ କମିଟି (ଆରପିସି)ର ଇଗର ଇଫ୍ରୋସିନିନା ୧:୧୬.୪୩ ସେକେଣ୍ଡ ସହ ରୌପ୍ୟ ଏବଂ ଅଷ୍ଟ୍ରେଲିଆର ବ୍ଲେକ କୋଚରାନେ ୧:୧୬.୯୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଯାଦବ ଆସନ୍ତା ଶୁକ୍ରବାର ୫୦ ମିଟର ବଟରଫ୍ଲାଏ ଏସ୍‌୭ରେ ଅଂଶଗ୍ରହଣ କରିବେ।


ASBM UNIVERSITY
ADMISSION 2021
Most reasonable Fee
UNDERGRADUATE PROGRAMMES
BBA - (Hons.) | BBA - E- Commerce | B.Com. (Hons.) | B.A. - Economics (Hons.) | B.A. - English (Hons.) | B.A. - Communication & Digital Media | B.Sc. - Data Science | B.Sc. - IT Management
ACBSP ACCREDITED USA
POST GRADUATE PROGRAMMES
MBA
(HR, Marketing, Finance, LSCM, Business Analytics)
M.A. - Economics | M.Com.
M.A. - Communication & Digital Media
M.A. (English) | M.Sc. - IT Management
M.Sc. - AI & Decision Science
For details and online application : www.asbm.ac.in
Last date to apply : 5th September 2021
Shiksha Vihar, Post : ASBM University, Bhola (Chandaka), Bhubaneswar - 754012
Tel. : 0674 - 2744881 - 882 | 9040884628 | 7749939643 | Email : admission@asbm.ac.in


# ପ୍ରଦୀପ ନରୱାଲଙ୍କୁ ରେକର୍ଡ ମୂଲ୍ୟ

ମୁମ୍ବାଇ, ୧।୯(ପି.ଟି.)

ପ୍ରୋ କବାଡ଼ି ଲିଗ୍‌ର ଅଷ୍ଟମ ସିଜନ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ୩ ଦିନ ବିଶିଷ୍ଟ ଏହି ପ୍ରକ୍ରିୟାରେ ୪୮.୨୨ କୋଟି ଟଙ୍କାରେ ୧୯୦ରୁ ଊର୍ଦ୍ଧ୍ୱ ଖେଳାଳି ବିକ୍ରି ହୋଇଛନ୍ତି। ୧୨ଟି ଫ୍ରାଞ୍ଚାଇଜ୍ ଦଳକୁ ନେଇ ଏହି ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ ଆରମ୍ଭ ହେବ।

ପ୍ରୋ କବାଡି ଲିଗ୍ ଇତିହାସରେ ରାଇଡର ପ୍ରଦୀପ ନରୱାଲ ସବୁଠାରୁ ଅଧିକ ଟଙ୍କାରେ ବିକ୍ରି ହୋଇଛନ୍ତି। ତାଙ୍କୁ ୟୁପି ଯୋଦ୍ଧା ଦଳ ୧.୬୫ କୋଟି ଟଙ୍କାରେ କିଣିଛି। ତେଲୁଗୁ ଟାଇଟନ୍ସ ଫାଇନାଲ ବିଡ୍ ମ୍ୟାଚ (ଏଫ୍‌ବିଏମ୍) ମାଧମରେ ସିଦ୍ଧାର୍ଥ ଦେଶାଇଙ୍କୁ ନିଜ ଦଳରେ ଅପରିବର୍ତ୍ତିତ ରଖିଛି। ରାହୁଲ ଚୌଧାରି ଏବେ ପୁନେରି ପଲଟନ ପକ୍ଷରୁ ଖେଳିବେ। ତାମିଲ ଥଲାଇଭାସ ରାଇଡର ମନ୍‌ଜିତଙ୍କୁ ୯୨ ଲକ୍ଷ ଟଙ୍କାରେ କିଣିଛି। ଥଲାଇଭାସ ପୂର୍ବରୁ ପୁନେରି ପଲଟନ ଦଳରେ ଥିଲେ। କାଟେଗୋରି 'ଏ' ଅଲ୍‌ରାଉଣ୍ଡର ରୋହିତ ଗୁଲିଆ ହରିୟାଣା ଷ୍ଟିଲର୍ସ ଦଳକୁ ୮୩ ଲକ୍ଷ ଟଙ୍କାରେ ଯାଇଛନ୍ତି। ସିଜନ-୭ରେ ସେ ଗୁଜରାଟ ଜିଆଣ୍ଟ୍ସ ପକ୍ଷରୁ ୨୫ ଲକ୍ଷ ଟଙ୍କାରେ ଖେଳିଥିଲେ। ପୂର୍ବାପେକ୍ଷା ଅଧିକ ଟଙ୍କାରେ କିଣା ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ସଚିନ (ପାଟନା ପାଇରେଟ୍ସ, ୮୪ ଲକ୍ଷ) ଓ ଚନ୍ଦନ ରଞ୍ଜିତ (ବେଙ୍ଗାଲୁରୁ ବୁଲ୍ସ (୮୦ ଲକ୍ଷ)। କାଟେଗୋରି 'ବି'ରେ ଆଖିଦୃଶିଆ ମୂଲ୍ୟରେ ବିକ୍ରି ହୋଇଥିବା ଖେଳାଳି ହେଲେ ଅର୍ଜୁନ ଦେଶୱାଲ। ଜୟପୁର ପିଙ୍କ୍ ପାନ୍ଥର୍ସ ତାଙ୍କୁ ୯୬ ଲକ୍ଷ ଟଙ୍କାରେ ନେଇଛି। ପୁନେରି ପଲଟନ ସଫଳତାର ସହ ଏଫ୍‌ବିଏମ୍ କାର୍ଡ ବ୍ୟବହାର କରି ରାଇଡର ନୀତୀନ ତୋମାରଙ୍କୁ ୬୧ ଲକ୍ଷ ଟଙ୍କାରେ ନିଜ ପାଖରେ ରଖିବାରେ ସକ୍ଷମ ହୋଇଛି। ଅଲ୍‌ରାଉଣ୍ଡର ସନ୍ଦୀପ ନରୱାଲ ଦବଙ୍ଗ ଦିଲ୍ଲୀ କେସି ଦଳକୁ ୬୦ ଲକ୍ଷ ଟଙ୍କାରେ ଯାଇଛନ୍ତି। ଏହି ଦିଲ୍ଲୀ ଫ୍ରାଞ୍ଚାଇଜ୍ ଡିଫେଣ୍ଡର ଜୀବନ କୁମାରଙ୍କୁ ୪୪ ଲକ୍ଷ ଟଙ୍କାରେ ନିଜ ପାଖରେ ରଖିଛି। ଭେଟେରାନ ରାଇଡର ଅଜୟ ଠାକୁର ଆଗାମୀ ସିଜନରେ ନୂଆ ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳିବେ। ଏହି ପୂର୍ବତନ ଅଧିନାୟକଙ୍କୁ ଦବଙ୍ଗ ଦିଲ୍ଲୀ କେସି ୪୬ ଲକ୍ଷ ଟଙ୍କାରେ କିଣିଛି।

ଦ୍ୱିତୀୟ ଦିବସରେ ୨୨ରୁ ଅଧିକ ବିଦେଶୀ ଖେଳାଳି କିଣା ହୋଇଛନ୍ତି। ଇରାନ ଅଲ୍‌ରାଉଣ୍ଡର ମହମ୍ମଦରେଜା ଶାଦଲୋଇ ଚିଆନେ ସବୁଠାରୁ ଦାମୀ ବିଦେଶୀ ଖେଳାଳିଭାବେ ୩ ଥର ଚାମ୍ପିୟନ ପାଟନା ପାଇରେଟ୍ସ ଦଳକୁ ଯାଇଛନ୍ତି। ପାଇରେଟ୍ସ ତାଙ୍କୁ ୩୧ ଲକ୍ଷ ଟଙ୍କାରେ କିଣିଛି। ପାଇରେଟ୍ସ ଏହାର ଏଫ୍‌ବିଏମ୍ କାର୍ଡ ବ୍ୟବହାର କରି ଦକ୍ଷିଣ କୋରିଆ ରାଇଡର ଜାଙ୍ଗ କୁନ୍ ଲୀଙ୍କୁ ୨୦.୫ ଲକ୍ଷ ଟଙ୍କାରେ ନିଜ ପାଖରେ ରଖିଛି। ନିଲାମ ସମୟରେ ଇରାନଙ୍କ ଖେଳାଳିଙ୍କ ଚାହିଦା ଅଧିକ ରହିଥିଲା। ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସ ଡିଫେଣ୍ଡର ଆବୋଜାର ମୋହାଜେରମିଘାନିଙ୍କୁ ୩୦.୫ ଲକ୍ଷ ଟଙ୍କାରେ କିଣିଛି। ତେଲୁଗୁ ଟାଇଟନ୍ସ ଜାପାନୀ ଡିଫେଣ୍ଡର ତେସ୍ତୁରୋଙ୍କୁ ୧୦ ଲକ୍ଷ ଟଙ୍କାରେ ନିଜ ପାଖକୁ ନେଇଛି। କାଟେଗୋରି 'ସି' ଖେଳାଳିଙ୍କ ମଧ୍ୟରେ ସନ୍ଦୀପ କଣ୍ଡୋଲା ସର୍ବାଧିକ ୫୯.୫ ଲକ୍ଷ ଟଙ୍କାରେ ତେଲୁଗୁ ଟାଇଟନ୍ସ ଦଳକୁ ଯାଇଛନ୍ତି। ପୁନେରି ପଲଟନ ସୋମବୀରଙ୍କୁ ୩୪.୫ ଲକ୍ଷ ଟଙ୍କାରେ ନେଇଥିବାବେଳେ ୟୁ ମୁମ୍ବା ଓ ଜୟପୁର ପିଙ୍କ୍ ପାନ୍ଥର୍ସ ଯଥାକ୍ରମେ ୩୨ ଲକ୍ଷ ଓ ୨୦ ଲକ୍ଷ ଟଙ୍କାରେ ରିଙ୍କୁ ନରୱାଲ ଓ ଅମିତଙ୍କୁ ନିଜ ଦଳକୁ ନେଇଛନ୍ତି। ନିଲାମ ସମୟରେ ମୋଟ ୧୦ ଯୁବ ଖେଳାଳି ବିକ୍ରି ହୋଇଛନ୍ତି। ପ୍ରୋ କବାଡି ଲିଗ୍ ସିଜନ-୮ରେ ସେ ସବୁଠାରୁ ଦାମୀ ଖେଳାଳି ହେବେ କେବେ ଭାବି ନ ଥିଲେ ବୋଲି ନରୱାଲ କହିଛନ୍ତି। ପାଟନା ପାଇରେଟ୍ସ ସହିତ ୫ ସିଜନ ସ୍ମରଣୀୟ ହୋଇ ରହିଛି। ଏବେ ୟୁପି ଯୋଦ୍ଧା ପକ୍ଷରୁ ଲଢ଼ିବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି।



**ପ୍ରୋ କବାଡ଼ି ଲିଗ୍ ସିଜନ ୮**

**୪୮.୨୨ କୋଟିରେ ବିକ୍ରିହେଲେ ୧୯୦ରୁ ଊର୍ଦ୍ଧ୍ୱ ଖେଳାଳି**

# ଓକ୍‌ସାନା ମାଷ୍ଟର୍ସଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ଟୋକିଓ,୧।୯

ଆମେରିକାର ଓକ୍‌ସାନା ମାଷ୍ଟର୍ସ ଟୋକିଓ ପାରାଲିମ୍ପିକ୍ସରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ମହିଳା ହ୍ୟାଣ୍ଡ ସାଇକେଲ ରୋଡ୍ ରେସ୍ ଏଚ୍‌୫ରେ ସେ ବିଜୟୀ ହୋଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏଥିସହ ସେ ସମର ଓ ୱିଣ୍ଟର ଅଲିମ୍ପିକ୍ସରେ ମୋଟ ୪ ସ୍ୱର୍ଣ୍ଣ ସହ ୧୦ ପଦକ ହାସଲ କରିଛନ୍ତି। ସେ ଟୋକିଓ ପାରାଲିମ୍ପିକ୍ସରେ ଆହୁରି ଅଧିକ ପଦକ ହାସଲ କରିପାରନ୍ତି। ଗୁରୁବାର ରିଲେ ଇଭେଣ୍ଟ ରହିଛି।

ନିଜର ଏହି ସଫଳତାକୁ ଅବିଶ୍ୱସନୀୟ କହିଛନ୍ତି ଓକ୍‌ସାନା। ପୂର୍ବରୁ ରୋଡ୍ ରେସ୍‌ରେ କେବେ ବି ବିଜୟୀ ହୋଇ ନ ଥିଲି। ଜୀବନରେ ଏଭଳି ସଫଳତା ପାଇବି ବୋଲି କେବେ ଭାବି ନ ଥିଲି। ଏବେ ଆନନ୍ଦରେ ଆମ୍ବହରା ହୋଇଛି ବୋଲି ଓକ୍‌ସାନା କହିଛନ୍ତି। ୨୦୧୨ରେ ଲଣ୍ଡନରେ ପାରାଲିମ୍ପିକ୍ କ୍ୟାରିୟର ଆରମ୍ଭ କରିଥିଲେ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଶୀତକାଳୀନ ଅଲିମ୍ପିକ୍ସରେ ମଧ୍ୟ ସେ ସମାନ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ଏହାପୂର୍ବରୁ ମଙ୍ଗଳବାର ସେ ମହିଳା ରୋଡ୍ ଟାଇମ୍ ଟ୍ରାଏଲ ଏଚ୍‌୪-୫ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ମହିଳା ହ୍ୟାଣ୍ଡ ସାଇକେଲ ରୋଡ୍ ରେସ୍ ଜିତିବା ପରେ ଓକ୍‌ସାନା ମାଷ୍ଟର୍ସ।

# ସ୍ୱର୍ଣ୍ଣ ଜିତିବା ପରେ ଶଟ୍‌ପୁଟର ଅଯୋଗ୍ୟ ଘୋଷିତ

ଟୋକିଓ,୧।୯(ଏପି)

ଅନ୍ୟ କ୍ରୀଡ଼ା ପରି ପାରାଲିମ୍ପିକ୍ସ ଗେମ୍ସରେ ମଧ୍ୟ ବିଜୟ ଓ ପରାଜୟ ନେଇ ବିବାଦ ରହିଥାଏ। ଟୋକିଓ ପାରାଲିମ୍ପିକ୍ସରେ ମଧ୍ୟ ଏଭଳି ଘଟଣା ଘଟିଛି। ମାଲେସିଆ ଶଟ୍‌ପୁଟର ମହମ୍ମଦ ଜିୟାଦ ଜୋଲକେଫ୍ଲି ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଫଳରେ ସେ ପଦକ ହରାଇଛନ୍ତି। ପ୍ରତିଯୋଗିତା ପାଇଁ ସେ ବିଳମ୍ବରେ ପହଞ୍ଚିବାରୁ ତାଙ୍କୁ ଏହି ଦଶା ଭୋଗିବାକୁ ପଡ଼ିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସେ ଓ ଅନ୍ୟ ଦୁଇ ପ୍ରତିଯୋଗୀ ଠିକ୍ ସମୟରେ ପହଞ୍ଚିପାରି ନ ଥିଲେ। ଫଳରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା।

ଡେରିରେ ପହଞ୍ଚିବା ନେଇ ତାଙ୍କ ପାଖରେ ଠୋସ୍ କାରଣ ରହିଥିବ। ତେଣୁ ଆମେ ଏହି ଖେଳାଳିମାନଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇଥିଲୁ। ପରେ ଏ ନେଇ ତର୍ଜମା କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଅନ୍ତର୍ଜାତୀୟ ପାରାଲିମ୍ପିକ କମିଟି ମୁଖପାତ୍ର କ୍ରେଗ୍ ସ୍ପେନ୍ସ କହିଛନ୍ତି। ଜୋଲକେଫ୍ଲି ଓ ଏହି ଖେଳାଳିମାନେ ବିଳମ୍ବରେ ପହଞ୍ଚିବା ନେଇ ଠୋସ୍ କାରଣ ଦର୍ଶାଇବାରେ ବିଫଳ ହୋଇଥିଲେ। ତେଣୁ ସେମାନଙ୍କ ଅପିଲକୁ ଖାରଜ କରାଯାଇଛି ବୋଲି ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ତରଫରୁ କୁହାଯାଇଛି।

ଜୋଲକେଫ୍ଲି ଡିସ୍‌କ୍ୱାଲିଫାଏ ହେବା ପରେ ୟୁକ୍ରେନ୍‌ର ମାକସିମ କୋଭାଲଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେହିପରି ୟୁକ୍ରେନର ଅନ୍ୟତମ ଖେଳାଳି ଓଲେକଜାଣ୍ଡର ୟାରୋଭିଙ୍କୁ ରୌପ୍ୟ ଓ ଗ୍ରୀସ୍‌ର ଏଷ୍ଟ୍ରାଟିଓସ ନିକୋଲେଡ୍ସଙ୍କୁ ବ୍ରୋଞ୍ଜ ପଦକ ଦିଆଯାଇଛି। ଏହି ନିଷ୍ପତ୍ତିରେ ସୋସିଆଲ ମିଡିଆରେ ପ୍ରଶଂସକମାନେ ଅସନ୍ତୋଷ ଜାହିର କରିଛନ୍ତି। ନିୟମ ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି। ଏଥିରେ କିଛି ଭୁଲ ନାହିଁ ବୋଲି ସ୍ପେନ୍ସ ସ୍ପଷ୍ଟ କରିଛନ୍ତି।



ମହମ୍ମଦ ଜିୟାଦ ଜୋଲକେଫ୍ଲି

# ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଲେ ପ୍ରମୋଦ



ବୁଧବାର ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡ ଅବସରରେ ପଲକ କୋହଲିଙ୍କ ସହ ପ୍ରମୋଦ ଭଗତ।

ଟୋକିଓ, ୧।୯(ପି.ଟି.)

ଟୋକିଓ ପାରାଲିମ୍ପିକ୍ସରେ ଓଡ଼ିଶାର ପ୍ରମୋଦ ଭଗତଙ୍କୁ ପ୍ରଥମ ରାଉଣ୍ଡରେ ମିଶ୍ରିତ ଫଳ ମିଳିଛି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସେ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କୁ ୨୧-୧୦, ୨୧-୨୩, ୨୧-୯ ପଏଣ୍ଟରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଗ୍ରୁପ 'ଏ' ଏସଏଲ୩ ବର୍ଗର ଏହି ମ୍ୟାଚ ୫୬ ମିନିଟଧରି ଚାଲିଥିଲା। ମାତ୍ର ପଲକ କୋହଲିଙ୍କୁ ସାଥିକରି ମିକ୍ସଡ ଡବଲ୍ସ ଖେଳିଥିବା ପ୍ରମୋଦ ଗ୍ରୁପ୍ 'ବି' ପ୍ରଥମ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଲୁକାସ ମଜୁର ଓ ଫୌଷ୍ଟିନ ନୋଏଲଙ୍କଠାରୁ ହାରି ଯାଇଛନ୍ତି। ଭଗତ ଓ ପଲକ ଏସଏଲ୩-ଏସୟୁ୫ ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। ତେବେ ଏହି ଯୋଡ଼ି ଫ୍ରେଞ୍ଚ୍ ପ୍ରତିପକ୍ଷଙ୍କଠାରୁ ୯-୨୧, ୨୧-୧୫, ୧୯-୨୧ ପଏଣ୍ଟରେ ହାରି ଯାଇଥିଲେ। ପ୍ରମୋଦ-ପଲକ ଯୋଡ଼ିଙ୍କ ବିପକ୍ଷରେ ଲୁକାସ-ଫୌଷ୍ଟିନ ପ୍ରଥମ ଗେମ୍‌ରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଦ୍ୱିତୀୟ ଗେମ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇ ଭାରତୀୟ ଯୋଡ଼ି ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ରାଉଣ୍ଡରେ ମଧ୍ୟ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏକଦା ଲୁକାସ-ଫୌଷ୍ଟିନ ଯୋଡ଼ି ୧୩-୯ରେ ଅଗ୍ରଣୀ ନେଇଥିଲେ ହେଁ ପ୍ରମୋଦ-ପଲକ ସଫଳ ପ୍ରତ୍ୟାବର୍ତ୍ତନ କରି ୧୫-୧୪ରେ ଅଗ୍ରଣୀ ହାସଲ କରିଥିଲେ। ମାତ୍ର ଶେଷରେ ଫ୍ରେଞ୍ଚ୍ ଯୋଡ଼ି ବାଜି ମାରିଥିଲେ। ଗ୍ରୁପ୍ 'ବି'ରେ ତୃତୀୟ ଯୋଡ଼ି ହେଉଛନ୍ତି ଥାଇଲାଣ୍ଡର ସିରିପଙ୍ଗ୍ ଟିମାରୋମ ଓ ସେନସୁପା ନିପାଦା। ପ୍ରଥମ ମ୍ୟାଚ ହାରି ଯାଇଥିବାରୁ ପ୍ରମୋଦ-ପଲକଙ୍କ ଉପରେ ଚାପ ବଢ଼ିଛି। ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବାକୁ ହେଲେ ସେମାନଙ୍କୁ ଦ୍ୱିତୀୟ ମ୍ୟାଚ କୌଣସିମତେ ଜିତିବାକୁ ପଡ଼ିବ। ପଲକ ମହିଳା ଡବଲ୍ସରେ ପାରୁଲ ପର୍ମାରଙ୍କୁ ସାଥିକରି ଏସଏଲ୩-ଏସୟୁ୫ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ।


**ଅଣ୍ଟା, ଆଣ୍ଠୁ, ପିଠି ଓ ଅନ୍ୟାନ୍ୟ ବ୍ୟଥା କାରଣରୁ ବିବ୍ରତ ଲୋକଙ୍କୁ କ୍ୱିକ୍ ପେନ୍ ରିଲିଭିଂ ଅଏଲ୍‌ରୁ ମିଳୁଛି ଲାଭ**

**ବଜାରରେ ବଢ଼ୁଛି କ୍ୱିକ୍ ତେଲର ଚାହିଦା**

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାର ରୋଗୀମାନଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଜଡ଼ିବୁଟିର ମିଶ୍ରଣରେ ତିଆରି ହୋଇଥିବା ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାର ପ୍ରବେଶ କରିଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ଲାଗି ରହିଥାଏ । ତା'ଉପରେ ପୁଣି କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବାକୁ ବାଧ କରିଦେଇଛି । "ଆକ୍ଟିଭ୍ ନ ହୋଇ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟସ୍କଙ୍କ ସମେତ ଯୁବବର୍ଗଙ୍କଠାରେ ମଧ୍ୟ ବ୍ୟଥାର ସମସ୍ୟା ବଢ଼ିବାକୁ ଲାଗିଛି । ଏଇଥିପାଇଁ ଓଜୋନ୍ ଫାର୍ମା ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛନ୍ତି । ଯାହାର ଉତ୍ତମ ଫଳପ୍ରଦତା କାରଣରୁ ଲୋକମାନଙ୍କୁ ଉତ୍ତମ ଫଳାଫଳ ମିଳିବାରେ ଲାଗିଛି । ଏହାର 120 ML ର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀ ହେଲ୍‌ପଲାଇନ୍ ନମ୍ବର 7328008854, 8127080666 ରେ ଯୋଗାଯୋଗ କରିପାରନ୍ତି । କ୍ୱିକ୍ ତେଲର ବଢ଼ୁଥିବା ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ଏହାକୁ ପ୍ରତ୍ୟେକ ଜିଲାରେ ଉପଲବ୍ଧ କରାଇବାର ପ୍ରୟାସ କରିଛି ଓ ତାହାର ବିବରଣୀ ତଳେ ପ୍ରଦାନ କରାଯାଇଛି ।

DISTRIBUTOR: Anugul: 9861121114, 9437441935, 9937838180 Bargarh: 9438625544, 9437054380 Begunia: 9437429268 Berhampur: 9437261186, 9861066745, 9439643040, 9437438256 Bhubaneswar: 0674-2530789, 9040057896, 6742532184, 9438722800, 9668721777, 9437307031, 9438152597, 9861063691 Balasore: 9439053292, 6782263459, 7735332122 Baripada: 7008667448, 9437084773 Bhadrak: 6784325007, 9438125254 Boudh: 9337017146 Bolangiri: 9437241574, 9439423774, 9437198265 Bhawanipatana: 9437071203 Cuttack: 7008718200, 9437027570, 6371219454 Dhenkanal: 6762223261, 9861066662 Jaipur Road: 8637288862 Jaspur: 8598995525 Jharsuguda: 9937766011 Jeypore: 9437260871, 9437023258 Jaraka: 9439034367 Keshinga: 9583251313 Kendrapada: 9668286960, 9437183198 Kuchinada: 9437255846 Keonjhar: 9438341407, 7978359251 Khurda: 9437429268 Malkanigiri: 9437771427, 9777181941, 9437771427 Padampur: 9938550551 Puri: 9337331042, 9861068109, 8249661185 Rourkela: 9437222187, 9437145037 Rayagada: 6854222791, 9437025357, 9937060531 Sambalpur: 9437256336 Soro: 7008163617 Titlagarh: 9437151725




କାନ୍ଧ ବ୍ୟଥା
ବେକ ବ୍ୟଥା
ଅଣ୍ଟା ବ୍ୟଥା
ଆଣ୍ଠୁ ବ୍ୟଥା

KWIK Pain Relieving Oil

କ୍ୱିକ୍ ଅଏଲ୍ Flipkart amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ